ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୨/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 22/2023 Page 20 ₹ 7.00

୪୯ଶ ଭାଗ ୧୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 147 ମୂଲ୍ୟ₹୭/-





ଆମେରିକାର ପ୍ରତିରକ୍ଷା ଉପସଚିବ ଭାବେ ଭାରତୀୟ-ଆମେରିକୀୟ ରାଧା ୟେଙ୍ଗର ପ୍ଲମ୍ବ ଦାୟିତ୍ୱ ଗ୍ରହଣ କରିବେ ବୋଲି ୟୁଏସ୍ ସିନେଟ୍ ପକ୍ଷରୁ କୁହାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଥମେ ରାଧାଙ୍କ ନାମ ଚୟନ କରିଥିଲେ। ଡେପୁଟି ସେକ୍ରେଟାରି ଅଫ୍ ଡିଫେନ୍ସର ଚିଫ୍ ଅଫ୍ ଷ୍ଟାଫ୍ ଦାୟିତ୍ୱରେ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି ରାଧା। ଗତବର୍ଷ ଜୁନ୍‌ରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ରାଧା ଆର୍.ଏ.ଏନ୍.ଡି କୋର୍ପୋରେଶନ୍‌ରେ ବରିଷ୍ଠ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରୁଥିଲେ।

# ସୁଦାନରେ ଫସିଛନ୍ତି ୩ ହଜାର ଭାରତୀୟ



ସୁଦାନ ସଂଘର୍ଷ ଶୁକ୍ରବାର ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ରାଜଧାନୀ ଖାର୍ତ୍ତୁମ୍‌ରେ ବିଧ୍ୱସ୍ତ ସାମରିକ ଯାନ।



ଖାର୍ତ୍ତୁମରୁ ଗଣପଳାୟନ ବେଳର ଦୃଶ୍ୟ।

## ସାମରିକ ସଂଘର୍ଷରେ ନିହତ ହେଲେଣି ୪୧୩

- ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ମୋଦି
- ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ଯୋଜନା

**ଖାର୍ତ୍ତୁମ/ନୂଆଦିଲ୍ଲୀ,୨୧।୪**

ଉତ୍ତର-ପୂର୍ବ ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ସେନା ଜେନେରାଲ ଓ ବିଦ୍ରୋହୀ ଅର୍ଦ୍ଧସାମରିକ ବଳ ମଧ୍ୟରେ ଶନିବାରଠାରୁ ଚାଲିଥିବା ସଂଘର୍ଷ ଗମ୍ଭୀର ସ୍ଥିତି ଉପୁଜାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁସାରେ ସୁଦାନର ସାମରିକ ସଂଘର୍ଷରେ ୪୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୫୦୦ ଆହତ ହୋଇଛନ୍ତି। ଦେଶରେ ସାମରିକ ଶାସନ ପାଇଁ ସୁରକ୍ଷା ବଳ ପ୍ରତିଶ୍ରୁତିବଦ୍ଧ ଥିବା ସେନା କମାଣ୍ଡର ଅବ୍‌ଦେଲ ଫତ୍ତାହ ଅଲ୍-ବୁର୍‌ହାନ୍ କହିଛନ୍ତି। ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ସହିତ କୌଣସି ପ୍ରକାର ଆଲୋଚନା କରିବା ଆତ୍ମସମର୍ପଣ ସହ ସମାନ ବୋଲି କହିବା ସହ ଏପରି ସମ୍ଭାବନାକୁ ସେ ଏଡ଼ାଇଦେଇଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ସକାଳ ୬ଟାରୁ ୭୨ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା ଅର୍ଦ୍ଧସାମରିକ ଆର୍‌ଏସ୍‌ଏଫ୍ କହିଛି। କିନ୍ତୁ ରାଜଧାନୀ ଖାର୍ତ୍ତୁମ ଓ ଆଖପାଖ ଅଞ୍ଚଳରେ ଏବେ ବି ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳୁଛି।

୨୦୧୯ରେ ସୁଦାନର ପୂର୍ବତନ ରାଷ୍ଟ୍ରପତି ଓମାର ଅଲ୍-ବଶିରଙ୍କ ଅମଳରେ ସରକାର ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିଦ୍ରୋହ ଯୋଗୁ ସାମରିକ ଅଧିକାରୀରୁ ରାଜନେତା ସାଜିଥିବା ଅଲ୍-ବଶିର ସରକାରଙ୍କ ପତନ ପରେ ଦୁର୍ନୀତି ମାମଲାରେ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନାଗରିକ ଗଣତନ୍ତ୍ର ପ୍ରତିଷ୍ଠା ଉଦ୍ୟମ ହୋଇଥିଲା। ଏନେଇ ଚାଲିଥିବା ଅନ୍ତର୍ଜାତୀୟ ଉଦ୍ୟମ ବିଫଳ ହେବା ପରେ ଶନିବାରଠାରୁ ଆର୍‌ଏସ୍‌ଏଫ୍ ଏବଂ ସୁଦାନ ସେନା ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ସାମରିକ ସଂଘର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ଗଲାଣି। ଅନ୍ୟୂନ ୩,୫୦୦ ଜଣ ଆହତ ହୋଇଥିବା ଡବ୍ଲ୍ୟୁଏଚ୍ଓ ମୁଖପାତ୍ର ମାର୍ଗାରେଟ୍ ହାରିସ୍ ସୂଚନା ଦେଇଛନ୍ତି। ଜେନେଭାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମାର୍ଗାରେଟ୍ କହିଛନ୍ତି, ମୃତକଙ୍କ ମଧ୍ୟରୁ ୯ ଓ ଆହତଙ୍କ ଭିତରୁ ୫୦ ଜଣ ହେଉଛନ୍ତି ଶିଶୁ। ଇତିମଧ୍ୟରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସୁଦାନ ନିର୍ଦ୍ଦେଶକ ପିଏରେ ହୋନ୍ନୋରାଟ୍ ଚାଦ୍‌ରେ କହିଛନ୍ତି, ପଡ଼ୋଶୀ ଦେଶଗୁଡ଼ିକରୁ ଶରଣାର୍ଥୀମାନଙ୍କ ଆଗମନ ବଢ଼ୁଥିବାରୁ ସେମାନଙ୍କ ସଂଖ୍ୟା ୬ ଲକ୍ଷ ଟପିଛି। ଏଥିଲାଗି ଅଧିକ ଅନ୍ତର୍ଜାତୀୟ ସହାୟତାର ଆବଶ୍ୟକତା ବଢ଼ିବାରେ ଲାଗିଛି। ବାସ୍ତବରେ ଏହା ଏକ ବଡ଼ ଚ୍ୟାଲେଞ୍ଜ। ସ୍ଥିତି ସଙ୍କଟପୂର୍ଣ୍ଣ ଥିବାରୁ ଅନେକ ଦେଶ ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ନେବା ପାଇଁ ଉଦ୍ୟମ ଚଳାଇଛନ୍ତି। ସୁଦାନ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ପ୍ରତ୍ୟର୍ପଣ ପାଇଁ ତାଲିକା ପ୍ରସ୍ତୁତ କରୁଛି। ଚାଦ୍‌କୁ ପ୍ରାୟ ୨୦ ହଜାର ଲୋକ ପଳାୟନ କଲେଣି। ହିଂସା ପ୍ରଭାବିତ ସୁଦାନରେ ଫସିରହିଥିବା ୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ପାଇଁ ବିଭିନ୍ନ ରାଷ୍ଟ୍ର ସହ ଯୋଗାଯୋଗ କରାଯାଉଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ବିଗୁଡୁଥିବା ସ୍ଥିତି ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେଠାରେ ଫସିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଆଣିବା ପାଇଁ ଏକ ଜରୁରୀ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ, ସୁଦାନରେ ଭାରତୀୟ ରାଷ୍ଟ୍ରଦୂତ ରବୀନ୍ଦ୍ର ପ୍ରସାଦ ଜୟସ୍ୱାଲ ଓ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଆମେରିକାରେ ଆନ୍ଧ୍ର ଛାତ୍ରଙ୍କୁ ଗୁଳିକରି ହତ୍ୟା

**ବିଜୟୱାଡ଼ା,୨୧।୪:** ଆମେରିକାର କଲମ୍ବସ୍ ଅନ୍ତର୍ଗତ ଫ୍ରାଙ୍କଲିଣ୍ଟନଠାରେ ଥିବା ଏକ ଗ୍ୟାସ୍ ଷ୍ଟେଶନରେ ଜଣେ ୨୪ ବର୍ଷୀୟ ତେଲୁଗୁ ଯୁବକଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। ସାଇସା ବୀରା ନାମକ ଏହି ଛାତ୍ରଙ୍କ ଘର ଆନ୍ଧ୍ରପ୍ରଦେଶର ଏଲୁରୁରେ। ସେ ମାଷ୍ଟର ଡିଗ୍ରୀ ପଢ଼ିବା ପାଇଁ ଆମେରିକା ଯାଇ ସେଠାର ଏକ ସେଲ୍ ଫୁଏଲ୍ ଷ୍ଟେଶନରେ କିରାଣି ଭାବେ କାର୍ଯ୍ୟ କରୁଥିଲେ। ଗୁଳିମାଡ଼ ପରେ ତାଙ୍କୁ ସଙ୍ଗେ ସଙ୍ଗେ ଗ୍ରାଣ୍ଟ ମେଡିକାଲ ସେଣ୍ଟରକୁ ନିଆଯାଇଥିଲା। ରାତି ୧ଟା ୨୭ରେ ତାଙ୍କର ପରଲୋକ ହୋଇଯାଇଛି। ସେ ଶେଷ ସେମିଷ୍ଟର ପାଇଁ ପଢୁଥିଲେ ଏବଂ ଦୁଇ ସପ୍ତାହ ମଧ୍ୟରେ ଗ୍ୟାସ୍ ଷ୍ଟେଶନ ଚାକିରି ଛାଡ଼ିଥାନ୍ତେ ବୋଲି ତାଙ୍କର ଜଣେ ଘନିଷ୍ଠ ବନ୍ଧୁ କହିଛନ୍ତି।

### ଦିଲ୍ଲୀ କୋର୍ଟରେ ମହିଳାଙ୍କୁ ଗୁଳିମାଡ଼

**ନୂଆଦିଲ୍ଲୀ,୨୧।୪:** ନୂଆଦିଲ୍ଲୀର ସାକେତ୍ କୋର୍ଟ ପରିସରରେ ଶୁକ୍ରବାର ଜଣେ ୪୦ ବର୍ଷୀୟା ମହିଳାଙ୍କୁ ଏକାଧିକ ରାଉଣ୍ଡ ଗୁଳିମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ମାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ଠକେଇ ଘଟଣାକୁ ନେଇ ମହିଳା ଓ ଆକ୍ରମଣକାରୀଙ୍କ ମଧ୍ୟରେ ମାମଲା ଚାଲିଛି। ଦକ୍ଷିଣ ଦିଲ୍ଲୀର ସାକେତ୍ କୋର୍ଟରେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୁଳିକାଣ୍ଡ ଘଟିଥିଲା। ରାଧା ନାମ୍ନୀ ମହିଳାଙ୍କ ପେଟରେ ୨ଟି ଓ ହାତରେ ଗୋଟିଏ ଗୁଳି ବାଜିଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ତାଙ୍କୁ ଧରିବା ପାଇଁ ଏକାଧିକ ପୋଲିସ ଟିମ୍ ତନାଘନା ଚଳାଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ରାଧା ଏବଂ ରାଜେନ୍ଦ୍ର ଝା ନାମକ ଜଣେ ଆଇନଜୀବୀଙ୍କ ବିରୋଧରେ ଠକେଇ ମାମଲା ଦାଏର କରିଥିଲେ। ସାକେତ୍ କୋର୍ଟରେ ଶୁକ୍ରବାର ଉକ୍ତ ମାମଲାର ଶୁଣାଣି ଥିଲା ବୋଲି ଡିସିପି ଚନ୍ଦନ ଚୌଧରୀ କହିଛନ୍ତି।

### ଆଇଆଇଟି ମାଡ୍ରାସ ଛାତ୍ରଙ୍କ ଆତ୍ମହତ୍ୟା

**୩ ମାସରେ ଚତୁର୍ଥ ଘଟଣା**

**ଚେନ୍ନାଇ,୨୧।୪:** ଚେନ୍ନାଇସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ହଷ୍ଟେଲ ରୁମ୍‌ରୁ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମହାରାଷ୍ଟ୍ରର ଏହି ଦ୍ୱିତୀୟ ବର୍ଷ ଛାତ୍ର କେମିକାଲ ଇଞ୍ଜିନିୟରିଂ ପଢୁଥିଲେ। ତଦନ୍ତରୁ ଆତ୍ମହତ୍ୟା ସ୍ପଷ୍ଟ ହେଲେ ଚଳିତ ବର୍ଷ ଆଇଆଇଟି ମାଡ୍ରାସରେ ଏହା ଚତୁର୍ଥ ଘଟଣା ହେବ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ଶିକ୍ଷାନୁଷ୍ଠାନ ଜଣେ ଭଲ ଛାତ୍ରଙ୍କୁ ହରାଇଲା ବୋଲି ଆଇଆଇଟି ମାଡ୍ରାସ ପକ୍ଷରୁ କୁହାଯାଇଛି। କିଛିଦିନ ପୂର୍ବରୁ ଉକ୍ତ ଶିକ୍ଷାନୁଷ୍ଠାନର ୩୨ ବର୍ଷୀୟ ପି.ଏଚ୍.ଡି ଛାତ୍ର ତାଙ୍କ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିଲେ। ଗତ ମାର୍ଚ୍ଚରେ ସେହି କ୍ୟାମ୍ପସରେ ଆନ୍ଧ୍ରପ୍ରଦେଶର ଜଣେ ୨୦ ବର୍ଷୀୟ ତୃତୀୟ ବର୍ଷ ଛାତ୍ର ଆତ୍ମହତ୍ୟା କରିଥିଲେ। ଫେବୃୟାରୀରେ ମହାରାଷ୍ଟ୍ରର ଜଣେ ରିସର୍ଚ୍ଚ ଛାତ୍ର ଜୀବନ ହାରିଥିଲେ।

## ଘରୋଇ ସଂସ୍ଥାକୁ ମିଳିବ ଆଧାର ପ୍ରମାଣ ବ୍ୟବହାର ଅନୁମତି

**ନୂଆଦିଲ୍ଲୀ,୨୧।୪**

ସୂଚନା ଓ ପ୍ରଯୁକ୍ତି (ଆଇଟି) ମନ୍ତ୍ରଣାଳୟର ପ୍ରସ୍ତାବିତ ନୂଆ ନିୟମାବଳୀ ଅନୁଯାୟୀ ଘରୋଇ ସଂସ୍ଥାକୁ ଆଧାର ପ୍ରମାଣ ବ୍ୟବହାର କରିବା ଲାଗି ଅନୁମତି ମିଳିବ। ଏହା ଜୀବନ ଧାରଣକୁ ଅଧିକ ସହଜ କରିବା ସହ ନାଗରିକମାନେ ସୁବିଧାରେ ବିଭିନ୍ନ ସେବା ଉପଲବ୍ଧ କରିପାରିବେ। ସୁଶାସନ ପାଇଁ ଆଧାର ପ୍ରାମାଣିକତା (ସାମାଜିକ କଲ୍ୟାଣ, ଇନୋଭେଶନ, ଜ୍ଞାନ) ନିୟମାବଳୀ, ୨୦୨୦ ଅନୁଯାୟୀ କେବଳ ସରକାରୀ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ଆଧାର ପ୍ରମାଣ ବ୍ୟବହାର କରିବା ଲାଗି ଅନୁମତି ମିଳିଛି। ସରକାରୀ ପାଣ୍ଠି ବାଟମାରଣା ରୋକିବା ଏବଂ ନବପ୍ରବର୍ତ୍ତନ ଓ ଜ୍ଞାନର ପ୍ରସାରରେ ମଧ୍ୟ ଆଧାର ପ୍ରାମାଣିକତାର ଉପଯୋଗ କରାଯାଉଛି। ଆଇଟି ବିଭାଗର ପ୍ରସ୍ତାବ ଅନୁଯାୟୀ ସରକାରୀ ମନ୍ତ୍ରଣାଳୟ ଓ ବିଭାଗ ଭିନନ ଅନ୍ୟ ଯେଉଁମାନେ ଜୀବନ ଧାରଣକୁ ସହଜ କରିବା ଏବଂ ଉନ୍ନତ ସେବା ଯୋଗାଇବା ପାଇଁ ଆଧାର ପ୍ରମାଣ ବ୍ୟବହର କରିବାକୁ ଚାହିଁବେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳିବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

## ଆଜି ବଙ୍ଗଳା ଛାଡ଼ିବେ ରାହୁଲ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

ମୋଦି ସାଙ୍ଗିଆଧାରୀ ଚୋର ମନ୍ତବ୍ୟ ପାଇଁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ ଲୋକ ସଭା ସଦସ୍ୟତା ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ତାଙ୍କ ସରକାରୀ ବଙ୍ଗଳା ଖାଲି କରିବେ। ସେ ଶୁକ୍ରବାର ସମସ୍ତ ଜିନିଷ ୧୨, ତୋଗଲକ ଲେନ୍‌ସ୍ଥିତ ବଙ୍ଗଳାରୁ ନେଇଯାଇଛନ୍ତି। ଶନିବାର ସେ ଲୋକ ସଭା ସଚିବାଳୟକୁ ଉକ୍ତ ସରକାରୀ ବାସଭବନ ହସ୍ତାନ୍ତର କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସଭ୍ୟ ପଦ ରଦ୍ଦ ହେବା ପରେ ଏପ୍ରିଲ ୨୨ ସୁଦ୍ଧା ବଙ୍ଗଳା ଖାଲି କରିବାକୁ ରାହୁଲଙ୍କୁ କୁହାଯାଇଥିଲା। ଗତ ୧୪ ତାରିଖରେ ସେ ତାଙ୍କ କାର୍ଯ୍ୟାଳୟ ଓ କେତେକ ବ୍ୟକ୍ତିଗତ ଆସବାବପତ୍ର ସ୍ଥାନାନ୍ତର କରିଥିଲେ। ରାହୁଲ ପାଖାପାଖି ୨ ଦଶନ୍ଧି ହେଲା ୧୨, ତୋଗଲକ ଲେନ୍‌ସ୍ଥିତ ସରକାରୀ ବାସଭବନରେ ରହିଆସୁଥିଲେ। ଏବେ ସେ ତାଙ୍କ ମାଆ ତଥା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦, ଜନପଥ ବାସଭବନରେ ରହିବେ।

## ୮ ଅପରାଧୀଙ୍କୁ ସୁପ୍ରିମକୋର୍ଟରୁ ଜାମିନ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

**ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା**

୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୮ ଜଣଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ ଦୋଷୀଙ୍କୁ ଜାମିନ ପ୍ରଦାନ କରିବା ସମୟରେ କହିଛନ୍ତି, ସେମାନେ ବର୍ତ୍ତମାନ ସୁଦ୍ଧା ଜେଲ ଅବଧି ପୂରଣ କରିସାରିଲେଣି। ଜେଲରୁ ମୁକ୍ତ ହେବା ଲାଗି ସେମାନଙ୍କ ଆବେଦନକୁ ଅଦାଲତ ଯେକୌଣସି ସମୟରେ ବିଚାରକୁ ନେଇପାରନ୍ତି। ଦୌରା ଜଜ୍ କୋର୍ଟ ଧାର୍ଯ୍ୟ କରିବାକୁ ଥିବା ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ୮ ଅପରାଧୀଙ୍କୁ ଜାମିନରେ ଛାଡ଼ିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅନ୍ୟ ୪ ଅପରାଧୀଙ୍କର ଟ୍ରେନ୍ ପୋଡ଼ି ଘଟଣାରେ ପ୍ରମୁଖ ଭୂମିକା ଥିବା ଦର୍ଶାଇ ସେମାନଙ୍କ ଜାମିନ ଆବେଦନକୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବିରୋଧ କରିଥିଲେ। ସୁପ୍ରିମକୋର୍ଟ ସେମାନଙ୍କୁ ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରା ଷ୍ଟେଶନରେ ସାବରମତି ଏକ୍ସପ୍ରେସ୍‌ର ଏସ୍୍୬ କୋଚ୍‌ରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେବାରୁ ୫୯ ଜଣ ପୋଡ଼ିହୋଇ ପ୍ରାଣ ହରାଇଥିଲେ। ଏହାକୁ ନେଇ ଗୁଜରାଟର ବିଭିନ୍ନ ଅଞ୍ଚଳକୁ ସାମ୍ପ୍ରଦାୟିକ ହିଂସା ବ୍ୟାପିଥିଲା। ୨୦୧୭ ଅକ୍ଟୋବରରେ ହାଇକୋର୍ଟ ୧୧ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ। ଏହା ବ୍ୟତୀତ ଅନ୍ୟ ୨୦ ଜଣଙ୍କ ଆଜୀବନ ଜେଲଦଣ୍ଡକୁ କାଏମ ରଖିଥିଲେ।



ପବିତ୍ର ରମଜାନ ମାସର ଶେଷ ଶୁକ୍ରବାର ରାଜସ୍ଥାନର ଜୟପୁରରେ ମୁସଲମାନମାନେ ସମୂହ ନମାଜ ପାଠ କରୁଛନ୍ତି।

## ବ୍ରିଟେନ ଉପପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**ଲଣ୍ଡନ,୨୧।୪**



ଡୋମିନିକ୍ ରାବ୍

ବ୍ରିଟେନ ଉପପ୍ରଧାନମନ୍ତ୍ରୀ ଡୋମିନିକ୍ ରାବ୍ ନିଜ ଷ୍ଟାଫ୍‌ଙ୍କୁ ଧମକାଇବା ଅଭିଯୋଗରେ ଗୁରୁବାର ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନିକଟକୁ ସେ ଇସ୍ତଫାପତ୍ର ପଠାଇଦେଇଛନ୍ତି। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସେ ଉକ୍ତ ପଦବୀରେ ରହିବେ ନାହିଁ। ତଦନ୍ତ ବେଳେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ରାବ୍ କହିଛନ୍ତି। ୪୯ ବର୍ଷୀୟ ଡୋମିନିକ୍ ରାବ୍ କ୍ୟାବିନେଟ ମନ୍ତ୍ରୀ ଥିବାବେଳେ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନଙ୍କୁ ଧମକାଇଥିବା ଅଭିଯୋଗ ହୋଇଛି। ୧ ଡଜନରୁ ଊର୍ଦ୍ଧ୍ୱ ସିଭିଲ୍ ସର୍ଭେଣ୍ଟଙ୍କ ପକ୍ଷରୁ ଆଗତ ଅଭିଯୋଗ ସମ୍ବଳିତ ନିରପେକ୍ଷ ରିପୋର୍ଟ ପ୍ରଧାନମନ୍ତ୍ରୀ ସୁନକଙ୍କୁ ଦିଆଯାଇଛି। ୪୮ ପୃଷ୍ଠା ସମ୍ବଳିତ ଅଭିଯୋଗପତ୍ରର ଏକ କପି ଡାଉନିଂ ଷ୍ଟ୍ରିଟ୍ ଜାରି କରିଛି। ୨୦୧୯-୨୦୨୧ ମଧ୍ୟରେ ରାବ୍ ବ୍ରିଟେନର ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ନିଜ କର୍ମଚାରୀମାନଙ୍କ ସହ ଅତି ଅଶୋଭନୀୟ ବ୍ୟବହାର କରିଥିବା ଏଥିରେ କୁହାଯାଇଛି। ରାବ୍‌ଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ପରେ ସୁନକ ଦୁଃଖ ପ୍ରକାଶ କରିଛନ୍ତି। ୬ ମାସ ମଧ୍ୟରେ ସୁନକ କ୍ୟାବିନେଟରୁ ଏହା ହେଉଛି ତୃତୀୟ ବରିଷ୍ଠ ମନ୍ତ୍ରୀଙ୍କ ଇସ୍ତଫା।

## ସୋନିଆଙ୍କ ସମ୍ପର୍କୀୟଙ୍କ ଜମି ଦଖଲ କରିଥିଲେ ଅତିକ୍

**ପ୍ରୟାଗରାଜ,୨୧।୪**



ଅତିକ୍ ଅହମଦ

ମାଫିଆରୁ ରାଜନେତା ଅତିକ୍ ଅହମଦ ବେଆଇନ ଭାବେ ଜମି ଦଖଲ କରିବା ଘଟଣା କାହାକୁ ଅଛପା ନୁହେଁ। ଏପରିକି ଉପା ଶାସନ ସମୟରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମ୍ପର୍କୀୟଙ୍କ ଜମିକୁ ଅତିକ ଦଖଲ କରିଥିଲେ। ପ୍ରୟାଗରାଜର ସିଭିଲ୍ ଲାଇନ ଅଞ୍ଚଳରେ ବୀରା ଗାନ୍ଧୀ ହେଉଛନ୍ତି, ସୋନିଆଙ୍କ ଶ୍ୱଶୁର ଫିରୋଜ ଗାନ୍ଧୀଙ୍କ ପରିବାର ସଦସ୍ୟ। ୨୦୦୭ରେ ଅତିକ୍ ତାଙ୍କ ଜମିକୁ ବଳପୂର୍ବକ ଦଖଲ କରିଥିଲେ। ସେତେବେଳେ ଅତିକ୍ ସମାଜବାଦୀ ପାର୍ଟିରୁ ଏମ୍‌ପି ଥିଲେ। ସୋନିଆଙ୍କ ହସ୍ତକ୍ଷେପ ପରେ ଉକ୍ତ ଜମିକୁ ବୀରା ଗାନ୍ଧୀ ଫେରିପାଇଥିଲେ।

## ସତର୍କ ରହିବାକୁ ୮ ରାଜ୍ୟକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୧।୪(ପି.ଟି.)**



କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କେନ୍ଦ୍ର ସରକାର ଶୁକ୍ରବାର ୮ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ରାଜ୍ୟଗୁଡ଼ିକ ହେଲେ ଉତ୍ତରପ୍ରଦେଶ, ତାମିଲନାଡୁ, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, କର୍ନାଟକ, ହରିୟାଣା ଓ ଦିଲ୍ଲୀ। ଉତ୍ତରପ୍ରଦେଶର ଗୋଟିଏ ଜିଲାରେ ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଧିକ ଥିବାବେଳେ ତାମିଲନାଡୁରେ ୧୧, ରାଜସ୍ଥାନରେ ୬, ମହାରାଷ୍ଟ୍ରରେ ୮, କେରଳରେ ୧୪, ହରିୟାଣାରେ ୧୨ ଏବଂ ଦିଲ୍ଲୀରେ ୧୧ ଜିଲାରେ ପଜିଟିଭିଟି ହାର ୧୦%ରୁ ଊର୍ଦ୍ଧ୍ୱ ରହିଛି। ମହାମାରୀ ଏପର୍ଯ୍ୟନ୍ତ ଯାଇନାହିଁ। ତେଣୁ ଆମକୁ ସବୁ ସ୍ତରରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ୮ ରାଜ୍ୟକୁ ପତ୍ର ଲେଖି ଜଣାଇଛନ୍ତି। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସଂକ୍ରମଣ ବ୍ୟାପୁଛି। ସମ୍ପୃକ୍ତ ରାଜ୍ୟ ଓ ଜିଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଜରୁରୀ। ପ୍ରାରମ୍ଭିକ ପର୍ଯ୍ୟାୟରେ ସଂକ୍ରମଣ ରୋକିବା ପାଇଁ ସର୍ଭିଲାନ୍ସ ବଢ଼ାଇବା ସହ ଇନ୍‌ଫ୍ଲୁଏଞ୍ଜା ଏବଂ ଶ୍ୱାସନଳୀ ସଂକ୍ରମଣ ଭଳି ରୋଗ ଉପରେ ନଜର ରଖିବାକୁ ଏବଂ ଆବଶ୍ୟକ ଜନସ୍ୱାସ୍ଥ୍ୟ ପଦକ୍ଷେପ ନେବାକୁ ଭୂଷଣ ପତ୍ରରେ ଉଲ୍ଲେଖ କରିଛନ୍ତି।

### ୨୪ ଘଣ୍ଟାରେ ୧୧,୬୯୨ ସଂକ୍ରମିତ

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧୧, ୬୯୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଦେଶରେ ଆକ୍ଟିଭ୍ ମାମଲା ୬୬,୧୭୦ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ୨୮ କରୋନା ଆକ୍ରାନ୍ତ ପ୍ରାଣ ହରାଇଥିବାବେଳେ ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୩୧,୨୫୮ ରହିଛି।

## ସେଲିବ୍ରିଟିଙ୍କ ଭେରିଫାଏଡ୍ ଆକାଉଣ୍ଟରୁ ହଟିଲା ବ୍ଲୁ ଟିକ୍

**ନୂଆଦିଲ୍ଲୀ, ୨୧।୪**

ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ଟୁଇଟର ମାଲିକାନା ହାତେଇବା ପରେ କମ୍ପାନୀର ପୁରୁଣା ନିୟମାବଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଟୁଇଟର ସ୍ୱତନ୍ତ୍ର ପ୍ରକାର ବ୍ଲୁ ଟିକ୍ ମାର୍କ ଜରିଆରେ ଭେରିଫାଏଡ୍ ଆକାଉଣ୍ଟଗୁଡ଼ିକର ଚିହ୍ନଟ କରିଥାଏ। କିନ୍ତୁ ଗୁରୁବାରଠାରୁ କମ୍ପାନୀ ପକ୍ଷରୁ କେତେଜଣଙ୍କ ଭେରିଫାଏଡ୍ ଆକାଉଣ୍ଟରୁ ଏହି ମାର୍କକୁ ହଟାଇ ଦିଆଯାଇଛି। ଦେଶ ଓ ବିଦେଶର ଅନେକ ଖ୍ୟାତନାମା ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ବହୁ ରାଜନେତା, କ୍ରିକେଟର ଆଦିଙ୍କ ଆକାଉଣ୍ଟରୁ ବ୍ଲୁ ଟିକ୍ ଚିହ୍ନ ହଟାଇଦିଆଯାଇଛି। ଏହାକୁ ନେଇ ଅନେକେ ନିଜର ପ୍ରତିକ୍ରିୟା ରଖିଥିବାବେଳେ ଟୁଇଟରରେ ମିମ୍ ଫେଷ୍ଟ ଆରମ୍ଭ ହୋଇଯାଇଛି।

ବଲିଉଡ଼ର ଲୋକପ୍ରିୟ ଅଭିନେତା ଶାହରୁଖ ଖାନ୍‌ଙ୍କଠୁ ଆରମ୍ଭ କରି ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ଆଲିଆ ଭଟ୍ଟ, ରାଜନେତା ରାହୁଲ ଗାନ୍ଧୀ, ପିୟଙ୍କା ଗାନ୍ଧୀ ଭଦ୍ରା, ଯୋଗୀ ଆଦିତ୍ୟନାଥ, କ୍ରିକେଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଆକାଉଣ୍ଟରୁ ବ୍ଲୁ ଟିକ୍ ହଟାଇ ଦିଆଯାଇଛି। ଅନ୍ୟପକ୍ଷେ ପୋପ୍ ଆଇକନ୍ ବେୟୋନ୍ସ ଏବଂ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଟୁଇଟର ଆକାଉଣ୍ଟରୁ ବ୍ଲୁ ମାର୍କ ହଟାଇ ଦିଆଯାଇଛି। ଭେରିଫାଏଡ୍ ଆକାଉଣ୍ଟରୁ ବ୍ଲୁ ଟିକ୍ ଚିହ୍ନ ହଟାଇବା ନେଇ ଏଲନ ମସ୍କ ଗତ ୧୨ ତାରିଖରେ ଏକ ଟୁଇଟ୍ କରି କହିଥିଲେ ଯେ, ଯେଉଁ ଭେରିଫାଏଡ୍ ଆକାଉଣ୍ଟଧାରୀ ବ୍ଲୁ ଟିକ୍ ମାର୍କ ପାଇଁ ଉପଯୁକ୍ତ ଶୁଳ୍କ ପୈଠ କରିନାହାନ୍ତି ସେମାନଙ୍କ ଆକାଉଣ୍ଟରୁ ଏହି ମାର୍କ ହଟାଇଦିଆଯିବ ଏବଂ ଏହା ଆସନ୍ତା ୨୦ରୁ ଆରମ୍ଭ ହେବ।

ୱେବ୍ ବ୍ରାଉଜର୍‌ରେ ଟୁଇଟର ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷଙ୍କୁ ମାସିକ ଶୁଳ୍କ ବାବଦକୁ ୭ ଡଲାର ଦେବାକୁଥିବାବେଳେ ଆଇଓଏସ୍ (ଆଇଫୋନ୍ ଅପରେଟିଂ ସିଷ୍ଟମ୍) କିମ୍ବା ଆଣ୍ଡ୍ରଏଡ୍‌ରେ ଟୁଇଟର ଚଳାଉଥିବା ଭେରିଫାଏଡ୍ ଆକାଉଣ୍ଟ ହୋଲ୍ଡରଙ୍କୁ ୧୧ ଡଲାର ପେମେଣ୍ଟ ଆପ୍‌ରେ ଦେବାକୁ ପଡ଼ିବ ବୋଲି ଟୁଇଟର ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ସେହିପରି ଭାରତରେ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ଟୁଇଟର ବ୍ଲୁ ପାଇଁ ୯୦୦ ଟଙ୍କା ଏବଂ ୱେବ୍ କ୍ଲାଇଣ୍ଟ ପାଇଁ ୬୫୦ ଟଙ୍କା ଦେବାକୁ ପଡ଼ିବ। ତେବେ ଭେରିଫାଏଡ୍ ଆକାଉଣ୍ଟର ଚିହ୍ନଟ କରିବା ଲାଗି ଟୁଇଟର ୨୦୦୯ରେ ବ୍ଲୁ ଟିକ୍ ମାର୍କ ଆରମ୍ଭ କରିଥିଲା। ଏ ନେଇ କମ୍ପାନୀ ୟୁଜର୍ସଙ୍କଠାରୁ କୌଣସି ଶୁଳ୍କ ନେଉ ନ ଥିଲା। କିନ୍ତୁ ଗତବର୍ଷ ମସ୍କ ୪୪ ବିଲିୟନ୍ ଡଲାର୍‌ରେ ଟୁଇଟର କିଣିବା ପରେ ବ୍ଲୁ ଟିକ୍ ପାଇଁ ୟୁଜର୍ସଙ୍କୁ ନିର୍ଦ୍ଦିଷ୍ଟ ଶୁଳ୍କ ଦେବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟପକ୍ଷେ ଟୁଇଟର ସହ ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଜ୍ୟାକ୍ ଡୋରସେ ଆଣ୍ଡ୍ରଏଡ୍ ଫୋନ୍ ପାଇଁ ଏକ ନୂଆ ଆପ୍ଲିକେଶନ୍ 'ବ୍ଲୁସ୍କାଏ' ଲଞ୍ଚ କରିଛନ୍ତି। ତେବେ ଏହି ଆପ୍ ଟୁଇଟରର ବିକଳ୍ପ ହେବ ବୋଲି ଚର୍ଚ୍ଚା ହେଉଛି। ବ୍ଲୁସ୍କାଏରେ ୟୁଜର୍ସଙ୍କୁ ନିଜ ମତ ରଖିବା ଲାଗି ଅନ୍ୟ ମାଇକ୍ରୋବ୍ଲଗିଂ ଆପ୍ ତୁଳନାରେ ଅଧିକ ସ୍ୱାଧୀନତା ମିଳିବ ବୋଲି ଜ୍ୟାକ୍ କହିଛନ୍ତି।

### ଟୁଇଟରର ବିକଳ୍ପ 'ବ୍ଲୁସ୍କାଏ'



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୨/୨୦୨୩ Bhubaneswar, Saturday, April 22/2023 | ପୃଷ୍ଠା-୧



## ରବୀନ୍ଦ୍ର ଜାଡେଜାଙ୍କ ପ୍ରଭାବୀ ବୋଲିଂ

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ ମ୍ୟାଚରେ ପ୍ରଭାବୀ ବୋଲିଂ ସହ ୩ ଉଇକେଟ ହାସଲ କରିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ରବୀନ୍ଦ୍ର ଜାଡେଜା।

୧୦

୦୨

## ଦିବ୍ୟାଙ୍ଗ ପିଲାଙ୍କୁ ସଲମାନ୍‌ଙ୍କ ସରପ୍ରାଇଜ୍

ସଲମାନ୍ ଖାନ୍ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ର ସ୍ପେସାଲ୍ ସ୍କ୍ରିନିଂ ବ୍ୟବସ୍ଥା କରି ତାଙ୍କୁ ସରପ୍ରାଇଜ୍ ଦେଇଛନ୍ତି।






'ଧରିତ୍ରୀ ଦିବସ'ର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଉତ୍ତରପ୍ରଦେଶର ମୋରଦାବାଦରେ ଯୁବତୀମାନେ ପୃଥିବୀ ବଞ୍ଚାଇବାର ବାର୍ତ୍ତାକୁ ମୁହଁରେ ଚିତ୍ରଣ କରି ସଚେତନତା ସୃଷ୍ଟି କରୁଛନ୍ତି।

# ୪ଥର ପ୍ରମୋଶନ ପାଇବେ ଡାକ୍ତର

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ଓଡ଼ିଶା ମେଡିକାଲ ଆଣ୍ଡ୍ ହେଲ୍‌ଥ ସର୍ଭିସ (ଓଏଚ୍‌ଏମ୍‌ଏସ୍)ରେ କାର୍ଯ୍ୟରତ ଡାକ୍ତରଙ୍କୁ ଏଣିକି କ୍ୟାରିୟର ମଧ୍ୟରେ ୪ଥର ପ୍ରମୋଶନ ମିଳିବ। ପୂର୍ବରୁ ସେମାନଙ୍କୁ ଡାଇନାମିକ୍ ଆସ୍ୟୁରଡ୍ କ୍ୟାରିୟର ପ୍ରୋଗ୍ରେଶନ (ଡିଏସିପି) ଯୋଜନାରେ ୩ଥର ପ୍ରମୋଶନ ମିଳୁଥିଲା। ମାତ୍ର ଏବେ ୨୪ବର୍ଷର କ୍ୟାରିୟର ମଧ୍ୟରେ ସେମାନଙ୍କୁ ୪ଥର ପ୍ରମୋଶନ ମିଳିବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓପିଏସ୍‌ସି ଜରିଆରେ ନିଯୁକ୍ତି ପାଉଥିବା ଡାକ୍ତରମାନେ ନିୟମିତ ନିଯୁକ୍ତି ପରଠାରୁ ଏହି ସୁବିଧା ପାଇପାରିବେ। ପୂର୍ବରୁ ଡାକ୍ତରମାନେ କ୍ୟାରିୟରର ୭, ୧୪ ଓ ୨୧ବର୍ଷରେ ପଦୋନ୍ନତି ପାଉଥିଲେ। ଅର୍ଥାତ୍ ୭ବର୍ଷରେ ଥରେ ପ୍ରମୋଶନ ହେଉଥିଲା। ମାତ୍ର ଏବେ ପ୍ରତି ୬ ବର୍ଷରେ ଅର୍ଥାତ୍ ଚାକିରିର ୬, ୧୨, ୧୮ ଓ ୨୪ବର୍ଷରେ ସେମାନଙ୍କୁ ପଦୋନ୍ନତି ମିଳିବ। ଡିଏସିପି ନିୟମ ଲାଗୁ ହେବା ପରେ ଡାକ୍ତରମାନେ ଅଧିକ ପାରିଦର୍ଶତା ଦେଖାଇବେ। ସେହିପରି ନୂଆ ଡିଏସିପିରେ କ୍ୟାରିୟର ସହ ଆର୍ଥିକ ସୁବିଧା ମଧ୍ୟ ପାଇପାରିବେ। ୬ବର୍ଷ ନିୟମିତ ଚାକିରି ପରେ ଲେଭଲ-୧୨ରୁ ୧୩କୁ ପ୍ରମୋଶନ ☞ପୃଷ୍ଠା-୨

### ଲାଗୁ ହେଲା ନୂଆ ଡିଏସିପି ନିୟମ

# ଖୁସି ରାଜ୍ୟ ତାଲିକାରେ ଓଡ଼ିଶା ତୃତୀୟ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ଦେଶର ସବୁଠୁ ଖୁସି ରାଜ୍ୟ ତାଲିକାର ଓଡ଼ିଶା ୩ ନମ୍ବର ସ୍ଥାନ ହାସଲ କରିଛି। ଗତଥର ଅପେକ୍ଷା ୧୩ ସ୍ଥାନ ଡେଇଁ ଟପ୍ ୩ ନମ୍ବର ସ୍ଥାନ ହାସଲ ପାଇବାରେ ରାଜ୍ୟ ସଫଳ ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ଜଣାଇ ଦିଆଯାଇଛି। ଗତଥର ଓଡ଼ିଶା ୧୬ ନମ୍ବର ସ୍ଥାନରେ ଥିଲା। ଏଥର ତୃତୀୟ ସ୍ଥାନ ଅଧିକାର କରିଛି। ସର୍ବେକ୍ଷଣ କରିଥିବା ଦି ୱିକ୍ ସଂସ୍ଥା ଏହି ତାଲିକା ପ୍ରକାଶ କରିଛି। ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଦ୍ୱାରା ଲୋକଙ୍କ ମଧ୍ୟରେ ଖୁସିର ମାତ୍ରା ବୃଦ୍ଧି ପାଇଛି ☞ପୃଷ୍ଠା-୨




### ଆଜିର ସମ୍ପାଦକୀୟ

ଫେରିଲା ପୁରୁଣା ମାମଲା

### ଆଜିର ମନ୍ତବ୍ୟ

"୨୦୨୫ ସୁଦ୍ଧା ଭାରତର ସଫ୍ଟୱେର୍ ଇଣ୍ଡଷ୍ଟ୍ରିର କାରବାର ୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ।

-ଅନୁରାଗ ସିଂ ଠାକୁର, କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରୀ

# ସତ୍ୟପାଲଙ୍କୁ ସିବିଆଇ ନୋଟିସ

- ୨୮ରେ ସାକ୍ଷୀ ଭାବେ ହାଜର ହେବେ
- ରିଲାଏନ୍ସ ଜେନେରାଲ ଇନ୍‌ସ୍ୟୁରାନ୍ସ ବିରୋଧରେ ଆଣିଥିଲେ ଦୁର୍ନୀତି ଅଭିଯୋଗ

**ନୂଆଦିଲ୍ଲୀ,୨୧।୪**

ପୁଲ୍‌ୱାମା ଆକ୍ରମଣ ସମ୍ପର୍କିତ ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ଥିବା ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଏକ ଭିନ୍ନ ମାମଲାରେ ପଚରାଉଚରା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନୋଟିସ କରିଛି। ରିଲାଏନ୍ସ ଜେନେରାଲ ଇନ୍‌ସ୍ୟୁରାନ୍ସ ବିରୋଧରେ ଆଗତ ଏକ ଦୁର୍ନୀତି ମାମଲାରେ ଏପ୍ରିଲ ୨୮ରେ ସାକ୍ଷୀ ଭାବେ ହାଜର ହେବାକୁ ସିବିଆଇ ତାଙ୍କୁ କହିଛି।

୨୦୧୮ ସେପ୍ଟେମ୍ବରରେ ସତ୍ୟପାଲ ମଲିକ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବାବେଳେ ରାଜ୍ୟର ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଏକ ମେଡିକାଲ ବୀମା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଉକ୍ତ ସ୍କିମ୍‌ରେ ୩.୫ ଲକ୍ଷ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା। ତେବେ ସତ୍ୟପାଲ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ରିଲାଏନ୍ସ ଜେନେରାଲ ଇନ୍‌ସ୍ୟୁରାନ୍ସ ସହ ହୋଇଥିବା କଣ୍ଟ୍ରାକ୍ଟକୁ ମାସକ ଭିତରେ ରଦ୍ଦ କରିଦେଇଥିଲେ। ସେତେବେଳେ ସେ କହିଥିଲେ, ମେଡିକାଲ ବୀମା ଯୋଜନାରେ ଜାଲିଆତି ହୋଇଥିବା ଜଣାପଡ଼ିବା ପରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା କର୍ମଚାରୀମାନେ ଏହି କଣ୍ଟ୍ରାକ୍ଟ ରଦ୍ଦ ହେଉ ବୋଲି ଚାହୁଁଛନ୍ତି। ଫାଇଲରେ ଥିବା ବିବରଣୀ ଅନୁଧ୍ୟାନ ପରେ ସେ ମଧ୍ୟ ସମାନ ନିଷ୍କର୍ଷରେ ପହଞ୍ଚିଛନ୍ତି। ଭୁଲ୍‌ରେ ଦିଆଯାଇଥିବା ଠିକାକୁ ରଦ୍ଦ କରିଦେଇଥିବା ସତ୍ୟପାଲ କହିଥିଲେ। ସତ୍ୟପାଲଙ୍କ ଅଭିଯୋଗକ୍ରମେ ସିବିଆଇ ଗତବର୍ଷ ଏପ୍ରିଲରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଥିଲା। ରିଲାଏନ୍ସ ଜେନେରାଲ ଇନ୍‌ସ୍ୟୁରାନ୍ସ ଏବଂ ଟ୍ରିନିଟି ରିଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ପକ୍ଷରୁ ଆର୍ଥିକ ଅନିୟମିତତା ହୋଇଥିବାରୁ ସିବିଆଇ ଉକ୍ତ ଏଫ୍‌ଆଇଆର୍‌ରେ ଦୁଇ ସଂସ୍ଥାକୁ ଅଭିଯୁକ୍ତ ରୂପେ ଉଲ୍ଲେଖ କରିଛି। ବୀମା ଅନିୟମିତତା ଏବଂ କିରୁ ଜଳବିଦ୍ୟୁତ୍ ପ୍ରକଳ୍ପରେ ହୋଇଥିବା ୨,୨୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ସମ୍ପର୍କରେ ଅଧିକ ତଥ୍ୟ ହାସଲ ଲାଗି ଗତ ସେପ୍ଟେମ୍ବରରେ ସିବିଆଇ ପକ୍ଷରୁ ସତ୍ୟପାଲଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହି ମାମଲାରେ ପଚରାଉଚରା ପାଇଁ ସିବିଆଇର ନୂଆଦିଲ୍ଲୀସ୍ଥିତ ଆକବର ରୋଡ୍ ଗେଷ୍ଟ ହାଉସ୍‌କୁ ଡକାଇଛି। ଏନେଇ ସତ୍ୟପାଲ କହିଛନ୍ତି, ସେମାନେ କେତେକ ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ଚାହୁଁଥିବାରୁ ତାଙ୍କ ଉପସ୍ଥିତି ଆବଶ୍ୟକ କରିଛନ୍ତି। ଏପ୍ରିଲ ୨୭ରୁ ୨୯ ପର୍ଯ୍ୟନ୍ତ ସେ ଉପଲବ୍ଧ ରହିବେ ବୋଲି ସିବିଆଇକୁ ଜଣାଇଛନ୍ତି।



ସତ୍ୟପାଲ ମଲିକ

ପ୍ରକାଶ ଯେ, ଗତ ସପ୍ତାହରେ ସତ୍ୟପାଲ ନ୍ୟୁଜ୍ ୱେବ୍‌ସାଇଟ୍ 'ଦି ୱେର୍'କୁ ଦେଇଥିବା ସାକ୍ଷାତ୍‌କାର ଦେଶରେ ରାଜନୈତିକ ଝଡ଼ ସୃଷ୍ଟି କରିଥିଲା। ଏପ୍ରିଲ ୧୫ରେ ବରିଷ୍ଠ ଖବରଦାତା କରନ ଥାପରଙ୍କୁ ସାକ୍ଷାତ୍‌କାର ଦେଇ ସତ୍ୟପାଲ କହିଥିଲେ, ସୁରକ୍ଷାରେ ତ୍ରୁଟି ଯୋଗୁ ୨୦୧୯ ଫେବୃଆରୀରେ ପୁଲ୍‌ୱାମା ଆକ୍ରମଣ ହୋଇଥିଲା। ଏଥିରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ଯବାନମାନଙ୍କୁ ନେବା ପାଇଁ ଏକ ବିମାନ ☞ପୃଷ୍ଠା-୨

# ପରଲୋକରେ ତ୍ରିଲୋଚନ କାନୁନ୍‌ଗୋ



**ଭୁବନେଶ୍ୱର (ବ୍ୟୁରୋ)/କଟକ ଅଫିସ/କଣ୍ଟାପଡ଼ା, ୨୧।୪(ଡି.ଏନ୍.ଏ)**

ଜଗତ୍‌ସିଂହପୁରର ପୂର୍ବତନ ଏମ୍‌ପି, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଶିକ୍ଷାବିତ ତ୍ରିଲୋଚନ କାନୁନଗୋଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ଅସୁସ୍ଥତା ☞ପୃଷ୍ଠା-୨

# ନିଜ ସହରକୁ ଭୁଲ୍‌ରେ ଉଡ଼ାଇଲା ରୁଷିଆ

### ବେଲ୍‌ଗୋରୋଡ୍‌ରେ ୫୦୦ କେ.ଜି. ଓଜନର ବୋମା ନିକ୍ଷେପ

**ମସ୍କୋ,୨୧।୪**

ଦୀର୍ଘ ୧୪ ମାସ ଧରି ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ଭୁଲ୍‌ବଶତଃ ନିଜ ସହର ବେଲଗୋରୋଡ୍‌କୁ ଟାର୍ଗେଟ କରିଛି। ରୁଷିଆର ଏକ ଏସ୍‌ୟୁ-୩୪ ଯୁଦ୍ଧବିମାନ ଶୁକ୍ରବାର ଆକସ୍ମିକ ଭାବେ ଏହି ସୀମାନ୍ତ ସହରରେ ବୋମା ନିକ୍ଷେପ କରିଛି। ଶକ୍ତିଶାଳୀ ବିସ୍ଫୋରଣରେ କେତେଜଣ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଛନ୍ତି। ରୁଷିଆ-ୟୁକ୍ରେନ୍ ସୀମାରୁ ପ୍ରାୟ ୪୦ କି.ମି. ଦୂରରେ ଅବସ୍ଥିତ ବେଲଗୋରୋଡ୍‌ର ଜନସଂଖ୍ୟା ୩,୪୦,୦୦୦। ୨୦୨୨ ଫେବୃଆରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠୁ ଏହି ସହରରେ ଅନେକ ଥର ଡ୍ରୋନ୍ ଆକ୍ରମଣ ହୋଇଛି। ଗୁରୁବାର ରାତିରେ ହୋଇଥିବା ବିସ୍ଫୋରଣ ପୂର୍ବର ସବୁ ବିସ୍ଫୋରଣଠାରୁ ଅଧିକ ଶକ୍ତିଶାଳୀ ଥିଲା। ଏଥିରେ ଅନେକ କୋଠା ଓ ଯାନବାହନ ଭାଙ୍ଗିଯାଇଛି। ଏକ ସ୍ଥାନରେ ୨୦ ମିଟର ଓସାର ଫାଟ ସୃଷ୍ଟି ହୋଇଛି। ରୁଷୀୟ ଅଧିକାରୀମାନେ ଏହି ଏୟାରଷ୍ଟ୍ରାଇକ୍ ପାଇଁ ୟୁକ୍ରେନୀୟ ସେନାକୁ ଦାୟୀ କରିଆସିଥିବାବେଳେ ସଦ୍ୟ ଏୟାର ଷ୍ଟ୍ରାଇକ୍ ନିଜ ଭୁଲ୍ ଯୋଗୁ ହୋଇଥିବା ସ୍ୱୀକାର କରିଛନ୍ତି। ସାମରିକ ବିଶେଷଜ୍ଞଙ୍କ ମତରେ ନିକ୍ଷେପ ହୋଇଥିବା ବୋମାର ଓଜନ ୫୦୦ କେ.ଜି.।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୃହ ପାଶେ ଥିଲେ ତାଳ**
**ଅଳ୍ପ ଦିନେ ପୂରେ କାଳ।**
**ଗୃଧ୍ର ବସି ତା'ଉପରେ**
**ନାନା ବ୍ୟାଧି ଜାତ କରେ।**

ଘର ଆଖପାଖରେ କେବେହେଲେ ତାଳଗଛ ରୋପଣ କରିବ ନାହିଁ କିମ୍ବା ରଖିବ ନାହିଁ। ତାଳଗଛ ଉପରେ ଶାଗୁଣା ବସିଲେ ଘର ଲୋକଙ୍କ ଅନିଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗାଈ ମାଡ଼ିଗଲା ନଡ଼ା;**
**କାନ୍ତ ମନେ ଯେବେ କପଟ ନ ଥିଲା**
**କିମ୍ପା ହେଲେ ପାଖଛଡ଼ା।**

ପ୍ରେମ ଦୁଇ ମନର ପବିତ୍ର ବନ୍ଧନ। ସାଧାରଣତଃ ବିଶ୍ୱାସକୁ ଆଧାରକରି ସମ୍ପର୍କର ମୂଳଦୁଆ ପଡିଥାଏ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଅବିଶ୍ୱାସ କରିବା ଆରମ୍ଭ କରେ ସେତେବେଳେ ଭରସା ତୁଟିଯାଏ। ବେଶି ଦିନ ରହେ ନାହିଁ ସେହି ସମ୍ପର୍କ। ଏପରି ସ୍ଥିତିରେ କରଛଡା ଦେଉଥିବା ସ୍ୱାମୀ ପ୍ରତି ସ୍ତ୍ରୀ ମନରେ କ୍ଷୋଭୋକ୍ତି ଜାତ ହେବା ସମୀଚୀନ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସୀମାନ୍ତରେ ଗାଡ଼ି ଜାଳି ଦେଲେ ମାଓବାଦୀ



**ମାଲକାନଗିରି, ୨୧।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଖଣିଜ ପଦାର୍ଥ ନେଇ ଯାଉଥିବା ଏକ ଟ୍ରକରେ ମାଓବାଦୀମାନେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ଖବରରୁ ଜଣାପଡିଛି, ନାରାୟଣପୁର ଜିଲାରେ ଶୁକ୍ରବାର ଭୋର ସମୟରେ ୮/୧୦ ସଶସ୍ତ୍ର ମାଓବାଦୀ ଆମଦାଇ ଖଣିରୁ ଖଣିଜ ସାମଗ୍ରୀ ନେଇ ଆସୁଥିବା ଏକ ଟ୍ରକ୍‌କୁ କାପାସି ନିକଟରେ ଅଟକାଇଥିଲେ। ଏହା ଦେଖି ଗାଡିର ଡ୍ରାଇଭର ଏବଂ ହେଲ୍‌ପର ଭୟରେ ଗାଡି ଛାଡି ଦୌଡି ପଳାଇଥିଲେ। ମାଓବାଦୀମାନେ ସେମାନଙ୍କୁ ଗୋଡାଇ ଧରି ମାଡ଼ ମାରି ଛାଡି ଦେଇଛନ୍ତି। ପରେ ସେମାନେ ଟ୍ରକ୍ ନିକଟରେ ପହଞ୍ଚି ସେଥିରେ ନିଆଁ ଲଗାଇ ପୋଡିଦେଇଥିଲେ। ମାଓବାଦୀମାନେ ସେଠାରେ ଏକ ବ୍ୟାନର ଲଗାଇ ସେହି ରାସ୍ତାର ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିଥିବା ଜଣାପଡିଛି।

# ଆହତ ସେନା ଡ୍ରାଇଭର ବୈଶିଙ୍ଗା ଅଞ୍ଚଳର

## ପୁଞ୍ଚ୍‌ରେ ଆତଙ୍କବାଦୀ ଆକ୍ରମଣ

ବୈଶିଙ୍ଗା,୨୧।୪(ଡି.ଏନ.ଏ.)- ଜମ୍ମୁ-କଶ୍ମୀର ପୁଞ୍ଚ୍‌ର ମେନ୍ଧାର ଅଞ୍ଚଳରେ ସେନା କର୍ମଚାରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଆହତ ହୋଇଥିବା ଡ୍ରାଇଭର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ହେଲେ ଆମ୍ବଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀଡ଼ାହି ଗ୍ରାମର ପ୍ରତାପ ମହାନ୍ତଙ୍କ ପୁଅ କାଳୀଚରଣ। ୨୦୧୦ରୁ ସେନାରେ ସେ ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଛନ୍ତି। ଗୁରୁବାର ଆତଙ୍କବାଦୀଙ୍କ ଗ୍ରେନେଡ ଆକ୍ରମଣର ଶିକାର ହୋଇଥିବା ଗାଡ଼ିଟିକୁ ସେ ହିଁ ଚଳାଉଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୫ ଯବାନ ଘଟଣାସ୍ଥଳରେ ଶହୀଦ ହୋଇଯାଇଥିବାବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।



କାଳୀଚରଣ ମହାନ୍ତ

ତେବେ ଗୁରୁତର ଆଘାତପ୍ରାପ୍ତ କାଳୀଚରଣ ଅଳ୍ପକେ ବର୍ତ୍ତିଯାଇଥିଲେ। ସେ ଏବେ ସେନା ଶିବିରରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପରିବାର ଓ ସମ୍ପର୍କୀୟ ଲୋକଙ୍କ ସୂଚନା ଅନୁଯାୟୀ, ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଅଛି। ସେ ପରିବାରବର୍ଗଙ୍କ ସହିତ ନିୟମିତ ବ୍ୟବଧାନରେ କଥା ହେଉଛନ୍ତି।

# ଦିବ୍ୟାଙ୍ଗ ପିଲାଙ୍କୁ ସଲମାନ୍‌ଙ୍କ ସରପ୍ରାଇଜ୍



ମୁମ୍ବାଇ: ରିଲିଜ୍ ହୋଇଯାଇଛି ସଲମାନଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'କିସି କା ଭାଇ କିସି କି ଜାନ୍'। ତେବେ ଫିଲ୍ମକୁ ସିନେପ୍ରେମୀଙ୍କ ଖୁବ୍ ଭଲ ରେସ୍ପନ୍ସ ମଧ୍ୟ ମିଳିବାରେ ଲାଗିଛି। ସବୁବେଳେ ପିଲାମାନଙ୍କ ପାଇଁ କିଛି ଖାସ୍ କରିବାକୁ ଚାହୁଁଥିବା ସଲମାନ୍ ଏଥର ବି ଦିବ୍ୟାଙ୍ଗ ପିଲାଙ୍କୁ ସରପ୍ରାଇଜ୍ ଦେବାକୁ ଭୁଲି ନାହାନ୍ତି। ଫିଲ୍ମକୁ ଉପଭୋଗ କରିବା ପାଇଁ ସିନେମାଘରେ ଦର୍ଶକଙ୍କ ଲମ୍ବା ଲାଗିନ୍ ଲାଗିଥିବାବେଳେ ଦିବ୍ୟାଙ୍ଗଙ୍କ ପାଇଁ ଫିଲ୍ମର ସ୍ପେସାଲ ସ୍କ୍ରିନିଂ ବ୍ୟବସ୍ଥା କରିଛନ୍ତି ସଲମାନ। ଅନ୍ୟପକ୍ଷେ ଫିଲ୍ମର ଟିକଟ ଦର କମାଇବାକୁ ନେଇ ମଧ୍ୟ ନାୟକ ଏବେ ଚର୍ଚ୍ଚାକୁ ଆସିଛନ୍ତି। ଫରାନ୍ ଶାମଜିଙ୍କ ନିର୍ଦ୍ଦେଶିତ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଶୁକ୍ରବାର ରିଲିଜ୍ ହୋଇଛି। ଏଥିରେ ପୂଜା ହେଗ୍‌ଡେ, ଦଗ୍ଗୁବତୀ ଭେଙ୍କଟେଶ, ଶେହନାଜ ଗିଲ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଶାନ୍ତି ଶୋଭାଯାତ୍ରାରେ ଭାଇଚାରାର ବାର୍ତ୍ତା



ସମ୍ବଲପୁର ବଡ଼ବଜାରରେ ଶାନ୍ତି ଶୋଭାଯାତ୍ରା।

## ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଘଟଣା

**■ ପୋଲିସ ପ୍ରଶାସନର ନିଆରା ପଦକ୍ଷେପ**

**ସମ୍ବଲପୁର,୨୧।୪(ବ୍ୟୁରୋ)**

ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଘଟଣା ନେଇ ସହରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇଥିଲା। ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବାରମ୍ବାର ଉଦ୍ୟମ କରାଯାଇ ଆସୁଛି। ଏହି କ୍ରମରେ ବିଭିନ୍ନ ସଙ୍ଗଠନର ପ୍ରସ୍ତାବକ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତରାଜପୁର ଥାନାର ବଡ଼ବଜାର ଓ କ୍ଷେତରାଜପୁର ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନେ ଏକାଠି ହୋଇ ଶାନ୍ତି ଶୋଭାଯାତ୍ରା କରିବା ସହ ପରସ୍ପରକୁ ମିଷ୍ଟାନ୍ନ ଖୁଆଇ, ଫୁଲତୋଡ଼ା ଦେଇ ଭାଇଚାରା ବଜାୟ ରଖିବାକୁ ବାର୍ତ୍ତା ଦେଇଛନ୍ତି। ଶୋଭାଯାତ୍ରାରେ ବଡ଼ବଜାର ମହରମ କମିଟି, ବଡ଼ବଜାର ଏକତା ଗ୍ରୁପ୍, ବ୍ରାହ୍ମଣ ସମାଜ, ମାରୱାଡି ଯୁବାମଞ୍ଚ, ମହିଳା ସଂଗଠନ ଭଳି ଅନେକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସାମିଲ ହୋଇଥିଲେ। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଶୋଭାଯାତ୍ରାରେ ସାମିଲ ହୋଇ ମସ୍‌ଜିଦ, ମନ୍ଦିର ସହ ପ୍ରତ୍ୟେକଙ୍କ ଘର ଓ ଦୋକାନ ବୁଲିଥିଲେ। ସେଠାରେ ଉଭୟ ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ଭେଟି ଆଲୋଚନା କରିଥିଲେ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଭିତରେ ଏକତା ରହିଛି ବୋଲି ସହରବାସୀଙ୍କୁ ବାର୍ତ୍ତା ଦେଇଥିଲେ।

ବଡ଼ବଜାର ମସ୍‌ଜିଦ କମିଟି ସଦସ୍ୟ ଅମିନ ଖାନ କହିଛନ୍ତି, ଶହ ଶହ ବର୍ଷ ଧରି ଉଭୟ ସମ୍ପ୍ରଦାୟ ଭିତରେ ଏକତା ରହିଥିଲା। କିଛିଦିନ ପୂର୍ବରୁ ଘଟିଥିବା ଘଟଣା ଅତି ଦୁର୍ଭାଗ୍ୟଜନକ। ଭାଇଚାରାକୁ ନେଇ ସମ୍ବଲପୁର ସହରର ସ୍ୱତନ୍ତ୍ର ପରିଚୟ ରହିଛି। ଖୁବ୍‌ଶୀଘ୍ର ଶାନ୍ତି ଫେରିଆସିବ। ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ଆମକୁ ସଜାଗହେବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ଡ. ଶ୍ୟାମସୁନ୍ଦର ଧର କହିଛନ୍ତି, ହିନ୍ଦୁ କିମ୍ବା ମୁସଲମାନଙ୍କ ପର୍ବ ସମୟରେ ଉଭୟ ସମ୍ପ୍ରଦାୟ ମିଳିମିଶି ପାଳନ କରିଥାଉ। ହିନ୍ଦୁ ପରିବାରରୁ ତାଜିଆ ବାହାରିବା ଘଟଣା ହେଉକି ରଥଯାତ୍ରା ସମୟରେ ମୁସଲମାନ ପରିବାର ଛେରାପହଁରା କରିବା ଘଟଣା ଏହାର ଉଦାହରଣ। ହନୁମାନ ଜୟନ୍ତୀରେ ଘଟିଥିବା ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ପ୍ରାୟ ୮ଦିନ ହେବ ଅଶାନ୍ତର ବାତାବରଣ ଲାଗିରହିଛି। ତେଣୁ ଜିଲା ପ୍ରଶାସନକୁ ସହଯୋଗ କରି ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏଥିରେ ସବୁ ସମ୍ପ୍ରଦାୟର ଲୋକ ସାମିଲ ହୋଇଛନ୍ତି। ସଭିଏଁ ଶାନ୍ତି ଚାହୁଁଛନ୍ତି। ନିଶ୍ଚିତ ଭାବେ ଏହା ଏକ ବାର୍ତ୍ତା ଦେବ ବୋଲି ଆଶା କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ଗଙ୍ଗାଧର କହିଛନ୍ତି, ଶାନ୍ତି ଶୋଭାଯାତ୍ରା ପାଇଁ ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର କମିଟି ପକ୍ଷରୁ ପୋଲିସକୁ ପ୍ରସ୍ତାବ ଦିଆଯାଇଥିଲା। ଆମ ପକ୍ଷରୁ ମଧ୍ୟ ସହଯୋଗ କରିଥିଲୁ। ଏଭଳି ପ୍ରୟାସ ନିଆରା। କୌଣସି ପରିବାରର ଲୋକଙ୍କ ମନରେ ଭୟ ନ ରହିବା ନେଇ ସଙ୍ଗଠନ ସଦସ୍ୟମାନେ ଚେଷ୍ଟା କରିଥିଲେ, ଯାହା ସଫଳ ହୋଇଛି। ସବୁ ଧର୍ମର ଲୋକମାନେ ବେଶ୍ ଉତ୍ସାହର ସହ ଦୋକାନ ବଜାର ଖୋଲି ବ୍ୟବସାୟ ଆରମ୍ଭ କରିଛନ୍ତି। ଏଥିରେ ଅଞ୍ଚଳବାସୀଙ୍କ ସହଯୋଗ ରହିଛି ବୋଲି ସେ କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ସତ୍ୟପାଲଙ୍କୁ ସିବିଆଇ ...

ବ୍ୟବସ୍ଥା କରିବାକୁ ଅର୍ଦ୍ଧସାମରିକ ବଳ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ସରକାର ଏହାକୁ ଶୁଣି ନ ଥିଲେ। କେନ୍ଦ୍ରର ଭୁଲ୍ ଯୋଗୁ ଆତଙ୍କବାଦୀ ବିସ୍ଫୋରକ ନେଇ ଆକ୍ରମଣ ଘଟାଇବାରେ ସଫଳ ହୋଇଥିଲେ। ଭାଜପା ଏହାକୁ ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରି ରାଜନୈତିକ ଲାଭ ପାଇଥିଲା ବୋଲି ସତ୍ୟପାଲ କହିଥିଲେ। ଯେତେବେଳେ ସତ୍ୟପାଲ ରାଜ୍ୟପାଳ ଭାବରେ ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଦାୟୀ କରି ରିପୋର୍ଟ ଦେଲେ, ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ କହିଥିଲେ ବୋଲି ସେ ଅଭିଯୋଗ ଆଣିଥିଲେ। ଏହାର ସପ୍ତାହେ ନ ପୂରୁଣୁ ସତ୍ୟପାଲଙ୍କୁ ସିବିଆଇ ନୋଟିସ ଦେଇ ପୁରୁଣା ମାମଲାର ତଦନ୍ତରେ ହଠାତ୍ ତତ୍ପରତା ଦେଖାଇଥିବାରୁ ଏହାକୁ ନେଇ ନାନା ଚର୍ଚ୍ଚା ଜୋର୍ ଧରିଛି।

## ୪ଥର ପ୍ରମୋଶନ ...

ସହ ଆର୍ଥିକ ସୁବିଧା ମିଳିବ। ସେହିପରି ୧୨ବର୍ଷ ପରେ ଲେଭଲ୍ ୧୩ରୁ ୧୪, ୧୮ବର୍ଷ ପରେ ଲେଭଲ୍ ୧୪ରୁ ୧୫ ଓ ୨୪ବର୍ଷ ପରେ ଲେଭଲ୍-୧୫ରୁ ଲେଭଲ୍-୧୬କୁ ପ୍ରମୋଶନ ସହ ଆର୍ଥିକ ସୁବିଧା ମିଳିବାର ବ୍ୟବସ୍ଥା ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି।

## ଖୁସି ରାଜ୍ୟ ତାଲିକାରେ ...

ବୋଲି ସର୍ଭେରେ କୁହାଯାଇଛି। ତେବେ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ହିମାଚଳ ପ୍ରଦେଶ ପୂର୍ବପରି ଏକ ନମ୍ବର ସ୍ଥାନରେ ରହିଛି । ସେହିପରି କ୍ଷୁଦ୍ର ରାଜ୍ୟ ମଧ୍ୟରେ ଗୋଆ ରହିଛି ସବୁଠୁ ଆଗୁଆ।କେନ୍ଦ୍ରଶାସିତ ଅଞ୍ଚଳ କାଟେଗୋରିରେ ଲାକ୍ଷାଦ୍ୱୀପ ୮ରୁ ଉଠି ୧ ନମ୍ବର ସ୍ଥାନ ଦଖଲ କରିବାରେ ସଫଳ ହୋଇଛି । ମୋଟ ୭ଟି ବିଷୟକୁ ନେଇ ଏହି ସର୍ଭେ କରାଯାଇଥିଲା। ନିଜ ପସନ୍ଦ ପାଇଁ ସ୍ୱାଧୀନତା, ଦୁର୍ନୀତି ପ୍ରତି ମନୋଭାବ, ରାଜ୍ୟର ଘରୋଇ ଉତ୍ପାଦ ନେଇ ବିକାଶ ସୁଯୋଗ, ଉପଭୋକ୍ତା ଅର୍ଥ ସୂଚକାଙ୍କ, ସାକ୍ଷରତା ହାର, ଜନ୍ମବେଳେ ସ୍ୱାସ୍ଥ୍ୟଗତ ଆକାଂକ୍ଷା, ବହୁମୁଖୀ ଗରିବ ଓ ସ୍ୱାସ୍ଥ୍ୟ ସୂଚକାଙ୍କ। ଏପରି ୭ଟି କାଟେଗୋରିରେ ସର୍ଭେ କରାଯାଇ ସବୁଠୁ ଖୁସିର ରାଜ୍ୟ ତାଲିକା ପ୍ରକାଶ ପାଇଛି।

## ପରଲୋକରେ ତ୍ରିଲୋଚନ ...

**■ ବିଧାନସଭା, ସିଏମ୍‌ସିରେ ଦିଆଗଲା ଶ୍ରଦ୍ଧାଞ୍ଜଳି**
**■ ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଶେଷକୃତ୍ୟ**

କାରଣରୁ କାନୁନଗୋ ଗତ ମାର୍ଚ୍ଚ ୩୦ରୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଶନିବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ତ୍ରିଲୋଚନ ୧୯୪୦ ମସିହା ସେପ୍ଟେମ୍ବର ୧୨ରେ କଟକ ଜିଲା କଣ୍ଟାପଡ଼ା ବ୍ଲକର ବଡ଼ମୂଳାଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। କଟକ ପୌରପାଳିକାର ଅଧ୍ୟକ୍ଷ ଓ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଜଗତ୍‌ସିଂହପୁର ଲୋକ ସଭା ଆସନରୁ ସେ ୧୯୯୯ରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚିତ ହୋଇଥିଲେ। ସେ ୩ଥର ବିଧାୟକ ଓ ଥରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମେ ମରଶରୀରକୁ ବିଧାନସଭାକୁ ନିଆଯାଇଥିଲା। ସେଠାରେ ସ୍ୱର୍ଗତ କାନୁନ୍‌ଗୋଙ୍କୁ ଗାର୍ଡ ଅଫ୍ ଅନର ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବରିଷ୍ଠ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଦେବୀ ପ୍ରସାଦ ମିଶ୍ର, ଶଶିଭୂଷଣ ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ରାଧାକାନ୍ତ ସେଠୀ, ବିଧାନସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ କାନୁନ୍‌ଗୋଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେଠାରୁ ମରଶରୀରକୁ କଟକ ମହାନଗର ନିଗମ କାର୍ଯ୍ୟାଳୟକୁ ଅଣାଯାଇଥିଲା। ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାନୁନଗୋଙ୍କ ବିୟୋଗରେ ସିଏମ୍‌ସି କାର୍ଯ୍ୟାଳୟକୁ ଶୁକ୍ରବାର ଛୁଟି ଘୋଷଣା କରାଯାଇଥିଲା। ସେ କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା ବୋର୍ଡ ସଭାପତି ରହିଥିଲେ। ତେଣୁ ତାଙ୍କ ପାର୍ଥିବ ଶରୀରକୁ ଏହି ମହାବିଦ୍ୟାଳୟକୁ ନିଆଯାଇ ଶେଷଦର୍ଶନ ପାଇଁ ରଖାଯାଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ବଡ଼ମୂଳାଇ ପୈତୃକ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରବର୍ଗଙ୍କଠାରୁ ସୂଚନା ମିଳିଛି।

### ରାଜନୈତିକ ଜୀବନ ଥିଲା ରୋମାଞ୍ଚକ

ଜଣେ ବିଶିଷ୍ଟ ଜନନେତା, ଅର୍ଥନୀତିଜ୍ଞ ଭାବେ ସ୍ୱର୍ଗତ କାନୁନ୍‌ଗୋ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସେ ୧୯୭୧ରୁ ୧୯୭୭ ମସିହା ପର୍ଯ୍ୟନ୍ତ ଦୁଇଥର କ୍ରମାଗତ ଭାବେ ଏବଂ ୧୯୮୫ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସମୁଦାୟ ୩ଥର ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏତଦବ୍ୟତୀତ ୧୯୭୮ – ୧୯୮୦ ଏବଂ ୧୯୯୨-୧୯୯୫ ପର୍ଯ୍ୟନ୍ତ କଟକ ପୌରପାଳିକାର ନଗରପାଳ ଭାବେ ନିର୍ବାଚିତ ହୋଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ୧୯୯୮– ୨୦୦୩ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ରହିଥିଲେ। ତାଙ୍କର ଅର୍ଥଶାସ୍ତ୍ରରେ ଦଖଲ ଥିବାରୁ ତାଙ୍କୁ ରାଜ୍ୟର ଦ୍ୱିତୀୟ ଅର୍ଥ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ସ୍ୱର୍ଗତ କାନୁନଗୋ ଅଡଶପୁରରେ ଉଦୟନାଥ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। କଟକରେ ମଦମୃତ୍ୟୁ ଘଟଣା ଘଟିବା ପରେ ସେ ନିଶାମୁକ୍ତି ଆନ୍ଦୋଳନକୁ ଓହ୍ଲାଇଥିଲେ। ସେ ଆମରଣ ଅନଶନ କରିଥିବାବେଳେ ପ୍ରବାଦ ପରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ନିଜେ ଯାଇ ତାଙ୍କୁ ଫଳରସ ପିଆଇ ଅନଶନରୁ ଉଠାଇଥିଲେ। ପରେ ସରକାରୀ ସ୍ତରରେ ଦେଶୀମଦ ବିକ୍ରି ନିଷ୍ପତ୍ତି ବଦଳାଇବାକୁ ସରକାର ବାଧ୍ୟ ହୋଇଥିଲେ। ବିଜେଡି ଗଠନ ହେବା ପରେ ସେ ଏହି ଦଳରେ ଯୋଗଦେଇଥିଲେ। ତେବେ ସେ ସର୍ବଦା ସ୍ୱାଧୀନ ଭାବେ ନିଜ ମତ ଦେବାକୁ କେବେ କୁଣ୍ଠାବୋଧ କରୁ ନ ଥିଲେ। ସେ ରେଭେନ୍‌ଶା କଲେଜରୁ ଗଣିତରେ ପିଜି ଏବଂ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି କରିଥିଲେ। ସେ ବିଭିନ୍ନ ପଦପଦବୀରେ ଥିଲେ ବି ସବୁବେଳେ ବହି ପଢିବାକୁ ଭଲ ପାଉଥିଲେ। ସେ ଜଣେ ଅର୍ଥନୀତିଜ୍ଞ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଅବଦାନ ଓଡ଼ିଶା ଇତିହାସରେ ସ୍ମରଣୀୟ ହୋଇ ରହିବ।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ସ୍ୱର୍ଗତ ତ୍ରିଲୋଚନ କାନୁନ୍‌ଗୋଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି, ସ୍ୱର୍ଗତ କାନୁନ୍‌ଗୋଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ସେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ କାନୁନ୍‌ଗୋଙ୍କୁ ଜଣେ ବିଶିଷ୍ଟ ପାର୍ଲାମେଣ୍ଟାରିଆନ, ଅର୍ଥନୀତିଜ୍ଞ ତଥା ସମାଜସେବୀ ଭାବେ ବର୍ଣ୍ଣନା କରିଛନ୍ତି। ସେ ଥିଲେ ସାଧାରଣ ଜନତାଙ୍କ ବନ୍ଧୁ ଓ ସାରା ଜୀବନ ସମାଜସେବା ପାଇଁ ନିଜକୁ ସମର୍ପିତ କରିଥିଲେ। ଏମ୍‌ପି,ବିଧାୟକ, ଦ୍ୱିତୀୟ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ତଥା କଟକ ମ୍ୟୁନିସିପାଲିଟି ଚେୟାରମ୍ୟାନ ଭାବେ ସେ ଅନେକ ଉଲ୍ଲେଖନୀୟ କାମ କରିଯାଇଛନ୍ତି। ତାଙ୍କ ନିଃସ୍ୱାର୍ଥପର ସେବା ପାଇଁ ସ୍ୱର୍ଗତ କାନୁନ୍‌ଗୋ ସବୁବେଳେ ସ୍ମରଣୀୟ ହୋଇରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ବାଚସ୍ପତି ବିକ୍ରମ କେଶରୀ ଆରୁଖ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, କଟକ ମେୟର ସୁବାସ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣାର ଲୋକଙ୍କ ପାଇଁ କାମକୁ ସହଜରେ କରିବା ଲାଗି ଆନୁଷଙ୍ଗିକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। ଅନ୍ୟମନସ୍କ ଯୋଗୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଦ୍ୱିଜା ନକ୍ଷତ୍ର ବକେୟା ଅର୍ଥ ନ ପାଇବା କାରଣରୁ ତର୍କ ଓ ବିବାଦ ବଢ଼ିପାରେ। ରାଜନୈତିକ, ଅର୍ଥନୈତିକ, ସାମାଜିକ, ପ୍ରଶାସନିକ କ୍ଷେତ୍ର ଭଲ ରହିବ।

**ବୃଷ** ଆଜି କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସୁନାମ ମିଳିବ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ମିଥୁନ** ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପର ବଶବର୍ତ୍ତୀ ହୋଇ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ଅର୍ଥବଳ ଥିଲେ ମଧ୍ୟ ସହଯୋଗ ଅଭାବରୁ ହାତକୁ ନେଇଥିବା କାମ ଠିକ୍ ଭାବରେ ହୋଇ ନ ପାରେ। ପୁନର୍ବସୁ ନକ୍ଷତ୍ର ସାହାଯ୍ୟ ଲାଭକରିବା ହେତୁ ମନୋବଳ ବୃଦ୍ଧି ଘଟି କାମକୁ ତ୍ୱରାନ୍ୱିତ କରିବ।

**କର୍କଟ** ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଦେଖାଦେବ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବ। ଟାଣଖରାରେ କାମ କରିବା କିମ୍ବା ଦୂରଯାତ୍ରା ହେତୁ ସ୍ୱାସ୍ଥ୍ୟ ସମସ୍ୟା ଉତ୍କଟରୂପ ଗ୍ରହଣ କରିପାରେ।

**ସିଂହ** ଆଜି ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ସରକାରୀ ସ୍ତରରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ଆଶଙ୍କା ବଳବତ୍ତର ରହିବ। ମଘା ନକ୍ଷତ୍ର ମାଲିମକଦ୍ଦମାରେ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି।

**କନ୍ୟା** ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ଆଣିବେ। ଚିତ୍ରା ନକ୍ଷତ୍ର ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବାର ପ୍ରଯତ୍ନ ନ କରି ଅବହେଳା କଲେ ଅନୁତାପ କରିବାକୁ ପଡ଼ିବ।

**ତୁଳା** ନିକଟସ୍ଥ କୌଣସି ବ୍ୟକ୍ତି ସମସ୍ୟାର କାରଣ ସାଜି ପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇପାରନ୍ତି। ସ୍ୱାତୀ ନକ୍ଷତ୍ର ଆକସ୍ମିକ ଆବଶ୍ୟକ ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** ଦୀର୍ଘଦିନର ଆଶା ଓ ଅଭିଳାଷ ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଆନୁଷ୍ଠାନିକ କାମରେ ମୂଲ୍ୟବାନ ଦ୍ରବ୍ୟଲାଭ ସାଙ୍ଗକୁ ସମ୍ମାନ ପାଇବେ। ଅନୁରାଧା ନକ୍ଷତ୍ର ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ କାରଣରୁ ଅଶାନ୍ତ ପରିବେଶ ସୃଷ୍ଟି ହୋଇପାରେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ଆଜିର ଯାତ୍ରା ଓ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧିକାଂଶ କ୍ଷେତ୍ରରେ ପର ଉପରେ ନିର୍ଭର କଲେ ନିରାଶ ହେବାକୁ ପଡ଼ିପାରେ। ସମସ୍ୟା ସମାଧାନ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି।

**ମକର** ଶ୍ରବଣା ନକ୍ଷତ୍ର ସାମାନ୍ୟ ଅସମ୍ମାନଜନକ କଥା ଓ ବ୍ୟବହାରରେ ଅନର୍ଥ ଘଟାଇ ପାରନ୍ତି। ବନ୍ଧୁ ସାହାଯ୍ୟ ନେଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବେ। କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ, ଜମିଜମା, କଳା, ସାହିତ୍ୟ, ସାମ୍ବାଦିକତା ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟ ସମସ୍ୟା ନେଇ ସାମାନ୍ୟ ଚିନ୍ତିତ ରହିବେ।

**କୁମ୍ଭ** ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ। ନିଜ ଲୋକମାନେ ଆପଣା ସ୍ୱାର୍ଥସାଧନକୁ ଗୁରୁତ୍ୱ ଦେବେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ପୂର୍ବଭାଦ୍ରବ ନକ୍ଷତ୍ର ଶିକ୍ଷା ଓ ପରୀକ୍ଷା ସକାଶେ ପିଲାମାନଙ୍କୁ ନେଇ ଗର୍ବ ଅନୁଭବ କରିବେ।

**ମୀନ** ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ବିରୁଦ୍ଧାଚରଣ କେତେକ ସମସ୍ୟା ସୃଷ୍ଟି କରିପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଅବଶ୍ୟ ଭଲ ନ ହେଲେ ମଧ୍ୟ ବିଶେଷ ମନ୍ଦ ନୁହେଁ। ମନେ ମନେ ଖୋଜୁଥିବା ବନ୍ଧୁଙ୍କୁ ଅସଲ ସମୟରେ ଦେଖା ନ ପାଇ ବ୍ୟସ୍ତ ହେବେ।

ଆଜି ବୈଶାଖ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ଏପ୍ରିଲ ୨୨ ତାରିଖ, ଧରିତ୍ରୀ ଦିବସ, ଇଦ୍-ଉଲ୍-ଫିତର, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୧୦ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୧ ଗତେ ଘ.୧୧।୪୫ ମଧ୍ୟେ ରାହୁ କାଳ ॥




# ଶ୍ରୀଜଗନ୍ନାଥ ପ୍ରଶାସନ ଫାଇଲ ମିଳିଗଲା

## ସ୍ପଷ୍ଟ କଲା ଆଇନ ବିଭାଗ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ରାଜ୍ୟ ଆଇନ ବିଭାଗ ଅଫିସରେ ହଜିଯାଇଥିବା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ସମ୍ପର୍କିତ ୨ଟି ପୁରୁଣା ଫାଇଲ ମିଳିଯାଇଛି। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି। ଶୁକ୍ରବାର ଆଇନ ବିଭାଗ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଉକ୍ତ ଫାଇଲ ଏକ ସାଧାରଣ ଫାଇଲ। ଏହା ନ ମିଳିବା ଉଦ୍ଦେଶ୍ୟ ପ୍ରଣୋଦିତ ନ ଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମ୍ପର୍କିତ ଦୁଇଟି ଫାଇଲ ନ ମିଳିବା ବା ହଜିଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ସରକାରଙ୍କ ନଜରକୁ ଆସିଛି। ଏ ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ, ଏହି ଦୁଇଟି ଫାଇଲ ବହୁ ପୁରାତନ ହୋଇଥିବାରୁ ଏବଂ ପୁରୁଣା ଫାଇଲରେ ମିଶିବା ଯୋଗୁ ଏହାକୁ ଖୋଜିବା କଷ୍ଟକର ଥିଲା। ଉଭୟ ଫାଇଲକୁ ଖୋଜିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଆଇନ ବିଭାଗର ପ୍ରମୁଖ ସଚିବ ଧନେଶ୍ୱର ମଲ୍ଲିକ ଭିଡିଓ ବାର୍ତ୍ତା ଜରିଆରେ ହଜିଯାଇଥିବା ୨ଟି ପୁରୁଣା ଫାଇଲ ମିଳିଥିବା ସୂଚନା ଦେଇଛନ୍ତି।

# ଦନ୍ତା ନେଲା ଜୀବନ: ତୀବ୍ର ଉତ୍ତେଜନା, ରାସ୍ତାରୋକୋ

**ସାତମାଇଲ, ୨୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗୁରିଲୋ ଗ୍ରାମର ସୁରେଶ ସାମଲ (୭୦)ଙ୍କ ଶୁକ୍ରବାର ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ଣ ୮ଟାରେ କାଜୁବଗିଚାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଅପରାହ୍ଣ ୩ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଞ୍ଚଳରେ ବଢୁଥିବା ହାତୀ ଉପଦ୍ରବ ରୋକିବା ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ସାତମାଇଲ ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।




# ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ୩ ଗିରଫ

## ବାଲିଘାଟକୁ ନେଇ ମହିଳାଙ୍କୁ ହତ୍ୟା ଘଟଣା

ଆନନ୍ଦପୁର,୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଶାଳଦେଇ ବାଲିଘାଟ ବିବାଦକୁ ନେଇ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଘଷିପୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ବାବନ ସାହୁ ଏବଂ ବଳରାମ ବେହେରା, ସିପୁନ ବେହେରା। ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅବିନାଶ ପରିଡ଼ା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ବାଲିଚାଲାଣ ବିବାଦକୁ ନେଇ ଗତ ୨୨ ତାରିଖରେ ପ୍ରତିବାଦ ସମୟରେ ଶାଳଦେଇ ଗ୍ରାମର ନବଘନ ଜେନାଙ୍କ ସ୍ତ୍ରୀ ମଲ୍ଲି ଜେନାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁବରଣ କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗ କରି ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ପ୍ରାଥମିକ ସ୍ତରରେ ୫ ଅଭିଯୁକ୍ତ ହରେକୃଷ୍ଣ ବୋଇତେଇ, ଅମରେଶ ରାଉତ, ସନ୍ତୋଷ ସାହୁ, ଭାଗୀରଥି ପଲେଇ, ଅଞ୍ଜନ ରାଉତଙ୍କୁ ଗିରଫ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ହୋଇଆସୁଥିଲା। ପୋଲିସ ତଦନ୍ତ ଚଳାଇଥିବା ବେଳେ ଗୁରୁବାର ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ କହିଛନ୍ତି।


ଗିରଫ ୩ ଅଭିଯୁକ୍ତ।

# ଗିରଫ ହେଲେ ଡାକ୍ତର ସ୍ୱାମୀ

## ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ବାରିପଦା ଅଫିସ,୨୧।୪

ମୟୂରଭଞ୍ଜ ଜିଲା ବାରିପଦା ନିକଟସ୍ଥ ଭଞ୍ଜପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ ଘଟଣାରେ ପୋଲିସ ତାଙ୍କ ଡାକ୍ତର ସ୍ୱାମୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସହର ଟାଙ୍କିସାହି ଅଞ୍ଚଳର ଡା. ଖଗେଶ୍ୱର ମାରାଣ୍ଡି। ସେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୧୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ୧୨ବର୍ଷ ପୂର୍ବେ ଉଭୟ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟା ଓ ପୁତ୍ର ସନ୍ତାନ ଅଛନ୍ତି। ବାପଘରୁ ୧୦ଲକ୍ଷ ଟଙ୍କା ଅଧିକ ଯୌତୁକ ଆଣିବାକୁ ଖଗେଶ୍ୱର ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପରବର୍ତ୍ତୀ ସମୟରେ ଖଗେଶ୍ୱରଙ୍କ ସମ୍ପର୍କୀୟ ସାନଭାଇ ଜ୍ୟୋତି ପ୍ରକାଶ ହାଁସଦାଙ୍କ ଜରିଆରେ ଘରେ ଗୁପ୍ତ କ୍ୟାମେରା ଲଗାଇ ମହିଳାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ବ୍ଲାକମେଲିଂ ଆରମ୍ଭ କରିଥିଲେ। ଟଙ୍କା ନ ଆଣିବାରୁ ଉକ୍ତ ଭିଡିଓକୁ ଭାଇରାଲ କରିଥିଲେ। ମହିଳା ଜଣକ ବିରୋଧ କରିବାରୁ ଖଗେଶ୍ୱର ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଡା. ମାରାଣ୍ଡି କହିଛନ୍ତି।



# ଫେରିଲା ପୁରୁଣା ମାମଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କର୍ଣ୍ଣାଟକରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ ଭୋଟର ତଥ୍ୟ ଚୋରି ମାମଲା ପୁନର୍ବାର ସାମ୍ନାକୁ ଆସିଛି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ବେଙ୍ଗାଲୁରୁ ଡିଭିଜନର ଆଞ୍ଚଳିକ କମିଶନର ତଥା ଆଇଏଏସ୍ ଅଧିକାରୀ ଅମ୍ଲାନ ଆଦିତ୍ୟ ବିଶ୍ୱାସଙ୍କ ଦ୍ୱାରା ଏହା ଉପରେ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜାଣିବାକୁ ମିଳିଛି , ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା(ବିବିଏମ୍‌ପି) ଭୋଟର ତଥ୍ୟ ସଂଗ୍ରହ କରିବା ପାଇଁ ଚିଲୁମି ନାମକ ଘରୋଇ ଟ୍ରଷ୍ଟକୁ ଅବୈଧ ଏବଂ ଅନୁଚିତ ଅନୁମତି ଦେଇଥିଲା। ବିବିଏମ୍‌ପି ଓ ଟ୍ରଷ୍ଟ ମଧ୍ୟରେ ସମ୍ପର୍କ ଥିବା ଉକ୍ତ ତଦନ୍ତ ସାବ୍ୟସ୍ତ କରିଥିବାବେଳେ ଚିଲୁମି ଟ୍ରଷ୍ଟ ସଂଗୃହୀତ ତଥ୍ୟକୁ କେଉଁଠାରେ ରଖିଛି ତାହା ଏଯାବତ ଦର୍ଶାଇ ନ ଥିବା ସ୍ପଷ୍ଟ କରିଛି। ଭାରତର ନିର୍ବାଚନ କମିଶନଙ୍କ ନିୟମ ଉଲ୍ଲଂଘନ କରି ଏହି ତଥ୍ୟ ସମ୍ଭବତଃ ଚାଇନା କିମ୍ବା ପୂର୍ବ ୟୁରୋପୀୟ ଦେଶର ସର୍ଭରରେ ରଖାଯାଇଥିବା ତଦନ୍ତ ରିପୋର୍ଟ ପ୍ରକାଶ କରିଛି। ଡିସେମ୍ବର ୨୦୨୨ରେ, ଉକ୍ତ ସ୍ତମ୍ଭରେ ପ୍ରକାଶ କରାଯାଇଥିଲା ଯେ, ବୋମାଇ ସରକାର ନିର୍ବାଚନ କମିଶନଙ୍କର ଏକ ଅର୍ଡରକୁ ଅବମାନନା କରି ଦୁଇ ଜଣ ଆଇଏଏସ୍ ଅଧିକାରୀ କେ.ଶ୍ରୀନୀବାସ ଏବଂ ଏସ୍.ରଙ୍ଗାପ୍ପାଙ୍କୁ ଭୋଟର ତଥ୍ୟ ଚୋରି ଘଟଣାରେ ନିଲମ୍ବିତ କରିବାର ମାସକ ମଧ୍ୟରେ ସେମାନଙ୍କୁ ପୁନଃ ଅବସ୍ଥାପିତ କରିଥିଲେ । ନିର୍ବାଚନର କେଇ ସପ୍ତାହ ପୂର୍ବରୁ ବ୍ୟାପକ ଦୁର୍ନୀତି ଅଭିଯୋଗରେ ସମସ୍ୟାରେ ଥିବା ବାସବରାଜ ବୋମାଇ ସରକାରଙ୍କ ପାଇଁ ଉକ୍ତ ରିପୋର୍ଟ ଆହୁରି କ୍ଷତି କରିବ। ତେବେ ଏହି ଦୁର୍ନୀତି ଆରମ୍ଭ ହେବାଠାରୁ ଏଥିରେ ଜଡ଼ିତ ଅଧିକାରୀ ଏବଂ ଅନ୍ୟ କର୍ମଚାରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଆସୁଥିବା ବିରୋଧୀ ଦଳକୁ ଉକ୍ତ ରିପୋର୍ଟ ପୁନର୍ବାର ଅସ୍ତ୍ର ଯୋଗାଇଦେବ।

### ଅନୁକରଣୀୟ ପଦକ୍ଷେପ

ନିକଟରେ ଝାଡ଼ଖଣ୍ଡର ବାଣିଜ୍ୟ କର ବିଭାଗ ୨୧,୦୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରି ରେକର୍ଡ ହାସଲ କରିଛି। ମୁଖ୍ୟତଃ ଏକ ଇଣ୍ଟେଲିଜେନ୍ସ ଆଣ୍ଡ୍ ରେଭିନ୍ୟୁ ଆନାଲିସିସ୍ ୟୁନିଟ୍ (ଆଇଆର୍‌ଏୟୁ) ଏବଂ ସ୍ପେଶିଆଲ ଟାସ୍କ ୟୁନିଟ୍ (ଏସ୍‌ଟିୟୁ)ପ୍ରତିଷ୍ଠା କରିବା ଯୋଗୁ ଏହା ଘଟିଛି। ପ୍ରମୁଖ ସଚିବ (ବାଣିଜ୍ୟ କର) ଆରାଧନା ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ତାଙ୍କ ଟମ୍ ଦ୍ୱାରା ଏହା ହୋଇପାରିଛି। ଆଇଆର୍‌ଏୟୁ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକରେ ପ୍ରତିଷ୍ଠା କରାଯାଇଛି, ଯେଉଁଠି ଅଧିକାରୀମାନଙ୍କର ଏକ ଟିମ୍‌ର ନେତୃତ୍ୱ ନେଉଛନ୍ତି ପଟ୍ଟନାୟକ। ଉକ୍ତ ଟିମ୍‌ରେ ରହିଛନ୍ତି କମ୍ପ୍ୟୁଟର ବିଶେଷଜ୍ଞ ଏବଂ ଟେକ୍‌ନିକ ଜ୍ଞାନ ସମ୍ପନ୍ନ ତଥା ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ନିୟମ ଉପରେ ଦକ୍ଷ ଅଧିକାରୀ ଓ ଡେଟା ଆନାଲିଟିକ୍ସମାନେ। ବିଭିନ୍ନ କ୍ଷେତ୍ର ଓ୍ୱାରି ସମୀକ୍ଷା କରିବା ଏବଂ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ସକାଶେ ତଥ୍ୟ ସଂଗ୍ରହ କରିବା ଆଇଆର୍‌ଏୟୁର ଦାୟିତ୍ୱ। ଏସ୍‌ଟିୟୁ ୧୦ କୋଟି ଟଙ୍କାରୁ ଅଧିକ କାରବାର କରୁଥିବା ବଡ଼ ଟିକସଦାତାଙ୍କ ଉପରେ ଗୁରୁତ୍ୱ ଦେଉଛି ଓ ଏହାଦ୍ୱାରା ବିଭାଗର ମୋଟ ଟିକସ ସଂଗ୍ରହର ୯୫% ଯାଏ ଏହାର ଯୋଗଦାନ ରହୁଛି। ବିଭାଗ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଆପଣାଇବା ଦ୍ୱାରା ବାର୍ଷିକ ୫ କୋଟି ଟଙ୍କାରୁ ଅଧିକ କାରବାର କରୁଥିବା ଟିକସଦାତାଙ୍କ ଦ୍ୱାରା ଶତ ପ୍ରତିଶତ ରିଟର୍ନ ଫାଇଲିଂ ସମ୍ଭବ ହୋଇଛି। ଏହାସହ ପଟ୍ଟନାୟକ ପ୍ରବର୍ତ୍ତନ ପ୍ରକ୍ରିୟା ଲକ୍ଷ୍ୟରେ ଏକ ଜିଏସ୍‌ଟି ଅଡିଟ୍ ଓ୍ୱିଙ୍ଗ୍ ଓ ଅନ୍‌ଲାଇନ ଭାଟ ମୂଲ୍ୟାଙ୍କନ ୟୁନିଟ୍ ଗଠନ କରିଛନ୍ତି। ରାଜସ୍ୱ ସଂଗ୍ରହ ବୃଦ୍ଧି ଦୃଷ୍ଟିରୁ ଏହିସବୁ ପଦକ୍ଷେପ ଆଖିଦୃଶିଆ ସଫଳତା ହାସଲ କରିଛି। ବାସ୍ତବରେ ଝାଡ଼ଖଣ୍ଡ ଭଳି ରାଜ୍ୟରେ ପଟ୍ଟନାୟକ ଓ ତାଙ୍କ ଟିମ୍ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣ ଅନୁକରଣୀୟ।

### ଅଓ୍ୱସ୍ତିଙ୍କ ନିଯୁକ୍ତି ପ୍ରଚ୍ଛଦରେ...

ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱରେ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ଦେବା ଧାରା କେନ୍ଦ୍ର ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାକୁ ଏବେ ରାଜ୍ୟ ସରକାରଗୁଡ଼ିକ ଅନୁସରଣ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲାଙ୍କ ସରକାର ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡି.ଏମ୍.ଅଓ୍ୱସ୍ତିଙ୍କୁ ରାୟପୁର ପୋଲିସ ମୁଖ୍ୟାଳୟରେ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତ କରିଛନ୍ତି। ଇକୋନୋମିକ ଅଫେନ୍ସ ଓ୍ୱିଙ୍ଗ୍ ଏବଂ ଆଣ୍ଟି କରପ୍‌ଶନ ବ୍ୟୁରୋର ସେ ଦେଖାରଖା କରିବେ ବୋଲି କୁହାଯାଉଛି। ମାର୍ଚ୍ଚ ୩୧ରେ ଅଓ୍ୱସ୍ତି ଅବସର ନେବା ପରେ ହଠାତ୍ ତାଙ୍କୁ ଓଏସ୍‌ଡି ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି, ଯାହା ବାବୁମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ବରିଷ୍ଠ ପୋଲିସ ଅଧିକାରୀଙ୍କର ବଘେଲାଙ୍କ ସହ ଘନିଷ୍ଠତାକୁ ଏହା ସୂଚିତ କରୁଥାଇପାରେ, କିନ୍ତୁ ଅନ୍ୟମାନେ ଏହି ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ସରକାର ଯୁକ୍ତି କରିପାରନ୍ତି ଯେ, ପ୍ରଶାସନରେ କାର୍ଯ୍ୟଦକ୍ଷତା ନିଶ୍ଚିତ କରିବା ଲାଗି ଅଓ୍ୱସ୍ତିଙ୍କୁ ପୁଣି ଚାକିରିକୁ ଫେରାଇବା ଆବଶ୍ୟକ ଥିଲା। କିନ୍ତୁ ଏହି ପ୍ରକ୍ରିୟା ସମସ୍ତ ଅଧିକାରୀଙ୍କ ପାଇଁ ସ୍ୱଚ୍ଛ ପ୍ରତିଯୋଗିତା ଏବଂ ସମାନ ସୁଯୋଗର ସିଦ୍ଧାନ୍ତକୁ ଅଣଦେଖା କରୁଛି ବୋଲି କେତେଜଣ ବିଶ୍ୱାସ କରୁଛନ୍ତି। ସେମାନେ ଏହି ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇବା ସହ ଏହା କନିଷ୍ଠ ଅଧିକାରୀଙ୍କୁ ଏକ ଭୁଲ୍ ବାର୍ତ୍ତା ଦେଉଥିବା ଦାବି କରୁଛନ୍ତି । ସମ୍ଭବତଃ ବଘେଲା ଶାସନ ପାଳିର ଶେଷ ପର୍ଯ୍ୟାୟରେ ଥାଇ ତାଙ୍କ ବିଶ୍ୱସ୍ତ ବାବୁମାନଙ୍କୁ ଭରସା କରି ପୁଣି କ୍ଷମତାକୁ ଫେରିବା ଲାଗି ଲକ୍ଷ୍ୟ ରଖିଛନ୍ତି।

Email: dilipcherian@gmail.com

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | 3 | | | | | |
| 3 | | | 8 | | 6 | 1 | | |
| | 6 | | | 7 | | | | 4 |
| | | | | | | 3 | 1 | |
| | 1 | | 7 | | | | | 8 |
| | | | | 3 | | | | |
| | | | | 4 | | | 5 | 1 |
| | | 7 | | | | 4 | | |
| 5 | | 8 | | 2 | | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 7 | 2 | 8 | 5 | 4 | 1 |
| 1 | 8 | 4 | 6 | 9 | 5 | 3 | 2 | 7 |
| 7 | 2 | 5 | 4 | 1 | 3 | 8 | 9 | 6 |
| 6 | 7 | 3 | 5 | 8 | 9 | 2 | 1 | 4 |
| 2 | 5 | 9 | 1 | 3 | 4 | 6 | 7 | 8 |
| 4 | 1 | 8 | 2 | 7 | 6 | 9 | 3 | 5 |
| 8 | 4 | 2 | 9 | 5 | 1 | 7 | 6 | 3 |
| 3 | 9 | 1 | 8 | 6 | 7 | 4 | 5 | 2 |
| 5 | 6 | 7 | 3 | 4 | 2 | 1 | 8 | 9 |

ଗତକାଲିର ଉତ୍ତର

# ଆଇନର ଶାସନରେ ଏନ୍‌କାଉଣ୍ଟର



ସୌଭାଗ୍ୟ ସୁନ୍ଦରରାୟ

ଗତ କିଛିଦିନ ତଳେ ଉତ୍ତରପ୍ରଦେଶର ଝାନ୍‌ସୀ ନିକଟରେ ଆସାଦ ଅହମ୍ମଦ ନାମକ ଜଣେ ବ୍ୟକ୍ତିଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଉତ୍ତରପ୍ରଦେଶର କୁଖ୍ୟାତ ଅପରାଧୀ ତଥା ରାଜନେତା ଅତିକ୍ ଅହମ୍ମଦଙ୍କ ପୁତ୍ର। ଏହା ଏକ ସତ୍ୟ ଏନ୍‌କାଉଣ୍ଟର ଥିଲା ନା ମିଥ୍ୟା ଏନ୍‌କାଉଣ୍ଟର ତାହା ତଦନ୍ତ ପରେ ଜଣାପଡ଼ିବ, କିନ୍ତୁ ଦେଶର ଅନେକ ଏନ୍‌କାଉଣ୍ଟର ରାଷ୍ଟ୍ର ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ପରବର୍ତ୍ତୀ ସମୟରେ ପ୍ରମାଣିତ ହେଉଛି। ଏହାସତ୍ତ୍ୱେ ଏନ୍‌କାଉଣ୍ଟର ମାନସିକତା ଦେଶରେ ବଳବତ୍ତର ରହିଛି। ତେଲଙ୍ଗାନାରେ ୨୦୧୯ ନଭେମ୍ବରରେ ଏକ ଏନ୍‌କାଉଣ୍ଟର ଘଟଣାରେ ୪ ଜଣ ଆସାମୀ ନିହତ ହେଲେ। ଦେଶବାସୀ ଉକ୍ତ ଏନ୍‌କାଉଣ୍ଟରକୁ ଉତ୍ସାହ ଉଦ୍ଦୀପନାର ସହ ପାଳନ କଲେ। ଭୁଲିଗଲେ ଆଇନ ଓ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ। ତଦନ୍ତ କମିଶନ ରିପୋର୍ଟରୁ ଜଣାପଡ଼ିଲା, ଏହି ଏନ୍‌କାଉଣ୍ଟର ମିଥ୍ୟା ଥିଲା। ଅର୍ଥାତ୍ ଏହି ଘଟଣାରେ ପୋଲିସ ତଦନ୍ତକାରୀ ସଂସ୍ଥା ହୋଇ ନ୍ୟାୟପାଳିକାର ଦାୟିତ୍ୱ ନିଜ ହାତକୁ ନେଇଗଲା। ଅଭିଯୋଗଟି ଥିଲା ସଂପୃକ୍ତ ଅଞ୍ଚଳର ଜନୈକା ୨୭ ବର୍ଷୀୟା ପ୍ରାଣୀଚିକିତ୍ସା ଡାକ୍ତରୀ ଛାତ୍ରୀଙ୍କୁ ୪ ଜଣ ସନ୍ଦିଗ୍ଧ ଯୁବକ ବଳାତ୍କାର କରି ହତ୍ୟା କରିଥିଲେ। ପୋଲିସ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତର ଅଂଶ ଭାବେ ଗିରଫ ଆସାମୀଙ୍କୁ ଡିସେମ୍ବର ୬ ପ୍ରତ୍ୟୁଷରୁ ପୋଲିସ ଦ୍ୱାରା ଘଟଣାସ୍ଥଳକୁ ନିଆଯାଇଥିଲା। ଉଦ୍ଦେଶ୍ୟ ଥିଲା ଅପରାଧ ପରିସ୍ଥିତି ଓ ପରିବେଶ ଆସାମୀ ଦର୍ଶାଇବେ। ଏହି ସମୟରେ ଆସାମୀ କୁଆଡ଼େ ପୋଲିସ ସହ ଧସ୍ତାଧସ୍ତି କଲେ ଓ ବନ୍ଧୁକ ଛଡ଼ାଇବାକୁ ଉଦ୍ୟମ କଲେ। ଫଳରେ ସେମାନଙ୍କୁ ଏନ୍‌କାଉଣ୍ଟର କରିବାକୁ ପଡ଼ିଲା। ସୁପ୍ରିମ୍‌କୋର୍ଟ ଦ୍ୱାରା ଗଠିତ ବିଚାରପତି ଭି.ଏସ୍. ଶ୍ରୀପୁରକର କମିଶନ ନିଜର ୩୮୭ ପୃଷ୍ଠା ସମ୍ବଳିତ ରିପୋର୍ଟରେ ଏହା ଏକ ମିଥ୍ୟା ଏନ୍‌କାଉଣ୍ଟର ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେ ୧୦ ପୋଲିସ ଅଧିକାରୀଙ୍କୁ ଦାୟୀକରି ସେମାନଙ୍କ ବିରୋଧରେ ୩୦୨ ଦଫାରେ ମାମଲା ରୁଜୁ ଲାଗି ସୁପାରିସ କରିଛନ୍ତି। କମିଶନ ଦର୍ଶାଇଛନ୍ତି ଯେ, ୪ ଆସାମୀଙ୍କ ମଧ୍ୟରୁ ୩ ଜଣ ନାବାଳକ। ଏହି ଘଟଣାରେ ପୋଲିସ ନିଜ ତଦନ୍ତରେ ବିଫଳ ହୋଇ ଜନଆକ୍ରୋଶ ଏଡ଼ାଇବାକୁ ଯାଇ ଯାହାକୁ ଇଚ୍ଛା ତାକୁ ବାନ୍ଧିଆଣି ଗିରଫ ତାଲିକାରେ ଦର୍ଶାଇଲା ଏବଂ ପରବର୍ତ୍ତୀ ସମୟରେ ଆକ୍ରୋଶ ପ୍ରଶମିତ କରିବାକୁ ଯାଇ ସେମାନଙ୍କୁ ହତ୍ୟାକଲା। ଘଟଣାର ତଥ୍ୟ ପ୍ରମାଣ ମଧ୍ୟ ପୋଲିସ ନଷ୍ଟ କରିଛନ୍ତି ବୋଲି ତଦନ୍ତ କମିଶନ ଦର୍ଶାଇଛନ୍ତି।

ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ଆଇନର ଶାସନ ବ୍ୟବସ୍ଥା ରହିଛି। କିନ୍ତୁ ଦେଖାଯାଉଛି ଶାସନ କଳ ନିଜ ସୁବିଧାରେ ଆଇନକୁ ପରିଚାଳିତ କରୁଛନ୍ତି। ହାଇଦ୍ରାବାଦ୍ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଅପରାଧୀଙ୍କ ପ୍ରତି ଦଣ୍ଡବିଧାନ ଦାୟିତ୍ୱ ଆଇନର। କିନ୍ତୁ ଏ କ୍ଷେତ୍ରରେ ତାହାର ଉଲ୍ଲଂଘନ କରାଯାଇ ପୋଲିସ ଆଇନକୁ ହାତକୁ ନେଲା। ଏହାକୁ ଏକ ସରକାରୀ ହତ୍ୟାକାଣ୍ଡ ବୋଲି କୁହାଯାଇପାରେ।



ସେହିପରି ୩୭ ବର୍ଷ ତଳର ଏକ ଘଟଣାରେ ଜିଲା ଅଦାଲତ ଦ୍ୱାରା ରାଜସ୍ଥାନ ପୋଲିସ ୨୦୨୦ରେ ଦୋଷୀ ସାବ୍ୟସ୍ତ ହୋଇଛି। ପ୍ରକାଶ ଯେ, ରାଜସ୍ଥାନ ଦିଗ୍ ବିଧାନସଭା ଆସନରୁ ଲଗାତର ବିଜୟୀ ହୋଇ ଆସୁଥିବା ରାଜା ମାନସିଂହଙ୍କୁ ୧୯୮୫ରେ ରାଜସ୍ଥାନ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏଥିରେ ସିଂହଙ୍କ ସମେତ ତାଙ୍କ ଦୁଇ ସହଯୋଗୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିରୋଧରେ ଅଭିଯୋଗ ଥିଲା ରାଜସ୍ଥାନର ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା ପାଇଁ ଉଦ୍ଦିଷ୍ଟ ସଭାମଞ୍ଚ ଭାଙ୍ଗିବା। ଯେଉଁଦିନ ମୁଖ୍ୟମନ୍ତ୍ରୀଙ୍କ ସଭାମଞ୍ଚ ରାଜା ମାନସିଂହ ଭଙ୍ଗାରୁଜା କରିଥିଲେ ଠିକ୍ ତା' ପରଦିନ ନିଜ ନିର୍ବାଚନମଣ୍ଡଳୀକୁ ଯାଉଥିବା ସମୟରେ ପୋଲିସ ତାଙ୍କୁ ଅଟକାଇ ଜନଗହଳିପୂର୍ଣ୍ଣ ସ୍ଥାନରେ ଗୁଳିକରି ହତ୍ୟା କରିଥିଲା। ଏଥିରେ ସେ ପ୍ରାଣ ହରାଇବା ସହ ତାଙ୍କ ସହ ଥିବା ଅନ୍ୟ ଦୁଇ ସହଯୋଗୀ ମଧ୍ୟ ପ୍ରାଣ ହରାଇଥିଲେ। ଏହି ଘଟଣାରେ ରାଜସ୍ଥାନର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶିବ ଚରଣ ମାଥୁରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ପୋଲିସ ଏହାକୁ ଏନ୍‌କାଉଣ୍ଟର କହିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ଶୁଣାଣି ଉତ୍ତରପ୍ରଦେଶର ମଥୁରା ଅଦାଲତରେ ହୋଇଥିଲା। ଅଦାଲତ ନିଜ ରାୟରେ ଏହାକୁ ହତ୍ୟା ବୋଲି ଦର୍ଶାଇଛନ୍ତି। ଘଟଣା ସହ ଜଡ଼ିତ ୧୧ ଜଣ ପୋଲିସ କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

୨୦୨୦ରେ ଉତ୍ତରପ୍ରଦେଶର କୁଖ୍ୟାତ ଅପରାଧୀ ବିକାଶ ଦୁବେଙ୍କୁ ଏନ୍‌କାଉଣ୍ଟର କରାଗଲା। ବିକାଶ ବିରୋଧରେ ୬ ଜଣ ପୋଲିସ କର୍ମଚାରୀଙ୍କ ହତ୍ୟା ଅଭିଯୋଗ ଥିଲା। ତାଙ୍କୁ ଧରିବା ପାଇଁ ଉତ୍ତରପ୍ରଦେଶ ପୋଲିସ ଉଦ୍ୟମ କରିଥିଲା। ତେବେ ମଧ୍ୟପ୍ରଦେଶ ପୋଲିସ ଦ୍ୱାରା ସେ ଧରାପଡ଼ିଥିଲେ। ମଧ୍ୟପ୍ରଦେଶ ପୋଲିସ ତାଙ୍କୁ ଉତ୍ତରପ୍ରଦେଶ ପୋଲିସକୁ ହସ୍ତାନ୍ତର କରିଥିଲା। ଉତ୍ତରପ୍ରଦେଶ ପୋଲିସ ତାକୁ ଆଇନର ଜାଲ ମଧ୍ୟକୁ ଆଣିବାକୁ ଯାଇ ବାଟରେ ଗୁଳିକରି ହତ୍ୟାକଲା। ବିକାଶକୁ ଯେଉଁ ଗାଡ଼ିରେ ଅଣାଯାଉଥିଲା ଉକ୍ତ ଗାଡ଼ି ବାଟରେ ବର୍ଷା ଯୋଗୁ ଦୁର୍ଘଟଣାଗ୍ରସ୍ତ ହେଲା। ଏହି ସମୟରେ ପୋଲିସ ଉପରେ ଆକ୍ରମଣ କରି ବିକାଶ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଏନ୍‌କାଉଣ୍ଟରରେ ତା'ର ମୃତ୍ୟୁ ଘଟିଲା ବୋଲି ପୋଲିସ ସୂଚନା ଦେଲା। ଏହା ଏକ କାହାଣୀ ଭଳି ମନେ ହୁଏ। ଓଡ଼ିଶାରେ ମଧ୍ୟ ବିଭିନ୍ନ ସମୟରେ ଏନ୍‌କାଉଣ୍ଟର କରାଯାଉଥିବା ଦେଖାଯାଉଛି। ୨୦୨୧ ରେ ଅପରାଧୀ ହାଇଦରକୁ କଟକର ଚୌଦ୍ୱାର ଜେଲରୁ ବାରିପଦା ଜେଲକୁ ସ୍ଥାନାନ୍ତର କରାଯାଉଥିବା ରାସ୍ତାରେ ବାଲେଶ୍ୱରର ସିମୁଳିଆ ନିକଟରେ ଏନ୍‌କାଉଣ୍ଟର ଦ୍ୱାରା ହତ୍ୟା କରାଯାଇଥିଲା। ଅନ୍ୟ କେତେକ ଘଟଣାରେ ମଧ୍ୟ ପୋଲିସ ଏନ୍‌କାଉଣ୍ଟରରେ ଆସାମୀ ପଙ୍ଗୁ ହୋଇଥିବା ଦେଖାଯାଇଛି। ଭାରତ ପରି ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସର ଏ ପ୍ରକାର ମାନସିକତା ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ।

ସମସ୍ତ ଏନ୍‌କାଉଣ୍ଟର ଘଟଣାରେ ପୋଲିସର କାହାଣୀ ସମାନ। ଆସାମୀ ଖସି ପଳାଇଯିବାକୁ ଚେଷ୍ଟା କରୁଥିଲା ବା ପୋଲିସ ନିକଟରୁ ମାରଣାସ୍ତ୍ର ଛଡ଼ାଇବାକୁ ଉଦ୍ୟମ କରିଥିଲା। ଫଳରେ ଆତ୍ମରକ୍ଷା ପାଇଁ ଗୁଳି ଚଳାଇବାକୁ ପଡ଼ିଲା ବୋଲି ପୋଲିସ କୁହେ। କଡ଼ା ନିରାପତ୍ତା ମଧ୍ୟରେ ହାତ ଓ ଅଣ୍ଟାରେ ବେଡ଼ି ପକାଇ ନିଆଯାଉଥିବା ଆସାମୀ ସମ୍ପର୍କରେ ପୋଲିସର ଏହି ମନ୍ତବ୍ୟ ଗ୍ରହଣୀୟ ହୋଇ ନ ପାରେ। ପୋଲିସର ଏ ପ୍ରକାର ଆଇନ ବହିର୍ଭୂତ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥା ଉପହାସିତ ହେଉଛି। ଏନ୍‌କାଉଣ୍ଟର ଦ୍ୱାରା ଯେ ଅପରାଧ ତତ୍ତ୍ୱ ଲୋପ ପାଇଯିବ ସେଥିରେ କିଛି ନିଶ୍ଚିତତା ନାହିଁ। ବରଂ ଏହାଦ୍ୱାରା ଆଇନର ଶାସନରୁ ଜନତାଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାକୁ ଯାଉଛି। ନିଜକୁ ନିର୍ଦ୍ଦୋଷ ପ୍ରମାଣ ପାଇଁ ଆସାମୀକୁ ଯେଉଁ ଅଧିକାର ପ୍ରଦାନ କରାଯାଇଛି ତାହା ମଧ୍ୟ କ୍ଷୁଣ୍ଣ ହେଉଛି। ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ବାଧାପ୍ରାପ୍ତ ହେଉଛି। ଏହି କାର୍ଯ୍ୟକୁ ମାନବିକ ଅଧିକାର ଉଲ୍ଲଂଘନ ବୋଲି ବିବେଚନା କରାଯାଇପାରେ। କୌଣସି ଜଘନ୍ୟ ଅପରାଧରେ ସାଧାରଣରେ ଭାବପ୍ରବଣତା ସୃଷ୍ଟି ହୋଇପାରେ। ସାଧାରଣ ଜନତାଙ୍କ ସମବେଦନା ପ୍ରକାଶ ପାଇଥାଏ। କିନ୍ତୁ ଆଇନର ଶାସନରେ ଆବେଗ ବା ଭାବପ୍ରବଣତାର ସ୍ଥାନ ନାହିଁ। ଭାରତୀୟ ପୋଲିସ ଆଇନକୁ ହାତକୁ ନେବା ଦ୍ୱାରା ଅନ୍ତର୍ଜାତୀୟସ୍ତରରେ ଦେଶର ଛବି ମଳିନ ପଡୁଛି। ସମୟ ଆସିଛି ବିଗତ ୧୦ ବର୍ଷରେ ଦେଶରେ ପୋଲିସ ଦ୍ୱାରା କେତେ ଏନ୍‌କାଉଣ୍ଟର ହୋଇଛି ଓ ଏଥିମଧ୍ୟରୁ କେତେସଂଖ୍ୟକ ମିଥ୍ୟା ସେ ସମ୍ପର୍କରେ ତଦନ୍ତ କରାଯିବା ଆବଶ୍ୟକ।

ମୋ:୯୪୩୭୨୨୯୨୩୩

# ସୁସ୍ଥ ଜୀବନର ପ୍ରତ୍ୟାଶା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ବିଶ୍ୱର ୮୦୦ କୋଟି ଲୋକ ଜୀବନ ନିର୍ବାହ କରୁଛନ୍ତି ଏବଂ ସମସ୍ତ ଆବଶ୍ୟକତାର ପରିପୂରଣ ନିମନ୍ତେ ଧରିତ୍ରୀର ସମ୍ବଳ ଉପରେ ସେମାନେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଠିକ୍ ସେହି ମର୍ମରେ ପ୍ରାୟ ୧୩.୬ ନିୟୁତ ସଂଖ୍ୟାରେ ଉପଲବ୍ଧ ଥିବା ଅନ୍ୟ ସମସ୍ତ ପ୍ରାଣୀ, ଉଦ୍ଭିଦ ଏବଂ ଅଣୁଜୀବମାନେ ମଧ ପ୍ରକୃତି ମାତା କ୍ରୋଡ଼ରେ ଜୀବନ ନିର୍ବାହ କରୁଛନ୍ତି। କିନ୍ତୁ ପରିତାପର ବିଷୟ ଏହି ଅସାଧାରଣ ଜୀବନ୍ତ ଗ୍ରହ ବର୍ତ୍ତମାନ ଅସୁସ୍ଥତାରେ ଜର୍ଜରିତ ହୋଇ କ୍ରମଶଃ ବିନାଶ ଦିଗରେ ଅଗ୍ରସର ହେଉଛି। ପୃଥିବୀର ଅସୁସ୍ଥତା ଏବଂ ପରିବେଶର ଗୁଣାତ୍ମକ ମାନରେ ଅବକ୍ଷୟ ମୂଳରେ ରହିଛି ଜନସଂଖ୍ୟା ବିସ୍ଫୋରଣରୁ ସୃଷ୍ଟ ଚାପ ଏବଂ ମାନବୀୟ ନକାରାତ୍ମକ, ଅସହନୀୟ କାର୍ଯ୍ୟଧାରାର ବିନାଶକାରୀ ପ୍ରଭାବ। ଯେତେବେଳେ ମାତା ପ୍ରପୀଡ଼ିତ, ସେତେବେଳେ ସନ୍ତାନ ସୁସ୍ଥ ଜୀବନଯାପନର ପ୍ରତ୍ୟାଶା କରିବା ନିଶ୍ଚିତ ଏକ ବୃଥା ପ୍ରୟାସ।

୧୯୭୦ରୁ ପାଳିତ ହୋଇଆସୁଥିବା ଧରିତ୍ରୀ ଦିବସ ଅବସରରେ ଆଜି ଦୁଇଟି ମୁଖ୍ୟ ପ୍ରସଙ୍ଗ ଆମ ସମ୍ମୁଖରେ ଉଭା ହୋଇଛି, ଯାହା ହେଉଛି ପ୍ରକୃତି ଓ ପରିବେଶର ସ୍ଥିରତାରେ ବ୍ୟାଘାତ ଏବଂ ଜଳବାୟୁର ପରିବର୍ତ୍ତନ। ଏହା ମାନବଜାତିକୁ ଜ୍ଞାତ ଯେ ଜୀବନଧାରଣ ନିମନ୍ତେ ଆବଶ୍ୟକ ସମସ୍ତ ମୌଳିକ ପଦାର୍ଥ ହିଁ ପୃଥିବୀ ପ୍ରଦାନ କରେ। କିନ୍ତୁ ଯଦି ପରିବେଶ ପ୍ରଦୂଷିତ ହୁଏ ଏବଂ ଏହାର ଗୁଣାତ୍ମକ ମାନରେ ଅବନତି ଘଟେ ତଥା ପ୍ରକୃତି ଅବକ୍ଷୟିତ ହୁଏ ଏବଂ ଏହାର ପୁନଃ ଉତ୍ପାଦନ କ୍ଷମତାରେ ହ୍ରାସ ଘଟେ, ତେବେ ଆମ ଆବଶ୍ୟକତା ପୂରଣ କରିବାରେ ସେମାନେ ଅସମର୍ଥ ହେବେ। ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ହ୍ରାସ ଏବଂ ଜନସଂଖ୍ୟା ବିସ୍ଫୋରଣ ହେଉଛି ପୃଥିବୀ ସମ୍ପ୍ରତି ସମ୍ମୁଖୀନ ହେଉଥିବା ପ୍ରମୁଖ ତ୍ରିଗୁଣ ବିପଦ। ପୃଥିବୀର ଅସୁସ୍ଥତା ବୃଦ୍ଧିର ପରିଣାମରେ ଆମେ ପ୍ରଦୂଷିତ ବାୟୁକୁ ନିଃଶ୍ୱାସରେ, ଅପରିଷ୍କୃତ ଜଳକୁ ପାନୀୟ ରୂପେ ଏବଂ ବିଷାକ୍ତ ପଦାର୍ଥରେ ସଂକ୍ରମିତ ଉଦ୍ଭିଦ ଏବଂ ପ୍ରାଣୀଙ୍କୁ ଖାଦ୍ୟ ଭାବେ ଗ୍ରହଣ କରୁଛୁ, ଯାହା ଶରୀରରେ ବିବିଧ ରୋଗ ଏବଂ ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି। ପ୍ରାୟ ୧୧,୦୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା କୃଷିକର୍ମର ପ୍ରାରମ୍ଭରୁ ଏପର୍ଯ୍ୟନ୍ତ ପୃଥିବୀ ଏହାର ସ୍ଥଳଭାଗସ୍ଥ ଆନୁମାନିକ ୫୦% ଉଦ୍ଭିଦ ଏବଂ ୨୦% ପ୍ରାଣୀ ଜୈବବିବିଧତା ହରାଇ ସାରିଲାଣି। ପ୍ରତ୍ୟେକ ବର୍ଷ ଏକ କୋଟି ହେକ୍ଟର ଆକାରର ଜଙ୍ଗଲ ବିକାଶମୂଳକ କାର୍ଯ୍ୟ ନିମନ୍ତେ ଧ୍ୱଂସପ୍ରାପ୍ତ ହେଉଛି। ଅତଏବ ନିରନ୍ତର ଜଳବାୟୁ ପରିବର୍ତ୍ତନ ଜନିତ ବ୍ୟାଘାତ, ସମୂହ ବିଲୁପ୍ତି ଏବଂ ସ୍ୱାସ୍ଥ୍ୟ ସଙ୍କଟର ପରିଣାମରେ ମାନବଜାତି କ୍ରମଶଃ ଏକ ଭୟାନକ ଭବିଷ୍ୟତ ଦିଗରେ ଅଗ୍ରସର ହେଉଛି। ଏପରି ପୃଷ୍ଠଭୂମିରେ, ଆମର ସମୟ, ସମ୍ବଳର ଉତ୍ସ ଏବଂ ଶକ୍ତିକୁ ଗମ୍ଭୀର ପରିବେଶୀୟ ସଙ୍କଟର ସମାଧାନ ନିମନ୍ତେ ଉତ୍ସର୍ଗୀକୃତ ଭାବେ ବିନିଯୋଗ କରିବାକୁ ଧରିତ୍ରୀ ଦିବସ ଆହ୍ୱାନ ପ୍ରଦାନ କରେ। ସମଗ୍ର ବିଶ୍ୱର ଲକ୍ଷ ଲକ୍ଷ ଲୋକ ସମ୍ମିଳିତ ଭାବରେ ଗ୍ରହର ସୁରକ୍ଷା ନିମନ୍ତେ ଏକ ଅନ୍ତର୍ଭୁକ୍ତ ଏବଂ ପ୍ରଭାବଶାଳୀ ଅଭିଯାନ ସୃଷ୍ଟି କରିପାରିଲେ, ଏହାକୁ ଅଣଦେଖା କରିବା ଅନ୍ୟମାନଙ୍କ ପାଇଁ ଅସମ୍ଭବ ବୋଧହେବ।

ବିନାଶକାରୀ କାର୍ଯ୍ୟକ୍ରମର ପ୍ରତିଫଳନରେ ସୃଷ୍ଟ ଇତିହାସର ଏପରି ଆହ୍ୱାନକାରୀ ସମସ୍ୟାସବୁକୁ



ଅତ୍ୟନ୍ତ ଗମ୍ଭୀରତାର ସହ ଅନ୍ତର୍ଦୃଷ୍ଟି ପ୍ରୟୋଗପୂର୍ବକ ମଣିଷକୁ ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏଥିନିମନ୍ତେ ପୃଥିବୀର ପ୍ରକୃତି ଓ ପରିବେଶର ଭୌତିକ ତଥା ଜୈବିକ ଗଠନ ପ୍ରକ୍ରିୟା ଏବଂ କାର୍ଯ୍ୟକାରିତା ପ୍ରଣାଳୀକୁ ଉତ୍ତମ ରୂପେ ହୃଦୟଙ୍ଗମ କରିବା ବାଞ୍ଛନୀୟ। ଏହାର ସମ୍ବଳର ଉତ୍ସଗୁଡ଼ିକୁ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବରେ ବିନିଯୋଗ କରିବାର ଉପାୟ ଅବଲମ୍ବନ କରିବା ଆମର ନୈତିକ କର୍ତ୍ତବ୍ୟ। ଆମର ଭୂମିକା ଦୃଢ଼, ସୃଜନଶୀଳ, ଅଭିନବ ଏବଂ ସକାରାତ୍ମକ ହେଲେ ଆହ୍ୱାନକାରୀ ପରିବେଶ ସଙ୍କଟର ସମାଧାନର ପନ୍ଥା ନିରୂପଣ ସହଜସାଧ୍ୟ ହେବ। ଆମେ ପ୍ରକୃତିର ଗୁଣାତ୍ମକ ମାନରେ ଅଭିବୃଦ୍ଧି ଘଟାଇବା ଲକ୍ଷ୍ୟରେ ବିଭିନ୍ନ ସକାରାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କଲେ ଏହା ସମୃଦ୍ଧ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ୨୦୨୩ର ଧରିତ୍ରୀ ଦିବସ ପାଳନର ପ୍ରସଙ୍ଗ ରଖାଯାଇଛି, 'ଆମ ଗ୍ରହରେ ପୁଞ୍ଜି ବିନିଯୋଗ କରନ୍ତୁ'। ଆମ ପରିବେଶର ଉନ୍ନତି ତଥା ଆଗାମୀ ବଂଶଜମାନଙ୍କୁ ଏକ ଉତ୍ତମ ଏବଂ ନିରାପଦ ଭବିଷ୍ୟତ ଅର୍ପଣ କରିବା ଉଦ୍ଦେଶ୍ୟରେ ଆମ ଗ୍ରହରେ ପୁଞ୍ଜି ବିନିଯୋଗ କରିବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ବିଶ୍ୱ ସ୍ତରରେ ସରକାର, ଅନୁଷ୍ଠାନ, ବ୍ୟବସାୟିକ ସଂସ୍ଥା ଏବଂ ନାଗରିକ ସମାଜ ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ କରାଯିବା ଏକାନ୍ତ ଅପରିହାର୍ଯ୍ୟ। ଗ୍ରହର ସୁରକ୍ଷା ନିଶ୍ଚିତ କରିବା ଏବଂ ଏକ ସମୃଦ୍ଧ ଭବିଷ୍ୟତ ଆଡକୁ ପଥ ପ୍ରସ୍ତୁତ କରିବାର ଏହା ସର୍ବୋତ୍ତମ ଉପାୟ। ସମସ୍ତେ ଏପରି ଅଭିଯାନକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କଲେ ସାରା ବିଶ୍ୱରେ ଏକ ସୁସ୍ଥ, ସୁଖଦ ଏବଂ ଉନ୍ନତ ସମ୍ପ୍ରଦାୟର ସୃଷ୍ଟି ସମ୍ଭବପର ହେବ।

ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରତ୍ୟେକ ସ୍ତରରେ ଛାତ୍ରୀଛାତ୍ରମାନଙ୍କୁ ଗ୍ରହର ସ୍ଥିରତା ରକ୍ଷା ଏବଂ ଜଳବାୟୁର ଠିକ୍ ମୁକାବିଲା ନିମନ୍ତେ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି। ଛାତ୍ରମାନେ ମଧ ଧରିତ୍ରୀ ଦିବସ, ପରିବେଶ ଦିବସ, ଜୈବବିବିଧତା ଦିବସ, ପ୍ରଦୂଷଣ ନିୟନ୍ତ୍ରଣ ଦିବସ, ଆଦ୍ରଭୂମି ଦିବସ ଇତ୍ୟାଦି ପାଳନ ପ୍ରକ୍ରିୟାରେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜ ମଧ୍ୟରେ ଅଧିକ ପ୍ରତିବଦ୍ଧତା ସୃଷ୍ଟି କରିପାରିବେ। ସରକାରଙ୍କଠାରୁ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ, ସମସ୍ତଙ୍କର ପରିବେଶୀୟ ସଙ୍କଟସବୁର ସମାଧାନ ନିମନ୍ତେ ସକ୍ରିୟ ଭୂମିକା ନିର୍ବାହ କରିବାର ଦାୟିତ୍ୱ ରହିଛି। ବ୍ୟବସାୟିକ ସଂସ୍ଥା ଓ କମ୍ପାନୀମାନେ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ପୃଥିବୀର ସୁସ୍ଥତା ଏବଂ ସ୍ଥିରତା ହିଁ ଉଭୟ ମାନବଜାତି ଓ ବ୍ୟବସାୟ ନିମନ୍ତେ ସମୃଦ୍ଧିର ପଥ ପ୍ରଦର୍ଶନ କରେ। ଏହି ଦୃଷ୍ଟିରୁ, କେବଳ ଲାଭାର୍ଜନରେ ବୃଦ୍ଧି ନୁହେଁ, ବରଂ ସବୁଜ ବା ପରିବେଶଧର୍ମୀ କାର୍ଯ୍ୟକ୍ରମ ଗ୍ରହଣ ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ବିଧେୟ। କମ୍ପାନୀମାନେ ଏଥିନିମନ୍ତେ ସଜାଗ ନ ହେଲେ, ଜଳବାୟୁ ପରିବର୍ତ୍ତନ ଆଗକୁ ଆମ ଅର୍ଥନୀତିରେ ଅଧିକ ବିପର୍ଯ୍ୟୟ ଘଟାଇବ। ଧରିତ୍ରୀ ଦିବସ ପାଳନ ଅବସରରେ ସମସ୍ତ ହିତାଧିକାରୀଙ୍କର ପ୍ରକୃତି ମାତା ପ୍ରତି ସମର୍ପଣ ଭାବର ପରିପ୍ରକାଶ ହିଁ ସୁସ୍ଥ ଜୀବନଯାପନର ପ୍ରତ୍ୟାଶାକୁ ପୂରଣ କରିବାରେ ସମର୍ଥ ହେବ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି,
ଭୁବନେଶ୍ୱର
ମୋ-୯୪୩୭୦୭୬୧୦୦

## ଏଇ ଭାରତରେ

ପିଲାଦିନରୁ ସଂଘର୍ଷ କରି ଉତ୍ତରାଖଣ୍ଡର ହିମାଂଶୁ କଫଲ୍ଟିଆ ସିଭିଲ୍ ସର୍ଭିସ୍‌ରେ କୃତକାର୍ଯ୍ୟ ହେବା ପରେ ଏସ୍‌ଡିଏମ୍ ଭାବେ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେ କେବଳ ତାଙ୍କ ଦାୟିତ୍ୱ ଭିତରେ ସୀମିତ ରହିନାହାନ୍ତି, ବରଂ ଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକରେ ଲାଇବ୍ରେରି ଖୋଲୁଛନ୍ତି। ସେ ପଢ଼ିବା ସମୟରେ ବହି ପାଇବା ଲାଗି ଯେଉଁଭଳି ଅସୁବିଧାର ସମ୍ମୁଖୀନ ହେଉଥିଲେ ତାହା ଅନ୍ୟ କାହା ଜୀବନରେ ନ ଆସୁ, ସେହି ବିଚାରଧାରାକୁ ନେଇ ଏଭଳି କାର୍ଯ୍ୟ ଜାରି ରଖିଛନ୍ତି। ହିମାଂଶୁ ୨୦୨୦ରେ ଟକନ୍‌ପୁରରେ ପ୍ରଥମ ଲାଇବ୍ରେରି ଖୋଲିଥିଲେ। ପ୍ରାରମ୍ଭରୁ ହିମାଂଶୁ ନିଜ ଖର୍ଚ୍ଚରେ ବହି କିଣୁଥିଲେ। ପରେ ସେ ଏଥିପାଇଁ ଏକ ଅଭିଯାନ ଚଳାଇଲେ, ଯେଉଁଥିରେ ପ୍ରତ୍ୟେକ ସକ୍ଷମ ବ୍ୟକ୍ତିଙ୍କୁ ୨ଟି ବହି ଦାନ କରିବାକୁ ଅନୁରୋଧ କରିଥିଲେ। ଏହି ଅଭିଯାନ ତାଙ୍କର ସଫଳ ହେଲା ଓ ସେ ଅଧିକରୁ ଅଧିକ ଲାଇବ୍ରେରି ଖୋଲିବାରେ ଲାଗିଲେ। ଯେଉଁସବୁ ଗାଁରେ ଏହି ଲାଇବ୍ରେରି ଖୋଲାଯାଇଛି ତାହା ୨୪ ଘଣ୍ଟା ଖୋଲା ରହୁଛି। ସକାଳ ୫ଟାରୁ ଛାତ୍ରମାନଙ୍କର ଆସିବା ଆରମ୍ଭ ହେଉଛି ଓ ବିଳମ୍ବିତ ରାତି ଯାଏ ସେମାନେ ସେଠାରେ ପଢୁଛନ୍ତି। ଲାଇବ୍ରେରିରେ ଛାତ୍ରମାନଙ୍କ ପାଇଁ ପ୍ରତିଯୋଗୀ ପରୀକ୍ଷାଭିତ୍ତିକ ବହି ସହ ଅନ୍ୟ ବହି ବି ରଖାଯାଉଛି। ଫଳରେ ଗାଁର ବୟସ୍କମାନେ ସେଠାରେ ପଢ଼ିବାର ସୁବିଧା ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୯୮

- ରେଳବାଇ ନିଯୁକ୍ତି ବୋର୍ଡରେ ବ୍ୟାପକ ଅନିୟମିତତା ଅଭିଯୋଗ ମିଳିବା ପରେ ୧୨ ଜଣ ଆଞ୍ଚଳିକ ରେଳବାଇ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ବହିଷ୍କୃତ।
- ସାମାନ୍ୟ ସ୍ଲୋଗାନ ଘଟଣାକୁ କେନ୍ଦ୍ରକରି ରାଜ୍ୟ ଶାସକ ଦଳର ପରସ୍ପର ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ମାଡ଼ପିଟ ହେବା ଯୋଗୁ ସ୍ଥାନୀୟ କଂଗ୍ରେସ ଭବନ ପରିସର ରଣାଙ୍ଗନରେ ପରିଣତ।

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦନ ଶ୍ରମିକଙ୍କୁ କେବେ ମିଳିବ କର୍ମନିଯୁକ୍ତି

ମହାଶୟ,

ଖଟିଖିଆ, ଦିନମଜୁରିଆମାନେ କୌଣସି କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଘରଦ୍ୱାର ଛାଡ଼ି ପିଲାଛୁଆଙ୍କୁ ସାଥିରେ ଧରି ଚାଲିଯାଉଛନ୍ତି। ଗଞ୍ଜାମ ଜିଲାରୁ ଅଧିକ ସଂଖ୍ୟକ ଦାଦନ ଖଟିବାକୁ ଯାଉଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ମହିଳା ଓ ଛୋଟ ପିଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ବିଶେଷ ଭାବେ ବେଙ୍ଗାଲୁରୁ ଓ ସୁରଟର ଠିକାଦାରଙ୍କ ଅଧୀନରେ ଏମାନେ କାମ କରୁଛନ୍ତି। ମଜୁରି ମାଗିଲେ ଆଜି ଦେବା କାଲି ଦେବା କହି ଠକୁଛନ୍ତି। କେତେଜଣ ମାଲିକ ଅମାନୁଷିକ ଭାବେ ମାଡ଼ ମଧ ମାରୁଛନ୍ତି। ଖାଇବାକୁ ଗଣ୍ଡେ ନ ପାଇ କେତେକେ ମଧ ଘରକୁ ପଳାଇ ଆସୁଛନ୍ତି। ଏମାନଙ୍କୁ ସରକାର କେବେ ନିଶ୍ଚିତ କର୍ମନିଯୁକ୍ତି ଦେଇ କ୍ଷୁଧାମୁକ୍ତ କରିବେ ?

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

## ଚିରନ୍ତନୀ

ହୋଇଛି ଶୀତଳ ପୂତ ବିରଚି
ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ
ସଞ୍ଚିତ ଅଭିଳାଷ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜେଲ କର୍ମଚାରୀଙ୍କ ବଦଳିରେ ନିୟମ ଉଲ୍ଲଂଘନ ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ,୨୧।୪:** ଜେଲ କର୍ମଚାରୀଙ୍କ ବଦଳି ସଂକ୍ରାନ୍ତରେ ସରକାରୀ ନିୟମକୁ ଉଲ୍ଲଂଘନ ଓ ବଦଳି ବନ୍ଦ ନେଇ ସୋସିଆଲ ମିଡିଆରେ ବେଆଇନ ପ୍ରଚାରକୁ ନେଇ ଶୁକ୍ରବାର ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ସରକାରଙ୍କ ବଦଳି ନିୟମ କଡ଼ାକଡ଼ି କରିବାକୁ ସାମାଜିକ କର୍ମୀ ଡ. ସୁନୀଲ କୁମାର ରଥଙ୍କ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି। ଚଳିତବର୍ଷ କାହାର ବଦଳି ନ କରିବାକୁ ଜେଲ ଡିଆଇଜିଙ୍କୁ ଜେଲ ଡିଜି ନିର୍ଦ୍ଦେଶ ଦେଇଥିବା ସଂକ୍ରାନ୍ତ ଏକ ତଥ୍ୟ ସୋସିଆଲ ମିଡିଆରେ ପ୍ରଚାର କରାଯିବା ନେଇ ସେ ଆବେଦନରେ ଉଲ୍ଲେଖ କରିଛନ୍ତି। ଡ. ରଥ ଏ ସଂକ୍ରାନ୍ତରେ ଜେଲ ଡିଜି ଓ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳି ନ ଥିଲା। ଫଳରେ ସେ ବାଧହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋସିଆଲ ମିଡିଆରେ ବେଆଇନ ପୋଷ୍ଟ କରିଥିବା କର୍ମଚାରୀ ତଥା ଡିଜି, ଆଇଜିଙ୍କୁ କାହିଁକି ବହିଷ୍କାର କରା ନ ଯିବ ସେନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେବା ପାଇଁ ସେ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ଜେଲ ଡିଜି, ଜେଲ ଡିଆଇଜିଙ୍କ ସମେତ ୭ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ରାଜ୍ୟବ୍ୟାପୀ ଅଭିଭାବକ-ଶିକ୍ଷକ ବୈଠକ

## ଯୋଗଦେଲେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ସାରା ରାଜ୍ୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ ଏହି ବୈଠକରେ ୨୫ ଲକ୍ଷରୁ ଅଧିକ ଅଭିଭାବକ ଯୋଗଦେଇଥିଲେ। ପ୍ରଥମେ ଅଭିଭାବକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷାକ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା 'ଶୈକ୍ଷିକ କ୍ୟାଲେଣ୍ଡର', ହୋଇଥିବା ପ୍ରବେଶ ଉତ୍ସବ, ଶିକ୍ଷା ସଚେତନତା ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ, ପୋଷାକ, ସାଇକେଲ ବଣ୍ଟନ, ଅଂଶୁଘାତ ପ୍ରତି ସାବଧାନତା, ସାଇବର ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଚଳିତବର୍ଷ ରାଜ୍ୟ ସରକାର ଗ୍ରୀଷ୍ମ ଅବକାଶରେ ପ୍ରାଥମିକ ଓ ମାଧ୍ୟମିକସ୍ତରର ପିଲାଙ୍କ ପାଇଁ ଆରମ୍ଭ ହୋଇଥିବା 'ଗ୍ରୀଷ୍ମାବକାଶ ହୋମ୍‌ୱାର୍କ' ଲାଗି ପିଲାଙ୍କୁ ପ୍ରୋତ୍ସାହିତ କରିବାକୁ କୁହାଯାଇଥିଲା। ସେହିପରି ସାଇବର ସଚେତନତା ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ସଭାରେ 'ଶିକ୍ଷାରେ ଉତ୍କର୍ଷ ଆଣିଛି ଓଡ଼ିଶା' ମାଧ୍ୟମରେ ଆମ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଡାକ୍ତରୀ ଓ ବୈଷୟିକ ଶିକ୍ଷାରେ ନାମ ଲେଖାଇବା ପାଇଁ ୧୫ ପ୍ରତିଶତ ସିଟ୍ ସଂରକ୍ଷଣ ଏକ ନୂଆ ପଦକ୍ଷେପ ବୋଲି ଅଭିଭାବକଙ୍କୁ ସୂଚନା ଦିଆଯାଇଥିଲା। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଶିକ୍ଷାନୁଷ୍ଠାନର ଉନ୍ନତୀକରଣ ଓ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷା ବିଭାଗର ବହୁ ପଦାଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ।






ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ବୈଠକ।

# ପାଇଥିବା ସୁନା ଅଳଙ୍କାର, ୩ ଲକ୍ଷ ଟଙ୍କା ଫେରାଇଲେ

ଧାମନଗର,୨୧।୪ (ସ୍ୱ.ପ୍ର.)

ବାଟରୁ ପାଇଥିବା ସୁନା, ରୁପା ଅଳଙ୍କାର ଓ ୩ ଲକ୍ଷ ଟଙ୍କା ଫେରାଇ ମହାନତା ଦେଖାଇଛନ୍ତି ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପାହାଡ଼ପୁର ଅଞ୍ଚଳର ଯୁବ ଖବରଦାତା ସରୋଜ କୁମାର ଖୁଣ୍ଟିଆ। ସରୋଜ ଗତ ୧୫ ତାରିଖରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଯାଜପୁର ଜିଲାର ଛତିଆ ପରେ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଗୋଟିଏ କଳା ବ୍ୟାଗ୍ ରାସ୍ତା ଉପରେ ପଡ଼ିଥିବା ଦେଖି ଉଠାଇ ନେଇଥିଲେ। କଟକ ସିଡିଏ ୧୧ ସ୍ଥିତ ତାଙ୍କ ବାସଭବନରେ ବ୍ୟାଗ୍‌କୁ ରଖିବା ସହ ସେଥିରେ ଥିବା ଅଳଙ୍କାର ଓ ଡକ୍ୟୁମେଣ୍ଟର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରେ ବହୁଳ ପ୍ରସାର ପରେ ବ୍ୟାଗ୍‌ଟି ହଜାଇଥିବା ବ୍ୟକ୍ତି ତାଙ୍କ ସହ ଯୋଗାଯୋଗ କରିଥିଲେ। ବ୍ୟାଗ୍‌ଟି ଯାଜପୁର ଜିଲା ଦଶରଥପୁର ବ୍ଲକ ଅଳକୁଣ୍ଡ ନିକଟ ନୂଆଗାଁର ଦମ୍ପତି ଗେଲୁ ପଲେଇ ଓ କେଲୁ ପଲେଇଙ୍କର। କେଲୁ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ଛତିଆ ପରେ ପରେ ତାଙ୍କର ଉକ୍ତ ବ୍ୟାଗ୍ ଖସିପଡ଼ିଥିଲା। ସରୋଜଙ୍କ ସହ ଯୋଗାଯୋଗ କରି ଗୁରୁବାର ଏହି ଦମ୍ପତି କର୍ମକ୍ଷେତ୍ର ଭୁବନେଶ୍ୱରରୁ ଆସି କଟକ ସିଡିଏ କଲୋନୀରେ ପହଞ୍ଚି ନିଜର ପ୍ରମାଣପତ୍ର ଦେଖାଇ ସୁ ନା ଚୁଡ଼ି, ଦେଢ଼ଶହ ଗ୍ରାମର ରୁପା, ଟଙ୍କା ଓ ଡକ୍ୟୁମେଣ୍ଟ ସରୋଜଙ୍କଠାରୁ ନେଇଛନ୍ତି। ଏଥିପାଇଁ ସେମାନେ ସରୋଜଙ୍କୁ କୃତଜ୍ଞତା ଜଣାଇଥିଲେ। ସରୋଜଙ୍କ ମହାନତା ଓ ମାନବିକତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।



ପାହାଡ଼ପୁର ଅଞ୍ଚଳର ସରୋଜ ଖୁଣ୍ଟିଆ ଦମ୍ପତିଙ୍କୁ ଅଳଙ୍କାର ଫେରାଉଛନ୍ତି।

# ଭାଲିଆ ମାଗିବାରୁ ମହିଳାଙ୍କୁ ହତ୍ୟା

କୋରାପୁଟ,୨୧।୪/(ସ୍ୱ.ପ୍ର.)

ଭାଲିଆ ଭାଗବଣ୍ଟାକୁ ନେଇ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। କୋରାପୁଟ ସଦର ଥାନା ହଳଦୀପୁଟ ଗ୍ରାମରେ ଏପରି ଘଟଣା ଘଟିଛି। ସମ୍ପୃକ୍ତା ମହିଳାଙ୍କୁ ଜଣେ ନାବାଳକ ହତ୍ୟା କରିଥିବା ଜଣାପଡିଛି। ଏନେଇ ମହିଳାଙ୍କ ସ୍ୱାମୀ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନାବାଳକଙ୍କୁ ଧରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି।

ଖବରରୁ ଜଣାପଡିଛି, ହଳଦୀପୁଟ ଗ୍ରାମର ଦାମ ଖିନବୁଡିଙ୍କ ସ୍ତ୍ରୀ ସଇତା (୩୦) ନିଜ ଗ୍ରାମ ନୂଆଗୁଡାରୁ ହଳଦୀପୁଟ ଫେରୁଥିବାବେଳେ ଗ୍ରାମର ନାବାଳକ ଜଣକ (୧୭) ଗ୍ରାମ ମୁଣ୍ଡରେ ଭାଲିଆ(ଲଙ୍କା ଆମ୍ବ) ଖାଉଥିଲେ। ଏହା ଦେଖି ସଇତା ତାଙ୍କୁ ଭାଲିଆ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନାବାଳକ ଜଣକ ଘରକୁ ଯାଇ ଏକ ବର୍ଚ୍ଛା ଆଣି ସଇତାଙ୍କୁ ଭୁସି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ସ୍ୱାମୀ ଦାମ କହିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୩୦୨ କେସ୍ ନଂ-୫୪/୨୩ରେ ଏକ ମାମଲା ରୁଜୁ କରିଛି। ଥାନା ଅଧିକାରୀ କିରଣବାଳା ସାମଲ ହଳଦୀପୁଟରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ହତ୍ୟାରେ ବ୍ୟବହୃତ ବର୍ଚ୍ଛା ମଧ୍ୟ ଜବତ ହୋଇଛି। ସମ୍ପୃକ୍ତ ନାବାଳକଙ୍କୁ ଧରି ଆଣି ତାଙ୍କୁ ଜୟପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି।

# ବୃଦ୍ଧାଙ୍କ ଘରକୁ ଆସିବ ଭତ୍ତା, ମିଳିଲା ହ୍ୱିଲ ଚେୟାର




ବାଣ୍ଣୁଆଗୁଡା ଗାଁରେ ସୂର୍ଯ୍ୟ ହରିଜନଙ୍କୁ ବ୍ୟାଙ୍କ ପକ୍ଷର ଭତ୍ତା ଓ ହ୍ୱିଲ ଚେୟାର ଦିଆଯାଉଛି।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଟୁଇଟ୍ ପରେ ପ୍ରଶାସନ, ଏସ୍‌ବିଆଇ ତତ୍ପର

ନବରଙ୍ଗପୁର,୨୧।୪(ବି.ପ୍ର.)

ଫିଙ୍ଗର ପ୍ରିଣ୍ଟ ମିଶୁ ନ ଥିବାରୁ ୩ ମାସ ହେଲା ବୃଦ୍ଧାଙ୍କୁ ଭତ୍ତା ମିଳୁ ନ ଥିଲା। ପେନସନ ପାଇଁ ଯାଇ ଥରେ ଗୋଡ଼ ବି ଭାଙ୍ଗିଲା। ଭଙ୍ଗାଗୋଡ଼ରେ ପ୍ଲାଷ୍ଟିକ ଚେୟାର ଧରି ଭତ୍ତା ପାଇଁ ଯାଇ ହଟହଟା ହେଉଥିଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣ୍ଣୁଆଗୁଡା ପଞ୍ଚାୟତର ୮୫ ବର୍ଷୀୟା ବୃଦ୍ଧା ସୂର୍ଯ୍ୟ ହରିଜନ। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ନେଇ କୋରାପୁଟ ଜିଲା ଜୟପୁର ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକଙ୍କୁ ଟୁଇଟ୍ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ନବରଙ୍ଗପୁର ଏସବିଆଇ ଚିଫ ମ୍ୟାନେଜର ସୁକୁମାର ବକ୍ସିଙ୍କୁ ଝରିଗାଁ ଘଟଣା ସମ୍ପର୍କରେ ବୁଝିବାକୁ କହିଥିଲେ। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି।

ଶୁକ୍ରବାର ଝରିଗାଁ ଏସ୍‌ବିଆଇ ଶାଖା ମ୍ୟାନେଜର ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ର, ସରପଞ୍ଚ ଲକ୍ଷ୍ମୀ ପୂଜାରୀ ପ୍ରମୁଖଙ୍କ ଉପସ୍ଥିତିରେ ବ୍ୟାଙ୍କ ପକ୍ଷରୁ ସୂର୍ଯ୍ୟଙ୍କୁ ତୁରନ୍ତ ୬ ମାସର ଭତ୍ତା, ହ୍ୱିଲ୍ ଚେୟାର ଓ ଫଳ ଏବଂ ବିସ୍କୁଟ ପ୍ରଦାନ କରାଯାଇଛି। ଆସନ୍ତା ମାସ ଠାରୁ ବ୍ୟାଙ୍କ କର୍ମଚାରୀ ସୂର୍ଯ୍ୟଙ୍କ ଘରେ ଭତ୍ତା ଟଙ୍କା ଦେଇ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ଭତ୍ତା ୫ଶହରୁ ୭ ଶହ ଟଙ୍କାକୁ ବୃଦ୍ଧି କରିବାକୁ କୁହାଯାଇଛି। ଏଥିସହ ସପ୍ତାହକ ମଧ୍ୟରେ ସୂର୍ଯ୍ୟଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି ପ୍ରଶାସନ।

ପ୍ରକାଶ ଯେ, ବାଣ୍ଣୁଆଗୁଡା ଗାଁର ବୃଦ୍ଧା ସୂର୍ଯ୍ୟ ଗତ ୧୩ ତାରିଖରେ ପରିଣତ ବୟସରେ କଷ୍ଟମର ସର୍ଭିସ ପଏଣ୍ଟକୁ ଭତ୍ତା ଟଙ୍କା ଉଠାଇବାକୁ ଭଙ୍ଗା ଚେୟାର ଧରି ଯାଇଥିଲେ। ବୟସାଧିକ ଯୋଗୁ ତାଙ୍କ ଫିଙ୍ଗର ପ୍ରିଣ୍ଟ ମେଳ ଖାଉ ନ ଥିଲା। ୧୪ ତାରିଖରେ ବ୍ୟାଙ୍କ ଛୁଟି ଥିବାରୁ ୧୫ ତାରିଖରେ ଝରିଗାଁ ଏସବିଆଇ ଶାଖା ମ୍ୟାନେଜରଙ୍କ ନିକଟରେ ପହଞ୍ଚିଥିଲେ। ପ୍ଲାଷ୍ଟିକ ଚେୟାର ସହାୟତାରେ ଭତ୍ତା ଟଙ୍କା ଉଠାଇବାକୁ ଯିବା ଭିଡିଓ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ସୂର୍ଯ୍ୟଙ୍କ ବଡ଼ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ସାନପୁଅ ଗୋରୁ ଚରାଉଛନ୍ତି।

Notice Under Order 5 rule 20 of C.P.C
IN THE COURT OF THE DISTRICT JUDGE AT CUTTACK
I.A.NO 1/2022
(Arising out of R.F.A No. 485 of 2022)
Indranil Mitra and others ... Petitioners
- Versus -
Meera Pal and others ... Opp. Petitioners
To
1) Meera Pal, D/o. Late Birendra Kumar Mitra.
2) Subrata Ghose, D/o. Late Birendra Kumar Mitra.
All are of Tinikonia Bagicha, P.O.-Buxi Bazar, CUTTIP - Darghabazar, Dist.- Cuttack.
WHEREAS, that the above named petitioner made application to this court U/0-39 Rule-1 & 2 read with Section 151 of C.P.C for temporary injunction.
You are hereby noticed to appear in this Court in person or by 10.05.2023 a Pleader on 10.05.2023 to show cause against the application, failing wherein the said application will be heard and determined exparty. Given under my hand and the seal of the Court on 12th day of April 2023.
DISTRICT JUDGE, CUTTACK

ସାର୍ବଜନୀନ ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି
1) ମଡେଲ ନଂ. ଏସ୍‌କେ 1613
ଗାଡ଼ି ନଂ.- OR09L7520
ନିର୍ମାଣ ବର୍ଷ - 2008
ସଂରକ୍ଷିତ ମୂଲ୍ୟ - 177814.44
2) ମଡେଲ ନଂ. ଟାଟା ଏଲ୍‌ପିଟି2515ଜି
ଗାଡ଼ି ନଂ.- OR04L6345
ନିର୍ମାଣ ବର୍ଷ - 2010
ସଂରକ୍ଷିତ ମୂଲ୍ୟ - 282159.54
3) ମଡେଲ ନଂ. ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD09G3583
ନିର୍ମାଣ ବର୍ଷ - 2017
ସଂରକ୍ଷିତ ମୂଲ୍ୟ - 1284486.54
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061/ ଦୁର୍ଗା ସ୍ୱାଇଁ 9692645791

ପୂର୍ବ ତଟ ରେଳପଥ
ଫାଇଲ ସଂ. DRM/Engg/KUR/23-24/ E-Tender/05, ତା.18.04.2023ରିଖ
(1) ଟେଣ୍ଡର ସଂ. etender-East-KUR-11-2023, ତା.12.04.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/I/କଟକ ପରିସୀମା ଅଧୀନସ୍ଥ ପୋଲ (ଛୋଟ, ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପୋଲ)ଗୁଡ଼ିକର ପାରାପେଟ ୱାଲ, ବାଲାଷ୍ଟ ରିଟେନରଗୁଡ଼ିକର ମରାମତି ଏବଂ ଏକ୍ସପୋଜ୍‌ଡ ରିଇନ୍‌ଫୋର୍ସମେଣ୍ଟ ଇତ୍ୟାଦି ପ୍ଲାଷ୍ଟରିଙ୍ଗ୍‌ର ମରାମତି ଭଳି ବିବିଧ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 206.10 ଲକ୍ଷ, EMD: ₹ 2,53,100/-
(2) ଟେଣ୍ଡର ସଂ. etender-HQ-KUR-12-2023, ତା.12.04.2023ରିଖ
ବିବରଣୀ : "ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଖୋର୍ଦ୍ଧା ରୋଡ଼ (ଦ୍ୱିତୀୟ ପ୍ରବେଶ), ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କେନ୍ଦୁଝରଗଡ଼, ବାଲୁଗାଁ ଏବଂ ବ୍ରହ୍ମପୁର ଷ୍ଟେସନଗୁଡ଼ିକର ସଫ୍ଟ (Soft) ଉନ୍ନୟନ" କାର୍ଯ୍ୟ ନିମନ୍ତେ ସ୍ଥାପତ୍ୟ କଳା, ଏଲିଭେସନ ନକ୍ସାର ପ୍ରସ୍ତୁତି, ମୃର୍ତ୍ତିକା ଅନୁସନ୍ଧାନ, ଷ୍ଟ୍ରକ୍‌ଚରାଲ ଡିଜାଇନିଙ୍ଗ୍, ଆଭ୍ୟନ୍ତରୀଣ ଡିଜାଇନିଙ୍ଗ୍ ଏବଂ ବାହ୍ୟ ସ୍ଥାନର ଉନ୍ନୟନ ନିମନ୍ତେ ପରାମର୍ଶ ସେବା (କେବଳ ସଂଲଗ୍ନ ସୂଚୀଭୁକ୍ତ ପରାମର୍ଶଦାତାଙ୍କ ଠାରୁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9.98 ଲକ୍ଷ, EMD: ₹ 20,000/-
ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ପାଇଁ) ଏବଂ 03 (ତିନି) ମାସ (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.05.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-76/O/23-24

See Career Appointment on every Wednesday & Saturday

CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
Corrigendum to Notice Inviting Tender (NIT)
1. TPWODL/PM/O/SER/183- Performance Based Operation and Maintenance Contract for 33KV Grids & Feeders for 3years at TPWODL.
2. TPWODL/AK/O/SER/03- RC for Maintenance of LT & HT Network, FCC, DTR, Installation, Replacement and Shifting of single-phase meter, new connection up to 5KW, Recovery and disconnection for PAN TPWODL.
The Corrigendum for time extension and change in QR criteria for Srl. No. 1 & only change in QR criteria for Srl. No. 2 to the above mentioned NIT numbers have been uploaded in our website www.tpwesternodisha.com.
Prospective bidders are requested to visit the website for detailed amendment and updated tender document.
Sd /- Chief Contracts and Stores

IN THE DEBTS RECOVERY TRIBUNAL AT CUTTACK, ORISSA
C-71, Sector-7, CDA, Cuttack- (Orissa)
O.A. No. 657 / 2022
BETWEEN
PUNJAB NATIONAL BANK ...Applicant(s)
Versus
MEHEBAB ALAM ...Defendant(s)
MEHEBAB ALAM, S/O.: SK. MD. SAMIM, MASJIDPARA TOWN SUNDARGARH, SUNDARGARH, PIN - 770001
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED
Take notice that the applicant has instituted a suit in O.A. No. 657/2022 in the court of Debts Recovery Tribunal at Cuttack for recovery of Rs.21,74,210.31 (TWENTY ONE LAKHS SEVENTY FOUR THOUSANDS TWO HUNDRED TEN RUPEES AND THIRTY ONE PAISA ONLY) together with current and future interest, cost and other reliefs. The above mentioned defendants are hereby directed to appear before this Tribunal in person or through an Advocate or authorized agent, in support of their defense to show cause within 30 days from the date of publication or on day of 16/05/2023 at 10.30 A.M as to why reliefs prayed for should not be granted.
Take notice that in case of default the application will be heard and determined in your absence.
Given under my hand and seal of this Tribunal on this 5th day of April 2023.
Sd/- Registrar
Debts Recovery Tribunal

ई – प्रोक्योरमेन्ट सेल
मुख्य अभियंता का कार्यालय,कम्बाईन्ड ऑफिस बिल्डिंग
भवन निर्माण विभाग, झारखण्ड, रांची
ई–प्रोक्योरमेन्ट नोटिस
टेन्डर रेफरेन्स नं0–BCD/CE/8/Latehar/2023-24दिनांक–21-04-2023

| Sl.No | | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|---|
| 1 | i | Proposed Upgradation of Administrative Block Class rooms with Landscaping work at Netarhat Residential School,Netarhat. | Rs.4,87,13,486.00 | 11 माह |
| | ii | Proposed Upgradation of Academic Block at Netarhat Residential School,Netarhat. | Rs.4,79,15,433.00 | 11 माह |

| | | |
|---|---|---|
| 3 | वेबसाइट पर निविदा प्रकाषन की तिथि | 27-04-2023 |
| 4 | वेबसाइट पर बिड प्राप्ति के लिए अन्तिम तिथि/समय | 15-05-2023 up to 11:00 A.M |
| 5 | निविदा प्रकाषित करने वाले कार्यालय का नाम एवं पता | ई – प्रोक्योरमेन्ट सेल मुख्य अभियंता का कार्यालय, कम्बाईन्ड ऑफिस बिल्डिंग, भवन निर्माण विभाग, लाईन टैंक रोड, रांची। |
| 6 | प्रोक्योरमेंट पदाधिकारी का सम्पर्क संख्या | 9631476651 |
| 7 | ई–प्रोक्योरमेंट सेल का हेल्पलाईन संख्या | 9835316593 |

किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
• अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
Note: UCAN Registration is mandatory for the Bidders
नोडल पदाधिकारी
ई – प्रोक्योरमेन्ट सेल, मुख्य अभियंता का कार्यालय,कम्बाईन्ड ऑफिस बिल्डिंग, भवन निर्माण विभाग, लाईन टैंक रोड, रांची
PR295754 (Building)23-24*D

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
JR. ACCOUNTANT (Exp. in Talley), DATA ENTRY OPERATOR (Talley & MS Office), COOK (For Home).
Attend interview at
Nishamani Palace, Bomikhal, Bhubaneswar-10 on any day.
Ph.No.: 9338554697

URGENT REQUIRED
1. AutoCAD- 02 Nos.
2. Diploma / B.Tech. Civil- 10 Nos.
3. Matric to Graduate- 10 Nos.
Contact: 8093687918, 7873563668

See Career Appointment on every Wednesday & Saturday

Urgently Required
ଭୁବନେଶ୍ୱରରେ ଏକ Ayurvedic clinic ପାଇଁ ମହିଳା therapist ଆବଶ୍ୟକ। ଦରମା ସହିତ ରହିବା ଓ ଖାଇବାର ସୁବିଧା ଅଛି।
8280782305

URGENT REQUIRED
A growing Milk Plant Pratichi Dairy Products Pvt. Ltd. required following post
1. Marketing Executive (8 Nos.) Salary- 15,000/- to 25,000/-
2. Sales Manager (3 Nos.) Salary 25,000/- to 40,000/-
Send your resume pratichidairyproducts@gmail.com
Mob:9938205600
(Puri, Cuttack, Bhubaneswar, Jajpur, Dhenkanal, Jagatsinghpur & Nayagarh)

P.S. HIGHER SECONDARY SCHOOL
Balakati, Khurda
WALK-IN-INTERVIEW will be held on 28.04.2023 at 11.00 A.M. in the Office of the undersigned for temporary appointment of EDUCATION LAB-ASSISTANT.
Qualification: B.A. with Education Subject.
Interested candidates are invited to report with relevant certificates and resume before 10.00 A.M. on the stipulated date.
Sd./- Principal

OFFICE OF THE PRINCIPAL
NIRANJAN GOVERNMENT WOMEN'S COLLEGE
ASKA, GANJAM, ODISHA - 761110
Ph.: (06822) 273662 (O), 273662 (Fax), E-Mail: ngwcollege@gmail.com
No. 336/2023 Date: 21.04.2023
WALK-IN-INTERIVEW
A Walk-in-Interview for engagement of Guest Faculties (Session 2023-24) for Higher Secondary Classes (+2) will be held in the Principal's Office as per the date and time mentioned in the table given below. Interested candidates having minimum 50% marks at Post Graduation level are requested to attend the interview along with a resume, original certificates and a set of self-attested copy of certificates on the said date and time. Candidates having B.Ed. qualification, previous teaching experinece at Higher Secondary or College level will be given preference. Remuneration will be paid as fixed by the Department of School & Mass Education, Govt. of Odisha. The engagement is purely temporary and can be terminated at any time without assigning any reason thereoff. No TA & DA will be paid for attending the interview.

| Subject | Date of Interview | Reporting Time |
|---|---|---|
| Botany, Chemistry, Computer Science, History, Physics, Mathematics, Zoology | 28.04.2023 | 10.30 A.M. |
| English, Odia, Political Science | 29.04.2023 | 10.30 A.M. |

Sd./- Principal
Niranjan Govt. Women's College, Aska (Ganjam)

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail: imagebbsr@rediffmail.com
WALK-IN-INTERVIEW
No.CAD-277:- Walk-in-Interview will be conducted for two vacant positions of Green-Ag Project, Odisha i.e. Animal Husbandry Expert and MIS Expert at IMAGE, Bhubaneswar on 28.04.2023 as per the schedule. For details of advertisement, the departmental website: www.agri.odisha.gov.in may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discretion of the authority to cancel / reject / modify the selection process at any point of time without assigning any reason thereof.
OIPR-01408/11/0001/2324 Sd./- Director, IMAGE

# ପଟିଆ ଛକରେ କଲ୍ୟାଣ ଜୁଏଲର୍ସ




ଭୁବନେଶ୍ୱର,୨୧।୪

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସର ଓଡ଼ିଶା ୟୁନିଟ୍ ପକ୍ଷରୁ ଶୁକ୍ରବାର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପଟିଆ ଛକଠାରେ କଲ୍ୟାଣ ଜୁଏଲର୍ସର ଉକ୍ତ ଷ୍ଟୋର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ସିଇଓ ସଞ୍ଜୟ ରଘୁରମଣଙ୍କ ସମେତ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଏବଂ ଷ୍ଟୋର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ଭୁବନେଶ୍ୱରରେ ଏହା ୨ୟ ଆଉଟ୍‌ଲେଟ୍ ହୋଇଥିବା ବେଳେ ଓଡ଼ିଶା ବଜାରରେ ପ୍ରତିଷ୍ଠାନର ୪ର୍ଥ ଆଉଟ୍‌ଲେଟ୍ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ଓଡ଼ିଶା ବଜାରରେ ଆମେ ୮ମ ବର୍ଷ ପାଳନ କରୁଥିବା ବେଳେ ଭୁବନେଶ୍ୱରରେ ବ୍ରାଣ୍ଡର ୨ୟ ଶୋ'ରୁମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ସ୍ମାର୍ଟସିଟି ଭୁବନେଶ୍ୱର ସହରର ଗ୍ରାହକମାନଙ୍କ ନିକଟତର ହେବାକୁ ସହରର ପ୍ରମୁଖ ଅଞ୍ଚଳ ପଟିଆରେ ବ୍ରାଣ୍ଡର ୨ୟ ଶୋ'ରୁମ୍ ଖୋଲିବାକୁ ଯାଉଛୁ। ଏପରିକି ଉକ୍ତ ଅଞ୍ଚଳ ଓ ସହରବାସୀଙ୍କ ପାଇଁ ଏହି ଶୋ'ରୁମ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆମେ ଆଶାବ୍ୟକ୍ତ କରୁଛୁ। ଏହି ଅଞ୍ଚଳରେ ଆମର ରହିଥିବା ଦୃଢ଼ ମୂଳଦୁଆ ଅନୁସାରେ ଆମେ ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଆଶାବାଦୀ ଅଛୁ। ସେହିଭଳି ବିଶ୍ୱ ଶ୍ରେଣୀର ପରିବେଶରେ ଗଢ଼ି ଉଠିଥିବା ଉକ୍ତ ଷ୍ଟୋରରେ ବ୍ରାଣ୍ଡର ବ୍ୟାପକ ଶ୍ରେଣୀର ଡିଜାଇନ୍ ଉପଲବ୍ଧ। ଏପରିକି ବଜାରରେ ସର୍ବନିମ୍ନ ଓ କମ୍ପାନୀର ସବୁ ଶୋ'ରୁମ୍‌ରେ ସମାନ ଥିବା 'କଲ୍ୟାଣ ସ୍ପେଶିଆଲ୍ ଗୋଲ୍ଡ ବୋର୍ଡ ରେଟ୍' ପ୍ରଯୁଜ୍ୟ ହେବ। ଯାହା ନିରବଚ୍ଛିନ୍ନ ଓ ସେବା ଭିତ୍ତିକ ଶପିଙ୍ଗ ଅନୁଭୂତିକୁ ନିଶ୍ଚିତ କରିବ। ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି କଲ୍ୟାଣ ଜୁଏଲର୍ସ ପକ୍ଷରୁ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଙ୍ଗ ଉପରେ ଅଧା କିଣା ମୂଲ୍ୟ ଉପରେ ଶୂନ ଗଢ଼ା ମୂଲ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

# ୟୁବିଆଇ ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୨୧।୪


ଜୟଗୋପାଳ ବେହେରା

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଜୟଗୋପାଳ ବେହେରା ନିକଟରେ ଯୋଗଦେଇଛନ୍ତି। ଏପରିକି ସେ ବାଲେଶ୍ୱର, ଭଦ୍ରକ, କେଉଁଝର, ମୟୂରଭଞ୍ଜ ଏବଂ ଯାଜପୁର ଭଳି ୫ଟି ଜିଲା ସହିତ ୬୦ଟି ଶାଖାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଶେଷକରି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରଖିଥିବା ବେହେରା ମଧ୍ୟପ୍ରଦେଶ, ଓଡ଼ିଶା, ଉତ୍ତର ପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ର ଆଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସେ ଦକ୍ଷତାର ସହ କାର୍ଯ୍ୟ ପ୍ରତିପାଦିତ କରିଛନ୍ତି। ଅପରପକ୍ଷରେ ଜଣେ ବ୍ୟାଙ୍କର ଭାବେ ସେ ଶାଖା ମୁଖ୍ୟ, କ୍ରେଡିଟ୍ ଇନ୍‌ଚାର୍ଜ ଓ ଋଣ ପ୍ରୋସେସିଂ ସେଣ୍ଟର ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରିଛନ୍ତି। ଏପରିକି ବେହେରା ବ୍ୟାଙ୍କିଙ୍ଗ୍ ସେବାଗୁଡିକର ଡିଜିଟାଲୀକରଣ, ରିଟେଲ୍, କୃଷି ଏବଂ ଏମ୍ଏସ୍ଏମ୍ଇ ଆଦି କ୍ଷେତ୍ର ଅନ୍ତର୍ଗତ ଅଗ୍ରିମ ବୃଦ୍ଧି ପାଇଁ ଯୋଜନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟଭାବେ ସେ ଚାପ ଓ ଏନ୍‌ପିଏ ପୋର୍ଟଫୋଲିଓକୁ ହ୍ରାସକରି ସମ୍ପତ୍ତିର ଗୁଣବତ୍ତାରେ ସୁଧାର ଆଣିବାକୁ ପ୍ରୟାସ କରିବେ ବୋଲି ବେହେରା ମତପ୍ରକାଶ କରିଛନ୍ତି।

# ସୋନିର ନୂଆ ବ୍ରାଭିଆ ଏକ୍ସ୭୫ଏଲ୍ ଟିଭି ସିରିଜ

ନୂଆଦିଲ୍ଲୀ,୨୧।୪



ସୋନି ଇଣ୍ଡିଆ ପକ୍ଷରୁ ନୂଆ ବ୍ରାଭିଆ ଏକ୍ସ୭୫ଏଲ୍ ଟିଭି ସିରିଜ୍‌କୁ ନିକଟରେ ଉନ୍ମୋଚନ କରାଯାଇଛି। ଏଥିରେ ୪କେ ଅଲ୍‌ଟ୍ରା ଏଚ୍‌ଡି ଏଲ୍‌ଇଡି ଡିସ୍‌ପ୍ଲେ ରହିଛି। ଏହି ପରବର୍ତ୍ତୀ ପିଢ଼ିର ଟିଭିଗୁଡ଼ିକ ବ୍ୟକ୍ତିଗତ ସୁହାଇବା ଭଳି ଏବଂ ଜୀବନ୍ତ ସଦୃଶ ଟିଭି ଦେଖିବା ଅନୁଭୂତି ପ୍ରଦାନ କରୁଛି। ଏପରିକି ବ୍ରାଭିଆ ଏକ୍ସ୭୫ଏଲ୍ ସହିତ ଦର୍ଶକମାନେ ବାସ୍ତବ ମନୋରଞ୍ଜନ ଦୁନିଆରେ ପ୍ରବେଶ କରିପାରିବେ ଏବଂ ରୋମାଞ୍ଚକ ଗେମ୍, ସିନେମା ଆଦିକୁ ସୁନ୍ଦର ରଙ୍ଗ ଏବଂ ଅତୁଳନୀୟ ୪କେ ସ୍ୱଷ୍ଟତା ସହିତ ସ୍ୱଷ୍ଟ ଓ ପ୍ରାକୃତିକ ସ୍ୱର ସହ ଦେଖିପାରିବେ। ଏହି ନୂଆ ବ୍ରାଭିଆ ଏକ୍ସ୭୫ଏଲ୍ ଟିଭି ସିରିଜ୍‌ରେ ଏକ୍ସ୧ ୪କେ ପ୍ରୋସେସର ଓ ଲାଇଭ୍ କଲର ଟେକ୍ନୋଲୋଜି ରହିଛି, ଯାହା ସୁନ୍ଦର ରଙ୍ଗ, କଣ୍ଟ୍ରାଷ୍ଟ ଓ ସୂକ୍ଷ୍ମ ବିବରଣୀର ଅନୁଭବ ପ୍ରଦାନ କରିବ। ଏକ୍ସ-ରିଅଲିଟି ପିଆର୍‌ଓ ଏବଂ ମୋସନ ଫ୍ଲୋ ଏକ୍ସଆର୍ ଅନୁଭବ ସହ ଚମତ୍କାର ୪କେ ଛବି ମାନ ଟିଭି ଦେଖିବା ଅନୁଭବକୁ ଅଧିକ ସ୍ୱଷ୍ଟ ଓ ଆରାମଦାୟକ କରିପାରିବ। ପଂଚିବାସ୍, ଶକ୍ତିଶାଳୀ ଓ ପ୍ରାକୃତିକ ଶବ୍ଦ ଏବଂ ଡଲ୍‌ବି ଅଡିଓ ତଥା କ୍ଲିୟର ଫେଜ୍ ପ୍ରଯୁକ୍ତି ସହିତ ଏକ ବିଲୀନ ହୋଇଯିବା ଭଳି ଟିଭି ଦେଖିବା ଅନୁଭବକୁ ଏହି ଟିଭି ଜରିଆରେ ହାସଲ କରିହେବ। ଏକ୍ସ୭୫ଏଲ୍ ସିରିଜ୍ ଗୁଗଲ୍ ଟିଭିରେ ସ୍ମାର୍ଟ ବ୍ୟବହାରକାରୀ ଅନୁଭୂତି ପ୍ରଦାନ କରୁଛି, ଯାହା ଜରିଆରେ ଦର୍ଶକମାନେ ୧୦,୦୦୦ରୁ ଅଧିକ ଆପ୍ ଓ ଗେମ୍‌ସ ସହିତ ୭,୦୦,୦୦୦ରୁ ଅଧିକ ସିନେମା ଓ ଟିଭି ସିରିଜ୍ ଦେଖିପାରିବେ। ଏହା ଆପଲ୍ ଏୟାର ପ୍ଲେ ଓ ହୋମ୍ କିଟ୍‌ରେ ମଧ୍ୟ କାର୍ଯ୍ୟ କରିବ। ବ୍ରାଭିଆ ଏକ୍ସ୭୫ଏଲ୍ ଟିଭିରେ ପିଏସ୍୫ ରହିଛି, ଯାହା ଏହାର ଅଟୋ ଏଚ୍‌ଡିଆର୍ ଟୋନ୍ ମ୍ୟାପିଂ ଓ ଅଟୋ ଜିନିୟର ପିକ୍ଚର ମୋଡ୍ ଜରିଆରେ ଆପଣଙ୍କ ଗେମିଂ ଅନୁଭୂତିକୁ ବଦଳାଇପାରିବ।

# ହିନ୍ଦ୍‌ୱେର୍‌ର ନୂତନ ଟିଭିସି ଅଭିଯାନ

ନୂଆଦିଲ୍ଲୀ,୨୧।୪

ଦେଶର ପ୍ରମୁଖ ଉତ୍ପାଦକ ତଥା ସମ୍ପୂର୍ଣ୍ଣ ବାଥ୍‌ରୁମ୍ ସମାଧାନର ଅଗ୍ରଣୀ ହିନ୍ଦ୍‌ୱେର୍ ଲିମିଟେଡ୍‌ର ନୂତନ ଟେଲିଭିଜନ କମର୍ସିଆଲ(ଟିଭିସି) ଅଭିଯାନ 'ହୋଟେଲ ଲାଇକ୍ ବାଥ୍‌ରୁମ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ଟିଭିସିରେ କ୍ରିକେଟ ଜଗତର କେତେଜଣ ବଡ଼ ଖେଳାଳିଙ୍କ ନାମ ଅନ୍ତର୍ଭୁକ୍ତ ରହିଛି। ଏହି ଅଭିଯାନ ଆଜିର ଯାତ୍ରୀଙ୍କ ଆକାଂକ୍ଷାକୁ ଆଲୋକିତ କରିବ, ଯିଏ ୫ତାରକା ହୋଟେଲରେ ପହଞ୍ଚିବା ପରେ ମଧ୍ୟ ବାଥ୍‌ରୁମ୍‌ରେ ସମାନ ଅଭିଜ୍ଞତା ପାଇବାକୁ ଇଚ୍ଛା ପ୍ରକାଶ କରିଥାଏ। ବିଶେଷକରି ଉକ୍ତ ଟିଭିସି ଅଭିଯାନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍‌ସର ଖେଳାଳିମାନେ ସାମିଲ ହୋଇଛନ୍ତି।

ଏ ସମ୍ପର୍କରେ ହିନ୍ଦ୍‌ୱେର୍ ଲିମିଟେଡ୍ (ବାଥ୍ ବ୍ୟବସାୟ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦର୍ଶନ ପୋଖ୍ରିଆଲ କହିଛନ୍ତି, ବାଥ୍‌ରୁମ୍ ସମାଧାନ ବଜାରରେ ଜଣେ ଅଗ୍ରଣୀ ଖେଳାଳି ଭାବେ ଆମେ ଆମର ଗ୍ରାହକଙ୍କ ସହ ଯୋଡ଼ିହେବା ପାଇଁ ସବୁବେଳେ ଅଭିନବ ଉପାୟ ଖୋଜିଥାଉ। ଏପରିକି ଆମର ସର୍ବଶେଷ ଟିଭିସି ଅଭିଯାନ '୫-ତାରକା ହୋଟେଲ ପରି ବାଥ୍‌ରୁମ୍'ର ଶୁଭାରମ୍ଭ ମଧ୍ୟ କରାଯାଇଛି, ଯାହାକି ବିଳାସପୂର୍ଣ୍ଣ ବାଥ୍‌ରୁମ୍ ଅଭିଜ୍ଞତା ସୃଷ୍ଟି କରିବାର ଗୁରୁତ୍ୱକୁ ବିସ୍ତୃତ ଆଲୋକିତ କରିଥାଏ। ସେହିଭଳି ହିନ୍ଦ୍‌ୱେର ଲିମିଟେଡ୍‌ର ଭିପି ଆଣ୍ଡ ହେଡ୍ ଅଫ୍ ମାର୍କେଟିଂ ଚାରୁ ମାଲହୋତ୍ରା କହିଛନ୍ତି, କ୍ରିକେଟ୍‌ର କିଛି ବଡ ନାମକୁ ଦର୍ଶାଉଥିବା ଆମର ନୂତନ ଟିଭିସି ଅଭିଯାନ '୫-ତାରକା ହୋଟେଲ ପରି ବାଥ୍‌ରୁମ୍'ର ଆରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ହିନ୍ଦ୍‌ୱେର ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ହୋଇଥିବା ସହଯୋଗ ସହ ବ୍ରାଣ୍ଡର ଏକ୍ସପୋଜର, ଶକ୍ତିଶାଳୀ ବ୍ରାଣ୍ଡ ପୋଜିସନ, ଗ୍ରାହକଙ୍କ ଯୋଗଦାନ ଏବଂ ପରବର୍ତ୍ତୀ ସମୟରେ ବ୍ରାଣ୍ଡ ପାଇଁ ରାଜସ୍ୱ ବୃଦ୍ଧି କରିବ ବୋଲି ଆଶା କରାଯାଏ।

# ଏଚ୍‌ପିର ନୂଆ ପାଭିଲିଅନ୍ ଲାପ୍‌ଟପ୍

ନୂଆଦିଲ୍ଲୀ,୨୧।୪



ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ଏଚ୍‌ପି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ଏଚ୍‌ପି ପାଭିଲିଅନ୍ ପ୍ଲସ୍ ଲାପ୍‌ଟପ୍‌ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଚ୍‌ପିର ନୂଆ ପାଭିଲିଅନ୍ ପ୍ଲସ୍ ନୋଟ୍‌ବୁକ୍‌ଗୁଡ଼ିକର ମଧ୍ୟ ଶୁଭାରମ୍ଭ ସହ ନୂଆ ଏଚ୍‌ପି ପାଭିଲିଅନ୍ ପ୍ଲସ୍ ଲାପ୍‌ଟପ୍‌ଗୁଡିକ ୧୩ ଜେନ୍ ଇଣ୍ଟେଲ୍ କୋର୍ ପ୍ରୋସେସର ଦ୍ୱାରା ସୁସଜ୍ଜିତ ରହିଛି। ଏଚ୍‌ପି ପକ୍ଷରୁ ଉନ୍ନତ ପ୍ରଦର୍ଶନ, ଡିଜାଇନ ଓ ସୁରକ୍ଷା ଫିଚରଗୁଡ଼ିକ ସହିତ ଏହାର ଏଚ୍‌ପି ୧୪ ଓ ୧୫ ଲାପ୍‌ଟପ୍‌ଗୁଡ଼ିକର ମଧ୍ୟ ବଜାର ପ୍ରବେଶ କରାଯାଇଛି। ଉଭୟ ପାଭିଲିଅନ ଏବଂ ଏଚ୍‌ପି ୧୪ ଓ ୧୫ ସିରିଜ୍ ଭାରତରେ ଏଚ୍‌ପିର ସବୁଠାରୁ ଲୋକପ୍ରିୟ ଓ ସର୍ବାଧିକ ବିକ୍ରି ହେଉଥିବା କଞ୍ଜ୍ୟୁମର ନୋଟ୍‌ବୁକ୍। ଏଚ୍‌ପି ପାଭିଲିଅନ୍ ପ୍ଲସ୍ ୧୪କୁ ହାଇବ୍ରିଡ୍ ଲାଇଫ୍‌ଷ୍ଟାଇଲ୍ ପାଇଁ ଏକ୍ସ ୩୬୦ ହାଇଞ୍ଜ ଏବଂ ମଲ୍ଟିଟଚ୍ ସହିତ ନିର୍ମାଣ କରାଯାଇଛି। ଏହା ଫୁଲ୍-ଫଙ୍କ୍ସନ ୟୁଏସ୍‌ବି-ସି ପୋର୍ଟ, ୟୁଏସ୍‌ବି-ସି ପାୱାର ଆଡାପ୍ଟର ସପୋର୍ଟ, ଏଚ୍‌ଡିଏମ୍ଆଇ ଓ ହେଡ୍‌ଫୋନ୍ ଜ୍ୟାକ୍ ଭଳି ମଲ୍ଟିପୁଲ୍ ପୋର୍ଟ ବିକଳ୍ପ ସହିତ ଆସୁଛି।

ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବିକ୍ରମ ବେଦୀ କହିଛନ୍ତି, ଆମେ ହାଇବ୍ରିଡ୍ ଲାଇଫ୍‌ଷ୍ଟାଇଲ୍‌ର ଆବଶ୍ୟକତା ପୂରଣ କରିବା ଲାଗି ମଲ୍ଟି-ଟଚ୍ ଓ ଏକାଧିକ ପୋର୍ଟ ଭଳି ଫିଚର ସହିତ ନୂଆ ଏଚ୍‌ପି ପାଭିଲିଅନ୍ ପ୍ଲସ୍ ୧୪ ଲାପ୍‌ଟପ୍ ନିର୍ମାଣ କରିଛୁ। ଏହା ବ୍ୟତୀତ ଆମର ନୂଆ ଏଚ୍‌ପି ୧୪ ଓ ଏଚ୍‌ପି ୧୫ ଲାପ୍‌ଟପ୍‌ଗୁଡିକୁ ସୁଲଭ ମୂଲ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ଫଳରେ ଉପଭୋକ୍ତାମାନେ ସବୁବେଳେ ସଂଯୋଜିତ, ନିୟୋଜିତ ଓ ସୃଜନଶୀଳ ରହିବେ।

# ୨୫ରେ ଖୋଲିବ ଏମ୍‌ପିଏଲ୍ ଆଇପିଓ



ନୂଆଦିଲ୍ଲୀ,୨୧।୪

ମ୍ୟାନ୍‌କାଇଣ୍ଡ ଫାର୍ମା ଲିମିଟେଡ୍ (ଏମ୍‌ପିଏଲ୍)ର ୪୦,୦୫୮,୮୪୪ ଇକ୍ୱିଟି ଶେୟାରର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ୨୦୨୩ ଏପ୍ରିଲ ୨୫ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଏହି ଅଫରର ଶେଷ ତାରିଖ ୨୦୨୩ ଏପ୍ରିଲ ୨୭ ରହିଛି। ହେଲେ ଏହାର ଆଙ୍କର ନିବେଶକମାନଙ୍କ ଲାଗି ବିଡିଂ ତାରିଖ ଅଫରର ଗୋଟିଏ ଦିନ ପୂର୍ବରୁ (ଏପ୍ରିଲ ୨୪) ଖୋଲିବ ବୋଲି ସମୟ ଧାର୍ଯ୍ୟ ରହିଛି। ବିଶେଷକରି ଏହି ଅଫର ଇକ୍ୱିଟି ଶେୟାରର ମୂଲ୍ୟ ୧୦୨୬ ଟଙ୍କାରୁ ୧୦୮୦ ଟଙ୍କା ମଧ୍ୟରେ ରହିବ। ଏପରିକି ସର୍ବନିମ୍ନ ୧୩ ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିହେବ ଏବଂ ଏହା ପରେ ୧୩ ଇକ୍ୱିଟି ଶେୟାର ଲେଖାଏଁ ଗୁଣିତକ ହିସାବରେ ଯୋଡ଼ିହେବ। ଉଲ୍ଲେଖଯୋଗ୍ୟ, ଏହି ଅଫରରେ ରମେଶ ଜୁନେଜାଙ୍କ ୩,୭୦୫,୪୪୩ ଇକ୍ୱିଟି ଶେୟାର, ରାଜୀବ ଜୁନେଜା ୩,୫୦୫,୧୪୯ ଇକ୍ୱିଟି ଶେୟାର, ଶୀତଲ ଅରୋରାଙ୍କ ୨,୮୦୪,୧୧୯ ଇକ୍ୱିଟି ଶେୟାର, କେର୍ନହିଲ୍ ସିଆଇପିଇଏଫ୍ ଲିମିଟେଡ୍‌ର ୧୭,୪୦୫,୫୫୯ ଇକ୍ୱିଟି ଶେୟାର, କେର୍ନହିଲ୍ ସିଜିପିଇ ଲିମିଟେଡ୍ ୨,୬୨୩,୮୬୩ ଇକ୍ୱିଟି ଶେୟାର, ବିଜ୍ ଲିମିଟେଡ୍ ୯,୯୬୪,୭୧୧ ଇକ୍ୱିଟି ଶେୟାର, ଲିଙ୍କ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟର ୫୦,୦୦୦ ଇକ୍ୱିଟି ଶେୟାର ଅଫର ଫର୍ ସେଲ୍ ପାଇଁ ଉପଲବ୍ଧ କରାଯିବ। ସେହିଭଳି ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ ଜରିଆରେ ପ୍ରଦାନ କରାଯାଉଥିବା ଇକ୍ୱିଟି ଶେୟାରକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାଶନାଲ୍ ଷ୍ଟକ ଏକ୍ସଚେଞ୍ଜ ଲିମିଟେଡ୍‌ରେ ତାଲିକାଭୁକ୍ତ କରାଯିବ। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ଭାବେ କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ କମ୍ପାନୀ ଲିମିଟେଡ୍, ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍, ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଫେରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଜେପି ମୋର୍ଗାନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଆଦି ରହିଛନ୍ତି।

# ବଡି ଶପ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୧।୪

ବହୁରାଷ୍ଟ୍ରୀୟ ଔଷଧୀୟ ବ୍ରାଣ୍ଡ ବଡି ଶପ୍‌ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚନ ହୋଇଯାଇଛି। ବିଶେଷକରି ବ୍ରାଣ୍ଡର ଟି ଟ୍ରିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରତିଦିନ ଆମର ତ୍ୱଚା ପ୍ରବଳ ଖରାର ସଂସ୍ପର୍ଶରେ ଆସିଥାଏ। ଏହି ସମୟରେ ଚର୍ମ ଅତ୍ୟଧିକ ମାତ୍ରାରେ ତେଲିଆ ହୋଇ ବ୍ରଣ ଓ ଅନ୍ୟାନ୍ୟ ଦାଗ ସୃଷ୍ଟି କରିଥାଏ। କିଛି ଲୋକଙ୍କ ପାଇଁ ଗ୍ରୀଷ୍ମଋତୁ ଏକ ଅଭିଶାପ ପରି ମନେହୋଇଥାଏ। ଏହି ସମୟରେ ତ୍ୱଚାର ସୁରକ୍ଷା ପାଇଁ ଏକ ସମାଧାନ ରହିଛି, ଏହା କେବଳ ଦୁଇଟି ଶବ୍ଦ-ଚା ଗଛ ଦ୍ୱାରା ଉପକାର ମିଳିପାରିବ। ସେହିଭଳି ଚର୍ମ ଓ କେଶର ଯତ୍ନ ପାଇଁ ଚା ଗଛ ହେଉଛି ଏକ ଉପକାରୀ ଉପାଦାନ। ଏଥିରେ ଥିବା ଗୁଣ ତ୍ୱଚା ପାଇଁ ବହୁ ଫଳପ୍ରଦ ଉପଚାର ଭାବେ କାର୍ଯ୍ୟ କରିଥାଏ। ଏହା ବଡି ଶପ୍ ଷ୍ଟୋରରେ ଉପଲବ୍ଧ ହୋଇଥାଏ। ଉଲ୍ଲେଖଯୋଗ୍ୟ, କେନିଆର ଚା ଗଛ ସହିତ ୧୮ଟି ଉତ୍ପାଦ ଏଥିରେ ରହିଛି। ଏହି ଆଇକନିକ ଉତ୍ପାଦ ପରିସର ଯାହାକି ୨୦ବର୍ଷରୁ ଅଧିକ ସମୟ ଧରି ଏହି ଷ୍ଟୋରରେ ଉପଲବ୍ଧ। ଏହି ଉତ୍ପାଦ ବଡି ଶପ୍‌ରେ ଚର୍ମରୁ ମଳିନପଣ ଓ ଦାଗ ଦୂରକରିବାରେ ବେଶ୍ ସହାୟକ ହେବ। ବିଶେଷକରି ପ୍ରାକୃତିକ ହୋଇଥିବାରୁ ୯୫% ଉପାଦାନ ସହିତ ଏହା ପ୍ରସ୍ତୁତ ହୋଇଥାଏ। ଏହା ଚର୍ମକୁ ତେଲିଆ ନ କରି ଆର୍ଦ୍ର ରଖେ। ଏଥିପାଇଁ ବଡି ଶପ୍‌ର ଆଣ୍ଟି ଇନ୍‌ପରଫେକ୍ସନ ନାଇଟ ମାସ୍କକୁ ବ୍ୟବହାର କରନ୍ତୁ। ଏହିସବୁ ପ୍ରତିକୂଳ ପରିସ୍ଥିତିରୁ ଆପଣଙ୍କ ତ୍ୱଚାକୁ ସୁରକ୍ଷା ଦେବା ଲାଗି ଟି ଟ୍ରି ଆଣ୍ଟି ପରଫେକ୍ସନ ଡେଲି ସଲ୍ୟୁସନ ଏକ ଉପଯୁକ୍ତ ପଦାର୍ଥ। ଏହି ଟୋନର ବ୍ୟବହାର କରିବା ଦ୍ୱାରା ତ୍ୱଚା ମାଟିଫାଏଡ ଓ ପରିଷ୍କାର ହୋଇଥାଏ।

# ବ୍ୟବସାୟ ସମ୍ପ୍ରସାରଣ କରିବ ଆରୋହଣ

ନୂଆଦିଲ୍ଲୀ,୨୧।୪

ଦେଶର ପ୍ରମୁଖ ଏନ୍‌ବିଏଫ୍‌ସି-ଏମ୍ଏଫ୍ଆଇ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ୨୦୨୭ ସୁଦ୍ଧା ଦେଶର ପ୍ରମୁଖ ରାଜ୍ୟରେ ବଜାର ପ୍ରବେଶ ସହ ବ୍ୟବସାୟ ସମ୍ପ୍ରସାରଣ କରିବ ବୋଲି ଜଣାପଡିଛି। ବିଶେଷକରି ଦେଶରେ ପୂର୍ବ, ପଶ୍ଚିମ, କେନ୍ଦ୍ର ଏବଂ ଉତ୍ତର ପୂର୍ବ ଭାଗରେ କମ୍ ସେବା ପାଉଥିବା ରାଜ୍ୟଗୁଡିକରେ ନିଜର ଉପସ୍ଥିତି ପରିବର୍ଦ୍ଧିତ କରିବା ସକାଶେ ୨୦୨୨-୨୩ ଆର୍ଥିକ ବର୍ଷରେ ସଂସ୍ଥା ୧୦୨ଟି ନୂଆ ଶାଖା ଖୋଲିଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା କମ୍ପାନୀର ୧୫ ରାଜ୍ୟରେ ମୋଟ ୮୩୫ ଟି ଶାଖା ରହିଥିଲା। ଏହି ନୂଆ ୧୦୨ ଟି ଶାଖା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଖୋଲାଯିବା ସହ ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ନାଟକ, ମହାରାଷ୍ଟ୍ର, ମେଘାଳୟ, ଓଡ଼ିଶା, ତେଲଙ୍ଗାନା ଏବଂ ତ୍ରିପୁରା ଆଦି ରାଜ୍ୟରେ ଏହାର ଅଧିକ ବ୍ୟବସାୟିକ କାର୍ଯ୍ୟକଳାପ ଯୋଗ କରାଯାଇଛି। ଆରୋହଣ ଅର୍ଦ୍ଧ ସହାରାଞ୍ଚଳ ଏବଂ ଗ୍ରାମାଞ୍ଚଳକୁ ଅଧିକରୁ ଅଧିକ ପ୍ରବେଶ କରିବା ନିମନ୍ତେ ବିପୁଳ ନିବେଶ କରୁଛି ଏବଂ ଗ୍ରାମାଞ୍ଚଳ ଯୁବବର୍ଗଙ୍କ ନିମନ୍ତେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ତା' ସହ ସମାଜରେ ଆର୍ଥିକ ଦୃଷ୍ଟିରୁ ଅପହଞ୍ଚ ବର୍ଗଙ୍କ ନିମନ୍ତେ ବର୍ଦ୍ଧିତ ଋଣ ସୁଯୋଗ ସୃଷ୍ଟି କରୁଛି। ଏହାର ନୂଆ ବ୍ୟବସାୟ ଲାଇନ, ଆରୋହଣ ପ୍ରିଭିଲେଜ ଡିଜିଟାଲ ଲେଣ୍ଡିଂ କ୍ଷୁଦ୍ର ଅର୍ଥଲଗାଣ ଆବଶ୍ୟକ କରୁଥିବା ଗ୍ରାହକଙ୍କ ନିମନ୍ତେ ଭାରତର ପ୍ରଥମ ଡିଜିଟାଲ ଋଣ ପ୍ରଦାନକାରୀ ପ୍ଲାଟ୍‌ଫର୍ମ ହୋଇଛି। ଏ ସମ୍ପର୍କରେ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ମନୋଜ ନାମ୍ବିଆର କହିଛନ୍ତି, ଉପଯୁକ୍ତ ସେବାରୁ ବଞ୍ଚିତ ପ୍ରତ୍ୟେକ ପରିବାର ଏବଂ କ୍ଷୁଦ୍ର ବ୍ୟବସାୟ ସଂସ୍ଥାଗୁଡିକୁ ଆର୍ଥିକ ସେବା ପରିସରଭୁକ୍ତ କରିବା ଆମର ପ୍ରମୁଖ ପ୍ରୟାସ। ଏପରିକି ୨୦୨୭ ସୁଦ୍ଧା ୨୦ ନିୟୁତ ଲୋକଙ୍କୁ ସେବା ଯୋଗାଇବାକୁ ଆମେ ଦ୍ରୁତ ସମ୍ପ୍ରସାରଣର ୫ ବର୍ଷିଆ ଆକାଂକ୍ଷୀ ଯୋଜନା ସହ ଗୁଜରାଟ, ହରିୟାଣା ଏବଂ ମହାରାଷ୍ଟ୍ର ଭଳି ରାଜ୍ୟରେ ଚଳିତ ବର୍ଷ ପ୍ରବେଶ କରିବାର ଯୋଜନା ରଖିଛୁ।

# ଓଏଚ୍‌ପିସିର ୨୮ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୧।୪

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି)ର ୨୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଏକ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓଏଚ୍‌ପିସିର ଚେୟାରମ୍ୟାନ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଚ୍‌ପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାରଙ୍କ ସମେତ ନିର୍ଦ୍ଦେଶକ (ଏଚ୍ଆର) ଡ. ପ୍ରବୋଧ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେଶନ) ଆଶିଷ କୁମାର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ନିର୍ଦ୍ଦେଶକ (ଏଚ୍ଆର୍) ଡ. ପ୍ରବୋଧ କୁମାର ମହାନ୍ତି ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ସେହିଭଳି ଓଏଚ୍‌ପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର ନିଗମର ସଫଳତା ଓ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ପରିଶେଷରେ ନିଗମ ଦ୍ୱାରା ପରିଚାଳିତ କେନ୍ଦ୍ରର କାର୍ଯ୍ୟ ଓ ସଫଳତାକୁ ଆଧାରକରି ହୀରାକୁଦ ହାଇଡ୍ରୋ ଇଲେକ୍ଟ୍ରିକ ପ୍ରୋଜେକ୍ଟ ବୁର୍ଲାକୁ ପ୍ରଥମ ପୁରସ୍କାର ଦିଆଯାଇଥିବା ବେଳେ ଚିପିଲିମା ହାଇଡ୍ରୋ ଇଲେକ୍ଟ୍ରିକ ପ୍ରୋଜେକ୍ଟ ୨ୟ ଏବଂ ବାଲିମେଳା ହାଇଡ୍ରୋ ଇଲେକ୍ଟ୍ରିକ ପ୍ରୋଜେକ୍ଟକୁ ୩ୟ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଶେଷରେ ଓଏଚ୍‌ପିସିର ନିର୍ଦ୍ଦେଶକ (ଅପରେଶନ) ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ରିଲାଏନ୍ସ ଜିଓର ବାର୍ଷିକ ଫଳାଫଳ




ନୂଆଦିଲ୍ଲୀ,୨୧।୪

ଦେଶର ସର୍ବବୃହତ୍ ଟେଲିକମ୍ ଓ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ପ୍ରକାଶ କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ନେଟ୍ ଲାଭ ୨୦୨୧- ୨୨ ଆର୍ଥିକ ବର୍ଷ ତୁଳନାରେ ୨୩% ବୃଦ୍ଧି ଘଟି ୧୮,୨୦୭ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ଲାଭ ୧୪,୮୧୭ କୋଟି ଟଙ୍କା ରହିଥିଲା। ସେହିଭଳି କମ୍ପାନୀର ବାର୍ଷିକ ମୋଟ ପରିଚାଳନାଗତ ରାଜସ୍ୱ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୮% ବୃଦ୍ଧି ଘଟି ୯୦,୭୮୬ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷରେ ୭୬,୯୭୭ କୋଟି ଟଙ୍କା ରହିଥିଲା। ସେହିପରି ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ଶେଷ ସୁଦ୍ଧା ବା ୪ର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭ ୪୧୭୩ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି, ଯାହା ୨୦୨୧- ୨୨ ଆର୍ଥିକ ବର୍ଷ ସମାନ ତ୍ରୈମାସିକ ତୁଳନାରେ ୧୩% ଅଧିକ ବୋଲି କୁହାଯାଉଛି।

## ଆର୍‌ଆଇଏଲ୍‌ର ନେଟ୍ ଲାଭ ୭୪, ୦୮୮ କୋଟି

ନୂଆଦିଲ୍ଲୀ,୨୧।୪: ଦେଶର ସର୍ବବୃହତ୍ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ଶୁକ୍ରବାର ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ତଥା ସମ୍ପୂର୍ଣ୍ଣ ବର୍ଷର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ବାର୍ଷିକ ନେଟ୍ ଲାଭ ୧୪% ବୃଦ୍ଧି ଘଟି ୭୪, ୦୮୮ କୋଟି ଟଙ୍କା ହୋଇଥିବା ଜଣାପଡ଼ିଛି। ସେହିଭଳି କମ୍ପାନୀର ଇବିଆଇଟିଡିଏ ପ୍ରଥମ ଥର ପାଇଁ ଦେଢ଼ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ୧,୫୪,୬୯୧ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ବିଗତ ୫ବର୍ଷ ମଧ୍ୟରେ କମ୍ପାନୀର ନେଟ୍ ଲାଭ ଓ ଇବିଆଇଟିଡିଏ ୨ଗୁଣା ହୋଇଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ରାଜସ୍ୱ ୨୩.୨% ବୃଦ୍ଧି ସହ ୯,୭୬,୫୨୪ କୋଟି ଟଙ୍କା ହୋଇଛି। କମ୍ପାନୀର ରିଟେଲ ବ୍ୟବସାୟରେ ପୂର୍ବ ବର୍ଷ ତୁଳନାରେ ୩୦% ଅଭିବୃଦ୍ଧି ହେବା ସହିତ ମୋଟ ରାଜସ୍ୱ ୨,୬୦, ୩୬୪ କୋଟି ଟଙ୍କା ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା କମ୍ପାନୀର ରିଟେଲ ଷ୍ଟୋର ସଂଖ୍ୟା ୩୩୦୦ ବୃଦ୍ଧି ପାଇ ମୋଟ ୧୮,୦୪୦ ରେ ପହଞ୍ଚିଛି।

# ଗଣନା

ଗଳ୍ପ

ରାମଶଙ୍କର

"ହେଇଟି ଶୁଣୁଛ, ମଦନବାବୁ ଫୋନ୍ କରିଥିଲେ। ଆସନ୍ତା ରବିବାର ଦିନ ମଇନାକୁ ଦେଖିବାକୁ ସପରିବାର ଆସିବେ। ତୁମେ ମଇନାକୁ ଫୋନ୍‌କରି କହିଦିଅ, ସେ ଶନିବାର ସନ୍ଧ୍ୟାକୁ ଘରକୁ ଆସୁ। ମୁଁ ମଦନବାବୁଙ୍କୁ କହିଦେଉଛି, ସେମାନେ ଦିନ ୧୧ଟା ବେଳକୁ ଆସନ୍ତୁ, ଖାଇ ପିଇ କରି ଯିବେ।" ସଦାନନ୍ଦ ବାବୁ କହିସାରି ସ୍ତ୍ରୀଙ୍କ ମୁହଁକୁ ଅନେଇଲେ।

ଆରତି ଦେବୀ କିଛି ସମୟ ଗୁମ୍‌ମାରି ରହି ପୁଣି କହିଲେ- "ମୁଁ ତ ମଇନାକୁ କହିଦେବି, କିନ୍ତୁ ତୁମେ ମଧ୍ୟ ମଇନା ସହ କଥା ହୋଇଯାଅ। ତୁମରି ମୁହଁ ପାଇ ସେ ଉପରମୁହିଁ ହୋଇଛି। ମୋ' କଥା କ'ଣ କେବେ ରଖୁଛି ନା ଏବେ ରଖିବ? ତୁମଠୁ ସାହସ ପାଇ ସେ ଠୋ ଠୋ କଥାବାର୍ତ୍ତା କରୁଛି। ଝିଅ ପିଲାଟା, ଟିକେ ଲାଜସରମ କରୁନାହିଁ। ଯେତେ ପାଠ ପଢ଼ି ଚାକିରି କଲେ କ'ଣ ହେବ? ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେଲାବେଳେ ତା' ମନକୁ ନ ପାଇଲେ ଖାଲି ଯୁକ୍ତି। ଏଥରକ ମଦନବାବୁଙ୍କ ପରିବାରଙ୍କ ସହ ବେଶୀ ଗପିବ ନାହିଁ। ସେମାନେ ଯେତିକି ପଚାରିବେ ସେତିକି ଉତ୍ତର ଦେବ। କଲେଜରେ ପିଲାମାନଙ୍କୁ ପାଠ ପଢ଼ଉଛି ବୋଲି କ'ଣ ସମସ୍ତଙ୍କୁ ପାଠ ପଢ଼େଇବ? ସାନ, ବଡ଼, ଗୁରୁଜନ ବୋଲି କିଛି ମାନିବ ନାହିଁ? ଗୁରୁଜନମାନଙ୍କ କଥା ମନକୁ ନ ପାଇଲା ବୋଲି ତାଙ୍କୁ ମୁହେଁ ମୁହେଁ ଭୁଲ୍ ଠିକ୍ ଶୁଣାଇବ? ଆଉ ଶୁଣ, ଝିଅ ବାହାଘର ପାଇଁ ଘର ବର ଦେଖିବା କଥା। ମଦନବାବୁଙ୍କ ଭଳି ଶିଳ୍ପପତି ଆମ ରାଜ୍ୟରେ କେତେ ଜଣ ଅଛନ୍ତି? ଗୋଟିଏ ବୋଲି ପୁଅ, ଝିଅ ଦୁଇଟାକୁ ବାହା ଦେଇ ସାରିଛନ୍ତି। ପୁଅ ଲଣ୍ଡନରୁ ଏମ୍.ବି.ଏ. କରି ଆସି ନିଜ କାରଖାନାର ମ୍ୟାନେଜିଂ ଡାଇରେକ୍ଟର ଦାୟିତ୍ୱ ସମ୍ଭାଳୁଛି। ଆମର ଆଉ କ'ଣ ଦରକାର ଯେ? ମଇନାକୁ କହିଦେବ, ଇଆଡୁସିଆଡୁ କଥାବାର୍ତ୍ତା କରି ମଦନବାବୁଙ୍କ ପରିବାରକୁ ବିଗିଡ଼େଇଲେ ତା' ପାଇଁ ଆଉ ପ୍ରସ୍ତାବ ଦେଖାଯିବ ନାହିଁ। ସେ ତା' ମନଇଚ୍ଛାରେ ବାହା ହେଉ କି ଅଭିଆଡ଼ୀ ରହୁ। ସେ କ'ଣ ଭାବୁଛି ଆ'ଠୁ ଆଉ ଭଲ ପ୍ରସ୍ତାବ ମିଳିବ। ତା' ପୁଣି ମଦନବାବୁ ତାଙ୍କ ଆଡୁ ପ୍ରସ୍ତାବ ଆଣିଛନ୍ତି। ତାଙ୍କ ଧନଦୌଲତ, ମାନସମ୍ମାନ ଆଗରେ ଆମେ କ'ଣ କହିଲ? ହଉ, ତୁମେ ଗାଧୋଇ ପାଧୋଇ ଜଳଖିଆ କରି ବଜାରକୁ ଟିକେ ଯାଅ। ମଦନବାବୁଙ୍କ ପରିବାର ସମସ୍ତେ ଖାଇଲା ଭଳି ମୁଁ ଗୋଟିଏ ଚିଠା କରି ଦେଉଛି। ମାର୍କେଟିଂ ଆଜି ସାରି ଦିଅ। ମଝିରେ ତ ଦିନ ଦିଇଟା। ରବିବାର ଦିନ ସକାଳୁ ମଟନ୍ ଆଉ ବଡ଼ ଚିଙ୍ଗୁଡ଼ି ଆଣିଦେବ।" ସବୁ କଥା କହିସାରି ଆରତି ଦେବୀ ରୋଷେଇ ଘର ଭିତରକୁ ପଶିଗଲେ।

ସଦାନନ୍ଦବାବୁଙ୍କ ମୁଣ୍ଡରେ ଆରତି ଦେବୀଙ୍କ କଥା କିଛି ପଶୁ ନଥିଲା। ସେ କେବଳ ଗୋଟିଏ କଥା ଭାବୁଥିଲେ। ତାହା ଥିଲା ମଇନାର ସମ୍ମତିରେ ବିବାହ। ଗୋଟିଏ ବୋଲି ଝିଅ। ବାପାଙ୍କ ଅଚଳାଚଳ ସମ୍ପତ୍ତିକୁ କେବେ ଅନେଇ ନାହାନ୍ତି। ସାନ ଭାଇକୁ ଭୋଗ କରିବା ପାଇଁ ସବୁ ଛାଡ଼ି ଦେଇଛନ୍ତି। ଯିଏ ଭାଇଠାରୁ ମାପିଚୁପି ଭାଗ ନେବ ସେ ସମାଜକୁ କ'ଣ ଦେବ? ଅଧ୍ୟାପକ ଭାବରେ ଜୀବନସାରା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଦାନକରି ବେଶ୍ ନାଁ ଅର୍ଜନ କରିଛନ୍ତି। ମଇନାକୁ ନିଜ ହାତରେ ଗଢ଼ିଛନ୍ତି। ଶିକ୍ଷା ଦୀକ୍ଷା ସଂସ୍କାର ଦେବାରେ କୌଣସି ଅବହେଳା କରିନାହାନ୍ତି। ମଇନା ବି ସ୍କୁଲ କ୍ୟାରିୟରବେଳୁ ତାଙ୍କ ସମ୍ମାନ ରଖିଆସିଛି। ଶେଷରେ ପି.ଏଚ୍.ଡି.ରେ ଫାଷ୍ଟକ୍ଲାସ, ଗୋଲ୍ଡ ମେଡାଲ। ଅନେକ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଆଇ.ଏ.ଏସ୍. ପାଇଁ ପ୍ରସ୍ତୁତ ହେବାକୁ ତାକୁ କହିଛନ୍ତି। ମାତ୍ର ଜଣେ ଅଧ୍ୟାପିକା ହେବାକୁ ମଇନା ମୂଳରୁ ମନ ସ୍ଥିର କରିସାରିଥିଲା। ସଦାନନ୍ଦବାବୁ ମଇନାକୁ ପାଠ ପଢ଼ାଇଛନ୍ତି, କିନ୍ତୁ ତା' ଭବିଷ୍ୟତ ତାକୁ ସ୍ଥିର କରିବାକୁ ଶିଖାଇଛନ୍ତି। ଆଜି ଜୀବନର ଏତେ ବଡ଼ ନିଷ୍ପତ୍ତି ସେ ନେବାକୁ ଯାଉଥିବାବେଳେ ସେଥିରେ ହସ୍ତକ୍ଷେପ କରିବାକୁ ସେ ଚାହାନ୍ତି ନାହିଁ। ମଇନାର ନିଷ୍ପତ୍ତି ହିଁ ତାଙ୍କ ନିଷ୍ପତ୍ତି।

"ବୁଝିଲେ ସଦାନନ୍ଦବାବୁ ମଇନାର ନିଷ୍ପତ୍ତି ହିଁ ଆମ ନିଷ୍ପତ୍ତି। ଆପଣଙ୍କୁ ମୁଁ କ'ଣ କହିବି ଭାଷା ପାଉନାହିଁ। ଏହା କହିବାର ଆବଶ୍ୟକ ନଥିଲା। ଆଜିକାଲି କ'ଣ ସବୁ ଘଟୁଛି ସେ କଥା ଆପଣ ଓ ମୁଁ ଉଭୟେ ଜାଣୁ। ସାଧାରଣ ଘରର ଅଧାପାଠୁଆ ପୁଅ ଝିଅ ନିଜ ଇଚ୍ଛାରେ ବାହା ହେଉଛନ୍ତି। ମଇନା ତ ଜଣେ ଉଚ୍ଚ ଶିକ୍ଷିତା ମ୍ୟାଚୁଅର୍ଡ ଝିଅ। ଆମ ଇଚ୍ଛା ତା' ଉପରେ ଲଦି ଦେବା କ'ଣ ଠିକ୍ ହେବ? ଲଦି ଦେଲେ ବି ସେମାନଙ୍କ ଦାମ୍ପତ୍ୟ ଜୀବନ କ'ଣ ସୁଖମୟ ହେବ? ମୁଁ ମଧ୍ୟ ଏ ବିଷୟରେ ପୁଅ ସୀତାକାନ୍ତ ସହ ଖୋଲାଖୋଲି କଥା ହୋଇଛି। ସେ ମଧ୍ୟ କହୁଥିଲା ଯେ, ଦୁଇ ପରିବାରର ପରସ୍ପର ସହ ବନ୍ଧୁତା ବହୁ ବର୍ଷର, ମଇନାର ସମ୍ମତି ନ ମିଳିଲେ ବାହାଘର ନ ହୋଇପାରେ,



ମାତ୍ର ବନ୍ଧୁତା ତ ରହିବ। ଏଇ କଥା କ'ଣ ଆପଣ ଫୋନ୍‌ରେ କହି ମନ ହାଲୁକା କରି ପାରିନଥାନ୍ତେ? ସେଥିପାଇଁ ମୋ' ପାଖକୁ ଆସିବାର କିଛି ଦରକାର ନଥିଲା। ଆପଣ ନିଶ୍ଚିନ୍ତରେ ଯାଆନ୍ତୁ ମୁଁ ମଧ୍ୟ ମଇନାକୁ ପିଲାବେଳୁ ଦେଖି ଆସୁଛି। ମୋର ଦୃଢ଼ ବିଶ୍ୱାସ, ମଇନା ଠିକ୍ ନିଷ୍ପତ୍ତି ନେବ।"

'ତୁ କ'ଣ ଭାବୁଛୁ ତୁ ଠିକ୍ ନିଷ୍ପତ୍ତି ନେଇଛୁ', ସଦାନନ୍ଦବାବୁ ମଇନାକୁ ଧୀର ସ୍ୱରରେ ପଚାରିଲେ।

ମୋ' ନିଷ୍ପତ୍ତିକୁ ନିର୍ଭୁଲ କରିବା ପାଇଁ ମଦନବାବୁ ଓ ସୀତାକାନ୍ତ ମୋତେ ସାହାଯ୍ୟ କରିଛନ୍ତି। ଅବଶ୍ୟ ସେ କଥା ସେମାନେ ଜାଣିନାହାନ୍ତି ଯେ ମୋତେ କିପରି ସାହାଯ୍ୟ କରିଛନ୍ତି। ସେ କଥା ତୁମେ ଶୁଣ। ତା'ପରେ ମୋ' ନିଷ୍ପତ୍ତି ସଠିକ୍ କି ନାହିଁ କହିବ।

ମଦନବାବୁ ଜଣେ ପ୍ରତିଷ୍ଠିତ ଶିଳ୍ପପତି। ସୀତାକାନ୍ତ ତାଙ୍କର ଏକମାତ୍ର ପୁଅ ଓ ଉଚ୍ଚଶିକ୍ଷିତ। କିନ୍ତୁ ତୁମେ ବାପା ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଲକ୍ଷ୍ୟ କରିପାର ନାହିଁ। ସୀତାକାନ୍ତ ତା' ପାଞ୍ଚ ଆଙ୍ଗୁଠିରେ ପାଞ୍ଚଟି ବିଭିନ୍ନ ପଥର ଖଞ୍ଜା ମୁଦି ପିନ୍ଧିଛନ୍ତି। ସେଗୁଡ଼ିକ ଜ୍ୟୋତିଷମାନେ ସ୍ଥିର କରିଥାନ୍ତି। ପ୍ରଥମେ ମୋ' ଆଖି ପଡ଼ିଲା ଲାଲ ପ୍ରବାଳ ଉପରେ। ମାନସିକ ଭୟ ଓ ଦୁର୍ବଳତା ଦୂର କରିବା ପାଇଁ ଏହାକୁ ପିନ୍ଧାଯାଏ। ଠିକ୍ ସେହିଭଳି ଗୋଟେ ମୁଦି ପିନ୍ଧିଛନ୍ତି ମଦନବାବୁ। ଜ୍ୟୋତିଷଙ୍କ ମତରେ ତାକୁ ପିନ୍ଧିଲେ ଋଣଗ୍ରସ୍ତ ମଣିଷ ଋଣମୁକ୍ତ ହୁଏ। ସୀତାକାନ୍ତଙ୍କ ଦ୍ୱିତୀୟ ମୁଦିରେ ଲାଗିଥିଲା ମାଣିକ୍ୟ, ଯାହାକୁ ବିଫଳତାରୁ ରକ୍ଷା ପାଇବା ପାଇଁ ପିନ୍ଧାଯାଏ। ତୃତୀୟ ମୁଦିରେ ଲାଗିଥିଲା ପାନ୍ନା, ତୁମେ ବାପା ଜାଣିଛ ନା, ବାରମ୍ବାର ସ୍ୱାସ୍ଥ୍ୟ ଖରାପ ହେଲେ ପାନ୍ନା ପିନ୍ଧନ୍ତି। ଚତୁର୍ଥ ମୁଦିରେ ଥିଲା ମୋତି। ଯାହାକୁ ମାନସିକ ଅବସାଦ, ଚିଡ଼ିଚିଡ଼ା ସ୍ୱଭାବ ଦେଖାଦେଲେ ପିନ୍ଧାଯାଏ। ପଞ୍ଚମ ମୁଦିରେ ଲାଗିଥିଲା ହୀରା। ସୀତାକାନ୍ତର ହୀରା ମୁଦି କଥା ବୋଉ ବାରମ୍ବାର ମୋତେ ମନେପକାଉଛି। ତାକୁ ସୀତାକାନ୍ତଙ୍କ ବୋଉ କୁଆଡ଼େ କହୁଥିଲେ ଯେ ୧୧ଲକ୍ଷ ଟଙ୍କା ଦେଇ ସେ ହୀରା ଆଫ୍ରିକାରୁ କିଣାଯାଇଛି। ଆମେ ସମସ୍ତେ ଭାବୁ ଧନୀ ଲୋକ ନ ହେଲେ ହୀରା ଗହଣା ପିନ୍ଧିବା ସମ୍ଭବ ନୁହେଁ। ସୀତାକାନ୍ତ ଖାଲି ଗୋଟିଏ ହୀରା ମୁଦି ପିନ୍ଧିଥିଲେ ସେ କଥା ମୁଁ ମଧ୍ୟ ଭାବିଥା'ନ୍ତି। ମାତ୍ର ସେ ଯେମିତି ଜ୍ୟୋତିଷଙ୍କ ପରାମର୍ଶ ଅନୁଯାୟୀ ବିଭିନ୍ନ ପଥରଖଞ୍ଜା ମୁଦି ପିନ୍ଧୁଛନ୍ତି, ସେଥିରୁ ମୁଁ ଯାହା ଜାଣିଲି ବ୍ୟବସାୟରେ କ୍ଷତି ଓ ପ୍ରତିଯୋଗିତାରେ ବିଫଳତାରୁ ରକ୍ଷା ପାଇଁ ହୀରା ପିନ୍ଧିଛନ୍ତି। ମଦନବାବୁ ଲାଲ ପ୍ରବାଳ ସହ ପୋଖରାଜ ଥିବା ଆଉ ଗୋଟିଏ ମୁଦି ପିନ୍ଧିଥିଲେ। ପାରିବାରିକ ଅଶାନ୍ତି ଦୂର କରିବା ପାଇଁ ସେହି ପଥରର ମୁଦି ପିନ୍ଧିଛନ୍ତି। ଏବେ ତୁମେ ବାପା କୁହ, ଯେଉଁଠି 'ଘର ଆଉ ବର' ଏତେ ପ୍ରତିକୂଳ ପରିସ୍ଥିତି ଓ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି, ସେଠି ପ୍ରସ୍ତାବକୁ ଅସ୍ୱୀକାର କରିବା କ'ଣ ମୋ' ନିଷ୍ପତ୍ତି ଠିକ୍ ନୁହେଁ? ଆଉ ଗୋଟିଏ କଥା ଶୁଣ ବାପା। ଜୀବନରେ ସମସ୍ୟା ଆସିବ, ଏହା ଏକ ସ୍ୱାଭାବିକ ଓ ପ୍ରାକୃତିକ ଚକ୍ର। କିନ୍ତୁ ସମସ୍ୟାକୁ ସମାଧାନ କରିବା ପାଇଁ ନିଜର ମନୋବଳକୁ ଦୃଢ଼ ରଖି ଉଦ୍ୟମ ଜାରି ରଖିବା ପରିବର୍ତ୍ତେ କାଳ୍ପନିକ ଗ୍ରହ ପ୍ରଭାବ ଭଳି ଅନ୍ଧବିଶ୍ୱାସୀ ମଣିଷକୁ ଜୀବନସାଥୀ ବାଛିବା କ'ଣ ଠିକ୍ ହୋଇଥାନ୍ତା? ଜାଣିଛ ନା ବାପା ପାଠଶାଠ ପଢ଼ିଥିବା ଶିକ୍ଷିତ ଲୋକମାନେ 'ପଥର' ପଛରେ ଟଙ୍କା ଖର୍ଚ୍ଚ କରୁଛନ୍ତି ଆଉ ଅଳ୍ପ ପାଠୁଆ 'ପଥର'ରୁ ଟଙ୍କା ଆୟ କରୁଛନ୍ତି।

"ତୁ ମା' ବ୍ୟସ୍ତ ହୁଅନା, ମୁଁ ମଦନବାବୁଙ୍କୁ ମଧ୍ୟସ୍ଥ ଜରିଆରେ ଖବର କରିଦେବି। ଆଉ ଯଦି ଦରକାର ପଡ଼େ ମୁଁ ନିଜେ ତାଙ୍କୁ ଭେଟି ତୋ' ନିଷ୍ପତ୍ତି ଜଣାଇଦେବି।" ସଦାନନ୍ଦବାବୁ ମଇନା ରୁମ୍‌ରୁ ବାହାରିଲାବେଳେ ମଇନାର ଦୃଷ୍ଟିଭଙ୍ଗୀ ତାଙ୍କ ମନୋବଳକୁ ଦୃଢ଼ କରିଥିଲା, ଯାହା ତାଙ୍କ କଥା ଓ ଚାଲିରୁ ଜଣାପଡୁଥିଲା। ମଇନାର 'ନିର୍ଭୁଲ୍ ଗଣନା' ତାଙ୍କୁ ଆଚମ୍ବିତ କରିଥିଲା।

ମଦନବାବୁ ଚିନ୍ତିତ ଓ ବ୍ୟସ୍ତ ହୋଇପଡୁଥିଲେ। ବାବାଙ୍କ ଆଶ୍ରମରୁ ବାହାରିଲା ବେଳେ ବିଖ୍ୟାତ ଜ୍ୟୋତିଷାଚାର୍ଯ୍ୟଙ୍କ କଥା ବାରମ୍ବାର ମନେପଡୁଥିଲା।

"ବୁଝିଲ ମଦନବାବୁ, ସୀତାକାନ୍ତ ଓ ମଇନାର ରାଜଯୋଟକ, ଯୋଗକୁ ୩୬ରୁ ୩୬ଗୁଣ ମିଶୁଛି। ମଇନାର ପାଦ ତୁମ ଘରେ ପଡ଼ିଲେ ସବୁ ସମସ୍ୟା ସମାଧାନ ହୋଇଯିବ। ଏ ବିବାହ ନିଶ୍ଚେ ହେବ। ତୁମେ ଯାଅ, ମୁଁ ମଧ୍ୟ ବାବାଙ୍କ ସହ କଥାବାର୍ତ୍ତା ହୋଇ ଆସନ୍ତାକାଲି ଏକ ଗ୍ରହଶାନ୍ତି ଯଜ୍ଞ ଓ ପୂଜା ଅନୁଷ୍ଠାନ କରିବି। ତୁମେ ପଅରଦିନ ପ୍ରସ୍ତାବ ନେଇ ସଦାନନ୍ଦ ଘରକୁ ଯିବ।"

କିନ୍ତୁ ପ୍ରସ୍ତାବର ଉତ୍ତର ପାଇ ମଦନବାବୁ ଭାବୁଥିଲେ ବାବା ଓ ଜ୍ୟୋତିଷାଚାର୍ଯ୍ୟଙ୍କ 'ଗଣନା' କେଉଁଠି ଭୁଲ୍ ହୋଇଗଲା?

ମୋ: ୯୩୩୭୬୨୧୪୫୫

## କବିତା

### ଉତ୍ତରଣ

ଡ. ଗୌରୀଶଙ୍କର ସାହୁ

ଗହଣା ଦିଏ ସୁଖ
ନିଜ ଦେହକୁ, ମନକୁ
ଦେଖଣାହାରିର ଆଖିକୁ
ଠିକ୍ ଗଛର ଫୁଲଟିଏ ପରି
ଫୁଲଟିଏ ପରି ବଗିଚାର।

ସର୍ବୋତ୍ତମ ସୁଖବେଳେ
ସଂସାରୀ ମଣିଷ
ଖୋଲିପକାଏ ଗହଣାସବୁ,
ଚଉଠି ରାତିରେ
ପ୍ରେମରସେ ରସସିକ୍ତ
ନବବଧୂ ପରି
ତୁଠଘରେ ନିର୍ଦ୍ଦୟ, ନିର୍ମମ
କୁଟୁମ୍ବ ଯେପରି।

ଦୁଃଖମାନେ ତ
ଚିରକାଳ କୋଳାକୋଳି,
ଗୋଟିଏ ସୁଖ କାହିଁକି ଯେ
ଆରଟିର ବଇରୀ?

ସଚରାଚର କ'ଣ ଏକାପରି?

ସ୍ପନ୍ଦନସବୁ ଏକାଠି ରହନ୍ତି,
ଏକାଠି ବୁଲନ୍ତି,
ରହିପାରନ୍ତି ନାହିଁ ଯାହା କଣିକା,
ନା ସ୍ପନ୍ଦନ, ନା କଣିକା;
କେବଳ କିରଣ ହିଁ
ହୋଇପାରେ ଦିଗ୍‌ଦର୍ଶିକା।

ଯାହା କଣିକା ବି ସ୍ପନ୍ଦନ ବି
ତେଜୋମୟ ରବି।

ଯେତେବେଳେ ଏକାକାର ହେଉଥିବେ
ଦୁଃଖ ଆଉ ସୁଖ,
ଏକ ମନ, ଏକାତ୍ମ
ତୃପ୍ତି ଆଉ କଷ୍ଟ,
ସେଇ ପବିତ୍ର ମୁହୂର୍ତ୍ତ,
ଜନ୍ମଦାତ୍ରୀ
ଦିବ୍ୟ ସର୍ଜନାର।

ହେ ଅମୃତ ଆତ୍ମଜ
ସେଇ ଆଲୋକ ହେଉ ତମ ଆଦର୍ଶ
ସେଇ ସମୟର ପାଅ ତମେ
ସ୍ନିଗ୍ଧ ସାହଚର୍ଯ୍ୟ।

ମୋ: ୭୯୭୮୪୨୧୮୩୫

### ଚତୁର୍ଦ୍ଦଶୀର ଜହ୍ନ

ଅରୁଣ କୁମାର ସାହୁ

ଚତୁର୍ଦ୍ଦଶୀ ଜହ୍ନର ଆକାଶ
ଗାଁ ତୋଟାରେ ଅସ୍ପଷ୍ଟ ଶୁଭ୍ରତା
ଅନ୍ଧାରର ବ୍ୟାପ୍ତି ଦୃଶ୍ୟମାନ
ଲୁଚିବାର ସମୟ ଆସିଲେ
ଗୋଟାଏ ରାତିରେ ଅନେକ ଫରକ
ତୁମେ ଆସି ଫେରି ଚାଲିଗଲେ।

ପୂର୍ଣ୍ଣିମାରେ ତୁମେ ଆସିବ ନାହିଁ
ଏକଥା କ'ଣ ତୁମେ ଜାଣ ନାହିଁ
ଆଲୋକିତ ଅନ୍ଧାରରେ ଅନେକ ଗହନ
ତୁମ ଶ୍ୟାମଳ ଦେହ ମୁଖ ଶୋଭା
ପୂର୍ଣ୍ଣିମାରେ ଦେଖି ହୁଏ ନାହିଁ
ଚତୁର୍ଦ୍ଦଶୀର ଜହ୍ନ ତୁମେ
କେହି ଏ ସୀମିତ ଜ୍ୟୋତ୍ସ୍ନା ଛୁଇଁବାକୁ
ଶ୍ୟାମଳିମାର ପାଖ ମାଡ଼େ ନାହିଁ।

ଆସିବାର ଶବ୍ଦ ଶୁଭେ
ନିଶୀଥ ନୀରବ ନିଥର
ଛାଇ ଅନ୍ଧାର ଲୁଚାଇପାରେ
ପରକୀୟା ଶବ୍ଦ ପାଉଁଜିର
ଚତୁର୍ଦ୍ଦଶୀ ଏଡ଼ାଇଯାଏ
ରତମ୍ଭରା ଯୌବନ ଜହ୍ନର।

ତରତର ଡରଡର ଛାଇ ଆଲୁଅରେ
କଦ୍ବଚିତ୍ କାମନା ଈପ୍‌ସିତ ରାତିର ଛାଇ
ଘୋଡ଼ା ପିଠିରେ ଚଢ଼ି
ମଦାଳସା ବିନିଦ୍ରା ନାୟିକା
ଆସିଯାଏ ଲକ୍ଷେ କୋଶ ସହକାର ତଳେ
ସୁଷୁପ୍ତିର ଘର ଏବଂ ନିଦ ପଲଙ୍କରୁ
ଦରଗଡ଼ା ସଂସାର ଓ ମନ ଆକାଶରୁ।

ଅପୂର୍ଣ୍ଣିମା ଘୋଡ଼ାଇଦିଏ ଶୁଭ୍ର ଅଭିସାର
ଲୁଚିଯାଏ ତୋଟା ଗହଳେ
ଚତୁର୍ଦ୍ଦଶୀ ଛବିଳ ସୁନ୍ଦରୀ
ଜହ୍ନ ଓ ମାଟିର ଏ ଲୁଚକାଳି ଖେଳ
ପଳାୟନରତ ମେଞ୍ଚେ ଅସୁସ୍ଥ ବାଦଲ
ସାରା ଗାଁ ନିଦ୍ରାଲଗ୍ନା ବନ୍ୟାରେ ପ୍ଲାବିତ
ଏ ସମୟ ଲୁଚାଛପା ପ୍ରଣୟର ବେଳ
ଏ ସମୟ ବର୍ଷବର୍ଷ ତପସ୍ୟାର ବର
ସଂସାର ବି ତା' ରାସ୍ତାରେ ଚାଲିବାର ଅଛି
ନିଭୃତରେ ସଂଗୁପ୍ତ ପ୍ରଣୟ ବିଭୋର
ଚତୁର୍ଦ୍ଦଶୀ ପ୍ରେମ ଏମିତି ସଦା ସୁପ୍ତ ଓ ମଧୁର।

ମୋ: ୯୪୩୭୧୫୫୬୧୭

### ବନିଶୀକଣ୍ଟାରେ ଜୀବନ

ସ୍ନିଗ୍ଧା ପଣ୍ଡା

କେହି ଜଣେ ବସିଛି
ଢିପ ଉପରେ
ଅନିଷା କରିଛି ଏଥର
ତଳେ ଭଉଁରି କାଟୁଥିବା
ପାଣିରୁ କେହି
ଥୋପ ଗିଳୁଛି କି ନାହିଁ।

ଉପରକୁ ବି ନିଘା
ଚକ୍କର କାଟୁଛନ୍ତି
ଚିଲ ଆଉ ମାଛରଙ୍କା
ପାଣି ଟିକେ ହଲିଲେ
ତା' ଭିତରୁ ଝାମ୍ପିନେବାକୁ କିଛି
ନଖରେ, ଥଣ୍ଟରେ।

ହଅ, ନେଉନା
ଯେମିତି ଯିଏ ପାରୁଛି ନେଉ
ପଛକୁ ପଛ କଡ଼ି ଯୋଡ଼ି
ଚାଲିଛି ପରା ସଂସାର
ଏଇ ଅଛି ଏଇ ନାହିଁ
ବନିଶୀକଣ୍ଟାରେ ଜୀବନ
ଝୁଲିବାକୁ ତଥାପି ତତ୍ପର।

ମୋ: ୯୮୬୧୩୨୩୬୫୦

## ପୁସ୍ତକ ପରିଚୟ

### ମହାରାସ




**ଲେଖକ:** କୃପାସାଗର ସାହୁ
**ପ୍ରକାଶକ:** ସୀତା-ଶିବ ସ୍ମୃତି ନ୍ୟାସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/-

ପୌରାଣିକ ବିଷୟକୁ ନେଇ ଗାଳ୍ପିକ କୃପାସାଗର ଲେଖିଥିବା ଦଶଟି ଗଳ୍ପ ଆଲୋଚ୍ୟ ପୁସ୍ତକରେ ସ୍ଥାନିତ। ବିଷୟ ପୁରୁଣା, କିନ୍ତୁ ଦୃଷ୍ଟିଭଙ୍ଗୀ ନୂଆ- ଏହା ହିଁ ଗଳ୍ପଗୁଡ଼ିକର ବିଶେଷତ୍ୱ। ବହିରେ ଥିବା 'ଶ୍ରୀରାମଙ୍କ ଶେଷ ଶୋକ', 'ରାଧାରାଣୀ', 'କୋକୁଆ', 'ବୁଢ଼ା ନାଉରୀ', 'କାଳୀୟ' ଓ 'ମହାରାସ' ପ୍ରଭୃତି ଗଳ୍ପଗୁଡ଼ିକୁ ପଢ଼ିଲେ କାହିଁ କେତେ ଯୁଗ ତଳର ଇତିହାସ ନୂଆ ଆଖିନେଇ ପାଠକକୁ ଚାହେଁ। ପୁରାଣରେ ସିନା ଗଳ୍ପ ଥିଲା, କିନ୍ତୁ ତା'ର ଏପରି ଆବେଦନ ନଥିଲା; ଯେଉଁ ଆବେଦନ ପାଠକେ ଏସବୁ ଗଳ୍ପରେ ଆବିଷ୍କାର କରନ୍ତି। ବହି ଶେଷରେ 'ପୃଷ୍ଠବନ୍ଧ'ଟିଏ ଅଛି, ଲେଖିଛନ୍ତି ଡ. ଅଜୟ କୁମାର ମିଶ୍ର। ଅଜୟ ପୁସ୍ତକସ୍ଥ ଗଳ୍ପଗୁଡ଼ିକର ସମୀକ୍ଷା କରିସାରି ଉପସଂହାରରେ କହୁଛନ୍ତି: "କଥାକାର କୃପାସାଗର ପୁରାକଳ୍ପର ପ୍ରଲମ୍ବନ ଭିତରେ ନିଜର ଭାବକଳ୍ପକୁ କଳାତ୍ମକ କରି ଗଢ଼ି ତୋଳିଛନ୍ତି। ନାଟକୀୟ ଅବତାରଣାରେ ତାଙ୍କର ପୁରାକାଳ୍ପିକ ଗଳ୍ପ ଯେତେ ହୃଦୟସ୍ପର୍ଶୀ, ସେତେ ଭାବପୂର୍ଣ୍ଣ ଓ ପ୍ରଭାବଶାଳୀ।" ଗଳ୍ପଗୁଡ଼ିକର ସବୁଠୁଁ ବଡ଼ ବିଶେଷତ୍ୱ ହେଉଛି 'ନୂଆଭାଷା'ରେ ଜଣା ବିଷୟର 'ଅଭିଷେକ'। 'କାଚରା' ଗଳ୍ପରୁ ଦୃଷ୍ଟାନ୍ତଟିଏ ନେବା। କାଚରା ବେଶରେ କାହ୍ନା ଆସି ଗୋପବାଳା ଓ ବଧୂମାନଙ୍କୁ କାଚ ପିନ୍ଧାଇ ଦେଉଛନ୍ତି, କାଚର ଦର ଏଠି ଅବାନ୍ତର। କୃପାସାଗର କହୁଛନ୍ତି: "ବେପାରୀର ବୟସ ଯେତେବେଳେ ଢଳଢଳ ଏବଂ ଗରାଖର ବୟସ ଛଳଛଳ, ସେତେବେଳେ କୋଉ ଅର୍ଥନୀତି କାମକରେ ଯେ କାଚରା କଉଡ଼ି ମାଗିବ! ନା ଗରାଖ ମୂଲଚାଲ କରିବ! କିଶୋରୀମାନେ ହସାହସି ହୋଇ ଫେରିଯାଉଥିଲେ। ଜଣେ ମନ୍ତବ୍ୟ ଦେଲା- ମାଇଗୁଲିଆଟେ।" (ପୃ:୪୨)। 'ମହାରାସ' ଯେ ପାଠକୀୟ ଆଦୃତି ପାଇବ, ଏହା ନିଃସନ୍ଦେହ।

### ଅନ୍ତବୁଜୁଳା




**କବି:** ମନୁଆ ଦାସ
**ପ୍ରକାଶକ:** କେତକୀ ଫାଉଣ୍ଡେଶନ ଟ୍ରଷ୍ଟ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୯୪/-

ବହିଟିରେ ମୋଟ ୨୦ଟି କବିତା, ଆରମ୍ଭରେ ଛୋଟ ଗୋଟେ ଲିରିକାଲ 'ଭୂମିକା' ଓ ପଛ ମଲାଟରେ କବି ମନୁଆଙ୍କର କିଛି ମନୁଆମି, ଯହିଁରେ ତାଙ୍କ କବିତାର ଭିନ୍ନତା ନିଷ୍କପଟ ଭାବେ ପରିସ୍ଫୁଟିତ। ମଲାଟଲେଖରେ ମନୁଆ କହନ୍ତି: "ଅନ୍ତବୁଜୁଳା ସଂକଳନଟି ହେଉଛି ଯେଉଁ ସମାଜରେ ମୁଁ ଏ ପର୍ଯ୍ୟନ୍ତ ବଞ୍ଚି ରହିପାରିଛି, ମୋ' ଭିତରେ ସେଇ ସମାଜ କେଉଁ ରୂପରେ ବଞ୍ଚିଛି, ତାହାର ଏକ ପ୍ରାଞ୍ଜଳ ନିର୍ଭୀକ ଦସ୍ତାବିଜ୍। ବିଶୃଙ୍ଖଳା ଭିତରୁ ମିଳିଛି ପ୍ରେରଣା। ଅନ୍ତର୍ବିପ୍ଳବ ଭିତରୁ ଆସିଛି ଆହ୍ୱାନ।" ତେବେ କିପରି ଏ କବିତାର ଚେହେରା, ଆତ୍ମା? ଏହାର ଉତ୍ତର ପାଇଁ ପାଠକଙ୍କ ଆଗରେ ଗୋଟେ ଯୋଡ଼େ ଉଦ୍ଧୃତି: ୧. "ଏ ଶତାବ୍ଦୀ/ ଧର୍ମ ନାଁରେ ଦଙ୍ଗା, ଭୋଟ୍ ସନ୍ତ୍ରାସ/ ନୀତି ନାଁରେ ପୁଞ୍ଜିର ଶାସନ, ଉଗ୍ର ଜାତୀୟତା/ ଶାସନ ନାଁରେ ସ୍ୱେଚ୍ଛାଚାରୀ ଘରୋଇକରଣ/ ଗଣତନ୍ତ୍ର ନାଁରେ ଦିଗଭ୍ରଷ୍ଟ ବହୁମତ/ ବିକଳ୍ପ ବାଟ ସବୁ ରୁଦ୍ଧ।" (ଆଁ କଲେ ଦିଶୁଛି ଅନ୍ତ- ପୃ:୧୭), ୨. "ଛିନ୍‌ଛତ୍ର ସବୁକିଛି/ ମେଳା ମଉଜ, ବାଣ ରୋଶଣି/ ଭାଗବତ ଗାଦି/ ସାତ ପୁରୁଷର ବୁନିଆଦି/ ଛିନ୍‌ଛତ୍ର ସଂସାରର ବୃତ୍ତାନ୍ତ ପରିଧି।" ('ଶୁଭେନି କିଛି କାହାକୁ'- ପୃ:୧୦୦)। ଏ କବିତାରେ ସମକାଳର ଉତ୍ତାପ ରହିଛି। କ୍ରୋଧ ଅଛି, କାରୁଣ୍ୟ ଅଛି। କାଳକୁ ଜିଣିଯିବାର ଏକ ସ୍ପର୍ଦ୍ଧା ଅଛି। ମନୁଆ ଯେ ନିଜ ସମୟର ଜଣେ ବାଟଭଙ୍ଗା କବି- ଏହା ସ୍ୱୀକାର କରିବାରେ କ୍ୱଚିତ୍ ପାଠକର ଆପତ୍ତି ରହିବ। ବହିଟିର ନାମକରଣ ଓ ଅଙ୍ଗନ୍ୟାସର ସ୍ୱତନ୍ତ୍ରତା- ଉଭୟ ଉଭୟଙ୍କୁ ବଳି।

# ଲକ୍‌ଡାଉନ ଓ ଭୋକ

ଅନୁବାଦ ଗଳ୍ପ

ମୂଳ ହିନ୍ଦୀ: ନସୀମ ଅଂଶୋରୀ କୋଚର
ରୂପାନ୍ତର: ଶରତ କୁମାର ରାଉତ

ଲକ୍‌ଡାଉନ ସମୟରେ ପତ୍ନୀ ନିଜ ବାପଘରକୁ ଯାଇ ଫସିଯାଇଥିଲା। ଫେରିବାର କୌଣସି ଉପାୟ ହିଁ ନ ଥିଲା। ଦୁଇ-ଚାରିଦିନ ତ ପଡ଼ୋଶୀ ସ୍ତ୍ରୀଲୋକ ଜଣକ ସକାଳ ସନ୍ଧ୍ୟାରେ ଖାଦ୍ୟ ପଠାଇ ଦେଉଥିଲେ। ହେଲେ ମତେ ଅଡୁଆ ଅଡୁଆ ଲାଗୁଥିଲା। ମୁଁ ତାଙ୍କୁ କହିଲି, "ଭାଉଜ, ମୋ' ପାଇଁ ଆପଣ କଷ୍ଟ କରିବାର ଆବଶ୍ୟକତା ନାହିଁ, ମୁଁ ସ୍ୱୟଂ ଖାଦ୍ୟ ପ୍ରସ୍ତୁତ କରିନେବି..."

ମୋ' ସ୍ତ୍ରୀ ବହୁଦିନରୁ ବାପଘର ଯିବାକୁ ଜିଦି କରୁଥିଲା। କିନ୍ତୁ ମୁଁ ସବୁବେଳେ ମନା କରି ଦେଉଥିଲି। ଏଥର ସେ କାନ୍ଦକାନ୍ଦ ସ୍ୱରରେ କହିବାକୁ ଆରମ୍ଭ କଲା, "ମୁଁ ଜାଣିଛି ଯେ ମୋ' ବିନା ତୁମେ ଘର ସମ୍ଭାଳି ପାରିବ ନାହିଁ? ଏଥିଯୋଗୁ ହିଁ ତୁମେ ମୋତେ ଯିବାକୁ ଦେଉନ... ମୋ' ବିନା ଭୋକ ଉପାସରେ ରହି ହିନସ୍ତା ଭୋଗିବ, ଆଉ ସେଥିପାଇଁ ତୁମେ ମୋତେ ବନ୍ଦି କଲାଭଳି ଛାଡୁନ? ହଁ, ମୁଁ ଯେମିତି ତୁମର ଚାକର! ଖାଲି ଏହି ଘରେ ରହି ତୁମକୁ ରାନ୍ଧିବାଢ଼ି ଖାଇବାକୁ ଦେବି! ମୋ' ଜୀବନ ତ ସେଇଆ..."

ଶେଷରେ ମୁଁ ଚିଡ଼ି ତାକୁ ତା' ବାପଘର ଯୌନପୁର ପଠାଇଦେଲି ଓ କହିଲି, "ତୁମେ ମତେ ଭାବୁଛ କ'ଣ? ତୁମ ବିନା ଘର ଚଳାଇ ପାରିବିନି? ଭୋକରେ ମରିଯିବି? ତୁମର ଏଭଳି ଭାବନା ଭୁଲ୍... ସେ ଯାହାହେଉ ଏବେ ବାପଘରକୁ ଯାଇ ମନ ଶାନ୍ତି ହେବା ପର୍ଯ୍ୟନ୍ତ ସେଠାରେ ରୁହ! ମୋର କିଛି ଅସୁବିଧା ହେବନି! କାରଣ ହୋଟେଲ ଅଛି ତ ଜିନ୍ଦାବାଦ୍!"

ମୁଁ ତାକୁ ନେଇ ତାଙ୍କ ବାପଘର ଯାଉଥିବା ଟ୍ରେନ୍‌ରେ ବସାଇଦେଲି। ଦଶଦିନ ଭିତରେ ସେ ବାପଘରୁ ଫେରି ଆସିବ ବୋଲି ସ୍ଥିର ହେଲା। ତା' ସାଙ୍ଗରେ ମୋ' ଆଠବର୍ଷର ପୁଅ ମଧ୍ୟ ଗଲା।

ଏବେ ମୁଁ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇଗଲି। ମନ ମାନିବା ପର୍ଯ୍ୟନ୍ତ ରାତିରେ ଟିଭି ଦେଖିଲି। ରାତିରେ ଗୋଟିଏ ଦୁଇଟି ପ୍ୟାକ୍ ମଧ୍ୟ ନେଲି। ପତ୍ନୀ ନିଜ ବାପଘରକୁ ଯିବାଠାରୁ ମୁଁ ହୋଟେଲରେ ହିଁ ଖାଦ୍ୟ ଖାଇବାକୁ ଲାଗିଥିଲି। ମୋ' ପକେଟ୍‌ରୁ ଯଦିଓ ଟଙ୍କା ସରି ସରି ଆସୁଥିଲା, ହେଲେ ମଜା ହିଁ ମଜା! ବାସ୍ତବରେ ମତେ ସ୍ୱର୍ଗ ସୁଖ ଭଳି ଆନନ୍ଦ ଅନୁଭବ ହେଉଥିଲା। ମନଇଚ୍ଛାରେ ଖିଆପିଆ କରୁଥିଲି। କେତେବେଳେ ପିଜା ଓ କେତେବେଳେ ବିରିୟାନୀ ତ ଆଉ କିଛି! ଯେତେବେଳେ ମନ ଯାହା ଚାହିଁଲା, ସଙ୍ଗେ ସଙ୍ଗେ ଅର୍ଡ଼ର କରୁଥିଲି ଓ ଆନନ୍ଦରେ ଖାଉଥିଲି।

ପତ୍ନୀ ତା' ବାପଘର ଯିବାର ସପ୍ତାହ ହୋଇ ଗଲାଣି, ଏତିକିବେଳେ ମାରାତ୍ମକ କରୋନାର ତାଣ୍ଡବ ଆରମ୍ଭ ହୋଇ ଯାଇଥିଲା। ଲକ୍‌ଡାଉନ୍ ହିଁ ମୋର ସବୁଆନନ୍ଦ ମୁହୂର୍ତ୍ତକୁ ଏପଟ ସେପଟ କରିଦେଲା। ଦୋକାନ ବନ୍ଦ, ହୋଟେଲ ବନ୍ଦ, ମଦ ବନ୍ଦ, ସାଙ୍ଗ ବନ୍ଦ ଓ ମୁଁ ନିଜେ ବି ଘରେ ବନ୍ଦ ହୋଇଗଲି।

ଏବେ କ'ଣ କରିବି, କିଛି ବାଟ ପାଇଲି ନାହିଁ। ଅନେକ ବର୍ଷ ଭିତରେ ମୁଁ କେବେ ବି ନିଜ ହାତରେ ମ୍ୟାଗି ତିଆରି କରି ଖାଇନାହିଁ। ମତେ କେବଳ ଚା' ତିଆରି କରି ଆସେ।

ଲକ୍‌ଡାଉନ୍ ଭିତରେ ପତ୍ନୀ ବି ନିଜ ବାପଘରେ ଫସି ରହିଥିଲା। ଫେରିବାର କୌଣସି ଉପାୟ ହିଁ ନ ଥିଲା।

ହଠାତ୍ ଲକ୍‌ଡାଉନ୍ ଆରମ୍ଭ ହୋଇଯିବାରୁ ପଡ଼ୋଶୀ ସ୍ତ୍ରୀ ଜଣକ ଦୁଇ-ଚାରିଦିନ ପର୍ଯ୍ୟନ୍ତ ଖାଦ୍ୟ ପଠାଉଥିଲେ। କିନ୍ତୁ ମୁଁ ଲାଜରେ ତାଙ୍କୁ କହିବାକୁ ପଡ଼ିଲା ଯେ, ଭାଉଜ ମୋ' ପାଇଁ ତୁମେ ବ୍ୟସ୍ତ ହେବାର କିଛି କାରଣ ନାହିଁ। ମୁଁ ଘରେ ଖାଦ୍ୟ ପ୍ରସ୍ତୁତ କରିନେବି।

ଭାଉଜ ବି ମୁରୁକି ହସି ମୋର ଅନୁରୋଧକୁ ତତ୍‌କ୍ଷଣାତ୍ ସ୍ୱୀକାର କରିନେଲେ, ଯେମିତି ସେ ଅପେକ୍ଷା କରୁଥିଲେ ମୁଁ କେତେବେଳେ ତାଙ୍କୁ ମନା କରିବି ଓ ସେ କିପରି ଏ ଜଞ୍ଜାଳରୁ ମୁକ୍ତି ପାଇଯିବେ।

ମୁଁ ନିଜ ଘରେ ହିଁ ଖାଦ୍ୟ ତିଆରି କରିବାକୁ ସ୍ଥିର କରିନେଲି। ଆମ ପଛପଟ ଘରକୁ ଯାଇ ପୁରୁଣା ଆଲମାରୀ ଖୋଲିଲି। ମନେପଡ଼ିଲା, ମୋ' ପାଖରେ ବିଭିନ୍ନ ପ୍ରକାରର ରୋଷେଇର ବହି ରହିଥିଲା। ସେହି ବହି ପଢ଼ି ମୋ' ପତ୍ନୀ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଆମକୁ ଖୁଆଏ।



ଏବେ କିଛି ସମୟ ଖୋଜାଖୋଜି କରିବା ପରେ 'ଖାଦ୍ୟ ତିଆରିର ବିଧି' ନାମକ ଏକ ବହି ମୁଁ ପାଇଗଲି।

ଏଥର ମୁଁ ବହି ଖୋଲି ରଖିଲି ଓ ସେଥିରୁ ପଢ଼ି ଏକ ଗ୍ଲାସ୍ ଅଟା ଥାଳିରେ ରଖିଲି। ତା'ପରେ ବହିରେ ଲେଖା ଅନୁସାରେ ସେଥିରେ ଲୁଣ ମିଶାଇଲି। ସେଥିରେ ପାଣି ଢାଳି ଗୋଳେଇଲି। ପୁଣି ଚୁଲି ଜଳାଇ ତା' ଉପରେ ତାୱା ରଖିଦେଲି। ଗୋଟିଏ ରୁଟି ବଙ୍କା ବଙ୍କି ବେଲି ତାୱାରେ ଗରମ କରିବାକୁ ଲାଗିଲି। ଏଭଳି ଗୋଟିଏ ରୁଟି ତିଆରି ହୋଇଗଲା। ଏଥର ମୋ' ଭିତରେ ରୋଷେଇର ଚିନ୍ତା ଆଉ ରହିଲା ନାହିଁ। ରୋଷେଇ ଯେ ଗୋଟିଏ କଳା ମୁଁ ପ୍ରତ୍ୟକ୍ଷ ହୃଦୟଙ୍ଗମ କଲି।

ମୋ: ୯୩୩୭୩୬୯୪୮

## କାଳକାଳକୁ



"ସଂଖ୍ୟାଗରିଷ୍ଠଙ୍କ ନିୟମାଧୀନ ନୁହେଁ ଗୋଟିଏ ଜିନିଷ, ତାହା ହେଉଛି ଜଣେ ବ୍ୟକ୍ତିର ବିବେକ।"
– ହାର୍ପର ଲି

**ହାର୍ପର ଲି**'ଙ୍କ ଜନ୍ମ ୨୮ ଏପ୍ରିଲ ୧୯୨୬ରେ ଓ ପରଲୋକ ୧୯ ଫେବୃୟାରୀ ୨୦୧୬ରେ, ଆମେରିକାରେ। ଏପରି କେହି ଜଣେ କ୍ୱଚିତ୍ ଥିବେ, ଯିଏ ତାଙ୍କ ଲିଖିତ "To Kill a Mockingbird"(୧୯୬୦) ବହିଟିକୁ ପଢ଼ି ନ ଥିବେ; ଯେଉଁ ବହିଟି ପାଇଁ ସେ ୧୯୬୧ରେ ପାଇଥିଲେ ପୁଲିଜର୍ ପ୍ରାଇଜ୍। ବହିଟି ଆମେରିକୀୟ ସାହିତ୍ୟରେ ଏକ କ୍ଲାସିକ୍ ଭାବେ ବିବେଚିତ। ସାହିତ୍ୟକୁ ବିରଳ ଅବଦାନ ପାଇଁ ତାଙ୍କୁ ମିଳିଥିଲା 'ପ୍ରେସିଡେନ୍‌ସିଆଲ୍ ମେଡାଲ ଅଫ୍ ଫ୍ରିଡମ୍' ୨୦୦୭ରେ। ୮୯ବର୍ଷ ବୟସରେ ନିଦରେ ଶୋଇଥିବାବେଳେ ଲି'ଙ୍କର ମୃତ୍ୟୁ ହୋଇଥିଲା। ଲି କହନ୍ତି: "ଠିକ୍ ମନୋଭାବାପନ୍ନ ଲୋକେ କେବେ ବି ସେମାନଙ୍କ ପ୍ରତିଭା ପାଇଁ ଗର୍ବ କରନ୍ତି ନାହିଁ।"

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଆୟାଂଶୁ
ପରିବାରବର୍ଗ



ତାପସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନର ସ୍ୱଚ୍ଛତା ପ୍ରତି ଲୋକଙ୍କ ଆସ୍ଥା ପୁନଃସ୍ଥାପନ କରନ୍ତୁ ଇସି: କଂଗ୍ରେସ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

ଭିଭିପିଏଟି ମେଶିନ୍ ତ୍ରୁଟିପୂର୍ଣ୍ଣ ଥିବା ନିର୍ବାଚନ କମିଶନ ଚିହ୍ନଟ କରିବା ପରେ କଂଗ୍ରେସ ଏହାକୁ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ କହିଛି। ନିର୍ବାଚନ ପ୍ରକ୍ରିୟାର ସାଧୁତା ପ୍ରତି ଜନସାଧାରଣଙ୍କ ଆସ୍ଥା ପୁନଃ ସ୍ଥାପନ କରିବାରେ ନିର୍ବାଚନ କମିଶନ ପଦକ୍ଷେପ ନିଅନ୍ତୁ ବୋଲି ବିରୋଧୀ ଦଳ କହିଛି। ନିର୍ବାଚନ ପ୍ରକ୍ରିୟାକୁ ନେଇ ଏହି ଦଳ ଇସିଙ୍କୁ ଅନେକ ପ୍ରଶ୍ନ କରିଛି। ଭିଭିପିଏଟି ଉପରେ ଆୟୋଗ ପୂର୍ଣ୍ଣ ସ୍ୱଚ୍ଛତାର ସହ କାର୍ଯ୍ୟ କରିବା ସହ ଲୋକଙ୍କ ଆସ୍ଥାଭାଜନ ହେବା ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା କହିଛନ୍ତି। ଖେରାଙ୍କ କହିବା ଅନୁଯାୟୀ ନିର୍ବାଚନ କମିଶନ ୬.୫ ଲକ୍ଷ ଭିଭିପିଏଟି ମେଶିନ୍‌କୁ ତ୍ରୁଟିପୂର୍ଣ୍ଣ ଚିହ୍ନଟ କରି ମରାମତି ପାଇଁ କମ୍ପାନୀ ପାଖକୁ ପଠାଇଛନ୍ତି।

### ଭିଭିପିଏଟି ତ୍ରୁଟିପୂର୍ଣ୍ଣ

ଏମ୍‌୩ ଟାଇପ୍‌ର ଭିଭିପିଏଟି ମେଶିନ ୨୦୧୮ରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲା। ୨୦୧୯ ଲୋକ ସଭା ନିର୍ବାଚନରେ ୧୭.୪ଲକ୍ଷମେଶିନ୍‌କୁନିୟୋଜିତକରାଯାଇଥିଲା। ତେବେ ୬.୫ ଲକ୍ଷ ନୁହେଁ ୩.୪୩ ଲକ୍ଷ ଭିଭିପିଏଟି ମେଶିନ୍‌ରେ ତ୍ରୁଟି ଥିବା ଇସି କହିଛନ୍ତି।

# କ୍ୟାପିଟାଲ ଥାନାରେ ଏତଲା ଦେଲା ଭାଜପା

### ଶ୍ରୀମନ୍ଦିର ଫାଇଲ ହଜିବା ପ୍ରସଙ୍ଗ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ରାଜ୍ୟସରକାରଙ୍କଅପାରଗତାକାରଣରୁଶ୍ରୀମନ୍ଦିରରେ ପ୍ରଥମେ ରତ୍ନଭଣ୍ଡାର ଚାବି ହଜିଯାଇଥିଲା। ଏବେ ଓଡ଼ିଶା ସରକାରଙ୍କ ଲୋକସେବା ଭବନ ପରିସରରେ ଥିବା ଆଇନ ବିଭାଗରୁ ଶ୍ରୀଜଗନ୍ନାଥ ପ୍ରଶାସନ ସଂକ୍ରାନ୍ତୀୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ହଜିଯାଇଛି। ବାସ୍ତବରେ ସେ ଫାଇଲ ହଜିନାହିଁ, ବରଂ ରାଜ୍ୟ ସରକାର ନିଜେ ସେହି ଫାଇଲକୁ ନଷ୍ଟ କରିବାର ଷଡ଼ଯନ୍ତ୍ର କରିଛନ୍ତି। ରାଜ୍ୟ ସରକାର ଜାଣିଶୁଣି ଏଭଳି ପରିସ୍ଥିତି ବାରମ୍ବାର ଘଟାଉଛନ୍ତି। ଏହି ଫାଇଲରେ ବିଭିନ୍ନ କୋର୍ଟ, ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମାର କାର୍ଯ୍ୟକାରିତା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ରାଜ୍ୟ ସରକାର ଉକ୍ତ ଫାଇଲକୁ ଗାଏବ କରି ହଜିଯାଇଥିବା ଦର୍ଶାଇ ତାକୁ ଖୋଜିବା ପାଇଁ ବୃଥା ଅପଚେଷ୍ଟା କରୁଛନ୍ତି। ଏନେଇ ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କ୍ୟାପିଟାଲ ଥାନାରେ ଏତଲା ରୁଜୁ କରିଛନ୍ତି।

ରାଜ୍ୟ ସରକାର ଆଇନ ବିଭାଗ ଅଫିସରଙ୍କୁ ହାତକରି ଶ୍ରୀଜଗନ୍ନାଥ ପ୍ରଶାସନର ତଥ୍ୟକୁ ଲୋକଲୋଚନରୁ ଦୂରେଇ ରଖିବା ସହ ଚୋରି ହୋଇଯାଇଛି ବୋଲି ଅପପ୍ରଚାର କରୁଛନ୍ତି। ରାଜ୍ୟ ସରକାର ଡ୍ରାମା ନ କରି ତୁରନ୍ତ ସ୍ପଷ୍ଟ କରନ୍ତୁ ସେହି ହଜିଥିବା ଫାଇଲରେ କ'ଣ ଥିଲା। ଜଗତର ନାଥ, କୋଟି କୋଟି ହିନ୍ଦୁମାନଙ୍କର ଆରାଧ୍ୟ ଠାକୁର, ଓଡ଼ିଶାବାସୀଙ୍କର ବିଶ୍ୱାସର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଫାଇଲ ବି ଏଠି ସୁରକ୍ଷିତ ନାହିଁ। ଏନେଇ ହୀନ ଚକ୍ରାନ୍ତ କରିଥିବା ଓ ଫାଇଲ ଚୋରି କରିଥିବା ବ୍ୟକ୍ତିବିଶେଷ ଓ ଅଧିକାରୀମାନଙ୍କୁ ଅନୁସନ୍ଧାନ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ଲଳିତେନ୍ଦୁ ଦାବି କରିଛନ୍ତି।

ଏହି ଅବସରରେ ବିଧାୟକ ବୃଦ୍ଧାନ ମୁର୍ମୁ, କେ.ନାରାୟଣ ରାଓ, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ମନୋଜ ମହାପାତ୍ର ଓ ଲିଗାଲ୍ ସେଲ୍ ଅଧ୍ୟକ୍ଷ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କ୍ୟାପିଟାଲ ଥାନାଧିକାରୀଙ୍କୁ ଶୁକ୍ରବାର ଏତଲା ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧି ଦଳ।

# ହାତ ଛାଡ଼ି ଶଙ୍ଖ ଧରିଲେ ବିଧାୟକ ପ୍ରାର୍ଥୀ



ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଜେଡିକୁ ସ୍ୱାଗତ କରୁଛନ୍ତି ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ।

- ଗୋଁଡ଼ ସମାଜର ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ସାମିଲ ହେଲେ
- ଦଳକୁ ସ୍ୱାଗତ କଲେ ଏମ୍‌ପି ମାନସ ମଙ୍ଗରାଜ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ଝାରସୁଗୁଡ଼ା ଜିଲା ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୋଁଡ଼ ସମାଜର ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାୟକ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଁଡ଼ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାୟକ, ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂ ନାୟକ ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଅନୁରୂପ ଭାବରେ ଗୋଁଡ଼ ମହାସଭା କୋଲାବିରା ବ୍ଲକ ସଭାପତି ରୁଦ୍ରପ୍ରତାପ ସିଂ, ରାଜ୍ୟ ମହିଳା ସଂଯୋଜକ ଦମୟନ୍ତୀ ମହାପାତ୍ର, ବଲାଙ୍ଗୀର ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ଅନୁଗୋଳ ଜିଲା ସଭାପତି ସଦାଶିବ ନାୟକ, ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସମାଜ ପରାମର୍ଶଦାତା ସଦାଶିବ ନାୟକ, ସାଧାରଣ ସମ୍ପାଦକ ଅଶୋକ ମାଝି, ଉପସଭାପତି ବୀର ଧୁରୁଆ, ବରଗଡ଼ ଜିଲା ଗୋଁଡ଼ ସମାଜ ସମ୍ପାଦକ ଧନେଶ୍ୱର ସିଂଙ୍କ ସହ ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଛନ୍ତି। ମଙ୍ଗରାଜ ଏହି ନେତାମାନଙ୍କୁ ବିଜେଡି ଓ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଦଳକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଯେଉଁ ବିକାଶ ଓ ରୂପାନ୍ତରଣର ଧାରା ଆରମ୍ଭ କରିଛନ୍ତି ସେଥିପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ଯୋଗ ଦେଉଛନ୍ତି। ବିଜୁ ଜନତା ଦଳରେ ସମସ୍ତଙ୍କ ପାଇଁ କାର୍ଯ୍ୟ କରିବାର ସୁଯୋଗ ରହିଛି। ତେଣୁ ଯେଉଁମାନେ ବାସ୍ତବରେ ରାଜ୍ୟର ବିକାଶ ପ୍ରକ୍ରିୟାରେ ନିଜକୁ ସାମିଲ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦଳ ସର୍ବଦା ସ୍ୱାଗତ କରି ଆସିଛି ବୋଲି ମଙ୍ଗରାଜ କହିଛନ୍ତି। ଅନ୍ୟପକ୍ଷରେ ବିଜେଡିରେ ଯୋଗ ଦେଇଥିବା ମହେନ୍ଦ୍ର ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଝାରସୁଗୁଡ଼ା ଜିଲା ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂ ନାୟକ ମଧ୍ୟ ବିଜେଡିରେ ଯୋଗ ଦେଇ ସେମାନେ ସାଧାରଣ ଲୋକଙ୍କ ନିମନ୍ତେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ତଥା ବିଜେଡି ନେତା ମହେନ୍ଦ୍ର ବଡ଼େଇ, ଦଳର ମୁଖପାତ୍ର ସଞ୍ଜୟ ବାବୁ, ସମ୍ପାଦକ ତଥା ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ଉପନିର୍ବାଚନ ପାଇ ଛୁଟି ଘୋଷଣା

ଭୁବନେଶ୍ୱର,୨୧।୪(ବ୍ୟୁରୋ) ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ମେ' ୧୦ ତାରିଖରେ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଝାରସୁଗୁଡ଼ା ଉପନିର୍ବାଚନକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ଛୁଟି ସଂକ୍ରାନ୍ତରେ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମେ' ୧୦ ତାରିଖ (ବୁଧବାର) ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଅଫିସ, ମାଜିଷ୍ଟ୍ରେଟ୍ କୋର୍ଟ, ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ ବନ୍ଦ ରହିବ। ମତାଧିକାର ସାବ୍ୟସ୍ତ କରିବା ପାଇଁ କର୍ମଚାରୀମାନଙ୍କ ନିମନ୍ତେ ଏହି ଛୁଟି ଘୋଷଣା କରାଯାଇଛି।


# Classified Everyday
0674-2580101, 2549949



AUTOMOBILE

SALE

One AC Luxury Sleeper Coach 2014 Model Bus 222 Viking, Price 15 lacs immediately for sale. Contact: 8327797971, 9439042752. D-71677



REAL ESTATE

SALE

**30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320.**
D-74845

ଭୁବନେଶ୍ୱର ତମାଣ୍ଡୋ Market ପାଖରେ boundary, 30' ରାସ୍ତା ଥାଇ ପ୍ଲଟ୍ ନିଅନ୍ତୁ – 8270804320. D-74846

**Well developed gharabari yellow zone plot for sale. Kantabada-1250, Vola-1350, Ranga Bazar- 650. Contact: 9439702573, 7978236408.** D-0133

**Fully developed gated Society 30ft. each road, electricity, plantation, few plots available at Nakhara- 9439363944.**
D-74848

CONSTRUCTION

Construct your home @ 499/-,1340/-with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842



New residential house at G.G.P. Colony for rent Rs.6,500/- P.M. & Rs.6,000/- P.M. Contact: 7008124203 & 8926213361. D-0131



All types hair cutting, body massage by smart lady, one hour 700/-. room services available. Contact. 9668767100.
D-71372

All types hair cutting, body massage by smart lady, one hour 700/-, room services available. Contact. 9937833100.
D-71373

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Newly open health benefits SPA special offer @799 Jaydev Vihar. 8018429809.
D-73700

All type of professional full body massage by professional therapist at Rajmahal @ 999. Contact: 7855053566.
D-0078

Full body massage in homely atmosphere in all therapy. Mob: 8114881641. D-73428

Newly open health benefits Spa special offer @999 Nayapalli. 7846814019. D-75101

**Relax, Refresh your body, Mind at Saikrupa Spa with best therapies. 8984068077.**
D-0145

Spa head to foot body massages therapist Relax Refresh@999/- Bhubaneswar. Kajal- 9337672475. D-0144

AFFIDAVIT

मैं डाली प्रधान मेरा पति मनोज कुमार मलिक जो भारतीय सेना में कार्यरत हैं। उनके सेवा रिकॉर्ड में मेरा नाम गलत तरीके से डाली मलिक और जन्म तिथि 06 मई 1986 के रूप में उल्लेख किया गया है। जोकी मेरे सही नाम डाली प्रधान और जन्म तिथि 03 मई 1979 आधार कार्ड और शैक्षिक प्रमाण पत्र के अनुसार है। D-0153

## ଜନ୍ମଦିନ ଶୁଭେଚ୍ଛା



**କୋଶଲେଶ ମେହେର (କିଶନ)**

ଜନ୍ମଦିନ- ୨୨।୦୪।୨୦୧୮, ରବିବାର, ଭଟଲି, ବରଗଡ଼
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେବା ସହିତ ତୋର ଆଗାମୀ ଜୀବନ ସୁଖମୟ ହେଉ । ଭଗବାନ ତୋତେ ଏମିତି ଜଣେ ମହାନ୍ ବ୍ୟକ୍ତିରେ ପରିଣତ କରନ୍ତୁ ଯିଏ ସାରା ପୃଥିବୀରେ ସୁପ୍ରସିଦ୍ଧ ହେଉ, ଏହା ହିଁ ତାଙ୍କଠାରେ ପ୍ରାର୍ଥନା ।
ଶୁଭେଚ୍ଛା ସହ- ବଡ଼ବାପା-ଲୋକନାଥ ମେହେର, ବଡ଼ମାଆ- ଅନସୂୟା ମେହେର, ବାପା- ଏକାମ୍ରନାଥ ମେହେର, ମାଆ- ଗାୟତ୍ରୀ ମେହେର, ବଡ଼ଭାଇ- ରୋଶନ ଓ ମୌସମ ତଥା ମେହେର ପରିବାରବର୍ଗ ।

ଧ-୦୧୫୨

## ନିରୁଦ୍ଦିଷ୍ଟ



**ଶ୍ରୀମତୀ ଆରତୀ ଦିଣ୍ଡା,** ବୟସ-୪୦, ସ୍ୱାମୀ- ଅନୁକୂଳ ଦିଣ୍ଡା, ଗ୍ରାମ- ପୁରୁଷୋତ୍ତମପୁର, ପୋ.- ମନସାଦ୍ୱୀପ, ଥାନା- ଗଙ୍ଗାସାଗର, ଜି.- ଦକ୍ଷିଣ ୨୪ ପରଗଣା, ରାଜ୍ୟ- ପଶ୍ଚିମବଙ୍ଗ। ଏହି ମଧ୍ୟ ବୟସ୍କା ମହିଳା ଗତ ୯।୪।୨୩ରିଖରୁ ଘରୁ ଚନ୍ଦନେଶ୍ୱର ମହାଦେବଙ୍କଠାରେ ଅଧିଆ ପଡ଼ିବା ଲାଗି ଆସି ଅଦ୍ୟାବଧି ଘରକୁ ଫେରିନାହାନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ମହିଳାଙ୍କୁ ଚିହ୍ନଟ କରି ଉଦ୍ଧାର କଲେ ତାଙ୍କୁ ଉପଯୁକ୍ତ ଆର୍ଥିକ ପୁରସ୍କାର ଦିଆଯିବ। ନିମ୍ନଲିଖିତ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରିବାକୁ ଅନୁରୋଧ। Mob.: 7872130654, 9474705746, 9800632838. D-0151

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ: ମନମୋହନ

### ସମ୍ବଲପୁର ହିଂସାକାଣ୍ଡ ପ୍ରସଙ୍ଗ

### ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ଓଡ଼ିଶା ଶାନ୍ତିପ୍ରିୟ ରାଜ୍ୟ ଥିଲା। ଏବେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ରାଷ୍ଟ୍ରବିରୋଧୀ ସ୍ଲୋଗାନ ପଢୁଛି। ଏହିଭଳି ଦୃଶ୍ୟ ଗତ ୧୨ ତାରିଖ ସମ୍ବଲପୁରରେ ହନୁମାନ ଜୟନ୍ତୀରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଦେଖିବାକୁ ମିଳିଛି। କିଛି ଅସାମାଜିକ ମୁସଲମାନ ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗିବା ସହ ଖଣ୍ଡାରେ ଆକ୍ରମଣ କଲେ, ଲାଠିରେ ବାଡ଼େଇଲେ, ଗାଡ଼ି ପୋଡ଼ିଲେ, ଯାହା ସମ୍ବଲପୁରବାସୀଙ୍କ ପ୍ରତି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ନିନ୍ଦନୀୟ । ଶାନ୍ତିପ୍ରିୟ ସମ୍ବଲପୁରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲେ ବି ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଆଇନଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ବିଫଳତା ଓ ଅଭିଯୁକ୍ତମାନଙ୍କୁ ତୁରନ୍ତ ଦଣ୍ଡ ଦେବା ନେଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସମ୍ବଲପୁରରେ ଏହି ଘଟଣା ପାଇଁ ଭାରତୀୟ ଜନତା ପାର୍ଟି ରାଜ୍ୟ ସରକାରଙ୍କୁ ନିନ୍ଦା କରି ସାରିଛି। ଏହି ଘଟଣାକୁ ୯ ଦିନ ବିତିଥିଲେ ବି ନବୀନ ବାବୁ ଏନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ପୂର୍ବ ବର୍ଷ ହନୁମାନ ଜୟନ୍ତୀରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା କିନ୍ତୁ ଏଥର ହନୁମାନ ଜୟନ୍ତୀର ଗଣ୍ଡଗୋଳ ଯୋଜନାବଦ୍ଧଥିଲା ବୋଲି ଆଇଆଇସି ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଓ ଏସ୍‌ପି ଏହାକୁ ସ୍ୱୀକାର କରିଛନ୍ତି। ଶୋଭାଯାତ୍ରାର ଭିଡିଓ ପୋଲିସ ପାଖରେ ଅଛି କିନ୍ତୁ ଏଥିପ୍ରତି ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଗତ ୧୪ତାରିଖ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କାରଣରୁ ଜଣେ ଆଦିବାସୀ ଯୁବକଙ୍କୁ ହତ୍ୟା କରାଗଲା। କାହା ନିର୍ଦ୍ଦେଶରେ ସରକାର ଚାଲିଛି, କିଏ ଏ ସରକାର ଚଳଉଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି। କେଉଁ ପରିସ୍ଥିତିରେ ଅନେକ ଘର ଉପରେ ବିପୁଳ ପରିମାଣର ପଥର ଅସାମାଜିକ ମୁସଲିମ ଯୁବକମାନେ ଜମା କଲେ ଓ ଗୁଇନ୍ଦା ବିଭାଗ ଏବିଷୟରେ କିଭଳି ଜାଣିପାରିଲା ନାହିଁ ତାହା ବଡ ଆଶ୍ଚର୍ଯ୍ୟ ଜନକ ବୋଲି ସାମଲ କହିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ନୀତିକୁ ଓଡ଼ିଶାବାସୀ ଭଲଭାବେ ଦେଖୁଛନ୍ତି ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ, ବିଧାୟକ ମୋହନ ଚରଣ ମାଝୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରୀ ନାଏକ, ବୃଧାନ ମୁର୍ମୁ, କେ.ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଶ୍ୱଜିତ୍ ପାଢୀ**

ଆବିର୍ଭାବ: ୦୬.୦୯.୧୯୬୫ ~ ତିରୋଧାନ: ୧୪.୦୫.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)

ତୁମେ ଯିବାର ଚାହୁଁ ଚାହୁଁ ୨୧ ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ । ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍ ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ ।

ଧ-୭୪୫୩୪

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଧ୍ରୁବ ଚରଣ ଶତପଥୀ**

ପ୍ଲଟ୍ ନଂ.- 2418, ଏକାମ୍ରଭିଲ୍ଲା, ଭୁବନେଶ୍ୱର-15

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ- ହତଭାଗା ସ୍ତ୍ରୀ, ପୁଅ, ବୋହୂ, ନାତିମାନେ ନାତି କାହ୍ନା, ମୁନା ବନ୍ଧୁ ଓ ପରିବାରବର୍ଗ ।

ଧ-୦୧୪୩


# ଈଶ୍ୱରାପ୍ପାଙ୍କୁ ଫୋନ୍ କଲେ ମୋଦି

**ନୂଆଦିଲ୍ଲୀ,୨୧।୪**

ନିର୍ବାଚନୀ ରାଜନୀତିରୁ ସ୍ୱେଚ୍ଛାକୃତ ଭାବେ ଓହରିଯାଇ ଅନ୍ୟମାନଙ୍କ ପାଇଁ ବାଟ ଛାଡ଼ିଦେଇଥିବାରୁ ବରିଷ୍ଠ ଭାଜପା ନେତା କେ.ଏସ୍. ଈଶ୍ୱରାପ୍ପାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅଚାନକ ଫୋନ୍ କରି ଉଚ୍ଚ ପ୍ରଶଂସା କରିଛନ୍ତି। ଈଶ୍ୱରାପ୍ପା ଶିବମୋଗା ସହରରୁ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିଲେ। ଦଳ ସବୁବେଳେ ତାଙ୍କ ସହ ରହିଛି। ଆଗାମୀ ନିର୍ବାଚନରେ ଦଳର ସଫଳତା ପାଇଁ ଆବଶ୍ୟକ ପଡ଼ିଲେ ବରିଷ୍ଠ ନେତାଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଈଶ୍ୱରାପ୍ପା ତାଙ୍କ ପୁଅ କଣ୍ଟେଶଙ୍କ ପାଇଁ ଦଳୀୟ ଟିକେଟ ଚାହୁଁଥିଲାବେଳେ ଭାଜପା ତାଙ୍କ ଘନିଷ୍ଠ ସହଯୋଗୀ ଏସ୍.ଏନ୍. ଚନ୍ନାବାସାପ୍ପାଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ଟିକେଟ ନ ଦେଇ ଈଶ୍ୱରପ୍ପାଙ୍କ ସହ ମୋଦି ଫୋନ୍‌ରେ କଥାହେବା ଘଟଣାରେ ଭାଜପା ଦୁର୍ନୀତିକୁ ସମର୍ଥନ କରୁଥିବା କଂଗ୍ରେସ ଅଭିଯୋଗ କରିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୨/୨୦୨୩ Bhubaneswar, Saturday, April 22/ 2023

# ସୁପର କିଙ୍ଗ୍ସର ସହଜ ବିଜୟ

ଚେନ୍ନାଇ,୨୧।୪

ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲର ୨୯ ତମ ମ୍ୟାଚରେ ରବୀନ୍ଦ୍ର ଜାଡେଜା ଓ ଡେଭନ୍ କନ୍‌ୱେଙ୍କ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ଉଇକେଟରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗ୍ସ। ଜାଡେଜାଙ୍କ ୩ ଉଇକେଟ ସଫଳତା ଯୋଗୁ ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୧୩୪ ରନ୍ କରି ପାରିଥିଲା। ଜବାବରେ ଡେଭନ୍ କନ୍‌ୱେଙ୍କ ଅପରାଜିତ ୭୭ ରନ୍ ବଳରେ ୮ ବଲ୍ ବାକିଥାଇ ୩ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା ଚେନ୍ନାଇ। ଟସ୍ ହାରି ବ୍ୟାଟିଂ କରିଥିବା ହାଇଦ୍ରାବାଦ ପକ୍ଷରୁ ହ୍ୟାରୀ ବ୍ରୁକ୍(୧୮ ରନ୍) ଓ ଅଭିଷେକ ଶର୍ମା(୩୪ ରନ୍) ପ୍ରଥମ ଉଇକେଟରେ ୩୫ ରନ୍ ଯୋଡିଥିଲେ। ରାହୁଲ ତ୍ରିପାଠୀ ୨୧ ରନ୍ ଓ ଏଡେନ୍ ମାର୍କରାମ୍ ୧୨ ରନ୍ କରିଥିବା ବେଳେ ଉଭୟ ମନ୍ଥର ଇନିଂସ ଖେଳି ବଲ୍ ପିଛା ରନ୍ କରିଥିଲେ। ଟପ୍ ସ୍କୋରର ରହିଥିବା ଅଭିଷେକଙ୍କୁ ଦଳୀୟ ସ୍କୋର ୭୧ ଆଉଟ ହେବା ପରେ ସନ୍‌ରାଇଜର୍ସ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଥିଲା। ନିୟମିତ ବ୍ୟବଧାନରେ ଦଳ ଉଇକେଟ ହରାଇବା ସହିତ ବଡ ସ୍କୋର କରିବାରେ ବିଫଳ ହୋଇଥିଲା। ଏଡେନ୍ ମାରକ୍ରମ (୧୨), ମୟଙ୍କ ଅଗ୍ରୱାଲ (୨), ହେନରିଚ୍ କ୍ଲାସେନ୍ (୧୭) , ମାର୍କୋ ଜାନସେନ୍ (୧୭*) ପ୍ରମୁଖ ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ପ୍ରତିପକ୍ଷ ଅଧିନାୟକ ଏଡେନ୍ ମାରକ୍ରମଙ୍କ କ୍ୟାଚ ନେବା ସହିତ କ୍ୱିଣ୍ଟନ ଡି କକଙ୍କୁ ପଛରେ ପକାଇ ଏମ୍ ଏସ୍ ଧୋନୀ ୨୦୮ ତମ କ୍ୟାଚ୍ ନେଇଛନ୍ତି। ରବୀନ୍ଦ୍ର ଜାଡେଜା ୩,ମଥିଶା ପଥିରାନା, ମହିଶା ଥିକ୍‌ସାନା ଓ ଆକାଶ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୫ ରନ୍ ଲକ୍ଷ୍ୟର ପିଛାରେ ଡେଭନ୍ କନୱେ ଚମତ୍କାର ୭୭ ରନ୍ କରିଥିଲେ। ପ୍ରଥମ ଉଇକେଟରେ ଋତୁରାଜ ଗାଏକ୍ୱାଡଙ୍କ ସହିତ ସେ ୮୭ ରନ୍ ଯୋଡିଥିଲେ। ୫୭ ବଲ୍ ଖେଳି କନ୍‌ୱେ ୧୨ଚୌକା ଓ ୧ ଛକା ମାରିଥିଲେ। ଗାଏକ୍ୱାଡ ଦୁର୍ଭାଗ୍ୟଜନକ ଭାବରେ ରନଆଉଟ ହେବା ପରେ ଅଜିଙ୍କ୍ୟ ରାହାନେ ଓ ଅମ୍ବାତି ରାୟୁଡୁ ୯ ରନ୍ ଲେଖାଏ ସ୍କୋର କରି ମାର୍କଣ୍ଡେଙ୍କ ବଲରେ ଆଉଟ ହୋଇଥିଲେ। ମୋଇନ୍ ଅଲୀ ୬* ଚୌକା ମାରି ଦଳକୁ ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୪/୭ (ଅଭିଷେକ ଶର୍ମା–୩୪, ରାହୁଲ ତ୍ରିପାଠୀ–୨୧, ହ୍ୟାରୀ ବ୍ରୁକ୍–୧୮, ରବୀନ୍ଦ୍ର ଜାଡେଜା–୩/୨୨, ଆକାଶ ସିଂ–୧/୧୭, ମଥିଶା ପଥିରାନା–୧/୨୨)। ଚେନ୍ନାଇ ସୁପରକିଙ୍ଗ୍ସ ୧୮.୪ ଓଭରରେ ୧୩୮/୩ (ଡେଭନ୍ କନୱେ–୭୭*, ଋତୁରାଜ ଗାଏକ୍ୱାଡ–୩୫, ମୟଙ୍କ ମାର୍କଣ୍ଡେ–୨/୨୩)।


ବୋଲିଂ ଆକ୍ସନରେ ଚେନ୍ନାଇ ସୁପରକିଙ୍ଗ୍ସ ଦ୍ରୁତ ବୋଲର ମଥିଶା ପଥିରାନା।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୧.୦୪୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୭୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୩୫୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୬ | ୩ | ୩ | ୬ | –୦.୦୬୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | –୦.୧୬୪ |
| ପଞ୍ଜାବ କିଙ୍ଗ୍ସ | ୬ | ୩ | ୩ | ୬ | –୦.୨୯୮ |
| କୋଲକାତା ନାଇଟ ରାଇଡର୍ସ | ୬ | ୨ | ୪ | ୪ | +୦.୨୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | –୦.୭୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୧ | ୫ | ୨ | –୧.୧୮୩ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଗୁଜରାଟ**
ସ୍ଥାନ:ଲକ୍ଷ୍ନୌ,
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ପଞ୍ଜାବ**
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨୧।୪
(କ୍ରୀଡ଼ା ପ୍ରତିନିଧି)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ସର୍ବଭାରତୀୟ ଚେସ୍ ଫେଡେରେଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ କେଟି ଗ୍ଲୋବାଲ ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ୮ ରାଜ୍ୟରୁ ମୋଟ ୧୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୩ ମହିଳା ପ୍ରତିଯୋଗୀ ସାମିଲ। ପ୍ରତିଯୋଗିତାରେ ଉତ୍କଳ ରଞ୍ଜନ ସାହୁ ଟପ୍‌ସିଡ୍ ଏବଂ ବୋରହାନ ମୋଲା ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ୨୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଆଇଆଇଜି ଟେକ୍ନୋଲୋଜିର ନିର୍ଦ୍ଦେଶକ ନିରଞ୍ଜନ ପାଢ଼ୀ ମୁଖ୍ୟ ଅତିଥି ଏବଂ କେଟି ଗ୍ଲୋବାଲ ସ୍କୁଲର ପ୍ରିନ୍ସିପାଲ ଦୀପ ଖେରେ, ଆରତୀ ୬୪ ସ୍କୋୟାର ଫାଉଣ୍ଡେଶନର ସମ୍ପାଦକ ସ୍ମୃତି ରଞ୍ଜନ ଦାସ ଓ ଆଇଆଇଜି ସ୍ପୋର୍ଟ୍ସର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମୋଟ ୯ ରାଉଣ୍ଡ ଖେଳ ହେବ। ଆକର୍ଷଣୀୟ ଟ୍ରଫି ସହ ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ପ୍ରତିଯୋଗିତା ପାଇଁ ରଖା ଯାଇଛି। ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବାରୁ ଟୁର୍ନାମେଣ୍ଟର ଗୁରୁତ୍ୱ ବଢ଼ିଛି। ଦେଶ ବାହାରୁ ସିରିୟାରୁ ଜଣେ ପ୍ରତିଯୋଗୀ ଅଲ୍ ଲାହାରଜାର ମାହିତ ମଧ୍ୟ ଏଥିରେ ଭାଗ ନେଇଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର (ଆଇଏ) ନିହାର ରଞ୍ଜନ ଏଥିରେ ସାସମଲ ମୁଖ୍ୟ ଆର୍ବିଟର ଦାୟିତ୍ୱ ତୁଲାଉଛନ୍ତି। ଆଇଏ ଜ୍ୟୋତି ଶଙ୍କର ନନ୍ଦ, ଭବେଶ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ତାପସ କୁମାର ମହାନ୍ତି ଡେପୁଟି ଆର୍ବିଟରଭାବେ ମ୍ୟାଚ ପରିଚାଳନା କରୁଛନ୍ତି। ଆର୍ବିଟର ପ୍ୟାନେଲରେ ଜଣେ ମହିଳା ଏସ.ଏନ.ଏ. ପିଙ୍କି ମହାପାତ୍ର ମଧ୍ୟ ସାମିଲ ହୋଇଛନ୍ତି। ଉତ୍କଳ ଦ୍ୱିତୀୟ ରାଉଣ୍ଡରେ ସିଦ୍ଧାର୍ଥ ନନ୍ଦଙ୍କୁ ଏବଂ ବୋରହାନ ମୋଲା ପ୍ରତିପକ୍ଷ ଦେବପ୍ରିୟ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ମୋଟ ୯୦ ରେଟେଡ ଖେଳାଳି ଏଥିରେ ଭାଗ ନେଇଥିବାବେଳେ ଟପ୍‌ସିଡ୍‌ଙ୍କ ରେଟିଂ ହେଉଛି ୨୩୯୧।


ଅତିଥି ଓ ଟପ୍‌ସିଡ୍ ଖେଳାଳି ଗୋଟି ଚଳାଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ଅହମଦାବାଦରେ ହେବ ଆଇପିଏଲ୍ ଫାଇନାଲ

ନୂଆଦିଲ୍ଲୀ, ୨୧।୪ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କ୍ୱାଲିଫାୟର–୨ ଏବଂ ଫାଇନାଲ ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଯଥାକ୍ରମେ ମେ ୨୬ ଓ ୨୮ରେ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି। ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ କ୍ୱାଲିଫାୟର–୧ ଓ ଏଲିମିନେଟର ଯଥାକ୍ରମେ ମେ ୨୩ ଓ ୨୪ରେ ଖେଳାଯିବ। ବିସିସିଆଇର ଆପେକ୍ସ କାଉନ୍‌ସିଲ ଲିଗ୍‌ର ୪ଟି ବଡ଼ ମ୍ୟାଚର କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିଥିଲା। ସୂଚନାଯୋଗ୍ୟ, ଆଇପିଏଲ୍‌ର ୧୬ତମ ସଂସ୍କରଣ ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ମାର୍ଚ୍ଚ ୩୧ରେ ଆରମ୍ଭ ହୋଇଛି। ଗତ ସଂସ୍କରଣର ଫାଇନାଲ ମଧ୍ୟ ଏହି ଭେନ୍ୟୁରେ ଖେଳାଯାଇଥିଲା। ୨୦୨୨ ସଂସ୍କରଣର ମ୍ୟାଚଗୁଡ଼ିକ ମୁମ୍ବାଇ ଓ ପୁଣେର ୪ଟି ଭେନ୍ୟୁରେ ଖେଳାଯାଇଥିଲା। କିନ୍ତୁ ପ୍ଲେ–ଅଫ୍ ଓ ଫାଇନାଲ କୋଲକାତା ଓ ଅହମଦାବାଦରେ ଖେଳାଯାଇଥିଲା। ଚଳିତ ସଂସ୍କରଣ ପୂର୍ବଭଳି ହୋମ୍ ଓ ଆୱେ ଫର୍ମାଟରେ ଖେଳାଯାଉଛି।

# ଟାଉନ୍ କ୍ଲବ 'ଏ' ଫାଇନାଲରେ

**୧୫ ବର୍ଷରୁ କମ୍ କ୍ରିକେଟ**

ଭୁବନେଶ୍ୱର, ୨୧।୪
(କ୍ରୀଡ଼ା ପ୍ରତିନିଧି)

ଟାଉନ୍ କ୍ଲବ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶେଖର ସ୍ପୋର୍ଟିଂକୁ ୧୬ ରନରେ ହରାଇ ଟାଉନ୍ କ୍ଲବ–ଏ ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସ୍ଥଗିତ ରହିଛି। ଏହି ମ୍ୟାଚ ଶନିବାର ଅନୁଷ୍ଠିତ ହେବ।

ଟାଉନ୍ କ୍ଲଏ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ହରାଇ ୧୪୩ ରନ କରିଥିଲା। ଦଳ ପକ୍ଷରୁ ଅର୍ଣ୍ଣବ ପଟ୍ଟନାୟକ ସର୍ବାଧିକ ୫୩ ଓ ସ୍ୱସ୍ତି ସ୍ୱୟମ ନନ୍ଦ ୪୧ ରନ କରିଥିଲେ। ବିପକ୍ଷ ଦଳର ସତ୍ୟବ୍ରତ ନାୟକ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୪୪ ରନ ବିଜୟ ଲକ୍ଷ୍ୟର ପିଛା କରି ଶେଖର ସ୍ପୋର୍ଟିଂ ୨୫ ଓଭରରେ ୭ ଉଇକେଟ ହରାଇ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ସାହିଲ ସତ୍ୟବ୍ରତ ନାୟକ ସର୍ବାଧିକ ୨୬ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ବୈଭବ ଘୋଷ ୪ ଉଇକେଟ ସଫଳତା ପାଇଥିଲେ। ଉର୍ମି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ଜେନା ଅତିଥିଭାବେ ଯୋଗଦେଇ ବୈଭବ ଘୋଷଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।


ବୈଭବ ଘୋଷଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଆୟରଙ୍କ ସର୍ଜରୀ ସଫଳ

**ମୁମ୍ବାଇ, ୨୧।୪:** ଭାରତୀୟ ଦଳର ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟରଙ୍କ ପିଠି ସର୍ଜରୀ ସଫଳ। ମଙ୍ଗଳବାର ଲଣ୍ଡନରେ ତାଙ୍କର ସର୍ଜରୀ ହୋଇଥିଲା। ନିୟମିତ ଭାବରେ ଲୋୟର ବ୍ୟାକ୍ ଷ୍ଟ୍ରେସ୍ କାରଣରୁ ଆୟରଙ୍କ ପିଠିରେ ସର୍ଜରୀ ହୋଇଥିଲା। ସେ ବର୍ତ୍ତମାନ ସୁସ୍ଥ ହେବା ସହିତ ଚାଲିବା ଆରମ୍ଭ କରିଥିବା ଜଣାପଡିଛି। ଆସନ୍ତା ୩ ମାସ ମଧ୍ୟରେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ଅଭ୍ୟାସ ଆରମ୍ଭ କରିବାର ସମ୍ଭାବନା ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଆୟରଙ୍କ ଅଂଶଗ୍ରହଣକୁ ନେଇ ଆଶଙ୍କା ରହିଥିଲେ ମଧ୍ୟ ଦିନିକିଆ ବିଶ୍ୱକପ ପୂର୍ବରୁ ସେ ଫିଟ ହୋଇ ଯାଇଥିବେ। ଏହା ପୂର୍ବରୁ ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ଲୋୟର ବ୍ୟାକ୍ ଷ୍ଟ୍ରେସ୍ ପାଇଁ ସର୍ଜରୀ କରାଇଥିଲେ।




# ହକିକୁ ସବୁ ଅଞ୍ଚଳରେ ପହଞ୍ଚାଇବାକୁ ଉଦ୍ୟମ

**ହକି ଇଣ୍ଡିଆର 'ହର୍ ଘର୍ ହୋ ହକି କି ପେହଚାନ' ଅଭିଯାନ**

ନୂଆଦିଲ୍ଲୀ, ୨୧।୪

ହକିକୁ ଦେଶର ସବୁ ଅଞ୍ଚଳରେ ପହଞ୍ଚାଇବା ପାଇଁ ହକି ଇଣ୍ଡିଆ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ 'ହର୍ ଘର୍ ହୋ ହକି କି ପେହଚାନ' ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶବିଶେଷଭାବେ ସବୁ ଜିଲାରେ ନିୟମିତ କୋଚିଂ କ୍ୟାମ୍ପ ଏବଂ ଆନ୍ତଃ ଜିଲା ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ହୋଇଛି। ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମାଞ୍ଚଳରେ ପ୍ରଥମ ହକି ଇଣ୍ଡିଆ ଜୋନାଲ ଚାମ୍ପିୟନଶିପ୍‌କୁ ସଫଳତାର ସହ ଆୟୋଜନ ପରେ ହକିକୁ ପ୍ରମୋଟ କରିବା ପାଇଁ ସବୁ ଜିଲାରେ ଯେପରି ନିୟମିତ କାର୍ଯ୍ୟକ୍ରମ ଏବଂ ପ୍ରତିଭା ଅନ୍ୱେଷଣ ଜାରି ରୁହେ ସେଥିପ୍ରତି ନଜର ରଖିବାକୁ ରାଜ୍ୟ ୟୁନିଟଗୁଡ଼ିକୁ ହକି ଇଣ୍ଡିଆ ପରାମର୍ଶ ଦେଇଛି। ''ସବୁ ସ୍ତରରେ ଟୁର୍ନାମେଣ୍ଟ ଆୟୋଜନ କରିବା ଆମର ଲକ୍ଷ୍ୟ। ରାଜ୍ୟ ଏବଂ ଜିଲା ୟୁନିଟଗୁଡ଼ିକୁ ମୋଟିଭେଟ କରିବା ପାଇଁ ହକି ଇଣ୍ଡିଆ ୪ଟି ଯାକ ଜୋନ୍‌ରେ ଅଫିସିଆଲ ନିଯୁକ୍ତ କରିଛି। ଟୁର୍ନାମେଣ୍ଟ ଏବଂ କୋଚିଂ କ୍ୟାମ୍ପ ଆୟୋଜନ କେବଳ ଏହି କ୍ରୀଡ଼ାର ପ୍ରସାର ପାଇଁ ଅତ୍ୟାବଶ୍ୟକ ନୁହେଁ, ରାଜ୍ୟଗୁଡ଼ିକରେ ୟୁଥ୍‌ମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିବାର ଗୁରୁତ୍ୱ ସମ୍ପର୍କରେ ଏହି ଅଫିସିଆଲମାନେ ଅବଗତ କରାଇବେ। ଟୁର୍ନାମେଣ୍ଟଗୁଡ଼ିକ ଖେଳାଳିଙ୍କ ପରିଚୟ ସୃଷ୍ଟି କରିବା ସହ ସକ୍ରିୟଭାବେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବ'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

ହକି ଇଣ୍ଡିଆର ନିଷ୍ପତ୍ତି ଅନୁସାରେ ବର୍ଷ ସାରା ପ୍ରତି ରାଜ୍ୟ ଜିଲା ଏବଂ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରିବ। ଜିଲାସ୍ତରୀୟ ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ରାଜ୍ୟ ପ୍ରତିଯୋଗିତା ପାଇଁ ଦଳ ଚୟନ ହେବ। ସେହିପରି ରାଜ୍ୟ ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ କରାଯିବ। ଜାତୀୟ ଚାମ୍ପିୟନଶିପ୍ ପରି ରାଜ୍ୟ ଏବଂ ଜିଲା ସ୍ତରୀୟ ପ୍ରତିଯୋଗିତାଗୁଡ଼ିକ ୬ ବର୍ଗ (ସିନିୟର ପୁରୁଷ ଓ ମହିଳା, ଜୁନିୟର ପୁରୁଷ ଓ ମହିଳା ଏବଂ ସବ୍‌ଜୁନିୟର ମହିଳା ଓ ପୁରୁଷ)ରେ ହେବ। ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନଭିତ୍ତିରେ ଖେଳାଳି ରାଜ୍ୟ ଚାମ୍ପିୟନଶିପ୍ ପାଇଁ ମନୋନୀତ ହେବା ବାଧ୍ୟତାମୂଳକ। ହକିକୁ ପ୍ରତି ସହର, କଲୋନୀ, ବ୍ଲକ୍ ଓ ଗ୍ରାମରେ ପହଞ୍ଚାଇବା ପାଇଁ ହକି ଇଣ୍ଡିଆ ଉଦ୍ୟମ କରୁଥିବାରୁ ହକି ଇଣ୍ଡିଆ ଅଧିକାରୀମାନେ ଟୁର୍ନାମେଣ୍ଟ ଏବଂ କୋଚିଂ କ୍ୟାମ୍ପ ନିୟମିତ ହେଉଛି କି ନାହିଁ ତାହା ନିଶ୍ଚିତ କରିବେ ବୋଲି ଜାତୀୟ ସଂଘର ମହାସଚିବ ଭୋଳାନାଥ ସିଂ କହିଛନ୍ତି। 'ହର୍ ଘର୍ ହୋ ହକି କି ପେହଚାନ' ଅଭିଯାନ ଅନ୍ତର୍ଗତ ବିଭିନ୍ନ ରାଜ୍ୟରେ ହକି ଷ୍ଟିକ୍ ଓ ବଲ୍ ବଣ୍ଟାଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ୟୁନିଟଗୁଡ଼ିକ ପକ୍ଷରୁ ଜିଲାସ୍ତରରେ ଏଜ୍–ଗ୍ରୁପ୍ ପ୍ରତିଯୋଗିତା ଏବଂ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଯାଇଛି।


ହକି ଇଣ୍ଡିଆର 'ହର୍ ଘର୍ ହୋ ହକି କି ପେହଚାନ' କାର୍ଯ୍ୟକ୍ରମରେ ଭାଗନେଇଥିବା ଖେଳାଳି ଓ ଅନ୍ୟମାନେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, April 22/2023 | Page 20 | ₹ 7.00 | ପୃଷ୍ଠା-୧

# ଭାରତରେ କୃଷି ଉତ୍ପାଦନ ହ୍ରାସ

## ଜାତିସଂଘର ଜଳବାୟୁ ପରିବର୍ତ୍ତନ ରିପୋର୍ଟ



■ ୨୦୨୨ରେ ପ୍ରାକୃତିକ ଦୁର୍ବିପାକ ବଢ଼ିଛି
■ ୟୁରୋପରେ ଗ୍ରୀଷ୍ମ ଲହର ନେଇଛି ୧୫,୭୦୦ ଜୀବନ

ନୂଆଦିଲ୍ଲୀ,୨୧।୪

ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ)ର ୨୦୨୨ ପାଇଁ ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ଗତ ୮ ବର୍ଷ ହେଲା ପୃଥିବୀର ତାପମାତ୍ରା ସର୍ବାଧିକ ରହିଛି। ୨୦୨୨ ପଞ୍ଚମ କିମ୍ବା ଷଷ୍ଠ ଉତ୍ତପ୍ତ ବର୍ଷ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟରେ ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗୀୟ ହାରାହାରି ତାପମାତ୍ରାଠାରୁ ୧.୧୫ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିଥିଲା। ଫଳରେ ସମୁଦ୍ର ପତ୍ତନ ବୃଦ୍ଧି ପାଇବା ସହ ସାମୁଦ୍ରିକ ଉଷ୍ଣତା ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିବା ଜାତିସଂଘର ଏହି ପାଣିପାଗ ସଂସ୍ଥା କହିଛି। କେବଳ ସେତିକି ନୁହେଁ, ପୃଥିବୀକୁ ଉତ୍ତପ୍ତ କରୁଥିବା ସବୁଜ ଗୃହ ବାଷ୍ପ ଯୋଗୁ ଗତବର୍ଷ ବିଶ୍ୱରେ ଅଧିକ ଅନାବୃଷ୍ଟି, ବନ୍ୟା, ଗ୍ରୀଷ୍ମଲହର ଆଦି ପ୍ରାକୃତିକ ଦୁର୍ବିପାକ ଅନୁଭୂତ ହୋଇଛି ଓ ବହୁ ବିଲିୟନ ଡଲାର କ୍ଷୟକ୍ଷତି ହୋଇଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ୨୦୨୧ରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ୍ ଅକ୍ସାଇଡ୍ ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଗ୍ରୀଷ୍ମ ଲହର ଯୋଗୁ ଗତବର୍ଷ ୟୁରୋପରେ ଅନ୍ୟୂନ ୧୫,୭୦୦ ଲୋକଙ୍କ ଜୀବନ ଯାଇଛି। କ୍ରମାଗତ ୩ ବର୍ଷ ଲା ନିନା ପ୍ରଭାବ ସତ୍ତ୍ୱେ ହିଟ୍‌ୱେଭ୍ ଜାରି ରହିଥିଲା। ଉତ୍ତାପ ବୃଦ୍ଧି ଯୋଗୁ ସର୍ବାଧିକ ଗ୍ଲେସିୟର ତରଳି ସମୁଦ୍ର ପତ୍ତନ ବଢ଼ିଛି। ଫଳରେ ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟାର୍କଟିକାରେ ବରଫ ପରିମାଣ ହ୍ରାସ ପାଇଛି। ☞ପୃଷ୍ଠା-୭

# ଗୁଡ୍ଡୁ ମୁସଲିମ୍‌ଙ୍କ ବରଗଡ଼ ଲିଙ୍କ୍

## ୟୁପି ଗ୍ୟାଙ୍ଗଷ୍ଟରଙ୍କୁ ନେଇ ଓଡ଼ିଶାରେ ଛନକା



ଗୁଡ୍ଡୁ ମୁସଲିମ୍

■ ୨ଦିନ ତଳେ ଆସିଥିଲା ୟୁପି ଏସ୍‌ଟିଏଫ୍ ଟିମ୍
■ ଗୁଡ୍ଡୁଙ୍କ ଡ୍ରାଇଭରଙ୍କ ସହ ଲିଙ୍କ୍‌ରେ ଥିବା ବ୍ୟକ୍ତିଙ୍କୁ ଜେରା
■ ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ବସିଲା ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,(ବ୍ୟୁରୋ)/ ବରଗଡ଼ ଅଫିସ୍, ୨୧।୪

ଗୁଲିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ସହଯୋଗୀ ଗୁଡ୍ଡୁ ମୁସଲିମ୍‌ଙ୍କୁ ଧରିବାକୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବିଭିନ୍ନ ରାଜ୍ୟରେ ଖୋଜାଖୋଜି କରୁଛି। ଗିରଫଦାରି କିମ୍ବା ଏନ୍‌କାଉଣ୍ଟର ଭୟରେ ଗୁଡ୍ଡୁ ପୁରୀକୁ ଆସି ଆତ୍ମଗୋପନ କରିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଏବେ ଗୁଡ୍ଡୁଙ୍କ ଓଡ଼ିଶାର ବରଗଡ଼ ଲିଙ୍କ୍ ଥିବା ସାମ୍ନାକୁ ଆସିଛି। ୟୁପି ଏସ୍‌ଟିଏଫ୍ ଟିମ୍ ଗୁଡ୍ଡୁ ଡ୍ରାଇଭରଙ୍କ ସହ ଲିଙ୍କ୍‌ରେ ଭଟଲି ଅଞ୍ଚଳରେ ରହୁଥିବା ରାଜା ଖାନ୍ ନାମକ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରି ଫେରିଯିବା ପରେ ଏହା ସ୍ପଷ୍ଟ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଡିଜି ସୁନୀଲ ବଂଶଲ ଶୁକ୍ରବାର କହିଛନ୍ତି, ୨ଦିନ ତଳେ ୟୁପି ପୋଲିସର ଏସ୍‌ଟିଏଫ୍ ଓଡ଼ିଶା ଆସିଥିଲା। ସେମାନେ ବରଗଡ଼ ଜିଲାରେ ଗୋଟିଏ ଦିନ ରହି ଜଣଙ୍କୁ ପଚରାଉଚରା କରିଥିଲେ। ଏଥିପାଇଁ ସେମାନେ ଓଡ଼ିଶା ପୋଲିସର ସହାୟତା ମଧ୍ୟ ନେଇଥିଲେ। ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରି ୟୁପି ଏସ୍‌ଟିଏଫ୍ ଟିମ୍ ଫେରିଯାଇଛି। ହେଲେ ତଦନ୍ତ ବିଷୟରେ ଆମକୁ କିଛି ଜଣାଇ ନ ଥିବା ଡିଜିପି କହିଛନ୍ତି। ତେବେ ଜେରା ହୋଇଥିବା ରାଜାଙ୍କ ଘର ଛତିଶଗଡ଼ ମହାସମୁଦ ଅଞ୍ଚଳରେ ହୋଇଥିବାବେଳେ ତାଙ୍କ ନାମରେ ବହୁ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି। ୧୮ ତାରିଖରେ ୟୁପି ଏସ୍‌ଟିଏଫ୍‌ର ୫ ଜଣିଆ ଟିମ୍ ବରଗଡ଼ ଆସି ରାଜାଙ୍କୁ ଫେରାର ଥିବା ଗୁଡ୍ଡୁ, ତାଙ୍କ ଡ୍ରାଇଭର ଓ ଅତିକଙ୍କ ସ୍ତ୍ରୀ ସହିସ୍ତା ପର୍‌ବିନ୍‌ଙ୍କ ବିଷୟରେ ☞ପୃଷ୍ଠା-୭

# ଘାଟିରୁ ଅଟୋ ଓଲଟି ୩ ମୃତ, ୧୦ ଆହତ



ଦୁର୍ଘଟଣାଗ୍ରସ୍ତ ଅଟୋ

ପାରଳାଖେମୁଣ୍ଡି/ଆର.ଉଦୟଗିରି,୨୧।୪(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ନୂଆଗଡ଼ ଅଞ୍ଚଳର କାଣ୍ଡାମା ଘାଟିରୁ ଶୁକ୍ରବାର ଏକ ଅଟୋ ଓଲଟି ଜଣେ ମହିଳା, ଜଣେ ଶିଶୁଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଶୁକ୍ରବାର କେରେଡାଙ୍ଗ ଗ୍ରାମରେ ସାପ୍ତାହିକ ହାଟ ଥିଲା। ନୂଆଗଡ଼ ଅଞ୍ଚଳର ଲୋକେ ହାଟ ସାରି ଏକ ଅଟୋରେ ଗ୍ରାମକୁ ଫେରୁଥିଲେ। କାଣ୍ଡାମା ଘାଟି ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ୨୦ ଫୁଟ୍ ତଳେ ଥିବା ଝରଣାକୁ ଖସିପଡିଥିଲା। ସେଥିରେ ବସିଥିବା ସିୟନଗଡର ଲୁକ ମଣ୍ଡଳ (୬୦) ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ନୂଆଗଡ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ☞ପୃଷ୍ଠା-୭

# ମେ'ରୁ ଉତ୍କେଳାରୁ ଉଡ଼ିବ ବିମାନ




■ ଇଣ୍ଡିଆ ୱାନ୍ ପକ୍ଷରୁ ୯ ଆସନବିଶିଷ୍ଟ ବିମାନ ଉଡ଼ିବ
■ ପ୍ରଥମେ ରାୟପୁର ଓ ପରେ ଭୁବନେଶ୍ୱର ଯିବ

ଭବାନୀପାଟଣା,୨୧।୪(ସ୍ୱ.ପ୍ର.)

ଦୀର୍ଘଦିନର ପ୍ରତୀକ୍ଷା ପରେ ଆସନ୍ତା ମେ' ମାସରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉତ୍କେଳା ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ ହେବ। ଇଣ୍ଡିଆ ୱାନ୍ ଏୟାରର ଏକ ବିମାନ ପ୍ରଥମେ ଉତ୍କେଳାରୁ ରାୟପୁର ପର୍ଯ୍ୟନ୍ତ ଉଡ଼ିବ। ପରେ ରାୟପୁରରୁ ଫେରି ଭୁବନେଶ୍ୱର ଯିବ। ଉତ୍କେଳା ଏୟାରଷ୍ଟ୍ରିପ୍‌ରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୮ କୋଟି ୬୦ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚରେ ବିମାନବନ୍ଦରର ଭିତ୍ତିଭୂମି ହୋଇସାରିଛି। ☞ପୃଷ୍ଠା-୭

# ତାତିରୁ ଆଶ୍ୱସ୍ତି, ଓଡ଼ିଶା ଥଣ୍ଡା

■ ୬ରୁ ୧୨ ଡିଗ୍ରୀ ତଳକୁ ଖସିଲା ପାରଦ
■ ୨୬ ଯାଏ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟରେ ହଠାତ୍ ପାଗ ବଦଳିଯାଇଛି। କାଳବୈଶାଖୀଜନିତ ବର୍ଷା ଓ ପବନ ପ୍ରଚଣ୍ଡ ରୌଦ୍ରତାପରେ ବ୍ରେକ୍ ଲଗାଇଛି। ଗତ କିଛିଦିନ ହେବ ଲାଗି ରହିଥିବା ଗରମ ଜ୍ୱାଳାରୁ ସାରା ରାଜ୍ୟ ମୁକ୍ତ ହୋଇଛି। ଅଧିକାଂଶ ସ୍ଥାନରେ ଝଡ଼ବର୍ଷା ହେବାରୁ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ସକାଳୁ ଆକାଶ ମେଘୁଆ ରହିବା ସହ ଜୋରରେ ପବନ ବହିବା ଯୋଗୁ ଦିନତମାମ ପରିବେଶ ଥଣ୍ଡା ରହିଥିଲା। ଏଥିସହ କଟକ, କୋରାପୁଟ, କଳାହାଣ୍ଡି, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଜିଲାରେ ହାଲୁକା ବର୍ଷା ହୋଇଥିବା ସୂଚନା ମିଳିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀରରେ ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ଶୁକ୍ରବାର ଏଠାରେ ୧୨.୭ ଡିଗ୍ରୀ କମି ୨୯.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଟିଟିଲାଗଡ଼ର ସର୍ବୋଚ୍ଚ ତାପମାତ୍ରାଠାରୁ ୧୧ ଡିଗ୍ରୀ କମିଥିବା ବେଳେ କେନ୍ଦୁଝରର ୧୦, ସୋନପୁର ୯.୯, ବରଗଡ଼ ୯, ଅନୁଗୋଳ ୮, କଟକ ୮, ଭୁବନେଶ୍ୱର ୭.୧ , ତାଳଚେରର ୮.୪, କେନ୍ଦ୍ରାପଡ଼ା ୮.୬, ଢେଙ୍କାନାଳ ୮.୯, ଭବାନୀପାଟଣାରେ ୮.୫ ଡିଗ୍ରୀ ତଳକୁ ଖସିଛି। ସେହିପରି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପାରଦ ତଳମୁହାଁ ହୋଇଛି।

ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୩୮.୬, ପାରଳାଖେମୁଣ୍ଡିରେ ୩୭.୭, ସୁନ୍ଦରଗଡ଼ରେ ୩୭.୫, ବାରିପଦାରେ ୩୭.୪, ଯାଜପୁରରେ ୩୭, ଛତ୍ରପୁରରେ ୩୭, ମାଲକାନଗିରିରେ ୩୬.୯, ବାଲେଶ୍ୱରରେ ୩୬.୭, ରାଉରକେଲାରେ ୩୬.୪, ଗୋପାଳପୁରରେ ୩୬.୨, ଭୁବନେଶ୍ୱରରେ ୩୬.୧, ରାୟଗଡ଼ାରେ ୩୬ ଏବଂ ପୁରୀରେ ୩୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କୋରାପୁଟରେ ୩୫.୧, ଦେବଗଡ଼ରେ ୩୫, ଜଗତ୍‌ସିଂହପୁରରେ ୩୪.୮, ତାଳଚେରରେ ୩୪.୬, ☞ପୃଷ୍ଠା-୭









# ଗ୍ରହର ସୁସ୍ଥ ଭବିଷ୍ୟତ ପାଇଁ...

### ଆମ ଗ୍ରହରେ ପୁଞ୍ଜି ବିନିଯୋଗ କର

**ଏ ବର୍ଷର ବାର୍ତ୍ତା**

୧୯୭୦ ମସିହାରୁ ଏପ୍ରିଲ ୨୨ରେ ପାଳିତ ହୋଇ ଆସୁଛି 'ଧରିତ୍ରୀ ଦିବସ'। ପ୍ରତିବର୍ଷ ଏହି ଦିବସ ଅବସରରେ ଏକ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ଏହି ଦିବସ ଉପଲକ୍ଷେ ବାର୍ତ୍ତା ରହିଛି - 'ଆମ ଗ୍ରହରେ ପୁଞ୍ଜି ବିନିଯୋଗ କର'।


ଡ. କମଳାକାନ୍ତ ଜେନା

ପୃଥିବୀ ଆମର ଘର। ନିଜ କୋଳରେ ଆମକୁ ଧରି ରଖିଥିବାରୁ ତା'ର ନାମ ଧରା ବା 'ଧରିତ୍ରୀ'। ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଧରାପୃଷ୍ଠରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଆମେ କିନ୍ତୁ ଆମ ଲୋଭକୁ ପୂରଣ କରିବା ପାଇଁ ପ୍ରାକୃତିକ ସମ୍ପଦର ଅବିବେକି ବ୍ୟବହାର କରି ଚାଲିଛୁ। ଆମର ଅମାନୁଷିକ ବ୍ୟବହାର ଫଳରେ ଧରିତ୍ରୀର ନିର୍ମଳ ପରିବେଶ ଦୂଷିତ ହୋଇଛି। ଏହାର ପାଣି, ପବନ, ମାଟିରେ ବିଷ ମିଶୁଛି। ତେଣୁ ପୃଥିବୀ ଏବେ ମୁମୂର୍ଷୁ ଅବସ୍ଥାରେ ରହିଛି। ପୃଥିବୀ ଗ୍ରହର ବିଭିନ୍ନ ପରିବେଶଜନିତ ସମସ୍ୟା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସମସ୍ୟା ସମାଧାନ ଦିଗରେ ଚିନ୍ତା କରିବା ସକାଶେ ୧୯୬୯ ମସିହାରେ ଏକ ବିଶେଷ ପ୍ରସ୍ତାବ ଅଣାଯାଇଥିଲା। ଏଭଳି ପ୍ରୟାସକୁ ଅଧିକ ଜନାଦୃତ କରିବା ପାଇଁ ଏକ ବିଶେଷ ଦିବସର ପରିକଳ୍ପନା କରାଗଲା। ସେହି ପରିପ୍ରେକ୍ଷୀରେ ପ୍ରଦୂଷଣ ଓ ଧରିତ୍ରୀର ମୁମୂର୍ଷୁ ଅବସ୍ଥା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଛି 'ଧରିତ୍ରୀ ଦିବସ'। ୧୯୭୦ ମସିହାରୁ ଏପ୍ରିଲ ୨୨ରେ ଏହି ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ସମସ୍ତ ଜନସାଧାରଣଙ୍କୁ ଗୋଟେ ବାର୍ତ୍ତା ଦିଆଯାଏ। ଚଳିତ ୨୦୨୩ ମସିହାର ଏହି ଦିବସ ଉପଲକ୍ଷେ ବାର୍ତ୍ତା ରହିଛି – 'ଆମ ଗ୍ରହରେ ପୁଞ୍ଜି ବିନିଯୋଗ କର'।

ଆମର ସହରୀକରଣ ନିଶା ହେତୁ ଜଙ୍ଗଲ ସଫା ହେଉଛି। ଚାଷଜମି କମି ଯାଉଛି। ଯାନବାହନ ସଂଖ୍ୟା ବି ବଢୁଛି। ଅଧିକରୁ ଅଧିକ କଳକାରଖାନା ନିର୍ମାଣ ହେଉଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଆବର୍ଜନା ମୃତ୍ତିକାକୁ ଦୂଷିତ କରୁଛି। ସେଥିରେ ଫସଲ ହେଉ ନାହିଁ। ଲୋକେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ତେଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଅଧିକ କୋଇଲା ଜାଳିବାକୁ ପଡୁଛି, ଯାହାକି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧି କରୁଛି। ପୃଥିବୀର ଜଳବାୟୁକୁ ଅନିୟମିତ କରୁଥିବା କାରକଗୁଡ଼ିକ ମଧ୍ୟରୁ ଅଙ୍ଗାରକାମ୍ଳ ମୁଖ୍ୟ ଭୂମିକା ଗ୍ରହଣ କରିଛି। କିନ୍ତୁ ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ। ଏଥିଲାଗି ଘନ ଜଙ୍ଗଲ ଜରୁରୀ। ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ କରିବା ସହିତ ଆମର ଗ୍ରହର ପୁନରୁଦ୍ଧାର ଜରୁରୀ ହୋଇପଡିଛି। ନ ହେଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ।

'ଧରିତ୍ରୀ ଦିବସ' ସକାଶେ ୨୦୨୩ ମସିହାର ବାର୍ତ୍ତା ପଛରେ ଅନେକ ଦାୟିତ୍ୱ ଲୁଚିରହିଛି। ଏହା ମାଧ୍ୟମରେ ଆମର ମନୋବୃତ୍ତି ଓ କାର୍ଯ୍ୟକଳାପରେ କେତେକ ସୁଧାର ଆଣିବା ପାଇଁ ପ୍ରୟାସ ରହିଛି। ପରିବେଶକୁ ସୁସ୍ଥ ରଖିବା ସକାଶେ ଆମର ଖାଦ୍ୟ ଉତ୍ପାଦନ, ଯାତାୟାତ ବ୍ୟବସ୍ଥା, ବିଜୁଳିଶକ୍ତି ଉତ୍ପାଦନ ଓ ଆମୋଦପ୍ରମୋଦ ଢାଞ୍ଚାରେ ପରିବର୍ତ୍ତନ ଆଣିବା ଜରୁରୀ ହୋଇପଡିଛି। ଆମର ଉନ୍ନତି ସହିତ ପରିବେଶ ସୁସ୍ଥ ରହିବା ଦରକାର। ସେଭଳି ଉନ୍ନତିକୁ ନିରନ୍ତର ଉନ୍ନତି କହିପାରିବା। ଆମର ଉନ୍ନତି କାର୍ଯ୍ୟକ୍ରମ ଫଳରେ ପରିବେଶ ପ୍ରଦୂଷିତ ହେଲେ, ସେଭଳି ଉନ୍ନତି କିଛି ଦିନ ପରେ ଆମକୁ ଦୁଃଖ ଦେବ। ଯେମିତି ଶିଳ୍ପ ବିପ୍ଳବର କୁପ୍ରଭାବ ବା-ପା-ମା (ବାୟୁ-ପାଣି-ମାଟି)କୁ ନଷ୍ଟ କରିଦେଇଛି। ଆଜି ଆମେ ଧରିତ୍ରୀକୁ ପୂର୍ବ ଭଳି ସବୁଜ କରିବା ଦିଗରେ ଅର୍ଥାତ ଆମ ଗ୍ରହର ସୁସ୍ଥ ଭବିଷ୍ୟତ ପାଇଁ ପୁଞ୍ଜି ବିନିଯୋଗ କରିବା। ପ୍ରଦୂଷଣକୁ ରୋକିବା ଲାଗି ସମାଧାନର ସୂତ୍ର ବିଜ୍ଞାନ ଆମକୁ କହିସାରିଛି। ଆମେ ସେହି ସୂତ୍ରକୁ କାମରେ ଲଗେଇବା। ବାସ୍, ସେହି ଦିଗରେ ପୁଞ୍ଜି ବିନିଯୋଗ କରିବା।

ନକରି ଅନେକ ଉପଭୋଗ କରିଛୁ। ଏବେ ଆମେ ପରିବେଶ ବିଷୟରେ ଭାବିଲା ପରେ ନିଜ କଥା ଭାବିବା। ଆଜି ପ୍ରଦୂଷଣ ହେତୁ ଏତେ ବିପଦର ସାମ୍ନା କରିବା ପରେ ଯଦି ପ୍ରଦୂଷଣ ରୋକିବା ଦିଗରେ ପୁଞ୍ଜି ବିନିଯୋଗ ନ କରିବା, ତେବେ ଆମେ ଜାଣିଶୁଣି ଆତ୍ମହତ୍ୟା କରିବାକୁ ଯାଉଛୁ ବୋଲି ବୁଝିବାକୁ ହେବ।

ଆମେ ସିନା କଳକାରଖାନା ଓ ଗାଡିମୋଟରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବା ନାହିଁ, କିନ୍ତୁ ତଜ୍ଜନିତ ପ୍ରଦୂଷଣ ଓ କୁପ୍ରଭାବକୁ ଯଥାସମ୍ଭବ ହ୍ରାସ କରିପାରିବା। ଗାଁ ଓ ସହରକୁ ଗଛ ଏବଂ ଉଦ୍ୟାନରେ ଭରି ଦେବା ପାଇଁ ଜନସଚେତନତା ସୃଷ୍ଟି ହେବା ଦରକାର। ଅଂଶୁଘାତ, ଜାଗତିକ ଉଷ୍ମତା ବୃଦ୍ଧି ଓ ସବୁଜଗୃହ ପ୍ରଭାବ ଭଳି ସମସ୍ୟାର ସମାଧାନ ଦିଗରେ ସବୁଜିମା ସହାୟକ ହେବ। ଉନ୍ନତି ପାଇଁ ଆମେ ଗ୍ରହଣ କରିଥିବା ପନ୍ଥାଗୁଡିକ ପ୍ରଦୂଷଣପୂର୍ବକ ଆମର ଅପୂରଣୀୟ କ୍ଷତି କରୁଛି। ଉନ୍ନତି ଆଳରେ ଆମର ପ୍ରୟାସ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି।



କୋଇଲା ଜାଳି ବିଜୁଳିବତି ଜଳେଇବା ନାହିଁ। ସୌରଶକ୍ତି, ପବନଶକ୍ତି, ଜୁଆରଶକ୍ତି ଭଳି ନାନା ରକମର ଅଣପାରମ୍ପରିକ ଶକ୍ତିର ବ୍ୟବହାର ଦିଗରେ ପୁଞ୍ଜି ବିନିଯୋଗ କରିବା। ଏସବୁ ପାଇଁ ଟିକିଏ ଅଧିକ ଖର୍ଚ୍ଚ ହେବ, କିନ୍ତୁ ଆମର ବାସଗୃହ ପୃଥିବୀ ସୁସ୍ଥ ରହିବ। ପେଟ୍ରୋଲ, ଡିଜେଲ, କୋଇଲାରେ ଗାଡ଼ିମୋଟର ଚାଲିବ ନାହିଁ। ଗାଡ଼ିମୋଟରରୁ ଯେପରି ଧୂଆଁ ବାହାରିବ ନାହିଁ। ଚାଷରେ ରାସାୟନିକ ସାର ବ୍ୟବହାର ହେବନାହିଁ। ଚାଷକାମ ଓ କଳକାରଖାନା ଲାଗି ଯେପରି ମାଟି ଖରାପ ହେବନାହିଁ। ପରିବେଶ ଉପରେ କୁପ୍ରଭାବ ପକାଉ ନଥିବା ପଦ୍ଧତିରେ ଚାଷ କରିବା ଦିଗରେ ପୁଞ୍ଜି ବିନିଯୋଗ ହେବ। ବିଜ୍ଞାନ ଆମକୁ ଅନେକ ଜ୍ଞାନକୌଶଳ ଦେଇଛି। ସେସବୁ କେବଳ ସମାଜର ଶାନ୍ତି ରକ୍ଷା ଓ ଆମ ଗ୍ରହର ରକ୍ଷଣାବେକ୍ଷଣରେ ବିନିଯୋଗ ହେବ। ଅତୀତରେ ପରିବେଶର ସ୍ୱାସ୍ଥ୍ୟକଥା ଚିନ୍ତା

ଅତଏବ ଆମ ଉନ୍ନତିର ଧାରା ନିରନ୍ତରଧର୍ମୀ ନୁହେଁ। ଗଛଲତା, ପଶୁପକ୍ଷୀ ଓ ଜୀବାଣୁଭୂତାଣୁଙ୍କୁ ମିଶେଇଲେ ପୃଥିବୀରେ ପ୍ରାୟ ୮୭ ଲକ୍ଷ ପ୍ରଜାତିର ଜୀବନ ରହିଛି। ସେମାନଙ୍କ ମଧ୍ୟରୁ ମଣିଷ ଅନ୍ୟତମ। ପରିତାପର ବିଷୟ, ଏତେ କିସମର ପ୍ରାଣୀ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀରେ ବାସକରି ଆସୁଥିଲେ ବି ଯେଉଁ ପରିବର୍ତ୍ତନ ଘଟି ନ ଥିଲା, ଏଇ ମାତ୍ର ୨୫୦ ବର୍ଷ ଭିତରେ ମଣିଷର ଶିଳ୍ପବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମର ପରିବେଶକୁ ଆମେ ନିଜେ ନଷ୍ଟ କରିଛୁ। ସୁନ୍ଦର ସବୁଜ ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି। ସେଥିପାଇଁ ଆମେ ଦାୟୀ। ତେଣୁ ପୃଥିବୀର ପୁନରୁଦ୍ଧାର ଆମ ଦାୟିତ୍ୱ। ଆମ ଗ୍ରହର ପୁନରୁଦ୍ଧାର ଦିଗରେ ପୁଞ୍ଜି ବିନିଯୋଗ କରିବା ଜରୁରୀ।

–ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧




### ବୃକ୍ଷରୋପଣର ଆବଶ୍ୟକତା ରହିଛି



ପୃଥିବୀ ଉଭୟ ପ୍ରାଣୀ ଏବଂ ଉଦ୍ଭିଦଙ୍କ ବାସସ୍ଥଳୀ। ପ୍ରାଣୀ ଅମ୍ଳଜାନ ପାଇଁ ବଞ୍ଚେ, ତା' ବଦଳରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଛାଡ଼େ। ଉଦ୍ଭିଦମାନେ ଖାଦ୍ୟ ପ୍ରସ୍ତୁତି ଲାଗି ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଏବଂ ବାୟୁମଣ୍ଡଳକୁ ଅମ୍ଳଜାନ ଛାଡନ୍ତି, ଯାହା ପ୍ରାଣୀଜଗତ ପାଇଁ ଅତ୍ୟନ୍ତ ଆବଶ୍ୟକ। ତେଣୁ ଉଭୟ ପ୍ରାଣୀ ଏବଂ ଉଦ୍ଭିଦମାନଙ୍କର ଜୀବନ ପ୍ରଣାଳୀ ପରସ୍ପର ସହ ପରିପୂରକ। ବର୍ତ୍ତମାନ ପୃଥିବୀରେ ପ୍ରାଣୀମାନଙ୍କ ସଂଖ୍ୟା ବଢୁଥିବା ବେଳେ ଉଦ୍ଭିଦ ସଂଖ୍ୟା କମୁଛି। କଳକାରଖାନା, ଘରଦ୍ୱାର ପାଇଁ ଗଛ କାଟି ଜଙ୍ଗଲକୁ ଧ୍ୱଂସ କରାଯାଉଛି। ତେଣୁ ଧରାପୃଷ୍ଠରେ ଅମ୍ଳଜାନ-ଅଙ୍ଗାରକାମ୍ଳ ପରିମାଣରେ ତାରତମ୍ୟ ଦେଖିବାକୁ ମିଳୁଛି। ଯେହେତୁ ବୃକ୍ଷ ସଂଖ୍ୟା ଅହେତୁକ ଭାବେ ହ୍ରାସ ପାଉଛି ତେଣୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବଢ଼ିଯାଉଛି, ଯାହା ପ୍ରାଣୀଜଗତ ପାଇଁ କ୍ଷତିକାରକ। ତେଣୁ ବାୟୁମଣ୍ଡଳରେ ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ପରିମାଣ ସନ୍ତୁଳିତ ରଖିବା ଲାଗି ଧରିତ୍ରୀ ଦିବସ ଅବସରରେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

- ପ୍ର. ସୁବୋଧ କୁମାର ସାହୁ (ମୃତ୍ତିକା ବିଶେଷଜ୍ଞ)

### ବୃକ୍ଷ-ମୃତ୍ତିକା-ଜଳର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ



ଧରିତ୍ରୀ ମା'କୁ ସୁରକ୍ଷା ଦେବାର ସମୟ ଆସିଛି। ବିଶ୍ୱ ଉତ୍ତାପକରଣ ଦୂର ଲାଗି ମଧ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେଣୁ ଏ ନେଇ କେତେକ ପଦକ୍ଷେପ ନେବା ନିହାତି ଜରୁରୀ। ଆମେମାନେ ଯେତେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ତାହା ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ। ଆଉ ଏକ କଥା ହେଲା ମୃତ୍ତିକା କ୍ଷୟ। ତେଣୁ ଏବେ ମୃତ୍ତିକା ସଂରକ୍ଷଣର ସମୟ ଆସିଛି। କେବଳ ସେତିକି ନୁହେଁ ଜଳ ସଂରକ୍ଷଣ କରାଯିବା ଆବଶ୍ୟକ। ତେଣୁ ଏହି ତିନୋଟି ଜିନିଷ; ବୃକ୍ଷ-ମୃତ୍ତିକା-ଜଳର ସୁରକ୍ଷା ଜରୁରୀ ହୋଇପଡିଛି। ବର୍ତ୍ତମାନ ଜୈବ କୃଷି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତା'ସହ ସମନ୍ୱିତ କୃଷିକୁ ଆପଣେଇବା ସହ କୃଷିରେ ରାସାୟନିକ ସାର ବଦଳରେ ଜୀବାଣୁ ସାର, ସବୁଜ ସାର, କମ୍ପୋଷ୍ଟ ଖତ ଓ ଜିଆ ଖତର ବହୁଳ ବ୍ୟବହାର ହେବା ପ୍ରୟୋଜନ। ତା'ସହ ରାସାୟନିକ କୀଟନାଶକ ବଦଳରେ ଜୈବ ଫିମ୍ପିନାଶକ ଓ କୀଟନାଶକର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଜରୁରୀ। ଜମି, ଜଙ୍ଗଲ, ଜୀବଜନ୍ତୁ ଏବଂ ଜଳ ମଧରେ ସମନ୍ୱୟତା ରହିବା ଆବଶ୍ୟକ। ତାହାହେଲେ ଆମେ ସବୁଜ, ସୁନ୍ଦର ତଥା ସୁସ୍ଥ ପୃଥିବୀ ଓ ପରିବେଶଟିଏ ପାଇପାରିବା। ଏଭଳି ସୁସ୍ଥ ପରିବେଶରେ ମାନବ ସମାଜ ନୀରୋଗ ଜୀବନ ଧାରଣ କରିବା ସମ୍ଭବପର ହୋଇପାରିବ।

- ଡ. ପରେଶ କୁମାର ପଣ୍ଡା (ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର)

## ଫୁର୍‌ସତ



# ହନି ସିଂ ଅପହରଣ ଅଭିଯୁକ୍ତ

**ମୁମ୍ବାଇ:** ରାପର ହନି ସିଂଙ୍କ ବିରୋଧରେ ତାଙ୍କ ଇଭେଣ୍ଟ ଏଜେନ୍ସିର ମାଲିକ ଗୁରୁତର ଅଭିଯୋଗ ଆଣିଛନ୍ତି। ଇଭେଣ୍ଟ କମ୍ପାନୀର ମାଲିକ ବିବେକ ରମଣ ହନିଙ୍କ ବିରୋଧରେ ଅପହରଣ, ବନ୍ଦୀ କରି ରଖିବା ଏବଂ ଆକ୍ରମଣ ଅଭିଯୋଗ କରିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ବିବେକ ମୁମ୍ବାଇର ବି.କେ.ସି.ରେ ହନି ସିଂଙ୍କ ଫେଷ୍ଟିଭିନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଶୋ ଏପ୍ରିଲ ୧୫ରେ ହେବାର ଥିଲା। ଟଙ୍କା କାରବାରରେ ଅନିୟମିତତା ହେତୁ ବିବେକ ଏହି ଶୋ' କରିବାକୁ ମନା କରିଥିଲେ, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିବେକଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟକ୍ରମ ବାତିଲ ହେତୁ ହନି ରାଗିଯାଇଥିଲେ। ଏହା ପରେ ସେ ତାଙ୍କୁ ମାଡ଼ ମାରିବା ସହ ଅପହରଣ କରିନେଇଥିଲେ। ଅଭିଯୋଗକୁ ନେଇ ଇନ୍‌ଷ୍ଟାରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଛ କଥା।

# ଚନ୍ଦ୍ରରେ ଗଡ଼ିବ ହୁଣ୍ଡାଇ ରୋଭର

### ୨୦୨୭ରେ ରୋଭର ଲଞ୍ଚ କରିବାକୁ କମ୍ପାନୀର ଯୋଜନା

ୱାଶିଂଟନ୍

କୋରିଆର ହୁଣ୍ଡାଇ ମୋଟର ଗ୍ରୁପ ଚନ୍ଦ୍ରରେ ନିଜ ଛାପ ଛାଡ଼ିବା ନେଇ ଯୋଜନା ପ୍ରସ୍ତୁତ କରୁଛି। ଏ ନେଇ କମ୍ପାନୀ ପକ୍ଷରୁ ଲୁନାର ଏକ୍ସପ୍ଲୋରେଶନ ମୋବିଲିଟି ରୋଭରର ତିଆରି କରାଯାଇଛି, ଯାହା ଆସନ୍ତା ୨୦୨୭ ବେଳକୁ ଚନ୍ଦ୍ରକୁ ପ୍ରେରଣ କରାଯିବ। ତେବେ ଲୁନାର ରୋଭରର ପ୍ରାଣମ୍ଭୀକ ପରୀକ୍ଷଣ ଆରମ୍ଭ ହୋଇଛି। ଲୁନାର ରୋଭର କୋରିଆରେ ଏୟରୋସ୍ପେସ ପାର୍ଟନରର ସହଯୋଗରେ ତିଆରି କରାଯାଉଛି।

ପ୍ରାରମ୍ଭିକ ଲୁନର ରୋଭର ଟେଷ୍ଟିଂ ୟୁନିଟ ୨୦୨୪ର ମଧଭାଗ ସୁଦ୍ଧା ସଂପୂର୍ଣ୍ଣ ହୋଇଯିବ ଏବଂ ସେପର୍ଯ୍ୟନ୍ତ ହୁଣ୍ଡାଇର ଟାର୍ଗେଟ ଏକ ମଡେଲ ତିଆରି କରିବାକୁ ଅଛି, ଯାହାକୁ ୪ ବର୍ଷ ମଧ୍ୟରେ ଲଞ୍ଚ କରିବାକୁ ହୁଣ୍ଡାଇ ଯୋଜନା କରିଛି। ଲୁନାର



ରୋଭରରେ ହୁଣ୍ଡାଇ ଓ କିଆ କାରରେ ଥିବା ସବୁ ଆଡଭାନ୍ସ ଟେକ୍ନୋଲଜି ଉପଲବ୍ଧ ରହିବ। ଏଥିରେ ଆଡଭାନ୍ସ ରୋବୋଟିକ୍ସ, କ୍ୟାମେରା ସହ ଅଟୋମେଟିକ ଡ୍ରାଇଭିଂ ଟେକ୍ନୋଲଜି ସାମିଲ କରାଯିବ। ଏହି ସ୍ୱତନ୍ତ୍ର ପ୍ରକାର ଲୁନାର ରୋଭରରେ ସୋଲାର ପ୍ୟାନେଲ ଦିଆଯାଇଛି, ଯେଉଁଥିରେ ଲୁନାର ରୋଭଲକୁ ଆଡଭାନ୍ସ ଟେକ୍ନୋଲଜି ମାଧମରେ ଚାର୍ଜ କରାଯିବ। ଲୁନର ରୋଭର ହୁଣ୍ଡାଇ ଟେକ୍ନୋଲଜି ଓ କମ୍ପୋନେଣ୍ଟ ସହ ଆସିବ। ଏଥିରେ ଉପର ଭାଗରେ ଲୁନାର ସରଫେସ ପାଇଁ ସାଇଣ୍ଟିଫିକ ପେଲୋଡ ସାମିଲ ହେବ। ଲୁନାର ରୋଭର ସରଫେସ୍‌ରେ ସର୍ବୋଚ୍ଚ ତାପମାତ୍ରା ସହ୍ୟ କରିପାରିବାର କ୍ଷମତା ରହିଛି। ତେବେ ଏହି ରୋଭରର ଓଜନ ପାଖାପାଖି ୭୦ କିଲୋ ହେବା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ମେଲାନୋସାଇଟ୍ ଷ୍ଟେମ୍ ସେଲ୍ ଯୋଗୁ ବଦଳେ କେଶର ରଙ୍ଗ

**ୱାଶିଂଟନ୍:** କେଶର ରଙ୍ଗକୁ ଦେଖିଲେ ଲୋକମାନଙ୍କ ବୟସର ଅନ୍ଦାଜ ଲାଗାଯାଏ। ସାଧାରଣ ଭାବେ ଯୁବା ଅବସ୍ଥାରେ ପ୍ରତ୍ୟେକଙ୍କ କେଶର ରଙ୍ଗ କଳାଥିବାବେଳେ ବାର୍ଦ୍ଧକ୍ୟ ପାଖେଇ ଆସିଲେ କେଶର ରଙ୍ଗ ବଦଳି ଧଳା ହୋଇଯାଏ। ବର୍ତ୍ତମାନର ଆଧୁନିକ ଯୁଗରେ ଅନେକ ଫ୍ୟାଶନେବଲ୍ ହେବା ପାଇଁ କେଶକୁ ଧଳ ରଙ୍ଗରେ ରଙ୍ଗେଇ ଦେଉଛନ୍ତି। କିନ୍ତୁ ବୟସ ବଢ଼ିବା ସାଙ୍ଗକୁ କେଶର ରଙ୍ଗ ଧଳା ହେବା ପଛର କାରଣ ଖୋଜି ବାହାର କରିଛନ୍ତି ନ୍ୟୁୟର୍କ ୟୁନିଭର୍ସିଟିର ଏକ ବିଶେଷଜ୍ଞ ଦଳ।

ଜର୍ନାଲ୍ ନେଚରରେ ପ୍ରକାଶ ପାଇଥିବା ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ ହେୟାର ଫଲିକଲ୍ ଗ୍ରୋଥ୍ ପାଇଁ କେଶର ଷ୍ଟେମ୍ ସେଲ ସହାୟକ ହୋଇଥାନ୍ତି। ବୟସ ବଢ଼ିବା ଯୋଗୁ ବ୍ୟକ୍ତିମାନଙ୍କ ଷ୍ଟେମ୍ ସେଲ କ୍ରମାଗତ ଦୁର୍ବଳ ହୋଇପଡ଼େ। ଏହାର ପ୍ରଭାବ କେଶରେ ପଡ଼ିବା ପରେ ରଙ୍ଗ ବଦଳି ଧଳା ହୋଇଯାଏ। ବିଶେଷଜ୍ଞମାନେ ମୂଷା ଚର୍ମକୁ ନେଇ ଏହି ଅଧ୍ୟୟନ କରିଛନ୍ତି। ତେବେ ମେଲେନୋସାଇଟ୍ ଷ୍ଟେମ୍ ସେଲ୍ସ (ଏମ୍‌ସିଏସ୍‌ସିଏସ୍) କେଶର ରଙ୍ଗକୁ ବଜାୟ ରଖିବାରେ ସହାୟକ ହୋଇଥାଏ। କାମେଲୋନ୍ ହ୍ରାସ ହେବାଯୋଗୁ ମେଲାନୋସାଇଟ୍ ଷ୍ଟେମ୍ ସେଲଦୁର୍ବଳ ହୋଇଯାଏ ଏବଂ କେଶର ରଙ୍ଗ କଳାରୁ ଧଳା ହୋଇଯାଏ। ତେବେ ଏସ୍‌ସିଏସ୍‌ସିଏସ୍‌କୁ କେଉଁ ପଦ୍ଧତିରେ ବେଶି ଦିନ ପର୍ଯ୍ୟନ୍ତ ସଂରକ୍ଷିତ ଅବସ୍ଥାରେ ରଖାଯିବ ସେ ନେଇ ବିଶେଷଜ୍ଞଙ୍କ ପକ୍ଷରୁ ଗବେଷଣା ଜାରି ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଏପ୍ରିଲ, ୨୦୨୩


# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଛାତ୍ରଙ୍କ ମୃତ୍ୟୁ

**ମାଲକାନଗିରି/ କାଲିମେଳା/ ପଡିଆ,୨୧।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡ଼ିଆ ବ୍ଲକ କାଲିମେଳା ଥାନା ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ରୋଡ଼ଗୁଡ଼ା ଗ୍ରାମରେ ଶୁକ୍ରବାର ଘଟିଛି ଏକ ଅଭାବନୀୟ ଘଟଣା। ଗଛରେ ଥିବା ଚଢ଼େଇ ବସାରୁ ଚଢ଼େଇ ଛୁଆ ଧରିବାକୁ ଯିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରୋଡଗୁଡା ଗ୍ରାମର ଦୁଲା ପଡିଆମିଙ୍କ ପୁଅ ଚନ୍ଦନ (୮) ଓ ଲାସା ମାଡିଙ୍କ ପୁଅ ମାନା (୧୨)। ମାନା ଉଣ୍ଡୁରୁକୋଣ୍ଡା ସ୍କୁଲରେ ତୃତୀୟ ଶ୍ରେଣୀର ଓ ଚନ୍ଦନ ସପ୍ତମ ଶ୍ରେଣୀର ଛାତ୍ର ଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଖବରରୁ ଜଣାପଡ଼ିଛି, ଚନ୍ଦନ ଓ ମାନା କେତେଜଣ ସାଙ୍ଗଙ୍କ ସହ ଚଢ଼େଇ ଧରିବାକୁ ଉଣ୍ଡୁରୁକୋଣ୍ଡା ସାପ୍ତାହିକ ହାଟ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଉଭୟେ ଏକ କୁସୁମ ଗଛରେ ଚଢ଼ି ବସାରୁ ଚଢେଇ ଛୁଆଙ୍କୁ ଧରି ଆଣିବାକୁ ଉଦ୍ୟମ କରିଥିଲେ।

**ଗଛରୁ ଚଢ଼େଇ ଛୁଆ ଧରିବା ହେଲା କାଳ**

ହେଲେ ଉକ୍ତ ଗଛକୁ ଲାଗି ବିଦ୍ୟୁତ୍ ତାର ଯାଇଥିବା ସେମାନେ ଜାଣିପାରି ନ ଥିଲେ। ଚଢେଇ ଛୁଆ ଆଣିବାକୁ ଚେଷ୍ଟା କରିବା ବେଳେ ହଠାତ୍ ଦୁହେଁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡିଥିଲେ। ଗଛ ତଳେ ଥିବା ଏକ ପଥର ଉପରେ ପଡିବାରୁ ସେମାନଙ୍କ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ସହ ଯାଇଥିବା ଅନ୍ୟ କେତେଜଣ ପିଲାଙ୍କଠାରୁ ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ଜଙ୍ଗଲରେ ପହଞ୍ଚି ଉଭୟଙ୍କୁ ଧରି କାଲିମେଳା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କାଲିମେଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ ଚଳାଇଛି।

# ଶହୀଦଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୨୫ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

ଜମ୍ମୁ-କଶ୍ମୀରର ପୁଞ୍ଚ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହିତ ଦେବାଶିଷଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଦେବାଶିଷଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ଏହି ଦାରୁଣ ଦୁଃଖକୁ ସହ୍ୟ କରିବା ପାଇଁ ଭଗବାନ ସେମାନଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି।



ଶୋକାକୁଳ ପରିବାର ଓ ସମ୍ପର୍କୀୟ।



## କାନ୍‌ଭାସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ନିକଟବର୍ତ୍ତୀ ଚନ୍ଦନପୁର ଆଙ୍କିଆ ଗ୍ରାମର ଜଣେ ଚିତ୍ରଶିଳ୍ପୀ ଦିବ୍ୟଜ୍ୟୋତି ରଙ୍ଗତୂଳୀରେ ଦେବାଶିଷଙ୍କ ଫଟୋ ଆଙ୍କି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଦେବାଶିଷଙ୍କୁ ଝୁରୁଛି ଗାଁ ମାଟି

**ସାକ୍ଷୀଗୋପାଳ,୨୧।୪(ଡି.ଏନ୍. ଏ/ସ୍ୱ.ପ୍ର.)**

ଜମ୍ମୁ ଓ କଶ୍ମୀରରେ ଆତଙ୍କୀ ଆକ୍ରମଣରେ ଶହୀଦ ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ଗ୍ରାମ ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତ ଖଣ୍ଡାୟତ ସାହିରେ ଶୋକାକୁଳ ପରିବେଶ ଲାଗିରହିଛି। ଦେବାଶିଷଙ୍କୁ ହରାଇ ଗାଁ ମାଟି ତାଙ୍କୁ ଝୁରୁଥିବାବେଳେ ମୃତ୍ୟୁ ଖବରକୁ କେହି ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଦେବାଶିଷ ଗୁରୁବାର ସକାଳେ ଅକ୍ଷୟତୃତୀୟାରେ ବିବାହ ବାର୍ଷିକ ପାଳନ ନିମନ୍ତେ ଆସିବା ପାଇଁ ଫୋନରେ କଥା ହୋଇଥିଲେ ବୋଲି ତାଙ୍କ ମା ମମତା ବିଶ୍ୱାଳ କହିଛନ୍ତି। ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ଖବର ଶୁଣିବା ତାଙ୍କ ମା ଭାଙ୍ଗିପଡ଼ିଛନ୍ତି। ଦେବାଶିଷଙ୍କ ସ୍ତ୍ରୀ ସୁଶ୍ରୀ ସଙ୍ଗୀତା ଓ ତାଙ୍କ ଶିଶୁକନ୍ୟା କାନ୍ଦି କାନ୍ଦି ଅଚେତ ହୋଇପଡୁଛନ୍ତି। ବାପା ପ୍ରତାପ ବିଶ୍ୱାଳ, ଜେଜେବାପା, ଜେଜେମା, ସାନଭାଇଙ୍କ ସମେତ ପରିବାର ବର୍ଗ ମ୍ରିୟମାଣ ହୋଇପଡ଼ିଛନ୍ତି। ଶନିବାର ଦେବାଶିଷଙ୍କ ପାର୍ଥିବ ଶରୀର ଗାଁକୁ ଆସିବ ବୋଲି ସୂଚନା ମିଳିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶରେ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ଓ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଗାଁରେ ପହଞ୍ଚି ରାସ୍ତାଘାଟ ଓ ଶ୍ମଶାନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶହୀଦ ଦେବାଶିଷଙ୍କ ଏକ ପ୍ରତିମୂର୍ତ୍ତି ଗାଁ ମୁଣ୍ଡରେ ସ୍ଥାପନ କରିବା ପାଇଁ ଦେବାଶିଷଙ୍କ ସମ୍ପର୍କୀୟ ଜେଜେ ପଞ୍ଚାନନ ବିଶ୍ୱାଳ, ସାମାଜିକ କର୍ମୀ ପ୍ରଶାନ୍ତ ବିଶ୍ୱାଳ, ଅଳଗୁମ ସରପଞ୍ଚ ସରସ୍ୱତୀ ବିଶ୍ୱାଳ, ଦେବାଶିଷଙ୍କ ବନ୍ଧୁ ବାପୁନା ବିଶ୍ୱାଳ, ଆଲୋକ ବିଶ୍ୱାଳ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଗୁରୁକୁଳ ଆଥଲେଟିକ୍ସ କୋଚ ବିଷ୍ଣୁ ପ୍ରସାଦ ମିଶ୍ର, ଅନ୍ତର୍ଜାତୀୟ କ୍ରୀଡ଼ାବିତ ଜୟନ୍ତୀ ବେହେରା, ବିଭିନ୍ନ ବିଭାଗରେ କାର୍ଯ୍ୟରତ ଦେବାଶିଷଙ୍କ ସହପାଠୀ, ଶତାଧିକ ଶିକ୍ଷା ନବିସ ଦେବାଶିଷଙ୍କ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ସ୍ମୃତି ମନେ ପକାଇ ଗାଁ ସଫେଇ

ଖଣ୍ଡାୟତ ସାହିରେ ଛୋଟବଡ ପିଲା ତାଙ୍କ ପ୍ରେରଣାକୁ ମନେପକାଇ ଶୁକ୍ରବାର ସକାଳେ ଗ୍ରାମ ସଫେଇ କରି ବ୍ଲିଚିଙ୍ଗ ପକାଯାଇଛି। ସେ ଗାଁକୁ ଯେବେଆସିଲେ ସ୍ୱଚ୍ଛତା ରଖିବାକୁ କହିବା ସହ ଗାଁ ସଫେଇ କରୁଥିଲେ। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପୂର୍ବରୁ ତାଙ୍କ ସ୍ମୃତିକୁ ମନେପକାଇ ଏହି ସଫେଇ କରାଯାଇଥିବା ବନ୍ଧୁମାନେ କହିଛନ୍ତି।

## ସୁନାପୁଅକୁ ଝୁରୁଛନ୍ତି ମା' ମାନେ

ଦେବାଶିଷକୁ ଝୁରୁଛନ୍ତି ଗାଁ ର ବୁଢି ମା'ମାନେ। ସେ ଗାଁକୁ ଆସିବା ବେଳେ ସମସ୍ତଙ୍କ ପାଦଛୁଇଁ ଆଶିଷ ନିଏ ଭଲ ଅଛ ମା' ବୋଲି କହିଦିଏ। ସୁନାପୁଅର ସେହି କଥାପଦକ ଆମ ମନକୁ ବାରମ୍ବାର ଆନ୍ଦୋଳିତ କରୁଛି ବୋଲି କହିଛନ୍ତି।

## ଦେଶ ପାଇଁ ସମର୍ପିତ ଥିଲା ଦେବାଶିଷ

ଦେବାଶିଷ ସ୍ଥାନୀୟ ଗୁରୁକୁଳ ଆଥଲେଟିକ୍ସରେ କ୍ରୀଡ଼ାବିତ ତାଲିମ ନେଇଥିଲେ। ଗାଁ ମାଟିର ପୁଅ ଦେବାଶିଷ ଚାକିରିକୁ ଯିବାବେଳେ ତାଙ୍କର କୋଚ ଗୁରୁ ବିଷ୍ଣୁପ୍ରସାଦ ମିଶ୍ରଙ୍କ ପାଦଛୁଇଁ ଆଶୀର୍ବାଦ ନେବା ସମୟରେ ବୀର ଓଡ଼ିଆ ଯବାନ ଭାବରେ ଦେଶପାଇଁ ସମର୍ପିତ ହୋଇଥିଲେ ବୋଲି ଗୁରୁ ମିଶ୍ର କହିଛନ୍ତି। ଗୁରୁକୁଳର ବିଦ୍ୟାର୍ଥୀ ମାନେ ପ୍ରଦୀପ ପ୍ରଜ୍ୱଳନ କରି ଏବଂ ଶହୀଦ ଯବାନଙ୍କ ଫଟୋ ସହ ପ୍ଲାକାର୍ଡଧରି ଅମର ରହେ ଅମର ରହେ ସ୍ଲୋଗାନ ଦେଇଥିଲେ।ଏଥିରେ ଅନ୍ତର୍ଜାତୀୟ ପାରା ଆଥଲେଟ ଜୟନ୍ତୀ ବେହେରା ଯୋଗଦେଇଥିଲେ।




# ୧୬ କେ.ଜି. ଗଞ୍ଜେଇ, ୧୫,୦୦୦ ଲିଟର ବିୟର ଜବତ

**ଢେଙ୍କାନାଳ ଅଫିସ, ୨୧।୪**

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପୃଥକ୍ ସ୍ଥାନରେ ଚଢ଼ାଉ କରି ଶୁକ୍ରବାର ବିପୁଳ ପରିମାଣର ଗଞ୍ଜେଇ ଏବଂ ଚୋରା ବିଦେଶୀ ମଦ ଜବତ କରିଛି। ମୋଟଙ୍ଗା ଥାନା ଶିରିଡ଼ି ଗ୍ରାମର ତ୍ରିନାଥ ସାହୁଙ୍କ ନିକଟରୁ ୧୬ କେ.ଜି. ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପରଜଙ୍ଗ ଥାନା ସରାଙ୍ଗ ଛକ ଅଞ୍ଚଳର ବାନାମ୍ବର ବେହେରା ଚୋରା ବିଦେଶୀ ମଦ କାରବାର କରୁଥିବା ସୂଚନା ମିଳିବା ପରେ ଏକ ଟିମ୍ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ୧୫ ହଜାର ଲିଟର ବିୟର ଜବତ କରାଯାଇଛି। ଅଭିଯୁକ୍ତ ତ୍ରିନାଥ ଏବଂ ବାନାମ୍ବରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ ଏବଂ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

# ବଜ୍ରପାତରେ ଚାଷୀ ମୃତ

**ନିଶ୍ଚିନ୍ତକୋଇଲି/ନେମାଳ,୨୧।୪(ସ୍ୱ.ପ୍ର./ଡି.ଏନ୍.ଏ.)**

କାଳବୈଶାଖୀ ପ୍ରଭାବରେ ଶୁକ୍ରବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବରପଡାସ୍ଥିତ ଲୁଣାନଦୀ ସେତୁରେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନେମାଳ ପଞ୍ଚାୟତ କଣ୍ଟାପାରୀ ଗ୍ରାମର ସୂର୍ଯ୍ୟେନ୍ଦୁ ଶେଖର ସାହୁ (୫୪)। ସେ ସାଇକେଲରେ ଅରୁଆ ଚାଉଳ ଓ ଗୁଆ ନେଇ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ବିକ୍ରିକରିବାକୁ ଆସୁଥିବାବେଳେ ବରପଡା ଲୁଣାସେତୁ ଉପରେ ଆକସ୍ମିକଭାବେ ବଜ୍ରପାତ ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୂର୍ଯ୍ୟେନ୍ଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ସାନଭାଇ ପ୍ରମୋଦ କୁମାର ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷେ ଏହି ବଜ୍ରପାତରେ ଲୁଣାନଦୀ ସେତୁର ଏକାଧିକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ସେତୁ ପ୍ରତି ବିପଦ ଆଶଙ୍କା ରହିଥିବା କୁହାଯାଇଛି।







# ଜନ୍ମମାଟିରେ ରାଷ୍ଟ୍ରପତିଙ୍କୁ ଦିଆଯିବ ନାଗରିକ ସମ୍ବର୍ଦ୍ଧନା

**ରାଇରଙ୍ଗପୁର,୨୧।୪(ଡି.ଏନ.ଏ.):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମମାଟି ରାଇରଙ୍ଗପୁରଠାରେ ନାଗରିକ ସମ୍ବର୍ଦ୍ଧନା ଦିଆଯିବ। ଆସନ୍ତା ମେ ୮ ଓ ୯ ତାରିଖ ୨ ଦିନିଆ ମୟୂରଭଞ୍ଜ ଗସ୍ତ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ରାଇରଙ୍ଗପୁର ଭାଜପା ବିଧାୟକ ନବଚରଣ ମାଝି କହିଛନ୍ତି। ଏନେଇ ରାଇରଙ୍ଗପୁର କଚେରୀ ପଡ଼ିଆ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ କାର୍ଯ୍ୟସୂଚୀ ସରକାରୀ ଭାବେ ମିଳି ନ ଥିବା ବେଳେ ଜନ୍ମମାଟି କୁସୁମୀ ବ୍ଲକ୍ ଅନ୍ତର୍ଗତ ଉପରବେଡ଼ା ଓ ଶାଶୁ ଘର ପାହାଡପୁର ଗସ୍ତ କାର୍ଯ୍ୟକ୍ରମ ରହିଥିବା ବିଧାୟକ ମାଝି କହିଛନ୍ତି। ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଦ୍ରୌପଦୀ ମୁର୍ମୁ ପ୍ରଥମ ଥର ପାଇଁ ମୟୂରଭଞ୍ଜ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।






## ସଂକ୍ଷେପରେ

### ଜୟଦେବ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୧।୪(ବ୍ୟୁରୋ)- ଶ୍ରୀ ଜୟଦେବ ଜୟନ୍ତୀ ପାଳନ ନିମନ୍ତେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖ ଦିନ ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ଦାସ ମଠରେ ପୂର୍ବାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସନ୍ଧ୍ୟାରେ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ କେନ୍ଦୁଲି ଗ୍ରାମରେ ଜୟଦେବଙ୍କ ସମ୍ପର୍କରେ ଏକ ସାଧାରଣ ସଭା ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି। ଦର୍ଶକଙ୍କ ନିମନ୍ତେ ପାନୀୟ ଜଳ, ସ୍ୱଚ୍ଛତା ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ଜିଲାପାଳ ସ୍ଥାନୀୟ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସଂକୀର୍ତ୍ତନ ପରିକ୍ରମା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏହି ଜୟନ୍ତୀ ପାଳନ କରାଯିବ। ବୈଠକରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଉପ ଜିଲାପାଳ ଦେବବ୍ରତ ସାହୁ, ବାଲିଅନ୍ତା ବ୍ଲକ୍ ଅଧକ୍ଷା ବାସନ୍ତୀ ଖଟୁଆ, ବାଲିଅନ୍ତା ବିଡ଼ିଓ ନାରାୟଣ ଚନ୍ଦ୍ର ନାୟକ, ବାଲିପାଟଣା ବିଡ଼ିଓ ଆଦିକନ୍ଦ ବେହେରା, ବାଲିଅନ୍ତା ତହସିଲଦାର ସମୀର ଦାସ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଭୁବନେଶ୍ୱର ପର୍ଯ୍ୟଟନ ଅଧିକାରୀ ଅଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମୋରମ ଚାଲଣ ଚଢ଼ାଉ, ୬ ଗିରଫ

ବାରଙ୍ଗ,୨୧।୪ (ଡି.ଏନ୍.ଏ): ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟଠାରୁ ମାତ୍ର କେଇହାତ ଦୂରରେ ଚାଲିଥିଲା ମୋରମ ଚୋରାଚାଲଣ। ବିଶେଷସୂତ୍ରରୁ ଖବରପାଇ ବାରଙ୍ଗ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରି ୬ଟି ହାଇୱା,୨ଟି ଜେସିବି ମେଶିନ, ୨ ବାଇକ୍‌କୁ ଜବତ କରିବା ସହ ୬ଜଣଙ୍କୁ ଗିରଫ କରି ନଂ.୧୪୪/୨୩ରେ ଏକ ମାମଲା ରୁଜୁକରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏହି ଘଟଣା ପରେ ବାରଙ୍ଗ ତହସିଲ ଅଧିକାରୀମାନଙ୍କର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗତକିଛିମାସ ଧରି ଦିନରାତି ନିର୍ବିଘ୍ନରେ ବାରଙ୍ଗ ତହସିଲ ଅଧୀନରେ ବିଭିନ୍ନ ଅଞ୍ଚଳରୁ ବ୍ୟାପକ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ହେଉଛି। କେଉଁଠି ବାଲି ଉଠାଯାଉଛି ତ କେଉଁଠି ମୋରମ ମାଫିଆମାନେ ଉଠାଉଛନ୍ତି। ସବୁଠାରୁ ବଡ଼କଥା ହେଲା, ଏହି ଚୋରାଚାଲଣ ତହସିଲ କାର୍ଯ୍ୟାଳୟ ସାମ୍ନା ରାସ୍ତାଦେଇ ହେଉଥିବାବେଳେ କେହି କିପରି ଜାଣିପାରୁନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଚୋରାରେ ମୋରମ ଉଠାଯାଉଥିବାର ବିଶେଷସୂତ୍ରରୁ ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣା ସଦଳବଳେ ଗୁରୁବାର ବିଳମ୍ବିତ ରାତିରେ ରାମଦାସପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ଏହି ସମୟରେ ଇଡ୍‌କୋକୁ ଦିଆଯାଇଥିବା ଜମିଉପରୁ ମାଫିଆମାନେ ମୋରମ ଉଠାଇ ଚୋରାଚାଲଣ କରୁଥିବାର ଜଣାପଡ଼ିଥିଲା। ପୋଲିସ ଚଢ଼ାଉକରି ୬ଟି ହାଇୱା, ୨ଟି ଜେସିବି ମେଶିନ, ଦୁଇଟି ମୋଟର ସାଇକେଲ ଜବତ କରିବା ସହ ଘଟଣାସ୍ଥଳରୁ ୬ଜଣଙ୍କୁ ଗିରଫ କରିଥିଲେ । ତେବେ କୌଶଳକ୍ରମେ ୨ ଜେସିବି ଚାଳକ ଖସି ପଳାଇଯାଇଥିଲେ। ସବୁଠାରୁ ବଡ଼କଥା ହେଲା ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟଠାରୁ ମାତ୍ର ଅଳ୍ପଦୂରରେ ଦିନଦ୍ୱିପ୍ରହରରେ ମୋରମ ଚୋରାଚାଲଣ ହେଉଥିବାବେଳେ ଆରଆଇ କିମ୍ବା ତହସିଲ ଅଧିକାରୀମାନେ କିପରି ଜାଣିପାରି ନ ଥିଲେ ତାହାକୁ ନେଇ ବାରଙ୍ଗ ଅଞ୍ଚଳରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

# ସୀମାନ୍ତ ଜିଲାରେ ସଂକ୍ରମଣ ବଢ଼ୁଛି

■ନବରଙ୍ଗପୁର, ମାଲକାନଗିରିରେ ସ୍ଥିତି ସମୀକ୍ଷା କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

■ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ

■ମ୍ୟାଲେରିଆ ଓ ଡାଇରିଆ ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ତେବେ ରାଜ୍ୟର ଅନ୍ୟ ଜିଲା ତୁଳନାରେ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ସଂକ୍ରମଣ ଅଧିକ ବଢ଼ୁଛି। ବିଶେଷକରି ନବରଙ୍ଗପୁର, ସମ୍ବଲପୁର, ନୂଆପଡ଼ା ଆଦି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଗସ୍ତକରି କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ସେଠାରୁ ଫେରିବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର କହିଲେ, ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଉଛି। ଏଥିସହ ହୋମ୍ ଆଇସୋଲେଶନରେ ଥିବା ସଂକ୍ରମିତଙ୍କୁ ଅଧିକ ମନିଟରିଂ କରାଯାଉଛି। ତେବେ ସଂକ୍ରମଣ କେବେ କମିବ, ତାହା କହିବା ଏବେ କଷ୍ଟକର। କୋଭିଡ୍ ପିକ୍ ନେଇ ସାରିଥିବାବେଳେ ରାଜ୍ୟ ଏବେ ପ୍ଲାଟୋ ଷ୍ଟେଜ୍‌କୁ ଆସି ଗଲାଣି। ଷ୍ଟେବଲ୍ ହେବା ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ ବୋଲି ସେ ସତର୍କ କରାଇଛନ୍ତି।

ଅପରପକ୍ଷେ ବର୍ଷା ପୂର୍ବରୁ ମ୍ୟାଲେରିଆ ଓ ଡାଇରିଆ ଅନ୍ୟ ଏକ ମୁଖ୍ୟ ସମସ୍ୟା ଥିବାରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କୋରାପୁଟ, ମାଲକାନଗିରି, ନବରଙ୍ଗପୁରରେ ଏସବୁ ସଂକ୍ରାମକ ରୋଗର ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏଥିସହ ଏହାର ମୁକାବିଲା ଲାଗି ଆଗୁଆ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ପୂର୍ବରୁ ସବୁ ଜଳ ଉତ୍ସ ବିଶୋଧନ କରିବାକୁ କୁହାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ ରକ୍ଷା କରି ଆଗୁଆ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।




ରାଜ୍ୟସ୍ତରୀୟ ଜାନକୀବଲ୍ଲଭ ସ୍ମୃତି କମିଟି ପକ୍ଷରୁ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୮ତମ ଶ୍ରଦ୍ଧାଞ୍ଜଳି ମହୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

## 'ଶିକ୍ଷା, ବୁଦ୍ଧିକୁ ବାସ୍ତବ ଜୀବନରେ ପ୍ରୟୋଗ କର'




### ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଜଟଣୀ,୨୧।୪(ଡି.ଏନ୍.ଏ.)

ଜଟଣୀ ନିକଟ ନିଜିଗଡ଼ କୁରକିସ୍ଥିତ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଦରେଜ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନାଦିର ବି ଗୋଦରେଜ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ୍ ଗଭର୍ଣ୍ଣର ଚେୟାରମ୍ୟାନ ଡ.ଜେରୋମ କଟିନହା, ଏମିରିଟସ ଅଧ୍ୟକ୍ଷ ରାଜୀବ କୌଲ, ବିଶ୍ୱବିଦ୍ୟାଳୟ କୁଳପତି ଫାଦର ଆଣ୍ଟୋନି ଆର୍ ଉଭାରି, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏସ୍.ଆଣ୍ଟୋନି ରାଜ, ବିଶ୍ୱବିଦ୍ୟାଳୟ ମୁଖ୍ୟ ଅର୍ଥ ଅଧିକାରୀ ଫାଦର ଭି. ଆରୋକିଆ ଦାସ ପ୍ରମୁଖ ଯୋଗଦେଇଥିଲେ। ବିକାଶଶୀଳ ସମାଜରେ ନିଜକୁ ଖାପଖୁଆଇ ଚଳିବାକୁ ହେଲେ ଶିକ୍ଷା ଏବଂ ଜ୍ଞାନକୁ ବାସ୍ତବ ଜୀବନରେ ପ୍ରୟୋଗ କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ଆଣ୍ଡ୍ରୁ ଦତ୍ତା ଆମନ୍ତ୍ରିତ ଅତିଥି, ଅଭିଭାବକ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଅଧ୍ୟାପିକା ଅଧ୍ୟାପକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଉପାଧି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଏସ୍. ଆଣ୍ଟୋନି ଧନ୍ୟବାଦ ଦେଇଥିଲେ।

## ଭ୍ରାମ୍ୟମାଣ ଜଳଛତ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ସଙ୍ଗଠନ 'ଜୟ ଓଡ଼ିଶା' ଦ୍ୱାରା ଶୁକ୍ରବାର ଭ୍ରାମ୍ୟମାଣ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ଏହାକୁ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଓ ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ ଏହାର ଉଦ୍‌ଘାଟନ କରିଥିଲେ। ଏହି ଯାନ ଭୁବନେଶ୍ୱରର ୪ଟି ରୁଟ୍ ଯଥା ବାଣୀବିହାରରୁ ଶିଶୁଭବନ ଛକ, କଟକ ରୋଡ, ଆଚାର୍ଯ୍ୟ ବିହାରରୁ ଏୟାରପୋର୍ଟ ଛକ ଏବଂ ଜୟଦେବ ବିହାର ଛକରୁ ରାଜଭବନ ଛକ ମଧ୍ୟରେ ବିନା ମୂଲ୍ୟରେ ସ୍ୱଚ୍ଛ ସୁଶୀତଳ ଜଳ ପ୍ରଦାନ କରିବ। ସହରର ବିଭିନ୍ନ କଲେଜ ଛାତ୍ରୀଛାତ୍ର, ଟ୍ରାଫିକ ପୋଲିସ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଜଳସେବା ଯୋଗାଇବା ଏହି ଭ୍ରାମ୍ୟମାଣ ଜଳଛତ୍ରର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମରେ ରମାଦେବୀର ପିଜି କାଉନ୍‌ସିଲ ଚେୟରମ୍ୟାନ ଚଣ୍ଡୀ ରଥ, ବିଜୁ ଛାତ୍ର ଜନତା ଦଳର ଜେନେରାଲ ସେକ୍ରେଟାରି ତଥା 'ମୁକ୍ତା' ଯୋଜନାର ଉପଦେଷ୍ଟା କୁମାରୀ ଈପ୍‌ସିତା ସାହୁ, ବିଜୁ ଯୁବ ଜନତା ଦଳର ସେକ୍ରେଟାରି ଅମରଜିତ୍ ଗୋଡ଼ ଓ ରମାଦେବୀର ପିଜି ଛାତ୍ରୀ ସୃଷ୍ଟି ମିଶ୍ର ଉପସ୍ଥିତ ଥିଲେ।

# ଚିଲିକାରେ ଫସିଲା ଯାତ୍ରୀବାହୀ ଲଞ୍ଚ



କୃଷ୍ଣପ୍ରସାଦ,୨୧।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଜଳପଥ ରାସ୍ତା ହେଉଛି କୃଷ୍ଣପ୍ରସାଦ-ବାଲୁଗାଁ। ବ୍ରିଟିଶ ଅମଳରୁ ଏହି ରାସ୍ତା ଦେଇ ଅଞ୍ଚଳର ଯାତ୍ରୀମାନେ ଯାତାୟାତ କରୁଛନ୍ତି। ତେବେ ଶୁକ୍ରବାର ସକାଳ ୯ଟାରେ ଏକ ଲଞ୍ଚ କୃଷ୍ଣପ୍ରସାଦ ଜେଟିରୁ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବାଲୁଗାଁ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚିଲିକାରେ ୨ଘଣ୍ଟା ଫସି ରହିଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ବାଲୁଗାଁରୁ ଅନ୍ୟ ଏକ ଲଞ୍ଚ ଆସିବା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ପ୍ରକାଶ ଯେ, ଚିଲିକାରେ ପ୍ରଥମେ କାଠର ଲଞ୍ଚ ଯାତାୟାତ କରୁଥିଲା। ଯାତ୍ରୀମାନେ ସୁରକ୍ଷିତଭାବେ ଯାତାୟାତ କରୁଥିଲେ। ଫାଇଲିନ ବାତ୍ୟା ପରଠାରୁ ଦୁଇଟି କାଠ ଲଞ୍ଚ ରହିଥିଲେ ମଧ୍ୟ ତାହା ଖତ ହେବାକୁ ବସିଛି। ଅନ୍ୟପଟେ କିଛି ବର୍ଷ ହେବ ଫାଇବର ଲଞ୍ଚ ଯାତାୟାତ କରୁଛି। କାଠ ଲଞ୍ଚ ୧୦୦ ଯାତ୍ରୀ ନେବାର କ୍ଷମତା ରହିଥିବାବେଳେ ଫାଇବର ଲଞ୍ଚରେ ୩୦ ଜଣ ଯାଇପାରିବେ। ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଫାଇବର ଲଞ୍ଚରେ ବିପଦଜନକଭାବେ ଯାତ୍ରା କରୁଛନ୍ତି। ଏପରିକି ଯାତ୍ରା ସମୟରେ ଯାତ୍ରୀମାନେ ସେଫ୍ଟି ଜ୍ୟାକେଟ ପରିଧାନ କରୁ ନ ଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସୈନ୍ୟବାହିନୀ ଯୋଗ୍ୟତା ପରୀକ୍ଷାରେ ଢାଞ୍ଚାଗତ ପରିବର୍ତ୍ତନ

### ପ୍ରଥମେ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ସୈନ୍ୟବାହିନୀରେ ଯୋଗଦେବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟାରେ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପରୀକ୍ଷାର୍ଥୀମାନେ ପ୍ରଥମେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ପରେ ବୈଧ ଥିବା ଆବେଦନଗୁଡ଼ିକୁ ବିଚାରକୁ ନିଆଯାଇ ପ୍ରଥମେ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେଉଛି। ଏଥିରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ଶାରୀରିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପରେ ଅନ୍ତିମ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାତ୍ର ପୂର୍ବରୁ ହେଉଥିବା ଚୟନ ପ୍ରକ୍ରିୟାରେ ପ୍ରଥମେ ଆର୍ମି ରାଲି ମାଧ୍ୟମରେ ଶାରୀରିକ ପରୀକ୍ଷା ଓ ପରେ ଲିଖିତ ପରୀକ୍ଷା ହେଉଥିଲା। ଏଥିରେ ପରୀକ୍ଷାର୍ଥୀଙ୍କ ବହୁସମୟ ବ୍ୟୟ ହେଉଥିବା ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗକୁ ବିଚାରକୁ ନିଆଯାଇ ଚଳିତ ବର୍ଷରୁ ନିଯୁକ୍ତି ପ୍ରକ୍ରିୟାରେ ଏହି ପରିବର୍ତ୍ତନ କରାଯାଇଛି।

କଟକସ୍ଥିତ ଆର୍ମି ରିକ୍ରୁଟ୍‌ମେଣ୍ଟ ଅଫିସ୍ ନିର୍ଦ୍ଦେଶକ କର୍ଣ୍ଣେଲ ହର୍‌ବିନ୍ଦର ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଏହି ନୂତନ ପଦ୍ଧତି ସମ୍ପର୍କରେ ଓଡ଼ିଶାର ସମସ୍ତ ଜିଲାରେ ସଚେତନତା ସୃଷ୍ଟି କରାଯାଇଛି। ଆର୍ମି ରିକ୍ରୁଟ୍‌ମେଣ୍ଟ କାର୍ଯ୍ୟାଳୟ ପକ୍ଷରୁ ୧୩୬ଟି ବିଦ୍ୟାଳୟ, ୪୮ଟି ମହାବିଦ୍ୟାଳୟ ଏବଂ ୪୪ଟି ଆଇଟିଆଇ ଶିକ୍ଷାନୁଷ୍ଠାନରେ ଭିଡ଼ିଓ ବାର୍ତ୍ତା, ପ୍ରଚାରପତ୍ର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଇଛି। ଏହି ପ୍ରକ୍ରିୟା ଜୁନିୟର କମିଶନ ଅଧିକାରୀ ଓ ଯବାନଙ୍କ ନିଯୁକ୍ତି ନିମନ୍ତେ ବାଧ୍ୟତାମୂଳକ ରହିବା ନେଇ କର୍ଣ୍ଣେଲ ସିଂ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୭୬ଟି ସ୍ଥାନରେ ୩୭୫ଟି ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ଏପ୍ରିଲ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା କରାଯାଉଛି। ସେଥିମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର, ବାଲେଶ୍ୱର, ଢେଙ୍କାନାଳ,ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ସମେତ ୮ଟି କେନ୍ଦ୍ରରେ ପରୀକ୍ଷା ଚାଲିଛି।

## 'ବୁଦ୍ଧ ଜୟନ୍ତୀକୁ ପୁନଃ ସରକାରୀ ଛୁଟି ଘୋଷଣା କରାଯାଉ'

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ବୁଦ୍ଧ ଜୟନ୍ତୀ ଓଡ଼ିଶା ସରକାରଙ୍କ ଛୁଟି ଦିବସରେ ରହିଥିଲା। କିନ୍ତୁ ଗତ କିଛିବର୍ଷ ହେବ ଏହାକୁ ସରକାରୀ ଛୁଟି ତାଲିକାରୁ ବାଦ୍ ଦିଆଯାଇଛି। ଏହା ସମସ୍ତ ବୌଦ୍ଧପ୍ରେମୀଙ୍କୁ ବ୍ୟଥିତ କରିଛି। ବୌଦ୍ଧଧର୍ମ ହେଉଛି ପୃଥିବୀର ଏକମାତ୍ର ଧର୍ମ, ଯାହାଦ୍ୱାରା ବିନା ହିଂସାରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହୋଇପାରିଥିଲା। ପୃଥିବୀର ସବୁ ତତ୍ତ୍ୱ, ବାଦ, ଆଇନର ମୂଳ ଉତ୍ସ ହେଉଛି ବୁଦ୍ଧଙ୍କ ନୀତିବାଣୀ। ତେଣୁ ବୁଦ୍ଧ ଜୟନ୍ତୀକୁ ପୁନଃ ସରକାରୀ ଛୁଟି ଘୋଷଣା କରାଯାଉ ବୋଲି ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶାର ବୌଦ୍ଧ ସଂଗଠନ ସମୂହ ଦାବି କରିଛନ୍ତି। ସଙ୍ଗଠନର ସାଧାରଣ ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ କହିଛନ୍ତି, ସରକାର ଅନ୍ୟ ଧର୍ମପୀଠମାନଙ୍କୁ ଉନ୍ନତି ନିମିତ୍ତ ସରକାରୀ ସହାୟତା ପ୍ରଦାନ କରୁଛନ୍ତି। କିନ୍ତୁ ବୌଦ୍ଧ ଧର୍ମାନୁଷ୍ଠାନମାନଙ୍କୁ ସହାୟତା ମିଳୁନାହିଁ। ବୌଦ୍ଧ ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତି ପାଇଁ ସରକାର ସହାୟତ ପ୍ରଦାନ କରନ୍ତୁ। ଓଡ଼ିଶାରେ ଥିବା ବିଶିଷ୍ଟ ବୌଦ୍ଧ ଧର୍ମପୀଠ ଭୁବନେଶ୍ୱରର କଳିଙ୍ଗ ବୁଦ୍ଧବିହାର, ଧଉଳି ବୁଦ୍ଧବିହାର ଓ ନୂଆପାଟଣା ଜେମାଦେଈପୁର ବୁଦ୍ଧବିହାରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଏବଂ ବୌଦ୍ଧ କୀର୍ତ୍ତିସ୍ଥଳଗୁଡ଼ିକର ଉନ୍ନତି ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ସମ୍ମିଳନୀକୁ ପୂର୍ବତନ ମନ୍ତ୍ରୀ ଭଜମନ ବେହେରା, ଇଂ. ଅଲେଖ ମଲ୍ଲିକ, ପ୍ରଫେସର ଡ. ବସନ୍ତ କୁମାର ମଲ୍ଲିକ, ଯୁବନେତା ବିଦ୍ୟାଧର ଦେହୁରୀ, ଗୋପାଳ ଗୌତମ, ସୁନାକର ବେହେରା, ରବି ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# 'କଇଁଛଙ୍କ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ'




ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ପାଇଁ ଓଡ଼ିଶା ଉପକୂଳ ବର୍ତ୍ତମାନ ସ୍ୱର୍ଗ ପାଲଟିଛି। ବିଶେଷକରି ଋଷିକୂଲ୍ୟା ନଦୀ ମୁହାଣ ଅଞ୍ଚଳକୁ ସମୂହ ଅଣ୍ଡାଦାନ ନିମନ୍ତେ ଚୟନ କରୁଛନ୍ତି। ଚଳିତବର୍ଷ ଏଯାବତ୍ ପ୍ରାୟ ୬.୫ ଲକ୍ଷ କଇଁଛ ପ୍ରଜନନ ପାଇଁ ସମୁଦ୍ର କୂଳରେ ପହଞ୍ଚି ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ଅଣ୍ଡାରୁ ବହୁ ସଂଖ୍ୟାରେ ସାବକ ବାହାରି ନୂତନ ଜୀବନ ଆରମ୍ଭ ଲକ୍ଷ୍ୟରେ ସମୁଦ୍ର ଜଳକୁ ଯାଉଛନ୍ତି। ମାତ୍ର ମାଂସ ଓ ଅଣ୍ଡା ପାଇଁ ଏହାର ଶିକାର କରାଯାଉଛି। ସେହିପରି ମାଛଧରା ଜାଲ ଓ ଡଙ୍ଗା ଆଘାତରେ ସେମାନଙ୍କର ଅକାଳ ମୃତ୍ୟୁ ଘଟୁଛି। ଅପରପକ୍ଷେ ଶିକାରୀ ପ୍ରାଣୀଙ୍କ ଦ୍ୱାରା କଇଁଛ ଶାବକମାନେ ମୃତ୍ୟୁ ମୁଖରେ ପଡୁଥିବାରୁ ସେମାନଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଉଛି। ଏପରିସ୍ଥିତିରେ କଇଁଛଙ୍କ ସୁରକ୍ଷାକୁ ଆମେ ନୈତିକ କର୍ତ୍ତବ୍ୟ ରୂପେ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍)ଭୁବନେଶ୍ୱର ଏବଂ ଟାଟା ଷ୍ଟିଲ ଫାଉଣ୍ଡେଶନ ଗୋପାଳପୁର ପକ୍ଷରୁ ଶୁକ୍ରବାର ଗଞ୍ଜାମର ହୁମ୍ମାସ୍ଥିତ ବାଟେଶ୍ୱରଠାରେ 'ଋଷିକୁଲ୍ୟା ସମୂହ ଅଣ୍ଡାଦାନ କ୍ଷେତ୍ରରେ ସମୁଦ୍ର କଇଁଛ ସଂରକ୍ଷଣ' ଶୀର୍ଷକ କର୍ମଶାଳାରେ ବିଶେଷଜ୍ଞମାନେ ଯୋଗଦେଇ ଏହି ମତ ଦେଇଛନ୍ତି।

ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ବୈଜ୍ଞାନିକ ତଥା ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆର ପ୍ରଫେସର ଡ. ବିଭାସ ପାଣ୍ଡବ ଯୋଗଦେଇ, ଋଷିକୂଲ୍ୟା ଉପକୂଳରେ ଲାଗିଥିବା ଉଚ୍ଚ ଆଲୋକ ସମ୍ପନ୍ନ ଷ୍ଟ୍ରିଟ୍ ଲାଇଟ ଏକ ସପ୍ତାହ ପାଇଁ ବନ୍ଦ କରାଗଲେ ଏହାଦ୍ୱାରା ଭ୍ରମିତ ହେଉଥିବା ଅନେକ ଶିଶୁ କଇଁଛ ମୃତ୍ୟୁମୁଖରୁ ବର୍ତ୍ତିଯିବେ। ଓଇଏସ୍ ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁରସ୍ଥ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ମୁଖ୍ୟ ବୈଜ୍ଞାନିକ ଡ. ଅନୀଲ ମହାପାତ୍ର, ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ରବୀନ୍ଦ୍ରନାଥ ସାହୁ, ରେଞ୍ଜ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ ଓ ସ୍ଥାନୀୟ ସରପଞ୍ଚ ସଞ୍ଜୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଓଇଏସ୍ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।






କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା 'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍'ର ଶୁକ୍ରବାର ଦ୍ୱିତୀୟ ଦିବସରେ ଜନପଥର ରାମ ମନ୍ଦିର ନିକଟରେ ଅନୁଷ୍ଠିତ ପଥପ୍ରାନ୍ତ ଉତ୍ସବ ଓ ସନ୍ଧ୍ୟାରେ ଷ୍ଟାଡିୟମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ସୁନାଚେନ୍ ଲୁଟ୍: ସ୍କୁଟିରୁ ପଡ଼ି ମା' ପୁଅ ଗୁରୁତର

ଭୁବନେଶ୍ୱର,୨୧।୪ (ବ୍ୟୁରୋ) : ବଡ଼ଗଡ଼ ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ସୁନା ଚେନ୍ ଲୁଟି ନେଇଛନ୍ତି। ଲୁଟ୍‌ବେଳେ ସ୍କୁଟିରୁ ପଡ଼ି ମହିଳା ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଟଙ୍କପାଣି ରୋଡ୍ ପାଣ୍ଡବନଗରରେ ରହୁଥିବା ମହିଳାଙ୍କ ସ୍ୱାମୀ ମନୋଜ ପାତ୍ର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଆହତ ମହିଳା ମୋନାଲିସା ମହାନ୍ତି ଓ ତାଙ୍କ ପୁଅ ପ୍ରିୟାଂଶୁ ପୁରବ୍ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଶୁକ୍ରବାର ମଧ୍ୟାହ୍ନରେ ମୋନାଲିସା ତାଙ୍କ ପୁଅକୁ ସ୍କୁଟିରେ ବସାଇ ବିଜେବି କଲେଜରେ ଯୁକ୍ତ-୩ ପଢୁଥିବା ବଡ଼ ଝିଅଙ୍କୁ ଆଣିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟାରେ ଝିଅ ତାଙ୍କ ନିଜ ସ୍କୁଟିରେ ପଛରେ ଆସୁଥିବାବେଳେ ମୋନାଲିସା ଓ ତାଙ୍କ ପୁଅ ଆଗରେ ଅନ୍ୟଏକ ସ୍କୁଟିରେ ଯାଉଥିଲେ। ମୋନାଲିସାଙ୍କ ସ୍କୁଟିକୁ ବାଇକରେ ଆସୁଥିବା ୨ ଯୁବକ ପିଛା କରିଥିଲେ। ତାରା ପଟ୍ଟନାୟକ ଗଳି ନିକଟରେ ଦୁର୍ବୃତ୍ତ ମୋନାଲିସାଙ୍କ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ।

### ନାଟକ ଉତ୍ସବରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୨୧।୪(ଡି.ଏନ୍.ଏ.): ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଠଣାପଲ୍ଲୀ ଗ୍ରାମରେ ବାଲୁଙ୍କେଶ୍ୱର ଯୁବ କଳା ପରିଷଦ ପକ୍ଷରୁ ଆୟୋଜିତ ଦ୍ୱାଦଶ ବାର୍ଷିକ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଗ୍ରାମର ବରିଷ୍ଠ ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଫକୀର ପ୍ରଧାନ, ଭାଗୀରଥି ଦାସ, ପ୍ରଫୁଲ୍ଲ ସାହୁ, ଦାଶରଥି ସାହୁ, ପୂର୍ଣ୍ଣ ମହାପାତ୍ର, ରାଜ ବେହେରା, ଦୁଃଖାଶ୍ୟାମ ମହାପାତ୍ର, ଚନ୍ଦ୍ର କାନ୍ତ ପ୍ରଧାନ ଆଦିଙ୍କୁ ସମ୍ମାନିତ କରାଯାଇଛି। ଧ୍ରୁବଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'କଳି ଯୁଗ ତୋତେ ଦୁରୁ ଜୁହାର' ମଞ୍ଚସ୍ଥ ହୋଇଥିଲା। ସୁନିଲ ମହାପାତ୍ର, ସୂର୍ଯ୍ୟକାନ୍ତ ପ୍ରଧାନ, ରଜନୀ, ମାନ, କାଳିଆ, ସଞ୍ଜୟ, ଆନନ୍ଦ, ରୁମା, ମାମି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଧଳାପଥର ପଞ୍ଚାୟତ ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ସେବା ସମବାୟ ସମିତି ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବତନ ସରପଞ୍ଚ ସୁରଜ୍ ପ୍ରସାଦ ସୁବୁଦ୍ଧି, ପାଟପୁର ଶାସନ ସମିତିସଭ୍ୟ ସନ୍ତୋଷ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭଡ଼ା ଅଟୋରେ ଆସି ବାଇକ୍ ଚୋରି

- ଚତୁର ଚୋର ଗିରଫ, ୯ ଚୋରା ବାଇକ ଜବତ
- ଚୋରା ଗାଡ଼ି ବନ୍ଧକ ରଖି ଟଙ୍କା ଆଣୁଥିଲେ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ଭଡା ଅଟୋରେ ଆସୁଥିଲେ। ଆଉ ବାଇକ ଚୋରି କରିବା ପରେ ସେହି ବାଇକ ଯୋଗେ ଘରକୁ ଫେରୁଥିଲେ। ଏହାପରେ ଉକ୍ତ ଚୋରା ବାଇକକୁ ବନ୍ଧକ ରଖି ସୁଧରେ ଟଙ୍କା ଆଣୁଥିଲେ। ଏମିତି ନୂଆ ତରିକାରେ ପୁଣି ଦ୍ୱୈତ ନଗରୀରେ ଦୀର୍ଘଦିନ ଧରି ବାଇକ ଚୋରି ର୍‍ୟାକେଟ୍ ଚଳାଇଥିବା ଚତୁର ଚୋରଙ୍କୁ ଶହୀଦନଗର ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ଦିଗ୍‌ବିଜୟ ପଟ୍ଟନାୟକ। ତାଙ୍କଠାରୁ ୯ଟି ଚୋରା ବାଇକ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୬/୨୩) ରୁଜୁ କରି ଅଭିଯୁକ୍ତ ଦିଗ୍‌ବିଜୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରଖିଛି ।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ଦିଗ୍‌ବିଜୟ ଓ ସହଯୋଗୀମାନେ ଅଟୋ ଭଡା କରି ଚୋରି କରୁଥିବା ସ୍ଥାନକୁ ଯାଇ ସେଠାରୁ ପାର୍କିଂ କରାଯାଇଥିବା ବାଇକ୍‌ଗୁଡିକୁ ମାଷ୍ଟର ଚାବି ଦ୍ୱାରା ଖୋଲି ଚୋରାଇ ନେଉଥିଲେ। ବିଶେଷକରି ହେଲ୍‌ମେଟ୍ ଥିବା ଗାଡିକୁ ଟାର୍ଗେଟ କରୁଥିଲେ। ଅନ୍ୟମାନଙ୍କ ନଜରରୁ ବର୍ତ୍ତିବା ଲାଗି ଉକ୍ତ ହେଲ୍‌ମେଟ୍‌କୁ ପିନ୍ଧି ଦେଇଥା'ନ୍ତି। ଏମିତି ଢଙ୍ଗରେ କଟକ-ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରିବା ପରେ ତାହାକୁ ନିଜ ଗାଁ ତଥା ପାଖ ଗାଁର କିଛି ଲୋକଙ୍କ ନିକଟରେ ବନ୍ଧକ ରଖି ଗାଡି ପିଛା ୫ ହଜାରରୁ ୮ ହଜାର ଟଙ୍କା ଆଣୁଥିଲେ। କିନ୍ତୁ ପରେ ସେ ଆଉ ଟଙ୍କା ଫେରାଉ ନ ଥିଲେ କି ଗାଡି ମଧ୍ୟ ଆଣୁ ନ ଥିଲେ। ଗତ ୧୭ ତାରିଖରେ ଇଡ୍‌କୋ ଟାୱାର ନିକଟରୁ ଏକ ବାଇକ ଚୋରି ହୋଇଥିବା ନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ ସହ ଏକ ଟିମ୍ ଗଠନ କରିଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ବାଇକ୍।

## 'ଶିକ୍ଷା, ବୁଦ୍ଧିକୁ ବାସ୍ତବ ଜୀବନରେ ପ୍ରୟୋଗ କର'



ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୨୧।୪(ଡି.ଏନ୍.ଏ.)

ଜଟଣୀ ନିକଟ ନିଜିଗଡ଼ କୁରକିସ୍ଥିତ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଦରେଜ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନାଦିର ବି ଗୋଦରେଜ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ୍ ଗଭର୍ଣ୍ଣର ଚେୟାରମ୍ୟାନ ଡ.ଜେରୋମ କଟିନହା, ଏମିରିଟସ ଅଧ୍ୟକ୍ଷ ରାଜୀବ କୌଲ, ବିଶ୍ୱବିଦ୍ୟାଳୟ କୁଳପତି ଫାଦର ଆଣ୍ଟୋନି ଆର୍ ଉଭାରି, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏସ୍.ଆଣ୍ଟୋନି ରାଜ, ବିଶ୍ୱବିଦ୍ୟାଳୟ ମୁଖ୍ୟ ଅର୍ଥ ଅଧିକାରୀ ଫାଦର ଭି. ଆରୋକିଆ ଦାସ ପ୍ରମୁଖ ଯୋଗଦେଇଥିଲେ। ବିକାଶଶୀଳ ସମାଜରେ ନିଜକୁ ଖାପଖୁଆଇ ଚଳିବାକୁ ହେଲେ ଶିକ୍ଷା ଏବଂ ଜ୍ଞାନକୁ ବାସ୍ତବ ଜୀବନରେ ପ୍ରୟୋଗ କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ଆଣ୍ଡ୍ର୍ୟୁ ଦତ୍ତା ଆମନ୍ତ୍ରିତ ଅତିଥି, ଅଭିଭାବକ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଅଧ୍ୟାପିକା ଅଧ୍ୟାପକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଉପାଧି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଏସ୍. ଆଣ୍ଟୋନି ଧନ୍ୟବାଦ ଦେଇଥିଲେ।


ବୋଲଗଡ଼ ରଜ ପଡିଆଠାରେ ଆରାଧନା ପ୍ରିନସେସ୍ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଗ୍ରାମୀଣ କଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପଥଚାରୀଙ୍କ ପାଇଁ ଟଙ୍କ ତୋରାଣି କେନ୍ଦ୍ର

ଜଟଣୀ,୨୧।୪(ଡି.ଏନ୍.ଏ.)

ଜଟଣୀ ମ୍ୟୁନିସିପାଲିଟି ଛକ ବାଲାଜି ଶପିଂ ମଲ୍ ସମ୍ମୁଖରେ ପଥଚାରୀଙ୍କ ପାଇଁ ଶୁକ୍ରବାର ଟଙ୍କ ତୋରାଣି କେନ୍ଦ୍ର ଖୋଲାଯାଇଛି। ସମ୍ଭାବନା ପରିବାରର ସଭାପତି ସନ୍ତୋଷ କୁମାର ହୋତା ଓ ସମାଜସେବୀ ଜଗଦୀଶ ପ୍ରସାଦ ଅଗ୍ରୱାଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌର ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଗରିକା ପ୍ରଧାନ, ଧର୍ମେନ୍ଦ୍ର ଶତପଥୀ, ନାରୀ ନେତ୍ରୀ ନମିତା ପାଲ, ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ, ସାମାଜିକକର୍ମୀ ଲୁସେନ୍ ରାୟ, ଆଇନଜୀବୀ ଚିତ୍ତନ ଦଳେଇ, ସମ୍ଭାବନା ପରିବାରର ଆଇନ୍ ପରାମର୍ଶଦାତା ଅକ୍ଷୟ ଦାସ, ଦେବପ୍ରସାଦ ଦାଶ ଉପସ୍ଥିତ ଥିଲେ।

## ରୟାଲ ଷ୍ଟ୍ରାଇକର ବିଜୟୀ

### ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼,୨୧।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଫିଲ୍ଡ ଫାଇଟର ଓ ରୟାଲ ଷ୍ଟ୍ରାଇକର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଫିଲ୍ଡ ଫାଇଟର ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରୟାଲ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଲିପୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଦେବରାଜ ଘଡେଇ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟିର ସନ୍ତୋଷ, ଚିପୁନ୍, ଶିବୁ, ହାପି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# କଥକ ନୃତ୍ୟରେ ମନ୍ତ୍ରମୁଗ୍ଧ ଦର୍ଶକ

### ଗ୍ରାମୀଣ କଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୋଲଗଡ଼,୨୧।୪(ଡି.ଏନ୍.ଏ.)

ବୋଲଗଡ଼ ରଜ ପଡିଆଠାରେ ଆରାଧନା ପ୍ରିନସେସ୍ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଗ୍ରାମୀଣ କଳା ଉତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ କଥକ ନୃତ୍ୟରେ ବିମୋହିତ ହୋଇଥିଲେ ଦର୍ଶକ। ସଭାପତି ରାଧାମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ସନ୍ତୋଷିନୀ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଥକ ନୃତ୍ୟ ଗୁରୁ ସଙ୍ଗୀତା ସାହୁ, ସଙ୍ଗୀତ ଗୁରୁ ସାଗରିକା ଗୁମାନସିଂ, ସରୋଜ କୁମାର ଷଡ଼ଙ୍ଗୀ, ସିନେ କଳାକାର ପୁପିନ୍ଦର ସିଂ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟବାନ ଦଳବେହେରା ଅତିଥି ପରିଚୟ ଓ ଦ୍ୱାରିକାନାଥ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବୋଲଗଡ଼ ଗଟ୍ ଟ୍ୟାଲେଣ୍ଟର କୃତୀ ପ୍ରତିଯୋଗୀ ଶୁଚିସ୍ମିତା ପ୍ରଧାନ, ସସ୍ମିତା ଜେନା, ଅଙ୍କିତା ପ୍ରଧାନ ଓ ଚନ୍ଦନ ପଶ୍ଚିମକବାଟଙ୍କୁ ପୁରସ୍କୃତ କରାଯାଇଥିଲା। ଜୟକୃଷ୍ଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ସଙ୍ଗୀତା ସାହୁ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

# ଚିଲିକାରେ ଫସିଲା ଯାତ୍ରୀବାହୀ ଲଞ୍ଚ



କୃଷ୍ଣପ୍ରସାଦ,୨୧।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଜଳପଥ ରାସ୍ତା ହେଉଛି କୃଷ୍ଣପ୍ରସାଦ-ବାଲୁଗାଁ। ବ୍ରିଟିଶ ଅମଳରୁ ଏହି ରାସ୍ତା ଦେଇ ଅଞ୍ଚଳର ଯାତ୍ରୀମାନେ ଯାତାୟାତ କରୁଛନ୍ତି। ତେବେ ଶୁକ୍ରବାର ସକାଳ ୯ଟାରେ ଏକ ଲଞ୍ଚ କୃଷ୍ଣପ୍ରସାଦ ଜେଟିରୁ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବାଲୁଗାଁ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚିଲିକାରେ ୨ଘଣ୍ଟା ଫସି ରହିଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ବାଲୁଗାଁରୁ ଅନ୍ୟ ଏକ ଲଞ୍ଚ ଆସିବା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ପ୍ରକାଶ ଯେ, ଚିଲିକାରେ ପ୍ରଥମେ କାଠର ଲଞ୍ଚ ଯାତାୟାତ କରୁଥିଲା। ଯାତ୍ରୀମାନେ ସୁରକ୍ଷିତଭାବେ ଯାତାୟାତ କରୁଥିଲେ। ଫାଇଲିନ ବାତ୍ୟା ପରଠାରୁ ଦୁଇଟି କାଠ ଲଞ୍ଚ ରହିଥିଲେ ମଧ୍ୟ ତାହା ଖତ ହେବାକୁ ବସିଛି। ଅନ୍ୟପଟେ କିଛି ବର୍ଷ ହେବ ଫାଇବର ଲଞ୍ଚ ଯାତାୟାତ କରୁଛି। କାଠ ଲଞ୍ଚ ୧୦୦ ଯାତ୍ରୀ ନେବାର କ୍ଷମତା ରହିଥିବାବେଳେ ଫାଇବର ଲଞ୍ଚରେ ୩୦ ଜଣ ଯାଇପାରିବେ। ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଫାଇବର ଲଞ୍ଚରେ ବିପଦଜ୍ଜନକଭାବେ ଯାତ୍ରା କରୁଛନ୍ତି। ଏପରିକି ଯାତ୍ରା ସମୟରେ ଯାତ୍ରୀମାନେ ସେଫ୍ଟି ଜ୍ୟାକେଟ ପରିଧାନ କରୁ ନ ଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଛାତ୍ରାବାସରୁ ବାସନକୁସନ ସହ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର କାର୍ତ୍ତିକ ମଣ୍ଡଳ ଓ ନୟାଗଡର ଅବିନାଶ ପଟ୍ଟନାୟକ। ସେମାନଙ୍କଠାରୁ ଚୋରି ବାସନକୁସନ ଜବତ କରିଛି ପୋଲିସ। କାର୍ତ୍ତିକଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଛି ।

# 'ଜାନକୀ ବଲ୍ଲଭ ଥିଲେ ଦୂରଦୃଷ୍ଟିସମ୍ପନ୍ନ ରାଜନୀତିଜ୍ଞ'

ଖୋର୍ଦ୍ଧା ଅଫିସ,୨୧।୪

ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ମନଛୁଆଁ ସଙ୍ଗୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ଆନୁକୂଲ୍ୟରେ ଶୁକ୍ରବାର ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ଅଷ୍ଟମ ବାର୍ଷିକୀ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଯୋଗଦେଇ କହିଥିଲେ, ଜାନକୀ ବଲ୍ଲଭ ଥିଲେ ମୋ ରାଜନୀତି ଗୁରୁ। ଏଥିସହ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ସମ୍ମାନିତ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ ରାଉତରାୟ ସ୍ୱାଗତ ଭାଷଣରେ ଜାନକୀ ବଲ୍ଲଭ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନୀତିଜ୍ଞ ଥିଲେ। ଓଡ଼ିଶାର ପ୍ରଗତି ପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଜାନକୀ ବଲ୍ଲଭ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଜାନକୀ ବଲ୍ଲଭଙ୍କ ରାଜନୈତିକ କ୍ୟାରିୟର, ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ କହିଥିଲେ, ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ରାଜନୀତିଜ୍ଞ ସହ ଜଣେ ଭଲ ମଣିଷ ଥିଲେ। ଖୋର୍ଦ୍ଧା ମାଟିକୁ ଅତ୍ୟନ୍ତ ଭଲ ପାଉଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଜାନକୀଙ୍କ ସ୍ମୃତି ଚାରଣ କରି କହିଥିଲେ, ଅଧୈର୍ଯ୍ୟ ହୁଅ ନାହିଁ, ମନୋବଳ ଦୃଢ଼ କର। ସଫଳତା ନ ପାଇବା ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ ଜାରି ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜାନକୀଙ୍କ ପୁଅ ତଥା ବରିଷ୍ଠ କଂଗ୍ରେସ ନେତା ପୃଥୀବଲ୍ଲଭ ପଟ୍ଟନାୟକ ବାପାଙ୍କ ରାଜନୀତି ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଥିଲେ, କଂଗ୍ରେସ ପାର୍ଟି ଥିଲା ତାଙ୍କ ପରିବାର। ଏଥିସହ କ୍ରୀଡା ପ୍ରତି ତାଙ୍କର ବିଶେଷ ରୁଚି ରହିଥିଲା। ଓଡ଼ିଶାର ଅତୀତ, ଭବିଷ୍ୟତ, ପ୍ରଗତିକୁ ନେଇ ସେ ଅନେକ ଲେଖା ପ୍ରକାଶ କରିଛନ୍ତି। ଟ୍ରଷ୍ଟ କୋଷାଧ୍ୟକ୍ଷ ତଥା ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ତାନସେନ୍ ସିଂ, ଲକ୍ଷ୍ମୀକାନ୍ତ ପାଲିତ୍, ସଙ୍ଗୀତଜ୍ଞ ପ୍ରେମ ଆନନ୍ଦ, କଣ୍ଠଶିଳ୍ପୀ ମିତାଲି ଚିନ୍ନାରା, ସୁବାସ ଦାସ, ବିଭୁ କିଶୋର, ଝୁମୁକି ରଥ, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଦୀପ୍ତିରେଖା ପାଢ଼ୀ, କ୍ରିଷ୍ଣା ମିଶ୍ର, ନାଜିଆ ଆଲାମ, ଜୟଶ୍ରୀ ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମନମୋହିଲା ଛୋଟ ମୋର ଗାଁଟି...

କଣ୍ଠଶିଳ୍ପୀମାନେ ଗୋଟିଏ ପରେ ଗୋଟିଏ ମନଛୁଆଁ ଗୀତ ଗାଇ ଦର୍ଶକଙ୍କୁ ବିଭୋର କରିଥିଲେ। ପ୍ରଥମ ଅର୍ଘ୍ୟରେ ତାନସେନ ସିଂଙ୍କ ଝୁମୁକା ଟିକେ ହଲେଇଦେ ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ। ପରେ କଣ୍ଠଶିଳ୍ପୀ ସୁବାସ ଦାସ କବି ସଚ୍ଚି ରାଉତଙ୍କ ରଚିତ ଛୋଟ ମୋର ଗାଁ ଟି ଗୀତଗାଇ ସମସ୍ତଙ୍କୁ ବିମୁଗ୍ଧ କରିଥିଲେ। ପରେ ବରିଷ୍ଠ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ କଲକତି ଲଟେଇଟି ମୋର, ଉଡି ଉଡି ଯାରେ ଉଡି ସଙ୍ଗୀତରେ ଦର୍ଶକ ମତୁଆଲା ହୋଇ ନାଚିଥିଲେ। ନାଜିଆ ଚଳଚ୍ଚିତ୍ର ଧରିତ୍ରୀର ସପନର ସନ୍ଧ୍ୟାରେ ଦିନେ, ବିଭୁ କିଶୋର ଜୀବନ ନୁହ ବାଲିଘର ଗୀତ ଗାଇ ଦର୍ଶକଙ୍କ ମନ ଜିଣିଥିଲେ। ପରେ ଅନ୍ୟ କଣ୍ଠଶିଳ୍ପୀମାନେ ମନଛୁଆଁ ଓଡ଼ିଆ ଫିଲ୍ମର ଗୋଟିଏ ପରେ ଗୋଟିଏ ଗୀତ ଗାଇ ସନ୍ଧ୍ୟାକୁ ଆକର୍ଷିତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ମାଠିଆ ଗଢୁଛି, ପାଣି ନାହିଁ

ଖୋର୍ଦ୍ଧା ଅଫିସ,୨୧।୪

ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ରାଜଧାନୀ ଭୁବନେଶ୍ୱର ସମେତ ଦଶରୁ ଊର୍ଦ୍ଧ୍ୱ ସହରର ତାପମାତ୍ରା ବଢି ଚାଲିଛି। ତାପମାତ୍ର ଦୈନିକ ୩୮ରୁ ୪୦ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଜିଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମିକ କାମ କରିବେ ନାହିଁ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୋଠା ନିର୍ମାଣରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିଛି। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଜାରି ରହିଛି। ଏଠି ମଧ୍ୟ ଖରାରେ ଶ୍ରମିକ ମାନେ ବିନା କୌଣସି ସୁରକ୍ଷାରେ କାମ କରଛନ୍ତି। ଜାତୀୟ ରାଜପଥରେ ଜଳ କିଓସ୍କି ଏବଂ ନିର୍ମାଣ ସ୍ଥଳରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ସତ୍ତ୍ୱେ ଏହା ପ୍ରହସନରେ ପରିଣତ ହୋଇଛି। ଜାତୀୟ ରାଜପଥରେ ଜଟଣୀ ଗେଟଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଛି। କେବଳ ସରକାରୀ କାଗଜକଲମରେ ନିର୍ଦ୍ଦେଶନାମା ଜାରି କରି ପ୍ରଶାସନିକ ଅଧିକାରୀ ଚୁପ ବସିଛନ୍ତି। ସେହିପରି ସହରରେ ସବୁଠି କୋଠାବାଡି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶ୍ରମିକମାନେ ବିପଦଜ୍ଜନକ ଭାବେ କାମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ଗାଇଡଲାଇନକୁ ପାଳନ କରାଯାଉନାହିଁ। କୌଣସି ଠିକା ସଂସ୍ଥା ପକ୍ଷରୁ ସାଧାରଣ ପାନୀୟଜଳ ବ୍ୟବସ୍ଥା ମଧ୍ୟ କରାଯାଉନଥିବା ଏକାଧିକ ଶ୍ରମିକ ଗଣମାଧ୍ୟମ ଆଗରେ କହିଛନ୍ତି। ଖୋର୍ଦ୍ଧା ସହରର ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ, ନୟାଗଡ ରାସ୍ତା, ମାରୱାଡି ପଟି, ଗୋଡି ପୋଖରୀ, ମୁକୁନ୍ଦପ୍ରସାଦ ଜନଗହଳି ଲାଗି ରହୁଛି। ଏଠାରେ କୌଣସି ସ୍ଥାନରେ ପୌର ପ୍ରଶାସନ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା କରାଯାଇନାହିଁ। କେବଳ ଡାକବଙ୍ଗଳା ଏବଂ ନୂଆବସଷ୍ଟାଣ୍ଡ, ଗୁରୁଜଙ୍ଗ, ମୁକନ୍ଦପ୍ରସାଦ, ଜିଲାପାଳଙ୍କ କାର୍ଯ୍ୟାଳୟ ଫ୍ଲାଏଓଭର ବ୍ରିଜରେ ଏକ ଟେଷ୍ଟ ହାଉସ ତଳେ ଦୁଇଟି ପାଣି ମାଠିଆ ରହିଛି। ସକାଳେ ପାଣି ଭରି ଦେବା ପରେ ପୂର୍ବାହ୍ନରେ କାହାରିକୁ ଦେଖିବାକୁ ମିଳୁନାହିଁ। କୋଭିଡ କଟକଣା ହଟିବା ପରେ ବହୁ ଦୁରାନ୍ତରୁ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। ଏଠାରେ ଲୋକଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ନାହିଁ। ବସଷ୍ଟାଣ୍ଡ ସମେତ ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରାଯାଇନଥିବା ଦେଖିବାକୁ ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀ ପାଣି ପାଇଁ ଡହଳବିକଳ ହେଉଛନ୍ତି।

### ଖରାରେ କାମ କରୁଛନ୍ତି ଶ୍ରମିକ



## ସଂକ୍ଷେପରେ

### ଜିଲାପାଳ ଉନ୍ମୋଚନ କଲେ ଅଂଶୁଘାତ ସତର୍କ ଲିଫ୍‌ଲେଟ୍

ପୁରୀ ଅଫିସ, ୨୧।୪: ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ପ୍ରସ୍ତୁତ ଅଂଶୁଘାତ ସମ୍ପର୍କିତ ସଚେତନତା ଲିଫ୍‌ଲେଟ୍‌କୁ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମା ଉନ୍ମୋଚନ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇବା ସହ ସମ୍ଭାବ୍ୟ ଅଂଶୁଘାତରୁ ଜନସାଧାରଣ ସତର୍କ ରହିବା ପାଇଁ ସଚେତନତା ସୃଷ୍ଟି ଉଦେଶ୍ୟରେ ଏହି ଲିଫ୍‌ଲେଟ୍ ପ୍ରସ୍ତୁତ କରାଯାଇଛି। ଉନ୍ମୋଚନ ସମୟରେ ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ଅଧିବକ୍ତା ଦେବାଶିଷ ଦାସ, ଜ୍ୟୋତିପ୍ରକାଶ ମହାପାତ୍ର, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର, ଓମ୍ ମହାନ୍ତି, ଅଜୟ ପ୍ରଧାନ, ଶକ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ସଙ୍ଗଠନ ପକ୍ଷରୁ ଏକଲକ୍ଷ ପ୍ରଚାରପତ୍ର ପ୍ରସ୍ତୁତ କରାଯାଇଛି। ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ ଏହି ପ୍ରଚାରପତ୍ର ବଣ୍ଟନ କରାଯିବ। ସେହିପରି ପୁରୀ ସମେତ କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ଜୟପୁର ଓ ବଲାଙ୍ଗୀର ପ୍ରଭୃତି ସହରରେ ମଧ ଓଡ଼ିଶା ଯୁବ ଚେତନା ସଙ୍ଗଠନ ପକ୍ଷରୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଉକ୍ତ ଲିଫ୍‌ଲେଟ୍ ବଣ୍ଟାଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

### ନିର୍ଦ୍ଦେଶ ଉଲ୍ଲଂଘନ କରି ସ୍କୁଲ ଖୋଲିଥିବା ଅଭିଯୋଗ

ପୁରୀ ଅଫିସ, ୨୧।୪: ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିଛନ୍ତି। ତେବେ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଏକ ସ୍କୁଲ ସରକାରଙ୍କ ଏହି ନିର୍ଦ୍ଦେଶ ଉଲ୍ଲଂଘନ କରି ବିଦ୍ୟାଳୟ ଖୋଲି ପିଲାଙ୍କୁ ପାଠ ପଢାଉଥିବା ନେଇ ଅଭିଯୋଗ ହୋଇଛି। ତେବେ ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ କୌଣସି ଉତ୍ତର ମିଳି ନ ଥିଲା। ଅନ୍ୟପକ୍ଷରେ ଏନେଇ ଜିଲାପାଳ କହିଛନ୍ତି, ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ବନ୍ଦ ରଖାଯାଇଛି। ପିଲାଙ୍କର ଖରାଛୁଟି ଚାଲିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ପରବର୍ତ୍ତୀ ସୂଚନା ଆସିବା ପରେ କେବେ ସ୍କୁଲ ଖୋଲିବ ସେ ନେଇ ସୂଚନା ଦିଆଯିବ। ଯଦି କୌଣସି ସ୍କୁଲ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ସ୍କୁଲ ଖୋଲନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ହରଘର ଧ୍ୟାନ କାର୍ଯ୍ୟକ୍ରମ

ପୁରୀ ଅଫିସ, ୨୧।୪: ଧ୍ୟାନ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ଶାନ୍ତ ରହିଥାଏ। ବର୍ତ୍ତମାନ ସମୟରେ ମଣିଷ ପାଖରେ ନିଜ ପାଇଁ ସମୟ ରହୁନାହିଁ। ସୁସ୍ଥ ସମାଜ ଗଠନ ପାଇଁ ପୁରୀ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ହରଘର ଧ୍ୟାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଚକ୍ରତୀର୍ଥ ରୋଡ଼ସ୍ଥିତ ଶ୍ରୀଧାମ ପରିସରରେ ପୁରୀ କିନ୍ନର ସମାଜକୁ ହର ଘର୍ ଧ୍ୟାନ କାର୍ଯ୍ୟକ୍ରମରେ ସାମିଲ କରିବା ସହ ନିଜେ କିଭଳି ନିଜ ଲାଗି ସମୟ ଦେଇ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିପାରିବେ ବିସ୍ତୃତ ଭାବେ ବୁଝାଇବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ ସାହୁ ଓ ମିହିର ପଟ୍ଟନାୟକ ପ୍ରଶିକ୍ଷଣ ପ୍ରଦାନ କରିଥଲେ। କାର୍ଯ୍ୟକ୍ରମକୁ ଡା. ଶୁଭେନ୍ଦୁ ମହାନ୍ତି, ସଂଘମିତ୍ରା ମହାନ୍ତି, ସୁଚିସ୍ମିତା ମହାନ୍ତି, ସସ୍ମିତା ପତ୍ର, ରତନି ପାତ୍ର, ନମିତା ପଟ୍ଟନାୟକ, ପ୍ରମୋଦିନି ସିନ୍ହା, ପୁଷ୍ପା ସାହୁ, ଅରୁଣ ମହାନ୍ତି, ଦେବରାଜ ଦାସ, ସତ୍ୟ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆର୍ଟ ଅଫ୍ ଲିଭିଙ୍ଗର ଜିଲା ସଂଯୋଜକ ବ୍ରଜ କିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପାଇଁ ପ୍ରଶାସନ ପ୍ରସ୍ତୁତ

ପୁରୀ ଅଫିସ, ୨୧।୪:

ଚଳତ ମାସ ୨୩ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ସେହିପରି ଶ୍ରୀନଅର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯିବ। ଅକ୍ଷୟ ତୃତୀୟାକୁ ଆଉ ଦୁଇଦିନ ବାକି ଥିବାବେଳେ ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଗୁରୁବାର ସମସ୍ତ ବିଭାଗ ସହ ଏକ ବୈଠକ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ସେବାୟତମାନେ ଉପସ୍ଥିତ ଥିଲେ। ତାଙ୍କ ସହ ବିଭିନ୍ନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହାଛଡ଼ା ଛତିଶା ନିଯୋଗ ବୈଠକରେ



ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଚାପ ପ୍ରସ୍ତୁତ କରାଯାଉଛି ।

ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ଠିକ୍ ସମୟରେ ନୀତି ସମ୍ପନ୍ନ ପାଇଁ ପରାମର୍ଶ ଦିଆଯାଇଛି। ତେଣୁ ଠିକ୍ ସମୟରେ ନୀତି ସରିବା ସହ ରଥ ନିର୍ମାଣ କାର୍ଯ୍ୟ ଶୃଙ୍ଖଳିତ ଭାବେ ହେବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।

ପ୍ରବଳ ଗ୍ରୀଷ୍ମ ପ୍ରବାହ ଦାଉରୁ ଉପଶମ ପାଇବା ପାଇଁ ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି। ଏହି ନୌକା ବିହାରକୁ ଚନ୍ଦନ ଯାତ୍ରା ବା ଚାପ କୁହାଯାଏ। ନରେନ୍ଦ୍ର ଚକଡ଼ାରେ ଚାଳି ଓ ରାସ୍ତାରେ ପନ୍ତି ଛାମୁଣ୍ଡିଆ ନିର୍ମାଣ କରାଯାଇଛି। ନନ୍ଦା, ଭଦ୍ରା ସମେତ ବୈଜୟନ୍ତୀ ଡଙ୍ଗା କାର୍ଯ୍ୟ ଚାଲିଛି। ସେହିପରି ଚକଡ଼ା, ହଂସ, ଠେକେରାବାଡ଼, ଚାପର ବିଭିନ୍ନ ଅଂଶ, ଚକଡ଼ାର ବିଭିନ୍ନ ସ୍ଥାନରେ ଦେବଦେବୀଙ୍କ ପ୍ରତିଛବି ଆଦିରେ ଚିତ୍ରକାର ସେବାୟତମାନେ ରଙ୍ଗ ଦେଇସାରିଛନ୍ତି। ଦରଜି ସେବାୟତ ନୂତନ ବସ୍ତ୍ର ତିଆରି କରୁଛନ୍ତି। ରଥଖଳାରେ ଭୋଇ ସେବକମାନଙ୍କ ପକ୍ଷରୁ ଚାଳି ପ୍ରସ୍ତୁତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।



ପୁରୀ ମହାବୀର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ଯଜ୍ଞ ଅବସରରେ ଶ୍ରଦ୍ଧାଳୁମାନେ ଯଜ୍ଞ ଅଧିବାସ ପାଇଁ କଳସ ଯାତ୍ରା କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅମଲା ମଞ୍ଚର ଦାବିପତ୍ର

ପୁରୀ ଅଫିସ, ୨୧।୪:

ଓଡ଼ିଶା ଅମଲା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଟ୍ରେଜେରୀ ଅମଲା ସଂଘ ଏବଂ ଓଡ଼ିଶା ସବରେଜିଷ୍ଟର ଅମଲା ସଂଘର ପୁରୀ ଶାଖାଗୁଡ଼ିକୁ ନେଇ ଗଠିତ ଜିଲାସ୍ତରୀୟ ଅମଲା ମଞ୍ଚର ଆହ୍ୱାନ କ୍ରମେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରାୟ ୩୦୦ ଅମଲା ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ଦେଇଥିଲେ। ଏହି ସମୟରେ ଜ୍ଞାନ ରଞ୍ଜନ ଦାସ, ଆଶିଷ କୁମାର ସାମନ୍ତରାୟ, ପ୍ରଭାକର ପ୍ରଧାନ, ସମୟ ଚକ୍ର ପ୍ରଧାନ, ମାନସ କୁମାର ପାତ୍ର, ରାମକୃଷ୍ଣ ବଡ଼ଜେନା ଏବଂ ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାଗତ ଯୋଗ୍ୟତା ଓ କାର୍ଯ୍ୟଭାର ଅନୁଯାୟୀ କନିଷ୍ଠ ସହାୟକ/କନିଷ୍ଠ ରାଜସ୍ୱ ସହାୟକଙ୍କ ମୂଳ ଦରମା ଲେଭୁଲ ୯କୁ ଫିକ୍ସ କରାଯିବା ଅମଲାଙ୍କର ଏକମାତ୍ର ଦାବି ବୋଲି ମଞ୍ଚ ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାପାତ୍ର ଏବଂ ଆବାହକ ପ୍ରଣବ କୁମାର ଚିନ୍ନରା ପ୍ରକାଶ କରିଛନ୍ତି। ସରକାର ଯଦି ଏହି ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ଆଗାମୀ ଦିନରେ ଜିଲାସ୍ତରୀୟ ଅମଲାମାନେ ସମୂହ ଛୁଟିରେ ରହି ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

## ଶିଶୁ ସ୍ନାୟୁ, ଅପସ୍ମାର ରୋଗ ପରୀକ୍ଷା ଶିବିର

ପୁରୀ ଅଫିସ, ୨୧।୪:

ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ସ୍ନାୟୁରୋଗ ଏବଂ ଅପସ୍ମାର ରୋଗ ଚିହ୍ନଟ ଓ ପରୀକ୍ଷା ଶିବିର ଶୁକ୍ରବାର ମୁମ୍ବାଇର ନାରାୟଣ ହସ୍ପିଟାଲ ସହାୟତାରେ ଆୟୋଜିତ ହୋଇଯାଇଛି। ଶିବିରରେ ଆର୍‌ବି ଏସ୍‌କେ ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ୫୫ଜଣ ଶିଶୁଙ୍କୁ ଶିଶୁ ସ୍ନାୟୁରୋଗ ବିଶେଷଜ୍ଞ ଡା. ପ୍ରଦ୍ନ୍ୟା ଗଡଗିଲ ଏବଂ ଶିଶୁ ସ୍ନାୟୁରୋଗ ଶଲ୍ୟ ଚିକିତ୍ସକ ଡା. ସୌରଭ ସାମନ୍ତରାୟଙ୍କ ଦ୍ୱାରା ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ନାରାୟଣ ହସ୍ପିଟାଲକୁ ପଠାଯାଇ ଉନ୍ନତ ଚିକିତ୍ସା କରାଯିବା ପାଇଁ ସ୍ଥିର ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ଅର୍ଚ୍ଚନା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଶିଶୁମାନଙ୍କୁ ସ୍ନାୟୁରୋଗ ବିଶେଷଜ୍ଞ ଚିକିତ୍ସା କରିଥିଲେ। ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସୁଜାତା ମିଶ୍ର ଏବଂ ଡିଏମଓ (ଏମଏସ୍) ଡା. ପ୍ରଣବ ଶଙ୍କର ଦାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ହସ୍ପିଟାଲର ଅନ୍ୟ ଦୁଇ ସହଯୋଗୀ ପୃଥ୍ୱୀରାଜ ବଳିୟାରସିଂ, ବିରାଟ ବର୍ମା, ଓଡ଼ିଶା ଆର୍‌ବିଏସ୍‌କେ ପ୍ରତିନିଧି ପ୍ରଶାନ୍ତ ଦାସ, ଜିଲା ଆର୍‌ବିଏସ୍‌କେ ପରିଚାଳକ ପ୍ରଶାନ୍ତ ପରିଜା, ଡା. ଜୟନ୍ତ କୁମାର ଉପାଧ୍ୟାୟ, ଡା. ଶୈଳବାଳା ଦାସ, ଦେବସ୍ମିତା ପତି, ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

### ସୈନ୍ୟବାହିନୀ ଯୋଗ୍ୟତା ପରୀକ୍ଷାରେ ଢାଞ୍ଚାଗତ ପରିବର୍ତ୍ତନ ପ୍ରଥମେ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ସୈନ୍ୟବାହିନୀରେ ଯୋଗଦେବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟାରେ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପରୀକ୍ଷାର୍ଥୀମାନେ ପ୍ରଥମେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ପରେ ବୈଧ ଥିବା ଆବେଦନଗୁଡ଼ିକୁ ବିଚାରକୁ ନିଆଯାଇ ପ୍ରଥମେ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେଉଛି। ଏଥିରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ଶାରୀରିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପରେ ଅନ୍ତିମ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାତ୍ର ପୂର୍ବରୁ ହେଉଥିବା ଚୟନ ପ୍ରକ୍ରିୟାରେ ପ୍ରଥମେ ଆର୍ମି ରାଲି ମାଧ୍ୟମରେ ଶାରୀରିକ ପରୀକ୍ଷା ଓ ପରେ ଲିଖିତ ପରୀକ୍ଷା ହେଉଥିଲା। ଏଥିରେ ପରୀକ୍ଷାର୍ଥୀଙ୍କ ବହୁସମୟ ବ୍ୟୟ ହେଉଥିବା ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗକୁ ବିଚାରକୁ ନିଆଯାଇ ଚଳିତ ବର୍ଷରୁ ନିଯୁକ୍ତି ପ୍ରକ୍ରିୟାରେ ଏହି ପରିବର୍ତ୍ତନ କରାଯାଇଛି।

କଟକସ୍ଥିତ ଆର୍ମି ରିକ୍ରୁଟ୍‌ମେଣ୍ଟ ଅଫିସ୍ ନିର୍ଦ୍ଦେଶକ କର୍ଣ୍ଣେଲ ହର୍‌ବିନ୍ଦର ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଏହି ନୂତନ ପଦ୍ଧତି ସମ୍ପର୍କରେ ଓଡ଼ିଶାର ସମସ୍ତ ଜିଲାରେ ସଚେତନତା ସୃଷ୍ଟି କରାଯାଇଛି। ଆର୍ମି ରିକ୍ରୁଟ୍‌ମେଣ୍ଟ କାର୍ଯ୍ୟାଳୟ ପକ୍ଷରୁ ୧୩୬ଟି ବିଦ୍ୟାଳୟ, ୪୮ଟି ମହାବିଦ୍ୟାଳୟ ଏବଂ ୪୪ଟି ଆଇଟିଆଇ ଶିକ୍ଷାନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଇଛି। ଏହି ପ୍ରକ୍ରିୟା ଜୁନିୟର କମିଶନ ଅଧିକାରୀ ଓ ଯବାନଙ୍କ ନିଯୁକ୍ତି ନିମନ୍ତେ ବାଧ୍ୟତାମୂଳକ ରହିବା ନେଇ କର୍ଣ୍ଣେଲ ସିଂ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦେଶର ୧୭୬ଟି ସ୍ଥାନରେ ୩୭୫ଟି ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ଏପ୍ରିଲ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା କରାଯାଉଛି। ତନ୍ମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର, ବାଲେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ସମେତ ୮ଟି କେନ୍ଦ୍ରରେ ପରୀକ୍ଷା ଚାଲିଛି।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ



ଗିରଫ ୪ ଡକାୟତଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

ପୁରୀ ଅଫିସ, ୨୧।୪:

ଡକାୟତି ଯୋଜନାବେଳେ ୪ଜଣଙ୍କୁ ପୁରୀ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ରାଜକିଶୋର ନାୟକ ଓରଫ ଚିଣ୍ଟୁ, ହାଡ଼ଗୋଡ଼ିଆ ସାହି ଯମୁନା ଲେନ୍‌ର ତୁଷାର କୁମାର ମହାନ୍ତି ଓରଫ ଧଣ୍ଡିଆ, ବଡୁ ମହାପାତ୍ର ଯାଗା ଚୂଡ଼ଙ୍ଗ ସାହିର ଅମିତ୍ ଦାଓ ଓରଫ ଷଣ୍ଢ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ଛକ ଅଞ୍ଚଳର ଟୁନା ବାରିକ୍। ଏମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍, ୬ଟି ଖାଲି ବିୟର ବୋତଲ, ପ୍ଲାଷ୍ଟିକ ଗ୍ଲାସ୍ ଏବଂ ପାଣି ବୋତଲ ଆଦି ଜବତ କରାଯାଇଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୧୪୪/୨୩) ରୁଜୁ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୮ଟା ୧୫ରେ କେତେଜଣ ବ୍ୟକ୍ତି ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ସହ ଚୂଡ଼ଙ୍ଗସାହିସ୍ଥିତ ବଡୁ ମହାପାତ୍ର ଯାଗା ପଛପାର୍ଶ୍ୱରେ ଥିବା ଜଙ୍ଗଲରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ଜଗନ୍ନାଥ ବଲ୍ଲଭ ପାର୍କିଂକୁ ଆସୁଥିବା ଯାତ୍ରୀଙ୍କ ଗାଡ଼ିରୁ ଡକାୟତି ଯୋଜନା କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଟାଉନ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଜଙ୍ଗଲରେ ଚଢାଉ କରିଥିଲା। ତେବେ ପୋଲିସକୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ ୪ ଜଣଙ୍କୁ କାବୁ କରିଥିବାବେଳେ ୨ଜଣ ଖସିଯାଇଥିଲେ।

## ତହସିଲଦାରଙ୍କୁ ବାଲି ମାଫିଆଙ୍କ ଦୁର୍ବ୍ୟବହାର

ନିମାପଡ଼ା,୨୧।୪(ଡି.ଏନ୍.ଏ.)

ନିମାପଡ଼ା ତହସିଲଦାରଙ୍କୁ ଚୋରା ବାଲିମାଫିଆଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ, ଗାଳିଗୁଲଜ, ବିଭିନ୍ନ ଧମକ ଦିଆଯାଇଥିବା ନେଇ ତହସିଲଦାର ସ୍ମୁତିପ୍ରଜ୍ଞା ପ୍ରିୟଦର୍ଶିନୀ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୩ଜଣଙ୍କ ନାମରେ ଏକ ମାମଲା(ନଂ.୪୪/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ମମତା ବିଶ୍ୱାଳ ସୂଚନା ଦେଇଛନ୍ତି। ଘଟଣା ଅନୁଯାୟୀ, କଳାପାଞ୍ଚଣ ପଞ୍ଚାୟତର ଏକ ସରକାରୀ ପୋଖରୀରୁ ବେଆଇନ ଭାବେ ବାଲି, ମାଟି ଉଠାଯାଉଥିବା ସମ୍ପର୍କରେ ତହସିଲଦାର ସୂଚନା ପାଇଥିଲେ। ବେଆଇନ ଭାବେ ଏହି ବାଲି, ମାଟି ଉଠାଯାଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେବା ସହ ପରିବେଶ ପ୍ରଦୂଷଣ ହେଉଛି। ପୂର୍ବରୁ ସରକାରୀ ଜାଗାରୁ ବେଆଇନ ବାଲି ମାଟି ଉଠାଇବା ଅଭିଯୋଗରେ ବାଲି ଉଠାଣକାରୀଙ୍କ ବିରୋଧରେ ଜରିମାନା ଆଦାୟ କରାଯାଇଥିଲା। ମାତ୍ର ପୁନର୍ବାର ମଙ୍ଗଳବାର ସରକାରୀ ଜାଗାରୁ ବେଆଇନ ଭାବେ ମେଶିନ ସାହାଯ୍ୟରେ ଇଟା ତିଆରି ପାଇଁ ବାଲି ମାଟି ଉଠାଯାଉଥିବାର ଖବର ପାଇ ତହସିଲଦାର ସ୍ମୁତିପ୍ରିୟଦର୍ଶନୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ରାଜସ୍ୱ ସୁପରଭାଇଜର ସତ୍ୟଭାନୁ ପୋଲେଇ, ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ବେଆଇନ ବାଲି ମାଟି ଉଠାଣ କାର୍ଯ୍ୟକୁ ବିରୋଧ କରିବା ସହ ନ କରିବା ପାଇଁ ବାରଣ କରିଥିଲେ। କିନ୍ତୁ ୩ଜଣ ବାଲିମାଫିଆ କ୍ରୋଧାନ୍ୱିତ ହୋଇ ତହସିଲଦାର, ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରି ବିଭିନ୍ନ ଧମକ ଦେଇଥିଲେ। ଏ ନେଇ ତହସିଲଦାର ଓ ଅଧିକାରୀମାନେ ବାଲିମାଫିଆଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ନକଲି ପ୍ରମାଣପତ୍ର ଦେଇ ଚାକିରି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

ପୁରୀ ଅଫିସ, ୨୧।୪:

ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ଜଣେ ମହିଳା ସପ୍ତମ ଶ୍ରେଣୀର ଜାଲ ପ୍ରମାଣପତ୍ର ଦେଇ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଟେଣ୍ଡାଣ୍ଟ ପଦବୀରେ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହେବା ପରେ ସିଡିଏମ୍‌ଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲେଶ୍ୱର ଜିଲା ଶିକ୍ଷା ଅଧିକାରୀ ଏବଂ ବସ୍ତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଚିଠି ଲେଖି ଶିକ୍ଷାଗତ ପ୍ରମାଣ ପତ୍ର ସତ କି ମିଛ ତାହା ଯାଞ୍ଚ କରିବା ପାଇଁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଗତ ୧୯ ତାରିଖରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଜଣେ ମହିଳା ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଛନ୍ତି। ତାଙ୍କ ସପ୍ତମଶ୍ରେଣୀ ବୋର୍ଡ ପରୀକ୍ଷା ଟାବୁଲେସନ୍ ରେଜିଷ୍ଟର ଓ ବିଦ୍ୟାଳୟ ମାର୍କଶିଟ୍‌ରେ ଥିବା ମାର୍କ ମଧ୍ୟରେ ତାରତମ୍ୟ ରହିଛି। ବରାଳଙ୍କ ଅଭିଯୋଗକୁ ଭିତ୍ତି କରି ସିଡିଏମ୍‌ଓ ମିଶ୍ର ବସ୍ତା ବିଦ୍ୟାଳୟକୁ ଚିଠି ଲେଖି ଏ ସମ୍ପର୍କରେ ଆବଶ୍ୟକ ତଥ୍ୟ ମାଗିଛନ୍ତି। ଯଦି ଶିକ୍ଷାଗତ ପ୍ରମାଣପତ୍ରରେ ତ୍ରୁଟି ରହିଛି ତେବେ ମାର୍କଶିଟ୍ ଓ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ରର ନକଲ ଦେବା ପାଇଁ ସେ ଉଲ୍ଲେଖ କରିଛନ୍ତି।

## ଭାଜପାରେ ସାମିଲ ବିଜେଡି କର୍ମୀ

ଗୋପ,୨୧।୪(ଡି.ଏନ୍.ଏ.)

୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନକୁ ନେଇ ଏବେ ପ୍ରାର୍ଥୀମାନଙ୍କ ମଧ୍ୟରେ ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଆଗରେ ଥିବା ବେଳେ ଅନ୍ୟ ପ୍ରାର୍ଥୀମାନଙ୍କ ପ୍ରଚାର ସେତେଟା ପ୍ରଭାବ ପକାଇପାରି ନାହିଁ । ବିଜେଡି ଓ ଭାଜପା ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଘନ ଘନ ବୈଠକ ସହ ମିଶ୍ରଣ ପର୍ବ ହେଉଛି। ଭାଜପା ପକ୍ଷରୁ ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ପାର୍ଟି ଅଫିସରେ ଭାଜପା ନେତା ଦିଲୀପ କୁମାର ନାୟକ ଓ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ କଂଗ୍ରେସ ଓ ବିଜେଡି ଦଳର ବଂଶୀଧର ମହାରଣା, ଗନଉ ସେଠୀ, କୃଷ୍ଣଚନ୍ଦ୍ର ପ୍ରଧାନ, ବାବୁଲି ଭୋଇ, ବିପ୍ର ଭୋଇ, ମାନସ ଗୋଛାୟତ, ପ୍ରଫୁଲ୍ଲ ଭୋଇ, ପ୍ରଦୀପ ମଲ୍ଲିକ, ସଞ୍ଜୟ ମଲ୍ଲିକ, ଦୁଃଶାସନ ଭୋଇଙ୍କ ସହିତ ଶତାଧିକ କର୍ମୀ ଭାଜପା ଦଳରେ ସାମିଲ ହୋଇଛନ୍ତି। ଭାଜପା ପ୍ରାର୍ଥୀ ପ୍ରମୋଦ କୁମାର ରାୟ ଭୋଟ ଭିକ୍ଷା କରୁଛନ୍ତି। ଏହି ଉପନିର୍ବାଚନ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଅକାଳ ମୃତ୍ୟୁ ପରେ ନିର୍ବାଚନ କରାଯାଉଛି। ଭାଜପା ପକ୍ଷରୁ ଦଳୀୟ ପ୍ରାର୍ଥୀ ପ୍ରମୋଦ କୁମାର ରାୟ କଂଗ୍ରେସ ଦଳ ଛାଡ଼ି ଏବେ ଭାଜପା ପକ୍ଷରୁ ଲଢୁଥିବାରୁ ତାଙ୍କ ପ୍ରତି ଜନ ସମର୍ଥନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଅପରପକ୍ଷେ କଂଗ୍ରେସ ଦଳ ଛାଡ଼ି ବିଜେଡି ପକ୍ଷରୁ ମଧ୍ୟ ଭାଗୀରଥି ସେନାପତି ପ୍ରାର୍ଥୀ ହୋଇଥିବାରୁ ଏବେ କଂଗ୍ରେସ ଭୋଟ କେଉଁ ଆଡକୁ ଯିବ ତାହା ଏବେ ଚର୍ଚ୍ଚା ର ବିଷୟ ପାଲଟିଛି। ସେପଟେ କଂଗ୍ରେସ ଦଳ ପକ୍ଷରୁ ପ୍ରତାପ ପ୍ରଧାନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ ତାଙ୍କର ସେତେଟା ପ୍ରଭାବ ଭୋଟରଙ୍କ ଉପରେ ପକାଇପାରି ନାହିଁ ବୋଲି ଜଣାପଡିଛି। ମେ ୨ରେ ଏହି ଉପ ଜିଲା ପରିଷଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡି ଥିବାବେଳେ ୪ ତାରିଖରେ ଗୋପ ବ୍ଲକରେ ଭୋଟ ଗଣତି ହେବ।




ଭାଜପା ପକ୍ଷରୁ ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ପାର୍ଟି ଅଫିସରେ ଆୟୋଜିତ ମିଶ୍ରଣ ପର୍ବ ।

## ଲୋକାୟୁକ୍ତଙ୍କ ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟର ତଦନ୍ତ

ନିମାପଡ଼ା,୨୧।୪(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର କଦଳୀବାରି ଗ୍ରାମରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଲୋକାୟୁକ୍ତର ଉପନିର୍ଦ୍ଦେଶକ ସସ୍ମିତା ଲେଙ୍କାଙ୍କ ସହ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁଇ ବରିଷ୍ଠ ଯନ୍ତ୍ରୀ, ନିମାପଡ଼ା ବ୍ଲକ ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାହୁ, ପିଇଓ କବିରାଜ କାଣ୍ଡି, ହେମନ୍ତ ଜେନା, ସରପଞ୍ଚ ଅମିତା ସ୍ୱାଇଁ, ନିମାପଡ଼ାର ସୂଚନା ଅଧିକାର ଅଭିଯାନର ଆବାହକ ସନ୍ତୋଷ ପ୍ରଧାନ ପ୍ରମୁଖ ବାହାରେଣା ପଞ୍ଚାୟତର କଦଳୀବାର ଗ୍ରାମରେ ଶୁକ୍ରବାର ପହଞ୍ଚି କଂକ୍ରିଟ ରାସ୍ତା କାର୍ଯ୍ୟର ତଦନ୍ତ କରି ରାସ୍ତା କାର୍ଯ୍ୟର ମାନ ପରଖିଥିଲେ। ଚାରିଛକ ଅଞ୍ଚଳର ଉକ୍ତ କଂକ୍ରିଟ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ସମ୍ପର୍କରେ ଚାରିଛକ ଅଞ୍ଚଳର ସାମାଜିକ କର୍ମୀ ଗତ କିଛିମାସ ତଳେ ଜିଲା ଓ ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଥିଲେ। ଦେଢ଼ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ବିଭାଗୀୟ ପିଇଓଙ୍କ ନାମରେ ରହିଥିଲା। ହେଲେ କାର୍ଯ୍ୟ କରିଥିବା ଠିକାଦାର ନିମ୍ନମାନର କରିଥିବାରୁ ନିର୍ମାଣର କିଛିଦିନ ମଧ୍ୟରେ ରାସ୍ତା ଫାଟି ଯାଇଥିବା ଅଭିଯୋଗକାରୀ ମାମଲାରେ ଦର୍ଶାଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଲୋକାୟୁକ୍ତ ରାସ୍ତାକାର୍ଯ୍ୟ ଯାଞ୍ଚ କରିଥିଲେ।



ଲୋକାୟୁକ୍ତ ଉପନିର୍ଦ୍ଦେଶକ ସସ୍ମିତା ଲେଙ୍କା ରାସ୍ତା କାର୍ଯ୍ୟର ତଦନ୍ତ କରୁଛନ୍ତି ।

## ସଂକ୍ଷେପରେ

### ବସନ୍ତ ପଣ୍ଡା ପାଇବେ ରତ୍ନଚିରା ପ୍ରବନ୍ଧ ସମ୍ମାନ

ଭୁବନେଶ୍ୱର,୨୧।୪(ବ୍ୟୁରୋ): ପୃଷ୍ଟି ମଲ୍ଟି ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପ୍ରକାଶିତ ମାସିକ ଓଡ଼ିଆ ସାହିତ୍ୟ ପତ୍ରିକା 'ରତ୍ନଚିରା'ର ପ୍ରଥମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ମେ' ୨୭ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ରତ୍ନଚିରା ସାରସ୍ୱତ ସମ୍ମାନରେ କବି ଡ. ସରୋଜିନୀ ଷଡ଼ଙ୍ଗୀ ସମ୍ମାନିତ ହେବେ। ସେହିପରି ଯୁବ ସାରସ୍ୱତ ସମ୍ମାନରେ ଗାଳ୍ପିକା ସ୍ଥିତପ୍ରଜ୍ଞା ପାଣିଗ୍ରାହୀ, 'ପାଠକ ସମ୍ମାନ'ରେ ଅମ୍ବିକା ପ୍ରସାଦ ବାରିକ୍, ପ୍ରବନ୍ଧ ସମ୍ମାନରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, କବିତା ସମ୍ମାନରେ ଇଂ. ସରୋଜ ମହାପାତ୍ର, ଗଳ୍ପ ସମ୍ମାନରେ ନାରାୟଣ ମହାଲିକ, 'ଅନୁବାଦ ସମ୍ମାନ'ରେ ଆଶୁତୋଷ ପାତ୍ର, ଗୀତି କବିତାରେ ଡ. ଶଶିଭୂଷଣ ବେହେରା ଏବଂ ସାହିତ୍ୟ ସଙ୍ଗଠକ ସମ୍ମାନରେ ଡ. ଶୁଭଶ୍ରୀ ଲେଙ୍କାଙ୍କୁ ସମ୍ମାନିତ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପତ୍ରିକାର ସମ୍ପାଦିକା ସ୍ନେହଲତା ପୃଷ୍ଟି ଏବଂ ବିଜ୍ଞାପନ ମୁଖ୍ୟ ଅନିତା ରଥ ସୂଚନା ଦେଇଛନ୍ତି।

### ଦୋଳମୁଣ୍ଡାଇ-ବଜ୍ରକବାଟି ରୋଡରୁ ଜବରଦଖଲ ଉଚ୍ଛେଦ

କଟକ ଅଫିସ,୨୧।୪: ସିଏମ୍‌ସି ଏନଫୋର୍ସମେଣ୍ଟ ଓ ଟ୍ରାଫିକ ପୋଲିସ ପକ୍ଷରୁ ଶୁକ୍ରବାର ବାଦାମବାଡି ଟ୍ରାଫିକ ଛକରୁ ବଜ୍ରକବାଟି ପର୍ଯ୍ୟନ୍ତ ଉଭୟ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ଅବରୋଧ କରି ପାର୍ଟି କରିଥିବାରୁ ବ୍ୟବସାୟିକ ସଂସ୍ଥା ଶ୍ରୀ ଲେଦରରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ଆଡ଼ିଆ ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତ

ବଡମ୍ବା,୨୧।୪(ଡି.ଏନ.ଏ.): ବଡ଼ମ୍ବା ହାଟସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଆଡ଼ିଆ ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବଶକ୍ତି କମିଟି ବଡ଼ମ୍ବା ଆନୁକୂଲ୍ୟରେ ଏପିଲ ୨୪ରେ ଉକ୍ତ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ଶିବଶକ୍ତି କମିଟି ସଭାପତି ଅଜୟ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କମିଟି ଆବାହକ ଶିବ ନାରାୟଣ ମିଶ୍ରଙ୍କ ସଂଯୋଜନା ଅନୁଷ୍ଠିତ ଏହି ବୈଠକରେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା, ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା, ବଡମ୍ବା ଥାନା ସବ୍‌ଇନ୍ସପେକ୍ଟର ସୁଚିତ୍ରା ଜୟସିଂ, ବଡ଼ମ୍ବା ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ନବଘନ ମଲ୍ଲିକ, ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକ ଓ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବଶକ୍ତି କମିଟିର ଉପଦେଷ୍ଟା ପ୍ରେମସୁନ୍ଦର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କମିଟି ସମ୍ପାଦକ ସଞ୍ଜୟ ତରାସିଆ ଧନ୍ୟବାଦ ପ୍ରଦାନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ନାରାୟଣ ବେହେରା, ସନ୍ତୋଷ ଦେବତା, ନିରଞ୍ଜନ ପଣ୍ଡା, ଚୈତନ୍ୟ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସୈନ୍ୟବାହିନୀ ଯୋଗ୍ୟତା ପରୀକ୍ଷାରେ ଢାଞ୍ଚାଗତ ପରିବର୍ତ୍ତନ

## ପ୍ରଥମେ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ସୈନ୍ୟବାହିନୀରେ ଯୋଗଦେବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟାରେ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପରୀକ୍ଷାର୍ଥୀମାନେ ପ୍ରଥମେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ପରେ ବୈଧ ଥିବା ଆବେଦନଗୁଡ଼ିକୁ ବିଚାରକୁ ନିଆଯାଇ ପ୍ରଥମେ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେଉଛି। ଏଥିରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ଶାରୀରିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପରେ ଅନ୍ତିମ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାତ୍ର ପୂର୍ବରୁ ହେଉଥିବା ଚୟନ ପ୍ରକ୍ରିୟାରେ ପ୍ରଥମେ ଆର୍ମି ରାଲି ମାଧ୍ୟମରେ ଶାରୀରିକ ପରୀକ୍ଷା ଓ ପରେ ଲିଖିତ ପରୀକ୍ଷା ହେଉଥିଲା। ଏଥିରେ ପରୀକ୍ଷାର୍ଥୀଙ୍କ ବହୁସମୟ ବ୍ୟୟ ହେଉଥିବା ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗକୁ ବିଚାରକୁ ନିଆଯାଇ ଚଳିତ ବର୍ଷରୁ ନିଯୁକ୍ତି ପ୍ରକ୍ରିୟାରେ ଏହି ପରିବର୍ତ୍ତନ କରାଯାଇଛି। କଟକସ୍ଥିତ ଆର୍ମି ରିକ୍ରୁଟ୍‌ମେଣ୍ଟ ଅଫିସ୍ ନିର୍ଦ୍ଦେଶକ କର୍ଣ୍ଣେଲ ହର୍‌ବିନ୍ଦର ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଏହି ନୂତନ ପଦ୍ଧତି ସମ୍ପର୍କରେ ଓଡ଼ିଶାର ସମସ୍ତ ଜିଲାରେ ସଚେତନତା ସୃଷ୍ଟି କରାଯାଇଛି। ଆର୍ମି ରିକ୍ରୁଟ୍‌ମେଣ୍ଟ କାର୍ଯ୍ୟାଳୟ ପକ୍ଷରୁ ୧୩୬ଟି ବିଦ୍ୟାଳୟ, ୪୮ଟି ମହାବିଦ୍ୟାଳୟ ଏବଂ ୪୪ଟି ଆଇଟିଆଇ ଶିକ୍ଷାନୁଷ୍ଠାନରେ ଭିଡ଼ିଓ ବାର୍ତ୍ତା, ପ୍ରଚାରପତ୍ର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଇଛି। ଏହି ପ୍ରକ୍ରିୟା ଜୁନିୟର କମିଶନ ଅଧିକାରୀ ଓ ଯବାନଙ୍କ ନିଯୁକ୍ତି ନିମନ୍ତେ ବାଧ୍ୟତାମୂଳକ ରହିବା ନେଇ କର୍ଣ୍ଣେଲ ସିଂ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୭୬ଟି ସ୍ଥାନରେ ୩୭୫ଟି ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ଏପ୍ରିଲ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା କରାଯାଉଛି। ସେଥି ମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର, ବାଲେଶ୍ୱର, ଢେଙ୍କାନାଳ,ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ସମେତ ୮ଟି କେନ୍ଦ୍ରରେ ପରୀକ୍ଷା ଚାଲିଛି।



ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହେବା ପ୍ରତିବାଦରେ ଓଡ଼ିଶା କୃଷକ ସଭା ପକ୍ଷରୁ ଶୁକ୍ରବାର କାଠଗଡ଼ାସାହିସ୍ଥିତ ଉପନିବନ୍ଧକ ସମବାୟ ଡିଆର୍‌ସିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ଉଦୟନାଥ କଲେଜରେ ତ୍ରିଲୋଚନଙ୍କ ପାର୍ଥିବ ଶରୀର

କଣ୍ଟାପଡା,୨୧।୪(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଗତସିଂହପୁରର ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନଗୋ(୮୩)ଙ୍କ ଶୁକ୍ରବାର ସକାଳେ ଦେହାନ୍ତ ହୋଇଛି। ସେ ଗତ କିଛିଦିନ ଧରି ବ୍ରେନ ଷ୍ଟ୍ରୋକରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶେଷ ସମୟରେ ସେ କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା ବୋର୍ଡ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତେଣୁ ଅପରାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ଏହି ମହାବିଦ୍ୟାଳୟକୁ ନିଆଯାଇ ଶେଷଦର୍ଶନ ପାଇଁ କଲେଜ ପରିସରରେ ରଖାଯାଇଛି। କଲେଜର କର୍ମଚାରୀ, ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲିକ, କଂଗ୍ରେସ ନେତା ରବୀନ୍ଦ୍ର ମଲ୍ଲିକ, ପଞ୍ଚାନନ କାନୁନଗୋ ଓ ଭାଜପା ନେତା ଛବି ମଲିକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରଦିନ ତାଙ୍କର ମରଶରୀରକୁ କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ ଗ୍ରାମ ପଞ୍ଚାୟତସ୍ଥିତ ତାଙ୍କ ପୈତୃକ ଗ୍ରାମ ବଡମୂଳାଇକୁ ନିଆଯିବ। ସେଠାରେ ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ।

# ତୁରନ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କର


ଅତିରିକ୍ତ ସଚିବ ଧରଣୀଧର ନନ୍ଦ ଏକ ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଆଠଗଡ,୨୧।୪(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ ଆଠଗଡ, ଟିଗିରିଆ,ବଡମ୍ବା, ନରସିଂହପୁର ବ୍ଲକରେ ଚାଲିଥିବା ବିଭିନ୍ନ ପାନୀୟ ଜଳପ୍ରକଳ୍ପର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭାଗୀୟ ଅତିରିକ୍ତ ସଚିବ ଧରଣୀଧର ନନ୍ଦ ଏଥିରେ ଯୋଗ ଦେଇଥିଲେ। ଆଠଗଡ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚିତା ମିଶ୍ର, ସହକାରୀ ଯନ୍ତ୍ରୀ ଅଜିତ କୁମାର ନାୟକ, ରମେଶ ଚନ୍ଦ୍ର ବେହେରା, ଆଠଗଡ ବିଡିଓ ପ୍ରଦୀପ କୁମାର ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡେଙ୍ଗା ପ୍ରମୁଖ ଯୋଗଦେଇ ଥିଲେ। ଅତିରିକ୍ତ ସଚିବ ନନ୍ଦ ଆଠଗଡ ବ୍ଲକର କନ୍ଦର୍ପୁର ଗ୍ରାମରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପର ଜଳ ବିଶୋଧନାଗାର, ସମେତ ମେଘା ପଞ୍ଚାୟତର ଧୁରୁକୁଡିଆ, ଦାଶପୁର ଗ୍ରାମର ଜଳ ଯୋଗାଣ ପ୍ରକଳ୍ପକୁ ପରିଭ୍ରମଣ କରିବା ସହ ତୁରନ୍ତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ବୈଠକ


ମାହାଙ୍ଗାରେ ଆୟୋଜିତ ବୈଠକରେ ଶିକ୍ଷକ ଓ ଅଭିଭାବକମାନେ।

ମାହାଙ୍ଗା/ମାଣିଆବନ୍ଧ,୨୧।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଞ୍ଚାୟତସ୍ଥିତ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ପ୍ରଧାନ ସମମେତ ସର୍ବଶ୍ରୀ ନିରଞ୍ଜନ ସାହୁ, କିଶୋରୀ ମୋହନ ମହାନ୍ତି, ସନ୍ଧ୍ୟାରାଣୀ ସ୍ୱାଇଁ, ସତ୍ୟଭାମା ସ୍ୱାଇଁ, ଅମର କୁମାର ସାହୁ, ନିବେଦିତା ପ୍ରଧାନ, ରୋହିତ କୁମାର କାଲୋ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ଜେନା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାରେ କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ସରକାରୀ ପ୍ରାଥମିକ ବିଦ୍ୟାଳୟ ନାରୀଜଙ୍ଗରେ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟାମାନେ ଉପସ୍ଥିତ ଥିଲେ। ହଂସଦିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ବୈଠକରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଜେନା, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ଆନନ୍ଦ ପଣ୍ଡା ,ପରିଚାଳନା କମିଟି ସଭାପତି ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ,ଏବିଇଓ ଏବଂ ସିଆରସିସିମାନେ ମାହାଙ୍ଗାର ସମସ୍ତ ବିଦ୍ୟାଳୟରେ ଚାଲିଥିବା ବୈଠକକୁ ତଦାରଖ କରିଥିଲେ। ସେହିପରି ବଡ଼ମ୍ବା ବ୍ଲକର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ ଏଥିରେ ପୌରୋହିତ୍ୟ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଯୋଗଦେଇ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶଉପରେ ଗୁରୁତ୍ୱାରୋପ କରିଥିଲେ। ସହ ଶିକ୍ଷାଅଧିକାରୀ ପ୍ରକାଶଚନ୍ଦ୍ର ମତ୍ତଗଜସିଂହ ମାନପୁର ପ୍ରାଥମିକ ବିଦ୍ୟାଳୟକୁ ଯାଇ ଅଭିଭାବକମାନଙ୍କୁ ନେଇ ବୈଠକ କରିଥିଲେ। ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

## ନିଶାମୁକ୍ତିରେ ବେସରକାରୀ ସଂସ୍ଥା ଭୂମିକା ଗୁରୁତ୍ୱପୂର୍ଣ୍ଣ

### ନିଶାମୁକ୍ତି ଅଭିଯାନ ପାଇଁ ପ୍ରଶିକ୍ଷଣ ନେଲେ ୫୦ ଶିକ୍ଷୟିତ୍ରୀ ଶିକ୍ଷକ

କଟକ ଅଫିସ, ୨୧।୪

ନିଶାମୁକ୍ତି ଅଭିଯାନ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଅଧ୍ୟକ୍ଷତା କରି କହିଥିଲେ, ନିଶାଦ୍ରବ୍ୟ କାରବାର ରୋକିବା ସହ ନିଶାମୁକ୍ତି କ୍ଷେତ୍ରରେ ସମସ୍ତ ଅନୁଷ୍ଠାନ ସମେତ ସରକାରୀ ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି। ଏନ୍‌ଏପିଡିଡିଆର୍ ଯୋଜନାରେ ନବଚେତନା-୧ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଶାମୁକ୍ତି ଅଭିଯାନ ନିମନ୍ତେ କଟକ ଜିଲାର ୧୦ଟି ବିଦ୍ୟାଳୟରୁ ୫ଜଣ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟସ୍ତରୀୟ ସମନ୍ୱୟ ସଂସ୍ଥା ତରଫରୁ ପ୍ରଶିକ୍ଷକ ନିବେଦିତା ମହାନ୍ତି ଓ ବିଶ୍ୱରଞ୍ଜନ ଦାଶ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିଶାଦ୍ରବ୍ୟର କୁପରିଣାମ ସମ୍ପର୍କରେ ବୁଝାଇବେ। ଏଥିସହ ସେମାନେ ଭବିଷ୍ୟତରେ ନିଶାଦ୍ରବ୍ୟ ସେବନ କରିବେ ନାହିଁ ଏବଂ ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏଥିରୁ ନିବୃତ୍ତ କରାଇବା ଦିଗରେ କାର୍ଯ୍ୟ କରିବାକୁ ବାର୍ତ୍ତା ଦେବେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନ୍ନପୂର୍ଣ୍ଣା ସାହୁ, ରମାକାନ୍ତ ଦାଶ ପରିଚାଳନା କରିଥିଲେ।

## ୬୮ ଶାଗୁଆନ, ୧୧ ପଣସ କାଠ ପଟା ଜବତ

### ଭିଜିଲାନ୍ସ ଚଢ଼ାଉ

ଆଠଗଡ,୨୧।୪(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୁରୁକୁଡିଆ ଗ୍ରାମର ପ୍ରଭାକର ଦାସଙ୍କ କୁକୁଡ଼ା ଫାର୍ମରେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ ହୋଇଛି। ଏହି ଅବସରରେ ସେଠାରୁ ୬୮ ଶାଗୁଆନ ଓ ୧୧ ପଣସ କାଠପଟା ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢାଉରେ ଭିଜିଲାନ୍ସ ବିଭାଗ ପକ୍ଷରୁ ରଜନୀକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ସାଇଁ,ବାବି ମୁର୍ମୁ, ସତ୍ୟବାନ ସାହୁ, ବିଭୂତି ଭୂଷଣ ନନ୍ଦ, ରବିନ୍ଦ୍ର ନାଥ ନାୟକ ଓ ସୁଶୀଳ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଅବକାଶକାଳୀନ ପାଠପଢ଼ା ସମ୍ପର୍କରେ ଆଲୋଚନା

### ଖାନନଗର ହାଇସ୍କୁଲରେ ଶିକ୍ଷକ- ଅଭିଭାବକ ବୈଠକ

କଟକ ଅଫିସ, ୨୧।୪

ଖାନନଗର ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନା ଏବଂ ଏସ୍‌ଏମ୍‌ସି କମିଟି ସଭାପତି ଜୟଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଶତାଧିକ ଅଭିଭାବକ ଯୋଗଦେଇଥିଲେ। ନୂତନ ଶିକ୍ଷାବର୍ଷର କ୍ୟାଲେଣ୍ଡର, ପ୍ରବେଶ ଉତ୍ସବ, ପୂର୍ଣ୍ଣ ଉପସ୍ଥାନ, ସରକାରୀ ପ୍ରୋତ୍ସାହନ, ଅନୁଦାନର ସଫଳ ବିନିଯୋଗ, ମୋ ସ୍କୁଲ ଅଭିଯାନ, ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର, ଅବକାଶକାଳୀନ ଶିକ୍ଷା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ, ମମତା ଦାଶ, ଡ. ସୁଜାତା ମହାପାତ୍ର, ମିତାଲି ମହାନ୍ତି, କାଞ୍ଚନବାଳା ରାଉଳ, କଳ୍ପନା ମିଶ୍ର ଏବଂ ତପସ୍ୱିନୀ ଦାଶ ପ୍ରମୁଖ କାର୍ଯ୍ୟସୂଚୀର ବିଭିନ୍ନ ବିଷୟବସ୍ତୁ ଉପରେ ସମ୍ୟକ ଆଲୋଚନା କରିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପ୍ରାଧିକରଣ ଅଧିକାରୀ ପ୍ରଫୁଲ୍ଲ କୁମାର ସେନାପତି ଓ ଚିନ୍ମୟୀ ସାହୁ ଯୋଗଦେଇ ବୈଠକ କାର୍ଯ୍ୟସମୂହ ପର୍ଯ୍ୟବେକ୍ଷଣ କରିଥିଲେ। ବୈଠକରେ ଦୀପିକା ବିଦ୍ଧାଣି, ଜଗବନ୍ଧୁ ମଲ୍ଲିକ, ଜୟଧର୍ମ ସେନାପତି, ସନ୍ତୋଷ ଖୁଣ୍ଟିଆ, ପ୍ରିୟମ୍ବଦା ବେହେରା, ଅଞ୍ଜଳି ସାହୁ, ନମିତା ପ୍ରଧାନ, ସତ୍ୟଜିତ ଦାସ, ତ୍ରିନାଥ ସେଠୀ, ରଞ୍ଜିତ ଦାସ, ପ୍ରତାପ କୁମାର ଆଚାର୍ଯ୍ୟ ଏବଂ ଧରଣୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଜେଇ ହୋଇଛି ସହରର ମସଜିଦ୍

### ଇରାକ, ସାଉଦି ଆରବ, ଆଫଗାନିସ୍ତାନରୁ ଆସିଛି ଭଳିକି ଭଳି ସାମଗ୍ରୀ



କଟକ ଅଫିସ,୨୧।୪

ମୁସଲମାନ ସମ୍ପ୍ରଦାୟର ସବୁଠୁ ବଡ଼ ପର୍ବ ଇଦ୍ ଉଲ୍ ଫିତର । ଶନିବାର ଆନନ୍ଦ ଉଲ୍ଲାସର ପର୍ବ ଇଦ୍ ପାଳନ କରିବେ ମୁସଲମାନ ସମ୍ପ୍ରଦାୟ । ଏଥିପାଇଁ ଭାଇଚାରାର ସହର କଟକ ସହର ସଜେଇ ହୋଇଛି । ସୁସଜ୍ଜିତ ଆଲୋକମାଳାରେ ଝଲସିଲାଣି ସହରର ମସଜିଦ। କଟକର ଥିବା ପ୍ରମୁଖ ମସଜିଦ ଯେପରି କଦମ-ଏ-ରସୁଲ, ଇଦଗା, ବଡି ମସଜିଦ, ଛୋଟୀ ମସଜିଦ, ପଲଟନ ମସଜିଦ, ଜାମା ମସଜିଦ, ଆଦିର ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହି ପବିତ୍ର ଦିନ ପାଇଁ କଟକ ସହର ଉତ୍ସବ ମୁଖର ରହିଛି। ପବିତ୍ର ରମଜାନରେ ମାସଯାକର ରୋଜା ପରେ ଇଦରେ ଘରେଘରେ ଜମିବ ଖାଇବା ପିଇବାର ଆସର । ତେଣୁ ବଜାର ଘାଟରେ ପ୍ରବଳ ଭିଡ ଲାଗୁଛି । ନୂଆ ପୋଷାକ କିଣା କିଣି ସହ, ଖଜୁର ଲଚ୍ଛା, ଅତର ଦୋକାନରେ ମୁସଲିମ ଭଉଣୀଭାଇଙ୍କ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଚାନ୍ଦ କମିଟିର ବୈଠକ କଟକରେ ଅନୁଷ୍ଠିତ ହେବ । ଚାନ୍ଦ ଦର୍ଶନ ପରେ ଶନିବାର ଇଦ୍ ପାଳନ ହେବ ବୋଲି କହିଛନ୍ତି କଦ୍‌ମ-ଏ-ରସୁଲ ପରିଚାଳନା କମିଟି ସଭାପତି ରମଜାନ ଖାଁ । ଅନ୍ୟପଟେ ଇଦ୍ ପାଇଁ ବଜାରରେ ମେଳିଛି ଦେଶୀ ବିଦେଶୀ ସାମଗ୍ରୀର ପସରା। ଅତର, ସୁରମାଠାରୁ ଆରମ୍ଭ କରି ଖଜୁର, ଲଚ୍ଛା, ଫାଲୁଦା, ସରବତ ଯାଏଁ କିଣାକିଣି ପାଇଁ ଇ଼ ମାର୍କେଟ ଚଳଚଞ୍ଚଳ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ମୁମ୍ବାଇ, କଲିକତା ସହ ଟ୍ୟୁନିସିଆ, ଇରାକ ଓ ସାଉଦି ଆରବ, ଆଫଗାନିସ୍ତାନରୁ ଆସିଛି ଭଳିକି ଭଳି ସାମଗ୍ରୀ। ବିଶେଷକରି କୋଲକାତାର ପ୍ରସିଦ୍ଧ କରୋଡିଆ ଆଫଲାତୁନ, ଗାଜର ହାଲୁଆ ଏବଂ ମସାକ୍ ହାଲୁଆ ଅଧିକ ଡିମାଣ୍ଡରେ ରହିଛି। ଏହାସହ ଆଜମେରୀ, ମଦିନା ଏବଂ ବରେଲି ଟୋପି ସହ ୭୦ ପ୍ରକାରର ଅତର ବିଭିନ୍ନ ଦେଶରୁ ବଜାରକୁ ଆସିଛି। ଦର ଭଲ ରହିଥିବାରୁ ଭଲ ବ୍ୟବସାୟ ହୋଇଛି ବୋଲି କହିଛନ୍ତି ବ୍ୟବସାୟୀ ।

## ଧୁରୀଣ ରାଜନେତା ଥିଲେ ଜାନକୀବଲ୍ଲଭ





ଆଠଗଡ଼ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ କର୍ମୀମାନେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଚୌଦ୍ୱାରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

ଆଠଗଡ/ଚୌଦ୍ୱାର,୨୧।୪ (ସ୍ୱ.ପ୍ର/(ଡି.ଏନ୍.ଏ.)

ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଆଠଗଡ଼ର ପୂର୍ବତନ କଂଗ୍ରେସ ବିଧାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତିରୋଧାନ ଦିବସ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଦର୍ଶନ ସାହୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସ୍ମୃତି ସଭାରେ କଂଗ୍ରେସ କର୍ମୀମାନେ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସେମାନେ କହିଥିଲେ,ପଟ୍ଟନାୟକ ଏକାଧାରରେ ସାହିତ୍ୟିକ, ଖବରଦାତା ଓ ରାଜନୀତିରେ ଜଣେ ଧୁରୀଣ ରାଜନେତା ଭାବେ ଓଡ଼ିଶା ଇତିହାସରେ ନିଜକୁ ପ୍ରତିପାଦନ କରି ପାରିଥିଲେ। ସଭାରେ କିଶୋର ସାମନ୍ତରାୟ, ରଜନୀ ଜେନା, ବିଜୟ ସାହୁ, ରୋହିତ ମୁଦୁଲି, ସଚ୍ଚିଦାନନ୍ଦ ପଣ୍ଡା, କାଉନସିଲର ମନୋରଞ୍ଜନ ପଟ୍ଟନାୟକ, ନଗର ସଭାପତି ସୋମନାଥ ଭକ୍ତା, ପୂର୍ବତନ ବ୍ଲକ ସଭାପତି ସୁଦର୍ଶନ ସାହୁ, ବିକ୍ରମ ରାୟସାମନ୍ତ, ଶ୍ରୀତମ ଦାସ, ନିଖିଲ ବେହେରା, ପ୍ରଶାନ୍ତ ବେହେରା, ଝରିଆ ନାୟକ, ପ୍ରତାପ ପରିଡ଼ା, ମୁନା ପଣ୍ଡା,ବଳିଆ ଦଳାଇ, ପ୍ରମୁଖ ଯୋଗଦେଇଥିଲେ। ସେହିପରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ ଚୌଦ୍ୱାରସ୍ଥିତ ଶିଶୁ ସଦନ ପରିସରରେ ପାଳିତ ହୋଇଯାଇଛି। ଚୌଦ୍ୱାର ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଲକ୍ଷ୍ମୀ ନାରାୟଣ ସ୍ମୃତି ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି ଓ ପୌରୁଷର ସମ୍ପାଦକ ତଥା ବିଶିଷ୍ଟ ପ୍ରାବନ୍ଧିକ ଅସିତ୍ ମହାନ୍ତି, ଚେୟାରମ୍ୟାନ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅତିଥି ଭାବେ ଯୋଗଦେଇ ଜାନକୀ ବାବୁଙ୍କ ଜୀବନର ବହୁମୁଖୀ ଦିଗ ଉପରେ ଆଲୋଚନା କରି ଆଧୁନିକ ଓଡ଼ିଶାର ନିର୍ମାଣ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ତାଙ୍କ କୃତିତ୍ୱ ତାଙ୍କୁ ଚିର ଅମର କରି ରଖିବ ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାମ୍ବାଦିକତା କ୍ଷେତ୍ରରେ ଭକ୍ତି ଭୂଷଣ ମହାନ୍ତି ଏବଂ ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ତ୍ରିଦେବ ବେହେରାଙ୍କୁ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦ ସଂଗଠନ ସମ୍ପାଦକ ଦିବ୍ୟାଜ୍ୟୋତି ପାଣି ସ୍ୱାଗତ ଭାଷଣ ଏବଂ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ। ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା ।

## ସଂକ୍ଷେପରେ

### ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୨୧।୪ (ବ୍ୟୁରୋ) - ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଛାତ୍ରାବାସରୁ ବାସନକୁସନ ସହ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର କାର୍ତ୍ତିକ ମଣ୍ଡଳ ଓ ନୟାଗଡର ଅବିନାଶ ପଟ୍ଟନାୟକ। ସେମାନଙ୍କଠାରୁ ଚୋରି ବାସନକୁସନ ଜବତ କରିଛି ପୋଲିସ। ଅଭିଯୁକ୍ତଦ୍ୱୟ ଅଭ୍ୟାସଗତ ଅପରାଧୀ। କାର୍ତ୍ତିକଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଥିବାବେଳେ ଅବିନାଶ ପଟ୍ଟନାୟକ ଓରଫ ଜ୍ୟାକିଙ୍କ ନାମରେ ମଧ୍ୟ ପୂର୍ବରୁ ଦୁଇଟି ଥାନାରେ ୨ଟି ମାମଲା ରହିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୧।୪(ବ୍ୟୁରୋ) - ବେଆଇନ ଭାବେ ଗଞ୍ଜେଇ ରଖି ବେପାର କରିବା ଅଭିଯୋଗରେ ଅବକାରୀ ଟିମ୍ ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କନ୍ଧମାଳର ପରମେଶ୍ୱର ସାହୁ। ତାଙ୍କଠାରୁ ୬ କେଜି ଗଞ୍ଜେଇ ଜବତ କରାଯାଇଛି। ଜାମିନ ନ ମିଳିବାରୁ ପରମେଶ୍ୱରଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ପରମେଶ୍ୱର ବସ୍ ଯୋଗେ କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀ ଅଞ୍ଚଳରେ ଜଣେ ଗ୍ରାହକଙ୍କୁ ବିକ୍ରି କରିବାକୁ ନେଉଥିବାବେଳେ ଶୁକ୍ରବାର ସକାଳେ ଅବକାରୀ ଟିମ ଚଢ଼ାଉ କରି ତାଙ୍କୁ ଧରିଥିଲା।

### ପଞ୍ଚମୁଖୀ ହନୁମାନ ମନ୍ଦିରରେ ଲଙ୍କାପୋଡ଼ି ଉତ୍ସବ



ଭୁବନେଶ୍ୱର, ୨୧।୪ (ବ୍ୟୁରୋ)- ଓଡ଼ିଆ ନବବର୍ଷ ଉପଲକ୍ଷେ ଜୟଦେବ ବିହାର ପଞ୍ଚମୁଖୀ ଲେନ୍-୪ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ସୂର୍ଯ୍ୟପୂଜା, ଗୋପୂଜା, କଳସ ସ୍ଥାପନ, ଠାକୁରଙ୍କ ସ୍ନାନ, ଷୋଡଶ ଉପଚାର ପୂଜା ଏବଂ ୧୦୮ ହନୁମାନ ଚାଳିଶା ପଠନ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନରୁ ଆସିଥିବା ବ୍ରହ୍ମଚାରୀ ବନମାଳୀ ଦାସଙ୍କ ତତ୍ତ୍ୱାବଧାନରେ ପଞ୍ଚମୁଖୀ ହନୁମାନ ଠାକୁରଙ୍କ ରୀତିନୀତି ପାଳିତ ହୋଇଥିଲା। ପୁରୀ ଜିଲା କଣାସର ଶ୍ରୀ ଶ୍ରୀ ବାବା ନୀଳକଣ୍ଠେଶ୍ୱର ମାରୁତି ନାଟ୍ୟସଂସଦ ପକ୍ଷରୁ ନାରାୟଣ ରାଉତରାୟଙ୍କ ନେତୃତ୍ୱରେ ପ୍ରାୟ ୪୦ଜଣ କଳାକାରଙ୍କୁ ନେଇ ଲଙ୍କାପୋଡ଼ି ଯାତ୍ରା ଆୟୋଜନ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସମ୍ପାଦକ ରବୀନ୍ଦ୍ର କୁମାର ପଲେଇ, ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାମାଜିକକର୍ମୀ ଡା. ଶକ୍ତିରାଜ ଜାମୁଲିଆ ପ୍ରମୁଖ ସହଯୋଗ କରିଥିଲେ।

# ଭଡ଼ା ଅଟୋରେ ଆସି ବାଇକ୍ ଚୋରି

- ଚତୁର ଚୋର ଗିରଫ, ୯ ଚୋରା ବାଇକ ଜବତ
- ଚୋରା ଗାଡ଼ି ବନ୍ଧକ ରଖି ଟଙ୍କା ଆଣୁଥିଲେ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ଭଡା ଅଟୋରେ ଆସୁଥିଲେ। ଆଉ ବାଇକ ଚୋରି କରିବା ପରେ ସେହି ବାଇକ ଯୋଗେ ଘରକୁ ଫେରୁଥିଲେ। ଏହାପରେ ଉକ୍ତ ଚୋରା ବାଇକକୁ ବନ୍ଧକ ରଖି ସୁଧରେ ଟଙ୍କା ଆଣୁଥିଲେ। ଏମିତି ନୂଆ ତରିକାରେ ପୁଣି ଦ୍ୱୈତ ନଗରୀରେ ଦୀର୍ଘଦିନ ଧରି ବାଇକ ଚୋରି ର୍ୟାକେଟ୍ ଚଳାଇଥିବା ଚତୁର ଚୋରଙ୍କୁ ଶହୀଦନଗର ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ଦିଗ୍ୱିଜୟ ପଟ୍ଟନାୟକ। ତାଙ୍କଠାରୁ ୯ଟି ଚୋରା ବାଇକ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୬/୨୩) ରୁଜୁ କରି ଅଭିଯୁକ୍ତ ଦିଗ୍ୱିଜୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରଖିଛି ।



ଗିରଫ ଅଭିଯୁକ୍ତ।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ଦିଗ୍ୱିଜୟ ଓ ସହଯୋଗୀମାନେ ଅଟୋ ଭଡା କରି ଚୋରି କରୁଥିବା ସ୍ଥାନକୁ ଯାଇ ସେଠାରୁ ପାର୍କିଂ କରାଯାଇଥିବା ବାଇକ୍‌ଗୁଡ଼ିକୁ ମାଷ୍ଟର ଚାବି ଦ୍ୱାରା ଖୋଲି ଚୋରାଇ ନେଉଥିଲେ। ବିଶେଷକରି ହେଲ୍‌ମେଟ୍ ଥିବା ଗାଡ଼ିକୁ ଟାର୍ଗେଟ କରୁଥିଲେ। ଅନ୍ୟମାନଙ୍କ ନଜରରୁ ବର୍ତ୍ତିବା ଲାଗି ଉକ୍ତ ହେଲ୍‌ମେଟ୍‌କୁ ପିନ୍ଧି ଦେଇଥା'ନ୍ତି। ଏମିତି ଢଙ୍ଗରେ କଟକ-ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରିବା ପରେ ତାହାକୁ ନିଜ ଗାଁ ତଥା ପାଖ ଗାଁର କିଛି ଲୋକଙ୍କ ନିକଟରେ ବନ୍ଧକ ରଖି ଗାଡି ପିଛା ୫ ହଜାରରୁ ୮ ହାଜର ଟଙ୍କା ଆଣୁଥିଲେ। କିନ୍ତୁ ପରେ ସେ ଆଉ ଟଙ୍କା ଫେରାଉ ନ ଥିଲେ କି ଗାଡି ମଧ୍ୟ ଆଣୁ ନ ଥିଲେ। ଗତ ୧୭ ତାରିଖରେ ଇଡ୍‌କୋ ଟାୱାର ନିକଟରୁ ଏକ ବାଇକ ଚୋରି ହୋଇଥିବା ନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ ସହ ଏକ ଟିମ୍ ଗଠନ କରିଥିଲା।



ଜବତ ବାଇକ୍।





**ଆଜି ବିଶ୍ୱ ଧରିତ୍ରୀ ଦିବସ:** ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ତୂଳୀରେ ସଂପ୍ରତି ପୃଥିବୀର ସ୍ୱାସ୍ଥ୍ୟାବସ୍ଥାକୁ ଚିତ୍ରରେ ସ୍ଥାନିତ କରି ସଚେତନତାର ବାର୍ତ୍ତା ଦେଉଛନ୍ତି।

# 'ଆମ ହସ୍ପିଟାଲ' ପ୍ରକଳ୍ପ ପୂର୍ଣ୍ଣାଙ୍ଗ ସମୟ ନିର୍ଦ୍ଧାରଣ

**ମେ' ସୁଦ୍ଧା କ୍ଷେତ୍ରସ୍ତରୀୟ କାର୍ଯ୍ୟାରମ୍ଭ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଅଧିକ ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ପ୍ରକଳ୍ପ ପୂର୍ଣାଙ୍ଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମୟ ସାରଣୀ ନିର୍ଦ୍ଧାରଣ କରାଯିବା ସହ ପ୍ରତିଜିଲାକୁ ସେମାନଙ୍କ ପ୍ରକଳ୍ପ ଆକଳନ ଅନୁସାରେ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯାଇଛି। ଏଥିପାଇଁ ପୂର୍ତ୍ତବିଭାଗ ପ୍ରମୁଖ ଶାସନ ସଚିବ ବୀର୍ ବିକ୍ରମ ଯାଦବ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କର ଯୁଗ୍ମ ସ୍ୱାକ୍ଷରିତ ନିର୍ଦ୍ଦେଶନାମା ଜିଲାପାଳମାନଙ୍କୁ ପଠାଯାଇଛି। ଆସନ୍ତା ମେ' ୧୫ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷକରି କ୍ଷେତ୍ରସ୍ତରୀୟ କାର୍ଯ୍ୟାରମ୍ଭ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅକ୍ଟୋବର ଶେଷ ସୁଦ୍ଧା ପ୍ରକଳ୍ପ ପୂର୍ଣ୍ଣାଙ୍ଗ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ମାନକ ଅନୁସାରେ ଗୁଣାତ୍ମକମାନ ବଜାୟ ରଖି ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଜିଲାର ୧୪୭ଟି ହସ୍ପିଟାଲରେ '୫-ଟି' ଢାଞ୍ଚାରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାନ୍ୱୟନ ଓ ତଦାରଖ ନିମନ୍ତେ ଜିଲାସ୍ତରୀୟ କମିଟିକୁ ପୂର୍ଣ୍ଣକ୍ଷମତା ପ୍ରଦାନ କରାଯାଇଛି।

# ଆଭା ପଞ୍ଜୀକରଣରେ ଭୁବନେଶ୍ୱର ଏମ୍ସ ନଂ.୧

ଭୁବନେଶ୍ୱର, ୨୧।୪(ବ୍ୟୁରୋ)





ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ (ଆଭା) ପଞ୍ଜୀକରଣ କ୍ଷେତ୍ରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଭୁବନେଶ୍ୱର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦେଶର ସମସ୍ତ ଏମ୍ସ ତୁଳନାରେ ଭୁବନେଶ୍ୱର ଏମ୍ସ ଶୁକ୍ରବାର ସର୍ବାଧିକ ୧୧୩୧ଜଣଙ୍କୁ ଟୋକନ୍ ପ୍ରଦାନ କରି ୧ନମ୍ବର ସ୍ଥାନରେ ରହିଛି। ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା ଓ ଆଇଟି ସେଲ୍ ଅଧ୍ୟକ୍ଷ ଡା. ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଉପଲବ୍ଧି ହାସଲ ହୋଇପାରିଛି। ସୂଚନାଯୋଗ୍ୟ, ଆଭା ପଞ୍ଜୀକରଣ ବ୍ୟବସ୍ଥା ଚିକିତ୍ସା ପାଇଁ ନାମ ପଞ୍ଜୀକରଣକୁ ସହଜ କରିଛି। ଜଣେ ବ୍ୟକ୍ତି ଗୋଟିଏଥର ଆଭା ଆପ୍‌ରେ ନାମ ପଞ୍ଜୀକରଣ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ରେକର୍ଡ କେନ୍ଦ୍ରୀୟ ସର୍ଭରରେ ରହିଯିବ। ଫଳରେ ଜୀବନବ୍ୟାପୀ ଏହା ପୁନର୍ବାର ଆବଶ୍ୟକ ପଡିବ ନାହିଁ। ଏହି ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ଡିଜିଟାଲ ହେଲ୍‌ଥ ମିଶନର ଏକ ଅଂଶବିଶେଷ। ଏମ୍ସ ଭୁବନେଶ୍ୱର ଏପର୍ଯ୍ୟନ୍ତ ଆଭା ମାଧ୍ୟମରେ ୩୧ହଜାର ୪ଶହ ଟୋକନ ଦେଇ ସାରିଥିବା ସୂଚନା ଦିଆଯାଇଛି।

# ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ଶୁକ୍ରବାର ଅଶୋକନଗର ସ୍ଥିତ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରର ଶୀର୍ଷକ ଭଲ ବହିର ବାସ୍ନା ରହିଥିଲା। ଭଲ ବହି ହେଉଛି ଅନନ୍ତଯୌବନା। ଏହା କାଳବକ୍ଷରେ ସବୁଦିନ ପାଇଁ ମହକିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥି ଭାବେ ପର୍ଶୁରାମ ଦ୍ୱିବେଦୀ, ଡ. ଅଶୋକ କୁମାର ମହାପାତ୍ର, ଅଲେଖ ଚନ୍ଦ୍ର ପଡ଼ିଆରୀ, ପ୍ରଫେସର ଶରତ ଚନ୍ଦ୍ର ରଥ,ସିଦ୍ଧାର୍ଥ କାନୁନଗୋ,ପ୍ରଭାତ କୁମାର ନନ୍ଦ, ରାମନାରାୟଣ ମିଶ୍ର, ପ୍ରଦୀପ୍ତ କୁମାର ବିଶ୍ୱାଳ, ଅଲେଖ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୀର୍ଷକରେ ଆଲୋଚନା କରିଥିଲେ। ସମିତିର ମୁଖପତ୍ର ମୈତ୍ରୀ ଉନ୍ମୋଚିତ ହୋଇଥିଲା। ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ତାରକା ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶିଶୁ ଟିକାକରଣରେ ଓଡ଼ିଶାର ରେକର୍ଡ

ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

ଶିଶୁଙ୍କ ଟିକାକରଣ କ୍ଷେତ୍ରରେ ଓଡ଼ିଶା ରେକର୍ଡ ହାସଲ କରିଛି। ୟୁନିସେଫ୍ ଇଣ୍ଡିଆ ଏଜେନ୍ସିର ଗ୍ଲୋବାଲ ଫ୍ଲାଗସିପ୍ ରିପୋର୍ଟ 'ଦି ଷ୍ଟେଟ୍ ଅଫ୍ ଦି ୱାର୍ଲ୍ଡସ ଚିଲ୍‌ଡ୍ରେନ୍ ୨୦୨୩: ଫର୍ ଏଭ୍ରି ଚାଇଲ୍ଡ ଭାକ୍ସିନେଶନ' ଅନୁଯାୟୀ ଶିଶୁଙ୍କ ଟିକାକରଣରେ ଓଡ଼ିଶା ଦେଶରେ ସବୁଠୁ ଆଗରେ ରହିଛି। ରାଜ୍ୟରେ ଶିଶୁ ଟିକାକରଣ ୯୦.୫% ରହିଥିବାବେଳେ ଜାତୀୟ ହାର ୭୬.୪% ପ୍ରତିଶତ ରହିଛି, ଯାହାକି ଜାତୀୟ ହାରଠାରୁ ଢେର୍ ଅଧିକ ଥିବା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଦି ଭ୍ୟାକ୍ସିନ କନ୍‌ଫିଡେନ୍ସ ପ୍ରୋଜେକ୍ଟ (ଲଣ୍ଡନ ସ୍କୁଲ ଅଫ ହାଇଜିନ ଆଣ୍ଡ ଟ୍ରପିକାଲ ମେଡିସିନ) ଦ୍ୱାରା ସଂଗୃହୀତ ତଥ୍ୟକୁ ଆଧାର କରି ଏହି ରିପୋର୍ଟରେ ପ୍ରକାଶ ପାଇଛି। ୫୫ଟି ଦେଶ ମଧ୍ୟରୁ ଚାଇନା, ଭାରତ ଏବଂ ମେକ୍ସିକୋରେ ପିଲାଙ୍କ ପାଇଁ ଟୀକାକରଣର ମହତ୍ତ୍ୱ ବିଷୟରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ସେହିପରି ଏ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ରିପୋର୍ଟରେ ଦର୍ଶାଯାଇଛି।

# ସୁନାଚେନ୍ ଲୁଟ, ସ୍କୁଟିରୁ ପଡ଼ି ମା' ପୁଅ ଗୁରୁତର

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ବଡ଼ଗଡ଼ ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ସୁନା ଚେନ୍ ଲୁଟି ନେଇଛନ୍ତି। ଲୁଟ୍‌ବେଳେ ସ୍କୁଟିରୁ ପଡ଼ି ମହିଳା ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଟଙ୍କପାଣି ରୋଡ୍ ପାଣ୍ଡବନଗରରେ ରହୁଥିବା ମହିଳାଙ୍କ ସ୍ୱାମୀ ମନୋଜ କୁମାର ପାତ୍ର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆହତ ମହିଳା ମୋନାଲିସା ମହାନ୍ତି ଓ ତାଙ୍କ ପୁଅ ପ୍ରିୟାଂଶୁ ପୁରବ୍ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

ଶୁକ୍ରବାର ମଧ୍ୟାହ୍ନରେ ମୋନାଲିସା ତାଙ୍କ ପୁଅକୁ ସ୍କୁଟିରେ ବସାଇ ବିଜେବି କଲେଜରେ ଯୁକ୍ତ-୩ ପଢୁଥିବା ବଡ଼ ଝିଅଙ୍କୁ ଆଣିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟାରେ ଝିଅ ତାଙ୍କ ନିଜ ସ୍କୁଟିରେ ପଛରେ ଆସୁଥିବାବେଳେ ମୋନାଲିସା ଓ ତାଙ୍କ ପୁଅ ଆଗରେ ଅନ୍ୟଏକ ସ୍କୁଟିରେ ଯାଉଥିଲେ। ଏହି ସମୟରେ ମୋନାଲିସାଙ୍କ ସ୍କୁଟିକୁ ବାଇକରେ ଆସୁଥିବା ୨ ଯୁବକ ପିଛା କରିଥିଲେ। ତାରା ପଟ୍ଟନାୟକ ଗଳି ନିକଟରେ ଦୁର୍ବୃତ୍ତଦ୍ୱୟଙ୍କ ମଧ୍ୟରେ ଜଣେ ମୋନାଲିସାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ବାଇକରେ ଫେରାର ହୋଇଯାଇଥିଲେ। ଏହି ସମୟରେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବା ସହ ମୋନାଲିସା ଓ ତାଙ୍କ ପୁଅ ତଳେ ପଡ଼ି ରକ୍ତାକ୍ତ ହୋଇଥିଲେ। ସ୍ଥାନୀୟ ଲୋକମାନେ ସେଠାରେ ରୁଣ୍ଡ ହୋଇ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। ତେବେ ଲୁଟ ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଦ୍ୱୟଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ବିଏମ୍‌ସି ପକ୍ଷରୁ ଖାଦ୍ୟ ଦୋକାନରେ ଚଢ଼ାଉ

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

ସହରର ପରିମଳ ଓ ସୌନ୍ଦର୍ଯ୍ୟକରଣ ସହିତ ବିଏମ୍‌ସି ପକ୍ଷରୁ ଖାଦ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଖରାଦିନେ ଖାଦ୍ୟ ସାମଗ୍ରୀ ବିଶେଷକରି ରନ୍ଧା ଖାଦ୍ୟ ଶୀଘ୍ର ନଷ୍ଟ ହୋଇଥାଏ। ତେଣୁ ଦୋକାନୀମାନେ ଯେପରି ଗ୍ରାହକଙ୍କୁ ବାସି, ଖରାପ ଖାଦ୍ୟ ବିକ୍ରୟ ନ କରନ୍ତି ସେଥିପାଇଁ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଟିମ୍ ସହରର ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ଶୁକ୍ରବାର ଏହି ଟିମ୍ ବରମୁଣ୍ଡାସ୍ଥିତ ବିଭିନ୍ନ ମିଠା ଦୋକାନ, ଜାଗମରାସ୍ଥିତ ଖାଦ୍ୟ ପ୍ରସ୍ତୁତି ୟୁନିଟ୍, ମଞ୍ଚେଶ୍ୱରସ୍ଥିତ ବିଭିନ୍ନ ବେକରୀ କାରଖାନା ଓ ଅନ୍ୟ ଦୋକାନକୁ ଯାଇ ତଦାରଖି କରିଥିଲେ। ଦୋକାନୀମାନେ ସ୍ୱଚ୍ଛତା ରକ୍ଷା କରିବା ସହ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ବିଏମ୍‌ସି ନିଜ ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ନିୟମିତ ମାନ ଯାଞ୍ଚ ଲାଗି ଗତ ୧୯ ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଫାଷ୍ଟଫୁଡ୍, ସ୍ନାକ୍ସ, ମିଠା ଜାତୀୟ ଏବଂ ମୃଦୁ ପାନୀୟ ଆଦି ପ୍ରସ୍ତୁତି ଏବଂ ନଷ୍ଟ ହୋଇଯିବା ସମୟକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଅପମିଶ୍ରଣ, ଖାଦ୍ୟ କେତେ ସମୟ ଖାଦ୍ୟ ରଖାଯାଇ ପାରିବ, ଖାଦ୍ୟର ଗ୍ରହଣୀୟତା ଆଦି ଉପରେ ଯାଞ୍ଚ କରାଯାଉଛି।

# ବିଦ୍ୟାଳୟ ଓ ଗଣଶିକ୍ଷା ନିର୍ଦ୍ଦେଶାଳୟ ଘେରିଲା ଅଭିଭାବକ ସଂଘ

**ପାରଦର୍ଶୀ ପୋର୍ଟାଲରେ ତ୍ରୁଟି ପ୍ରସଙ୍ଗ**

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଶିକ୍ଷା ଅଧିକାର ଆଇନ (ଆରଟିଇ)ରେ ଅନୁଚ୍ଛେଦ ୧୨(୧)ର ଧାରା 'ସି' ଅନୁଯାୟୀ ଘରୋଇ ବିଦ୍ୟାଳୟରେ ୨୫ ପ୍ରତିଶତ ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପାଠପଢ଼ା ସୁବିଧା ପାଇବାର ପ୍ରାବଧାନ ରହିଛି। ଏଥିପାଇଁ ପାରଦର୍ଶୀ ପୋର୍ଟାଲରେ ଆବେଦନ କରାଯାଉଥିବାବେଳେ ଏଥିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ନାମଲେଖାରେ ନୂଆ ନୂଆ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ଅଭିଭାବକମାନେ ଶୁକ୍ରବାର ଗଣଶିକ୍ଷା ନିର୍ଦ୍ଦେଶାଳୟ ଘେରାଉ କରିଥିଲେ। ବିଦ୍ୟାଳୟ ମନୋନୟନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସେମାନେ ଜିଦରେ ଅଡ଼ି ବସିଥିଲେ। ଅଭିଯୋଗ ଅନୁସାରେ, ବିଭିନ୍ନ ସ୍କୁଲରେ ସିଟ ଖାଲି ଥିଲେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଦିଆଯାଇ ନାହିଁ। ଲଟେରିରେ ହିତାଧିକାରୀଙ୍କ ନାମ କାଟି ଦିଆଯାଇଛି। କେତେଜଣ ଅଭିଭାବକଙ୍କୁ ବନ୍ଦ ପଡ଼ିଥିବା ସ୍କୁଲର ନାମ ଦିଆଯାଇଛି। ଅନ୍ୟପଟେ କିଛି ସ୍କୁଲ ନାମଲେଖା ପାଇଁ ଅର୍ଥ ମାଗୁଥିବା ମଧ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର ଆଲୋଚନା କରି ଯେଉଁମାନେ ପ୍ରଥମ ପ୍ରର୍ଯ୍ୟାୟରେ ଅପେକ୍ଷା କରିଛନ୍ତି ସେମାନଙ୍କୁ ତୁରନ୍ତ ସିଟ୍ ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ତେବେ ଏଥିପାଇଁ ସମ୍ପୃକ୍ତ ଅଭିଭାବକମାନେ ଏକ ଲିଖିତ ଦରଖାସ୍ତ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଅନ୍ୟ ସମସ୍ୟା ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନେଇ ସୋମବାର ପୁଣିଥରେ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି।

ସୂଚନାଥାଉ କି, ପୂର୍ବରୁ ଓଡିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ପ୍ରାୟ ୩୦୦ ଅଭିଭାବକ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କର୍ପୋରେଟରଙ୍କୁ ଗିରଫ ଦାବିରେ ଡିସିପି ଅଫିସ ଆଗରେ ଧାରଣା

**ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ମୈତ୍ରୀବିହାର ଥାନା ଅଞ୍ଚଳରେ ସନ୍ତୋଷ ପ୍ରହରାଜ ନାମକ ଜଣେ ଯୁବକଙ୍କୁ ମରଣାନ୍ତ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ୨୦ ନମ୍ବର କର୍ପୋରେଟର ପ୍ରେମାନନ୍ଦ ଜେନାଙ୍କ ସମେତ ଏକାଧିକ ସହଯୋଗୀ ଫେରାର ଅଛନ୍ତି। ଘଟଣାକୁ ମାସେ ବିତିବାକୁ ବସିଥିବାବେଳେ ପୋଲିସ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟମାନଙ୍କୁ ଗିରଫ କରୁ ନ ଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର ଆକ୍ରମଣର ଶିକାର ଯୁବକଙ୍କ ସମେତ ସାଲିଆସାହି ବାସିନ୍ଦା ଡିସିପି ଅଫିସ ଆଗରେ ଧାରଣା ଦେଇଥିଲେ। ପରେ ପ୍ରେମାନନ୍ଦଙ୍କୁ ଗିରଫ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରେମାନନ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ସଦସ୍ୟ ହୋଇଥିବାରୁ ପୋଲିସ ଧରିବାକୁ ସାହସ କରୁନାହିଁ। ଫଳରେ ସେମାନେ ଖୁଲମ୍‌ଖୁଲା ବୁଲିବା ସହ ବିଭିନ୍ନ ପ୍ରକାର ଧମକ ଦେଉଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ଗତ ୨୬ ତାରିଖରେ ଏହି ଘଟଣା ଘଟିଥିଲା। ସନ୍ତୋଷ କାମରୁ ଫେରୁଥିବାବେଳେ ୨୦ ନମ୍ବର କର୍ପୋରେଟଙ୍କ ସମେତ ୨୦ରୁ ଅଧିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ୬ ଜଣଙ୍କୁ ଗିରଫ କରିଥିଲା। ଆଉ କେତେଜଣ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ବହୁ ହଟହଟା ହୋଇ ଖାଲି ହାତରେ ଫେରିଥିଲା।

## ସଂକ୍ଷେପରେ

### ଚୋରି ମାମଲାରେ ଜଣେ ଗିରଫ

**ଜଟଣୀ,୨୧।୪(ଡି.ଏନ୍.ଏ.):** ଏକ ଚୋରି ମାମଲାରେ ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁଦିଆରୀ ମେଲଣ ପଡ଼ିଆ ଅଞ୍ଚଳର ସନ୍ତୁ ଓରଫ ସନ୍ତୋଷ ସାମଲ(୨୭)। ତାଙ୍କ ନିକଟରୁ ଏକ ମୋଟରପମ୍ପ୍ ଜବତ ହୋଇଛି। ପ୍ରକାଶ ଯେ, ଗତ ଗୁରୁବାର ରାତିରେ କନ୍ତିଆ ଗ୍ରାମର ବିବେକାନନ୍ଦ ବଡ଼ଜେନାଙ୍କ ପିଚୁ ଫାକ୍ଟ୍ରିରୁ ଗିରଫ ଅଭିଯୁକ୍ତ ଓ ତିନିଜଣ ସହଯୋଗୀ ଗୋଟିଏ ବଡ଼ ଏବଂ ଦୁଇଟି ଛୋଟ ମୋଟରପମ୍ପ୍ ଚୋରିକରି ନେଇଯାଇଥିଲେ। କେତେଜଣ ଗ୍ରାମବାସୀ ଉକ୍ତ ସମୟରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଆସିଥିବା ଦୁଇଟି ବାଇକ୍ ଛାଡ଼ି ପଳାଇଥିଲେ। ଏନେଇ ବିବେକାନନ୍ଦଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୪୬/୨୩) ରୁଜୁ ହୋଇଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ସୀତାରାମ ଛକରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଧରିବା ସହ ଏକ ପାଣି ମୋଟରପମ୍ପ ଜବତ କରିଥିଲା। ତେବେ ଚୋରିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ନିରାକାରପୁରରେ ବଢୁଛି ଚୋରି

**ନିରାକାରପୁର,୨୧।୪(ଡି.ଏନ୍.ଏ.):** ନିରାକାରପୁର ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ଗୁରୁବାର ରାତିରେ ନିରାକାରପୁର ଗେଟ୍‌ବଜାର ସ୍ଥିତ ଏକ ଫର୍ନିଚର ଦୋକାନରୁ କେତେଜଣ ଦୁର୍ବୃତ୍ତ ଆଜବେଷ୍ଟସ କାଟି ଭିତରକୁ ପଶୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ମାଲିକଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ତେବେ ଦୁର୍ବୃତ୍ତମାନେ ଅଜବେଷ୍ଟସ ଭାଙ୍ଗି ଦେଇଥିଲେ ମଧ୍ୟ ସାମଗ୍ରୀ କିମ୍ବା ଟଙ୍କା ଚୋରି ହୋଇନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ଉକ୍ତ ଥାନା ଡିଆ ପଞ୍ଚାୟତ କାଶିପୁର ଗୌରତୀ ସାହିରେ ଦୁଇଦିନ ପୂର୍ବେ ଦୁଇଜଣଙ୍କ ଘରୁ ଚାରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଧରିପାରି ନାହିଁ।

### ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ସ୍ମୃତିସଭା

**ଯାଁଳା,୨୧।୪(ଡି.ଏନ୍.ଏ.):** ପରିବେଶବିତ ତଥା ରାମଲୀଳା ନାଟ୍ୟ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହ ଉତ୍କଳ ସେବା ଅନୁଷ୍ଠାନ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ରମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଅଧିବକ୍ତା ସୁଧୀର ଦାସ ମୁଖ୍ୟ ଅତିଥି, ଉତ୍କଳ ସେବା ଅନୁଷ୍ଠାନର ସଭାପତି ନଳିନୀ ପଟ୍ଟନାୟକ ମୁଖ୍ୟବକ୍ତା ଏବଂ କାମିନୀକାନ୍ତ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ସ୍ୱର୍ଗତ ମଙ୍ଗରାଜଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କ ଉପରେ ବକ୍ତବ୍ୟ ରଖିଥିଲେ। ସୁଶ୍ରୀ ସୌମ୍ୟା ମଙ୍ଗରାଜ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂସଦ ପକ୍ଷରୁ ରବିନ୍ଦ୍ର ନାଥ ବାରିକ ଓ ବେଣୁଧର ପ୍ରଧାନଙ୍କୁ ଦୁର୍ଯ୍ୟୋଧନ ମଙ୍ଗରାଜ ସ୍ମୃତି ସମ୍ମାନ-୨୦୨୩ ରେ ସମ୍ମାନିତ କରାଯାଇଛି। ଉକ୍ତ ସଭାକୁ ମୁରଲୀଧର ଜେନା ପରିଚାଳନା କରିଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

**ବାଲୁଗାଁ,୨୧।୪(ଡି.ଏନ୍.ଏ.)**


ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

**ବାଲୁଗାଁ ଏନ୍‌ଏସି**
- ବଦଳି ଦାବିରେ ନଗରପାଳିକା, କାଉନ୍‌ସିଲରଙ୍କ ଧାରଣା

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ତଥା ଉନ୍ନୟନ କାର୍ଯ୍ୟରେ ଅସହଯୋଗ ଏବଂ ନିର୍ବାଚିତ ଜନପ୍ରତିନିଧିଙ୍କୁ ବିଭିନ୍ନ କ୍ଷେତ୍ରରେ ଅସମ୍ମାନ କରାଯାଉଥିବା ପ୍ରତିବାଦରେ ସମ୍ପୃକ୍ତ ଅଧିକାରୀଙ୍କ ବଦଳି ଦାବିରେ ଶୁକ୍ରବାର କାର୍ଯ୍ୟାଳୟ ସମ୍ମୁଖରେ ନଗରପାଳିକା ସୁକାନ୍ତି ପାଇକରାୟ ଏବଂ କାଉନ୍‌ସିଲରମାନେ ଧାରଣା ଦେଇଥିଲେ।

ଅଭିଯୋଗରୁ ଜଣାଯାଇଛି ଯେ, ବାଲୁଗାଁ ଏନ୍‌ଏସିର ଚତୁର୍ଥ କାଉନ୍‌ସିଲ ବୈଠକ ଶୁକ୍ରବାର କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ଓ କର୍ମଚାରୀଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଗତ ବୈଠକରେ ପ୍ରସ୍ତାବିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ଷେତ୍ରରେ ଅଦ୍ୟାବଧି କୌଣସି କାର୍ଯ୍ୟକ୍ଷମ ନ ହେବା ଏବଂ ବହୁ ବିଳମ୍ବରେ ବୈଠକ ଡାକିବା ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ଜନପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ବାଲୁଗାଁ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ରାସ୍ତା, ପରିମଳ, ପାନୀୟ ଜଳ ଏବଂ ବିଦ୍ୟୁତ୍‌କରଣ ଆଦି ଏକପ୍ରକାର ଠପ୍ ହୋଇଯାଇଥିବା କହିଥିଲେ। ଅନ୍ୟପକ୍ଷେ କାଉନସିଲ ଗଠନର ଏକ ବର୍ଷ ମଧ୍ୟରେ ବେଆଇନ ଭାବେ ବିଲ୍ କରାଯାଇ ଅର୍ଥ ହରିଲୁଟ୍ କରାଯାଇଥିବା ବେଳେ ଏହାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଅସନ୍ତୁଷ୍ଟ ହୋଇ ଜନପ୍ରତିନିଧିମାନେ ସଭା ବର୍ଜନ କରିଥିଲେ। ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଦଳି ଦାବି କରି ନଗରପାଳିକା ସୁକାନ୍ତି ପାଇକରାୟଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଭଗବାନ ପ୍ରଧାନ, କାଉନ୍‌ସିଲର ସୁଜାତା ପଣ୍ଡା, ଅନିତା ସ୍ୱାଇଁ, ମମତା ପଣ୍ଡା, ଅଭିମନ୍ୟୁ ସ୍ୱାଇଁ, ଲକ୍ଷ୍ମୀଧର ସେଠୀ, ପ୍ରଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନ ଏବଂ ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ କୁମାର ରଣସିଂହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦିନତମାମ ଧାରଣା ଜାରି ରହିଥିବା ବେଳେ ଅପରାହ୍ଣରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାର ଦିଲୀପ କୁମାର ଷଡ଼ଙ୍ଗୀ, ବିଡିଓ ଜଗଦୀଶ ଷଡ଼ଙ୍ଗୀ ଏବଂ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ୨୪ ଘଣ୍ଟା ମଧ୍ୟରେ ନିର୍ବାହୀ ଅଧିକାରୀଙ୍କୁ ବଦଳି ଏବଂ ବିଭିନ୍ନ ଅଭିଯୋଗ ସମ୍ବନ୍ଧରେ ପ୍ରଶାସନ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟରେ ସହଯୋଗ ନିମନ୍ତେ ଜନପ୍ରତିନିଧିଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବି ସମ୍ପର୍କରେ ଜିଲା ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଆସନ୍ତା ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଦାବିପତ୍ରର ନକଲ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଗୃହ ଉନ୍ନୟନ ବିଭାଗ ସଚିବଙ୍କୁ ମଧ୍ୟ ପଠାଯାଇଛି। ଏକ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ଏଠାରୁ ବଦଳି କରା ନ ଗଲେ ସମସ୍ତ ଜନପ୍ରତିନିଧି ସାମୂହିକ ଭାବେ ଚିଲିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ କୁହନ୍ତି, ସମସ୍ତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ଉଦ୍ଦେଶ୍ୟପ୍ରଣୋଦିତ। ଏହା ମୋ ବିରୋଧରେ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି।

# ସରିଲା ରମାବିଲ ରାମଲୀଳା ଉତ୍ସବ



**ନିରାକାରପୁର,୨୧।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ଅନ୍ତର୍ଗତ ରମାବିଲ ଗ୍ରାମରେ ଚାଲିଥିବା ରାମଲୀଳା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇ ୨୧ଦିନ ଧରି ଚାଲିଥିଲା। ଶେଷ ଦିବସରେ ରାବଣକୁ ବଧକରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟାରେ ରାଜ ଅଭିଷେକ ହୋଇଥିଲା। ଏଥିସହ ବାନରସେନା ସହିତ ନଗର ପରିକ୍ରମା କରିଥିଲେ। ଏହି ରାମଲୀଳାରେ ଶ୍ରୀନିବାସ ସାମନ୍ତରାୟ, ରମେଶ ସୁନ୍ଦରାୟ, ବଳଭଦ୍ର ଉଦୟସିଂହ, ବିଜୟ ପାଇକରାୟ, କରୁଣାକର ସାମନ୍ତରାୟ, ରବୀନ୍ଦ୍ର ସୁନ୍ଦରାୟ, ରମେଶ ମାର୍ଥା, ଚିତ୍ରସେନ ବେହେରା, ଚକ୍ରଧର ବେହେରାଙ୍କ ସମେତ ଗ୍ରାମର ବହୁ କଳାକାର ରାମଲୀଳାର ବିଭିନ୍ନ ଭୂମିକାରେ ଅଭିନୟ କରିବା ସହିତ ସହଯୋଗ କରିଥିଲେ।

# ସମ୍ପ୍ରସାରିତ ନୂତନ କୋଠା ଉଦ୍‌ଘାଟିତ

**ବୋଲଗଡ଼,୨୧।୪(ଡି.ଏନ୍.ଏ.)**



ବୋଲଗଡ଼ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାର ସମ୍ପ୍ରସାରିତ ନୂତନ କୋଠାର ଉଦ୍‌ଘାଟନ କରିବା ସହ ମଙ୍ଗଳା ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଶୁକ୍ରବାର ତଦାରଖ କରିଛନ୍ତି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ। ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ ଓ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ଏବଂ ୨୫ ନଂ. ଜୋନର ୬ପଞ୍ଚାୟତର ଜନପ୍ରତିନିଧିମାନେ ନିଜ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରସ୍ତାବ ରଖିଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ଖୋର୍ଦ୍ଧା ଜିଲାସ୍ତରୀୟ ଅମଳା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜିଲା ମିଳିତ ଅମଳା ମଞ୍ଚର ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୧।୪**

ବିଭିନ୍ନ ଦାବି ନେଇ ଖୋର୍ଦ୍ଧା ଜିଲାସ୍ତରୀୟ ଅମଳା ସଂଘ ରାଜରାସ୍ତାକୁ ଓହ୍ଲାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ଜିଲା ମିଳିତ ଅମଳା ମଞ୍ଚ ଆହ୍ୱାନରେ ଓଡ଼ିଶା ଅମଳା ସଂଘ, ଓଡ଼ିଶା ରାଜସ୍ୱ ଅମଳା ସଂଘ, ନିଖିଳ ଓଡ଼ିଶା ଟ୍ରେଜେରି ଅମଳା ସଂଘ, ଓଡ଼ିଶା ଉପନିବନ୍ଧକ ଅମଳା ସଂଘ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ସମୀକରଣ କରାଯାଇ ଲେଭଲ-୪ରୁ ଲେଭଲ-୯କୁ ଉନ୍ନୀତ କରା ନ ଗଲେ ଅମଳାମାନେ ସମୂହ ଛୁଟିରେ ଯାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି। ମିଳିତ ଅମଳା ମଞ୍ଚର ରାଜ୍ୟ ସଭାପତି ନାରାୟଣ ଦାଶ ଯୋଗଦେଇ କହିଥିଲେ, ଲୋକଙ୍କୁ ମୌଳିକ ସେବା ପ୍ରଦାନରେ ଅମଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ସରକାରଙ୍କ ଅବହେଳା ଯୋଗୁ ଅମଳା ସଂଘ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛି ବୋଲି କହିଥିଲେ। ଖୋର୍ଦ୍ଧା ଜିଲା ମିଳିତ ଅମଳା ମଞ୍ଚର ସଭାପତି ଅଶୋକ କୁମାର ପଣ୍ଡା, ଆବାହକ ସନ୍ତୋଷ କୁମାର ନିଶଙ୍କଙ୍କ ସମେତ ଜିଲାରେ କାର୍ଯ୍ୟରତ ଅମଳା କର୍ମଚାରୀ ସାମିଲ ହୋଇଥିଲେ।

# ବିଦ୍ୟାର୍ଥୀଙ୍କ ବିକାଶରେ ଅଭିଭାବକ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୋଲଗଡ଼,୨୧।୪(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଶିକ୍ଷକ ଏବଂ ଅନ୍ୟମାନେ।

ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଗୁଣାବଳୀର ବିକାଶ ହୋଇଥାଏ। ସକାରାତ୍ମକ ଆଚରଣଗତ ପରିବର୍ତ୍ତନ ହିଁ ଶିକ୍ଷାର ମୂଳଲକ୍ଷ୍ୟ ହୋଇଥିବା ବେଳେ ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକମାନେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ଯୋଜନା ବାବଦରେ ଅଭିଭାବକମାନଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ବିଦ୍ୟାଳୟଗୁଡ଼ିକରେ ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ବୋଲଗଡ଼ ବ୍ଲକର ୧୨୫ଟି ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏନେଇ ବ୍ୟାପକ ଆୟୋଜନ କରାଯାଇ ସକାଳ ୭ଟାରୁ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଏହି ବୈଠକ ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଛୁଟି ଥିବାରୁ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ବାରଣ କରାଯାଇଥିଲା। ବୈଠକ ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଅଭିଭାବକଙ୍କୁ ସ୍ୱାଗତ କରିବା ସହ ପାଠ୍ୟଦାନ ଦିବସ, ଛୁଟି ଦିବସ, ବିଭିନ୍ନ କାର୍ଯ୍ୟକ୍ରମ ଓ ପାଳନୀୟ ଦିବସ, ମାଗଣା ପାଠ୍ୟପୁସ୍ତକ ଯୋଗାଣ, ପ୍ରବେଶ ଉତ୍ସବ, ପୂର୍ଣ୍ଣ ଉପସ୍ଥାନ ଦିବସ ସହ ପିଲାମାନଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା, ଇଣ୍ଟରନେଟ୍ ବ୍ୟବହାର, ସାଇବର ସଚେତନତା, ସରକାରଙ୍କ ଶିକ୍ଷା ବିକାଶ ନେଇ ଏକାଧିକ ଯୋଜନା ସମ୍ପର୍କରେ ବୁଝାଇବା ସହ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବାକୁ ବିଇଓ ଡ. ନିରଞ୍ଜନ ମହାନ୍ତି ଓ ୩ ଜଣ ଏବିଇଓ ପଦ୍ମଚରଣ ବେହେରା, ସିଦ୍ଧେଶ୍ୱର ସାହୁ, କୈଳାସନାଥ ସ୍ୱାଇଁଙ୍କ ସମେତ ୧୪ ଜଣ ସିଆର୍‌ସିସି ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ଜିଲାର ଶିକ୍ଷକ ପ୍ରଶିକ୍ଷକ ଅକ୍ଷୟ କୁମାର ମହାନ୍ତି ପର୍ଯ୍ୟବେକ୍ଷଣ କରିଥିଲେ।

# ପଛୁଆବର୍ଗ ସର୍ଭେ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଜଟଣୀ,୨୧।୪(ଡି.ଏନ୍.ଏ.)**

ଜଟଣୀ ପୌର ପରିଷଦ ପକ୍ଷରୁ ପଛୁଆବର୍ଗ ସର୍ଭେ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ତାରିଖରେ ପ୍ରଥମ ରାଉଣ୍ଡ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ରାଉଣ୍ଡ ପ୍ରଶିକ୍ଷଣ ଶିବିର ପୌର ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମସ୍ତ ଇନୁମେରେଟର(ଅଙ୍ଗନୱାଡି କର୍ମୀ), ସୁପରଭାଇଜର (ପୌର କର୍ମଚାରୀ), ଶିକ୍ଷକ ଇନୁମେରେଟର ଓ ଶିକ୍ଷକ ସୁପରଭାଇଜର ଉପସ୍ଥିତ ଥିଲେ। ପଛୁଆବର୍ଗଙ୍କ ଜାତିଗତ, ଶିକ୍ଷା ଓ ସାମାଜିକ ଅବସ୍ଥା ସମ୍ପର୍କରେ ଠିକ୍ ତଥ୍ୟ ସଂଗ୍ରହ କିପରି କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ମାଷ୍ଟରଟ୍ରେନର ଅନୁରାଧା ପ୍ରଧାନ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପୌରାଧ୍ୟକ୍ଷ ଅନନ୍ତ ବେହେରା ଏବଂ ଅନ୍ୟ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜାନକୀ ବଲ୍ଲଭଙ୍କ ଅବଦାନ ଅତୁଳନୀୟ

**ବେଗୁନିଆ,୨୧।୪(ଡି.ଏନ୍.ଏ.)**

ବେଗୁନିଆ ଜାନକୀ ବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ତଥା ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେବା ସହ ସ୍ୱର୍ଗତ ପଟ୍ଟନାୟକଙ୍କ କର୍ମଭୂମି ବେଗୁନିଆ-ବୋଲଗଡ ପ୍ରତି ଥିବା ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଟ୍ଟନାୟକଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପଣ୍ଡିତ ବିନୋଦ ଦାଶ ବେଦପାଠ କରିଥିଲେ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ଶିକ୍ଷାବିତ୍ ଶରତ ପଣ୍ଡା, ସୁରେନ୍ଦ୍ର ସୁବୁଦ୍ଧି, ଭାଗବତ ମହାପାତ୍ର, ମଧୁସୂଦନ ସୁବୁଦ୍ଧି, ପ୍ରସନ୍ନ ବାରିକ, କାଳନ୍ଦୀ ଚରଣ ମହାପାତ୍ର, ମଦନ ମୋହନ ସାହୁ, ହରେକୃଷ୍ଣ ପଣ୍ଡା, ସୁରେନ୍ଦ୍ର ପାଲ୍‌ଟାସିଂହ, କୁଳମଣି ପଣ୍ଡା, ଭ୍ରମର ଦାସ, ଅଶ୍ୱିନୀ ପଟ୍ଟନାୟକ, ଡା. ସୁଶୀର କୁମାର ମହାପାତ୍ର, କାଳୁଚରଣ ନାୟକ, ସଚ୍ଚିଦାନନ୍ଦ ସୁନ୍ଦରରାୟ, ଭ୍ରମର ମୁଦୁଲି, ଦୀନବନ୍ଧୁ ଦାଶ, ରାମଚନ୍ଦ୍ର ବିଶ୍ୱାଳ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଦର୍ଶ କ୍ଲବର ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଅଠରାଙ୍ଗ ଗ୍ରାମର ଆଞ୍ଚଳିକ ସାହିତ୍ୟ କଳା ଓ ସଂସ୍କୃତ ବିକାଶ ପରିଷଦ ପକ୍ଷରୁ ରାଧାବଲ୍ଲଭ ଭବନରେ ଓଡ଼ିଆ ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ଜାନକୀ ବଲ୍ଲଭଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଡ. ବନବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ଚକ୍ରଧର ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁବାସ ଚନ୍ଦ୍ର ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପବନ୍ଧୁ ରଣସିଂହ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ବଳରାମ ରଣସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଳନ୍ଦୀ ଚରଣ ମହାପାତ୍ର, ଯୋଗେଶ୍ୱର ଛୋଟରାୟ, ଦିଲୀପ ପାହାଡ଼ସିଂହ, ରାଜକିଶୋର ପ୍ରଧାନ, ରବିନାରାୟଣ ଚମ୍ପତି, କାର୍ତ୍ତିକ ଜେନା, ବିଶ୍ୱନାଥ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ୨୩ ଦେବଦେବୀଙ୍କ ମେଳଣ




**ବାଣପୁର,୨୧।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁରର ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ୨୩ ଦେବଦେବୀଙ୍କ ମେଳଣ ଉତ୍ସବ ହୋଇଥିଲା। ସ୍ଥାନାଧିପତି ଗୁପ୍ତେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ଗବପଦର ରାମେଶ୍ୱର ଦେବ, ଦୁଲଣୀଶାସନର ଗତିଶ୍ୱର, ମଙ୍ଗଳପୁର ଶାସନର ଜଗତେଶ୍ୱର, ଏକଡ଼ାଳିଆର ସୋମନାଥେଶ୍ୱର, ରଘୁନାଥପୁର ବାଲୁଗାଁର ଗୁପ୍ତେଶ୍ୱର ଦେବ, ମଙ୍ଗରାଜପୁରର ଗତିଶ୍ୱର, ସାନହନ୍ତୁଆଡର କପିଳେଶ୍ୱର, ପଲଟଣ ପଡ଼ିଆ ବ୍ରହ୍ମେଶ୍ୱର ଦେବ, ଦୋଳମୁଣ୍ଡାଇର ବାଲୁଙ୍କେଶ୍ୱର, ବଡ଼କୂଳର ଚନ୍ଦ୍ରଶେଖର, ଗବପଦର ବାଙ୍କନିଧି ଦେବ, ହାତୀମୁଣ୍ଡାର ଗଛବାଲୁଙ୍କେଶ୍ୱର, ଭେଲେରୀର ଧବଳେଶ୍ୱର, ସାନହନ୍ତୁଆଡ କୁଞ୍ଜବିହାରୀ, ଭୀମପୁର ବୃନ୍ଦାବନଚନ୍ଦ୍ର ଦେବ, ଭୀମପୁରର ରଘୁନାଥ ଦେବ, ବିଞ୍ଝଳାର ଉତ୍ତରାୟଣୀ, ଖଣନ୍ତର ପାଦୁକାୟୀ ଓ ଭୂଇଁୟାଣୀ ଦେବୀ, ଗୋପୀନାଥପୁରର ବାଟମଙ୍ଗଳା, ସୁବୁଦ୍ଧିପାଟଣାର ଜଗତେଶ୍ୱର, ବାଲିପଦରର ଲୋକନାଥ ଦେବ ଆଦି ବିଜେ ହୋଇଥିଲେ। ଶୁକ୍ରବାର ପ୍ରାତଃରେ ଦେବଦେବୀ ସୁସଜ୍ଜିତ ବିମାନ ସହ ଘଣ୍ଟ, କାହାଳୀ, ମଶାଲ ପାଟପଟୁଆର ସହିତ ଗୁପ୍ତେଶ୍ୱର ଦେବଙ୍କ ପୀଠରେ ପହଞ୍ଚିଥିଲେ। ସମସ୍ତ ଦେବଦେବୀ ଆସନ ଗ୍ରହଣ କରିବା ପରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ଣରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଦେବଦେବୀଙ୍କ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚାରିଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଯଜ୍ଞ କାର୍ଯ୍ୟକ୍ରମକୁ ଗାଲୁଆ ଗ୍ରାମବାସୀ ପରିଚାଳନା କରିଥିଲେ।

# ବଣିଆଟାଙ୍ଗୀ ଭାଗବତ ମେଳଣ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୨୧।୪**

ଖୋର୍ଦ୍ଧା ଜିଲା ବାଜପୁର ପଞ୍ଚାୟତ ଅନ୍ତର୍ଗତ ବଣିଆଟାଙ୍ଗୀ ଠାରେ ୫ଦିନ ଧରି ଚାଲିଥିବା ଭାଗବତ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ସମସ୍ତ ଦେବଦେବୀ ସ୍ୱପୀଠକୁ ପ୍ରସ୍ଥାନ କରିଛନ୍ତି। ଦେବସଭାର ସ୍ଥାନାଧିପତି ଶ୍ରୀନଟବର ଦେବଙ୍କଠାରୁ ଆମନ୍ତ୍ରଣ ପାଇ ସ୍ଥାନୀୟ ଅଞ୍ଚଳର ଠାକୁରମାନେ ସୁସଜ୍ଜିତ ବିମାନରେ ଆସି ମେଳଣ ପଡ଼ିଆରେ ବିରାଜମାନ ହୋଇଥିଲେ। ଝିଙ୍କିଝାରୀ, ତରାବୋଇ, ଟିରିମଲ୍ଲ, ରାଣୀପଡା, ଛତିପୁର, ବେଣାପଞ୍ଜରୀ, ବିଶିଆପଡା ଆଦି ଗ୍ରାମରୁ ୪୦ଟି ବିମାନରେ ଦେବଦେବୀ ବିଜେ କରିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ସମସ୍ତ ଦେବନୀତି ରୀତିନୀତି ପ୍ରକାରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭକ୍ତ ଓ ଭଗବାନ୍‌ଙ୍କ ଏକ ଅପୂର୍ବ ମିଳନ ଘଟିଥିଲା। ଦୀର୍ଘବର୍ଷ ଧରି ଏହି ମେଳଣ ଉତ୍ସବ ପାରମ୍ପରିକ ଭାବେ ପାଳିତ ହୋଇଆସୁଛି। ମେଳଣ କମିଟି ସଭାପତି ବିଜୟ କୁମାର ବରାଳ, ଗ୍ରାମ୍ୟ କମିଟି ସଭାପତି ବିଜୟ ରାଉତ, ସମ୍ପାଦକ ମଗୁଲି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ପାଞ୍ଚଦିନିଆ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ସମିତିସଭ୍ୟ ଇଂ. ଦ୍ୱାରିକା ନାଥ ମହାନ୍ତି, ସାମାଜିକ କର୍ମୀ ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ମୃତଦେହ ଜବତ

ନିମାପଡ଼ା,୨୧।୪(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ନୂଆରକରି ଗ୍ରାମର ଉପେନ୍ଦ୍ର ଭୋଇ(୫୫)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ତାଙ୍କ ଭିଣୋଇ ଉକ୍ତ ଗ୍ରାମର ସୁରେନ୍ଦ୍ର ଭୋଇ ଥାନାରେ ଶୁକ୍ରବାର ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉପେନ୍ଦ୍ର ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିକଟସ୍ଥ ଶିଶୁ ଉଦ୍ୟାନଠାରେ ଗୁରୁବାର ରାତିରେ ଥିବାବେଳେ ଅଚାନକ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିମାପଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ଉପେନ୍ଦ୍ରଙ୍କ ଭିଣୋଇ ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଉପେନ୍ଦ୍ର ପୂର୍ବରୁ ହୃଦ୍‌ରୋଗର ଶିକାର ହୋଇଥିଲେ।

### ଦୋକାନରୁ ଚୋରି କରି ଜଣେ ଗିରଫ

ବଳଙ୍ଗା,୨୧।୪(ଡି.ଏନ୍.ଏ.)- ବଳଙ୍ଗା ଥାନା ଅନ୍ତର୍ଗତ ମସୁଧା ଗ୍ରାମର କଳଘର ଛକଠାରେ ଥିବା ଏକ ପାନ ଦୋକାନରୁ ଗୁରୁବାର ରାତିରେ ଚୋରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର କାଳିଆ ମଲ୍ଲିକ। ଅଭିଯୋଗ ଅନୁଯାୟୀ, ଗାଁମୁଣ୍ଡରେ ଥିବା କଳାର ଛକଠାରେ ମହୁରା ଗ୍ରାମର ସୁଦର୍ଶନ ବଳଙ୍କ ଏକ ପାନ ଦୋକାନ ରହିଛି। ଗୁରୁବାର ସେ ଠାକୁରାଣୀ ମନ୍ଦିରରୁ ରାତି ୧୦ଟାରେ ଘରକୁ ଫେରୁଥିଲେ। ଫେରିବା ସମୟରେ କାଳିଆ ସୁଦର୍ଶନଙ୍କ ପାନ ଦୋକାନର ତାଲା ଭାଙ୍ଗି ଦୋକାନ ଭିତରେ ପଶି ସମସ୍ତ ଆସବାବପତ୍ର ଚୋରି କରୁଥିବା ବେଳେ ସୁଦର୍ଶନ ତାଙ୍କୁ କାବୁ କରି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକ ଆସିବା ସହ ପୋଲିସକୁ ଜଣାଇଥିଲେ। ଏସ୍ଆଇ କେଦାରଚନ୍ଦ୍ର ଦୋରା ଘଟଣାସ୍ଥଳରେ ପହଞ୍ଚି କାଳିଆଙ୍କୁ ଥାନାକୁ ଆଣି ଅଟକ ରଖି ଶୁକ୍ରବାର ଅଭିଯୋଗ ଆଧାରରେ ଥାନାରେ ନଂ.୬୨/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିଥିଲେ।

### ପାରିବାରିକ ବିବାଦରୁ ୨ଭାଇ ଗିରଫ

ଗୋପ,୨୧।୪(ଡି.ଏନ୍.ଏ.)- ଗୋପ ଥାନା ଅଞ୍ଚଳରେ ପାରିବାରିକ ବିବାଦ ଓ ଟଙ୍କାକୁ କେନ୍ଦ୍ର କରି ପରିବାରରେ ମାରପିଟ ହେବା ଅଭିଯୋଗରେ ୨ ଭାଇଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ଅନିଲ ଭଞ୍ଜ ଓ ସାନଭାଇ ସୁନୀଲ ଭଞ୍ଜ। କୋର୍ଟ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ନେଇ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ୨ଟି ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୧୮୪,୧୮୬/୨୩) ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି ଏହି ପରିବାରରେ ବାପାଙ୍କ ଚାକିରି ଟଙ୍କା ଦେଣନେଣକୁ ନେଇ ଦୁଇ ଭାଇ ଅନିଲ ଓ ସୁନୀଲଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ବିବାଦ ଯୋଗୁ ସାନଭାଇ ସୁନୀଲ ପରିବାର ସହିତ ଅଲଗା ରହୁଥିବାବେଳେ ବଡ଼ ଭାଇ ଅନିଲ ବାପା ବୋଉଙ୍କ ସହିତ ରହୁଥିଲେ। ଗୁରୁବାର ସୁନୀଲ ଗାଡ଼ି କିସ୍ତି ଦେବାକୁ ବାପାକୁ ଟଙ୍କା ମାଗିବା ବେଳେ ନ ଦେବାରୁ ବାପ ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବାପାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ବେଳେ ଅନିଲ ଆସି ରକ୍ଷା କରିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ବାପା ଜୁଗଳଚରଣ ଭଞ୍ଜ ସୁନୀଲଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ବଡ଼ଭାଇ ଓ ବାପା ତାଙ୍କୁ ଆକ୍ରମଣ କରିଥିବା ନେଇ ସୁନୀଲ ପାଲଟା ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଅଭିଯୋଗକ୍ରମେ ତଦନ୍ତ କରି ଦୁଇ ଭାଇଙ୍କୁ ଗିରଫ କରିଥିଲା।

### ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ଡେଲାଙ୍ଗ,୨୧।୪(ଡି.ଏନ୍.ଏ.)- ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୫ଜଣ ଭାରତୀୟ ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡେଲାଙ୍ଗ ଅଞ୍ଚଳର ପ୍ରଭାତ କ୍ଲବ ଆନୁକୂଲ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କ୍ଲବର ସାଧାରଣ ସମ୍ପାଦକ ପଦ୍ମନାଭ ବରାଳଙ୍କ ନେତୃତ୍ୱରେ ଉପ ସଭାପତି ବ୍ରହ୍ମାନନ୍ଦ ପରିଡା, ସଦସ୍ୟ ସରୋଜ ମିଶ୍ର, ପ୍ରଭାତ ଜେନା, ହୃଷୀକେଶ ମହାରଣା, ଲିଙ୍ଗରାଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସ୍ୱାଗତ ବରାଳ, ରତ୍ନାକର ଜେନା, ବିକାଶ ଚନ୍ଦ୍ର ବଳ,ପରମାନନ୍ଦ ବରାଳ,ସୁକାନ୍ତ ସାହୁ, ଗଣେଷ ସ୍ୱାଇଁ, କାଳନ୍ଦୀଚରଣ ଜେନା ପ୍ରମୁଖ ଯୋଗ ଦେଇ ୨ମିନିଟ ନୀରବ ପ୍ରାର୍ଥନା କରିବା ସହିତ ଶହୀଦଙ୍କ ସ୍ମୃତିଚାରଣ କରି ଦେଶପାଇଁ ସେମାନଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ସତ୍ୟବାଦୀ ଅଞ୍ଚଳର ବୀର ଯବାନ ଦେବାଶିଷ ବିଶ୍ୱାଳଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସମସ୍ତ ଶହୀଦ ଯବାନଙ୍କ ପରିବାରକୁ ସାନ୍ତ୍ୱନା ଓ ଧୈର୍ଯ୍ୟ ଦେବା ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରି ଜଣାଇଥିଲେ।

# ବଟି ଆଦାୟକୁ ନେଇ ଖଣ୍ଡାରେ ଆକ୍ରମଣ

ଗୋପ,୨୧।୪(ଡି.ଏନ.ଏ.)

**୨ ଗୁରୁତର, ଜଣେ ଅଟକ**

ଇଦ୍ ପର୍ବ ପାଳନ କରିବାକୁ ନେଇ ମୁସଲମାନ ସମ୍ପ୍ରଦାୟଙ୍କ ମଧ୍ୟରେ ସଜବାଜ ହେଉଥିବାବେଳେ ଗୋପ ଥାନା ଅଞ୍ଚଳର ରାଜରାସ୍ତାରେ ଖଣ୍ଡାରେ ଆକ୍ରମଣ କରି ୨ଜଣ ଗୁରୁତର ହୋଇଛନ୍ତି। ବଟି ଆଦାୟକୁ ନେଇ ଏହି ଘଟଣା ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ଗୋପ- ଚାରିଛକ ରାସ୍ତାର ବିଦ୍ୟୁତ କାର୍ଯ୍ୟାଳୟ ନିକଟ ଏକ ଚା ଦୋକାନରେ ନିକଟସ୍ଥ ବସ୍ତିର ଶେଖ ମୁସ୍ତାକ ଅଲ୍ଲୀ ସନ୍ଧ୍ୟା ସାଢ଼େ ୮ଟାବେଳେ ଠିଆ ହୋଇଥିବା ସମୟରେ ସେହି ବସ୍ତିର ଜଣେ ବ୍ୟକ୍ତି ଆସି ତାଙ୍କୁ ଟଙ୍କା ମାଗିଥିଲା। ଟଙ୍କା ନ ଦେବା ସହ ଶେଖ ଏହାର ପ୍ରତିବାଦ କରିବାରୁ ଉକ୍ତ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲା। ଏଥିରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ଘଟଣା ଶୁଣି ଶେଖଙ୍କ ପୁଅ, ପୁତୁରା ଅନମୋଲ ଶାହା ଘଟଣାସ୍ଥଳରୁ ଶେଖଙ୍କୁ ଉଦ୍ଧାର କରୁଥିଲେ। ଏହି ସମୟରେ ବ୍ୟକ୍ତିଙ୍କ ପୁଅ ଓ ସମ୍ପର୍କୀୟ ସେଠାରେ ପହଞ୍ଚି ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଶେଖଙ୍କ ପୁତୁରା ଅନମୋଲଙ୍କ କାନରେ ଖଣ୍ଡା ବାଜି ଥିବାବେଳେ ଅନ୍ୟ ଜଣଙ୍କ ହାତରେ ଧାରୁଆ ଅସ୍ତ୍ର ବାଜି ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଘଟଣାରେ ଜଡିତ ଜଣେ ଯୁବକଙ୍କୁ ଅଟକ ରଖିଛି। ଆହତ ୨ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଇଦ୍ ପର୍ବ ପାଳନ ପୂର୍ବରୁ ଏପରି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଦୁଇଟି ଅଭିଯୋଗ ଦିଆଯାଇଛି। ଏ ନେଇ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କୁ ପଚାରିବାରେ ବଟି ଆଦାୟକୁ ନେଇ ଏହି ଘଟଣା ଘଟିଥିବା ଅଭିଯୋଗରୁ ଜଣାପଡ଼ିଛି। ଫଳରେ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।


ଗୁରୁତର ଆହତ ହୋଇଥିବା ଜଣେ ଯୁବକ ।

# ଜଳିଗଲା ୧୦ ଏକର ଜଙ୍ଗଲ

ନିମାପଡ଼ା,୨୧।୪(ଡି.ଏନ୍.ଏ.)



ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ଦିରାପାଟଣା ଗ୍ରାମରେ ଥିବା ଘରୋଇ ଜଙ୍ଗଲରେ ଶୁକ୍ରବାର ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ରାଜକିଶୋର ଦାସ, ଦେବେନ୍ଦ୍ର ଦାସ, କେଲୁଚରଣ ଦାସ, ବାବୁଲି ଦାସ, ଈଶ୍ୱର ଦାସ, ସଦାଶିବ ଦାସ ପ୍ରମୁଖଙ୍କ ପ୍ରାୟ ୧୦ଏକର ଜଙ୍ଗଲ ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଜଙ୍ଗଲରେ ଥିବା ବାଉଁଶ, ଆକାଶୀ, ଦେବଦାରୁ, ଆଖୁ ଆଦି ବିଭିନ୍ନ କିସମର ଗଛ ନିଆଁରେ ଜଳିଯାଇଛି। ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ କିସମର ଗଛ ପୋଡ଼ିଯାଇ କ୍ଷତିଗ୍ରସ୍ତ ହୋଇଥିବା କ୍ଷତିଗ୍ରସ୍ତ ମାଲିକମାନେ କହିଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ରାଗ ରଖି ଏଭଳି କରିଥିବା କ୍ଷତିଗ୍ରସ୍ତ ଜମିମାଲିକମାନେ କହିଛନ୍ତି। କ୍ଷତିଗ୍ରସ୍ତ ଜମିମାଲିକଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



କୋଣାର୍କ ଆମିଳିଗାଁ ବିକାଶ ପରିଷଦର ୭ମ ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି ଏବଂ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

# ଯୁବତୀଙ୍କୁ ବ୍ଲାକମେଲିଂ ଅଭିଯୋଗ

ନିମାପଡ଼ା,୨୧।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଜଣେ ବ୍ୟକ୍ତି ବ୍ଲାକମେଲିଂ କରିବା ସହ ତାଙ୍କ ପରିବାରଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଦଫା ନଂ. ୨୯୪, ୩୫୪, ୩୫୪(ବି), ୨୯୨୯ (ଏ), ୫୦୬, ୫୦୭ ଓ ୩୪ରେ ଏକ ମାମଲା(ନଂ.୧୨୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ନିଆଳି ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ ଯୁବତୀଙ୍କ ସହ କୌଣସି ଭାବେ ପରିଚିତ ହୋଇ ପରେ ଧରମ ଝିଅ କରିଥିଲେ। କିଛିଦିନ ପରେ ଯୁବତୀଙ୍କ ଉପରେ ଖରାପ ନଜର ରଖି ବିବାହ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏଥିରେ ଯୁବତୀ ରାଜି ନ ହେବାରୁ ବ୍ୟକ୍ତି ଜଣକ ଉତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ସମୟରେ ମୋବାଇଲକୁ ଅଶ୍ଳୀଳ ମେସେଜ ପଠାଇ ବ୍ଲାକମେଲିଂ କରୁଥିଲେ। ଏପରିକି କିଛିଦିନ ତଳେ ଉକ୍ତ ବ୍ୟକ୍ତି ୩ଟି ବାଇକ୍‌ରେ ୬ଜଣ ଲୋକଙ୍କୁ ଉକ୍ତ ଯୁବତୀଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିବା ସହ ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ମା' ଗୁରୁବାର ଉକ୍ତ ବ୍ୟକ୍ତି ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୱାର୍ଡ ସଭ୍ୟଙ୍କ ଇସ୍ତଫା

ଡେଲାଙ୍ଗ,୨୧।୪(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ଗୁଆଳିପଡା ପଞ୍ଚାୟତ ଅଧୀନ ହୁମର ଗ୍ରାମର ୧୭ନଂ. ୱାର୍ଡ ସଭ୍ୟ ସର୍ବେଶ୍ୱର ପରିଡା ଶୁକ୍ରବାର ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ୱାର୍ଡ ସଭ୍ୟ ପରିଡା ଗତ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ତାଙ୍କ ଶରୀର ଅସୁସ୍ଥ ଥିବା ନେଇ ସେ ଠିକ୍ ରୂପେ ନିଜ ୱାର୍ଡର କାର୍ଯ୍ୟଭାର ତୁଲାଇ ପାରୁ ନଥିବା ଓ ପଞ୍ଚାୟତରେ ହେଉଥିବା ଜରୁରୀ ବୈଠକରେ ଯୋଗଦାନ କରିପାରୁ ନାହାନ୍ତି। ତେଣୁ ସେ ଇସ୍ତଫା ଦେଇଛନ୍ତି ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ହୁମର ଗ୍ରାମର ୧୮ନଂ. ୱାର୍ଡ ପୂର୍ବରୁ ଅନୁସୂଚିତ ଜନଜାତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା। ତେବେ ଉକ୍ତ ୱାର୍ଡରେ କେହି ଅନୁସୂଚିତ ଜନଜାତି ବସବାସ କରୁ ନ ଥିବା ନେଇ ପଦବୀ ଗତ ପଞ୍ଚାୟତ ନିର୍ବାଚନ ଠାରୁ ଖାଲି ପଡିଛି। ଏହାନେଇ୧୭ନଂ ଓ ୧୮ନଂ ୱାର୍ଡ ନିମନ୍ତେ ଖୁବ୍‌ଶୀଘ୍ର ୱାର୍ଡ ସଭ୍ୟ ନିର୍ବାଚନ କରାଯିବ ବୋଲି ବ୍ଲକ ଉନ୍ନୟନ ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।


ବିଡିଓ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ସର୍ବେଶ୍ୱର ପରିଡା ଇସ୍ତଫା ପତ୍ର ପ୍ରଦାନ କରୁଛନ୍ତି।

# 'ପାଠପଢ଼ି ବଡ଼ ମଣିଷ ହୁଅ, ଗାଁ ମାଟିକୁ ଭୁଲନି'

କୋଣାର୍କ,୨୧।୪(ଡି.ଏନ୍.ଏ.)

- ଆମିଳିଗାଁ ବିକାଶ ପରିଷଦର ପ୍ରତିଷ୍ଠା ଦିବସ
- ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବିତରଣ

ପାଠପଢି ବଡ଼ ମଣିଷ ହୁଅ। ବିଶ୍ୱର କୋଣ ଅନୁକୋଣରେ ଯେଉଁଠି ଥିଲେ ବି ନିଜର ଗାଁ ମାଟିକୁ ଭୁଲି ଯାଅନି ବୋଲି ଆମିଳିଗାଁ ବିକାଶ ପରିଷଦର ପ୍ରତିଷ୍ଠା ଦିବସରେ ଅତିଥିମାନେ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର କୋଣାର୍କ ନିକଟ ଆମିଳିଗାଁସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆମିଳିଗାଁ ବିକାଶ ପରିଷଦର ସପ୍ତମ ପ୍ରତିଷ୍ଠା ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ରାଜକିଶୋର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ମୁଖ୍ୟ ଅତିଥି, ଶିକ୍ଷାବିତ୍ ଗୋପୀନାଥ କର ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇ, ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ମହଲପଡା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ବିକାଶ ପରିଷଦର ଉପସଭାପତି ବାଉରୀବନ୍ଧୁ ସ୍ୱାଇଁ, କୋଷାଧ୍ୟକ୍ଷ ନିରଞ୍ଜନ ପରିଡ଼ା, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଆମିଳିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ କିଟ୍ ଓ ପ୍ରଶଂସାପତ୍ର ବିତରଣ କରିଥିଲେ। ଆମିଳିଗାଁ ୟୁଜିୟୁପି ସ୍କୁଲର ପୂର୍ବତନ ମେଧାବୀ ଛାତ୍ର ପ୍ରତାପ କୁମାର ମହାରଣା ଆଇଆଇଟି, ଖଡ଼ଗପୁରରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଅଧ୍ୟୟନ ନିମନ୍ତେ ମନୋନୀତ ହୋଇଥିବାରୁ ତାଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପଙ୍କ ଅଧ୍ୟୟନ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଆମିଳିଗାଁ ବିକାଶ ପରିଷଦ ପକ୍ଷରୁ ଘୋଷଣା କରାଯାଇଥିଲା। ବିକାଶ ପରିଷଦର ଟ୍ରଷ୍ଟି ସାମ୍ବାଦିକ ସଞ୍ଜୟ ପତି ସଭାକୁ ସଂଯୋଜନା କରିଥିଲେ। ପରିଷଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସଂଗଠନର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରିଷଦର ଟ୍ରଷ୍ଟି ଅକ୍ଷୟ କୁମାର ସ୍ୱାଇଁ ଓ ବିଷ୍ଣୁପ୍ରସାଦ ଦାଶ ସହଯୋଗ କରିଥିଲେ।

# ଚିଲିକାରେ ଫସିଲା ଯାତ୍ରୀବାହୀ ଲଞ୍ଚ

କୃଷ୍ଣପ୍ରସାଦ,୨୧।୪(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଜଳପଥ ରାସ୍ତା ହେଉଛି କୃଷ୍ଣପ୍ରସାଦ-ବାଲୁଗାଁ। ବ୍ରିଟିଶ ଅମଳରୁ ଏହି ରାସ୍ତା ଦେଇ ଅଞ୍ଚଳର ଯାତ୍ରୀମାନେ ଯାତାୟାତ କରୁଛନ୍ତି। ତେବେ ଶୁକ୍ରବାର ସକାଳ ୯ଟାରେ ଏକ ଲଞ୍ଚ କୃଷ୍ଣପ୍ରସାଦ ଜେଟିରୁ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବାଲୁଗାଁ ଯାଉଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚିଲିକାରେ ୨ଘଣ୍ଟା ଫସି ରହିଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ବାଲୁଗାଁରୁ ଅନ୍ୟ ଏକ ଲଞ୍ଚ ଆସିବା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ପ୍ରକାଶ ଯେ, ଚିଲିକାରେ ପ୍ରଥମେ କାଠର ଲଞ୍ଚ ଯାତାୟାତ କରୁଥିଲା। ଯାତ୍ରୀମାନେ ସୁରକ୍ଷିତଭାବେ ଯାତାୟାତ କରୁଥିଲେ। ଫାଇଲିନ ବାତ୍ୟା ପରଠାରୁ ଦୁଇଟି କାଠ ଲଞ୍ଚ ରହିଥିଲେ ମଧ୍ୟ ତାହା ଖତ ହେବାକୁ ବସିଛି।

# ସ୍ତ୍ରୀ ପିଲାଙ୍କୁ ମାଡ଼, ଘରେ ନିଆଁ ଲଗାଇବା ଅଭିଯୋଗ: ସ୍ୱାମୀ ଗିରଫ

ଗୋପ,୨୧।୪(ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ମାରଧର କରିବା, ୨ନାବାଳକ ପୁଅ ଝିଅଙ୍କୁ ଘରେ ତାଲା ପକାଇ ଦେବା ସହିତ ଘରେ ନିଆଁ ଲଗାଇ ଦେବା ଅଭିଯୋଗରେ ଗୋପ ପୋଲିସ ଅଭିଯୁକ୍ତ ସ୍ୱାମୀ ଶେଖ ସାଦିକ (୪୧)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସ୍ତ୍ରୀ ଫାତାମା ବିବିଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୮୫/୨୩ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, କିଛି ଦିନ ଧରି ସ୍ୱାମୀ ଶେଖ ସାଦିକ ବିଭିନ୍ନ ସମୟରେ ନିଶାପାନ କରି ସ୍ତ୍ରୀ ଓ ଦୁଇ ସନ୍ତାନକୁ ଖାଇବାକୁ ନ ଦେବା ସହ ମାଡ଼ ମାରୁଥିଲା। ଗୁରୁବାର ରାତିରେ କୌଣସି କାରଣକୁ ନେଇ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ, ପିଲାଙ୍କୁ ମାଡ଼ ମାରି ଘର ବାହାରୁ ତାଲା ପକାଇ ଦେଇଥିଲେ। ପରେ ପିଲାମାନେ ପାଟି କରିବାରୁ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। କିଛି ସମୟ ପରେ ଅଭିଯୁକ୍ତ ଶେଖ ସାଦିକ ଆସି ଘରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ବସନ୍ତ କୁମାର ପାତ୍ର ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିଲା। ଏ ନେଇ ଫାତାମା ବିବି ଶୁକ୍ରବାର ନୟାହାଟ ଫାଣ୍ଡିରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସଚେତନତା ଦ୍ୱାରା ରୋକାଯାଇପାରିବ ବାଲ୍ୟ ବିବାହ

ପୁରୀ ଅଫିସ, ୨୧।୪

**ପୁରୀ ଜିଲାକୁ ବାଲ୍ୟବିବାହମୁକ୍ତ କରିବା ପାଇଁ ପ୍ରୟାସ**

ଅକ୍ଷୟ ତୃତୀୟା ଭଳି ଏକ ପବିତ୍ର ଦିନରେ ବହୁ ମାଙ୍ଗଳିକ କାର୍ଯ୍ୟକ୍ରମ ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟବଶତଃ ବାଲ୍ୟ ବିବାହ ଭଳି କୁପ୍ରଥା କେତେକ ଅଞ୍ଚଳ ଏବଂ କେତେକ ଜନଜାତିରେ ଏବେ ମଧ୍ୟ ପ୍ରଚଳିତ ଅଛି। ଏହି ସମୟରେ ସେମାନେ ବାଲ୍ୟ ବିବାହ ପାଇଁ ପ୍ରସ୍ତୁତ ହେଉଥାନ୍ତି। ଏହାକୁ ବ୍ୟାପକ ସଚେତନତା ମାଧ୍ୟମରେ ରୋକାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବାଲ୍ୟ ବିବାହ ପ୍ରତିହତ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ପ୍ରାକୃତିକ ନିୟମ ଆଧାରରେ ସୃଷ୍ଟି ପରିଚାଳିତ ହେବା ପରି ଆଇନ ଓ ନିୟମ ଆଧାରରେ ସମାଜ ପରିଚାଳିତ ହେଉଛି। ତେଣୁ ଆଇନ ମୁତାବକ ଉପଯୁକ୍ତ ବୟସରେ ପିଲାଙ୍କୁ ବିବାହ ଦେଲେ ସାମାଜିକ, ମାନସିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରହିବ ନାହିଁ। ଏଥିପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେଉ ବୋଲି ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଓ ଏହା ସମାଜକୁ ରୁଗ୍ଣ କରିଦେଇଥାଏ ବୋଲି କହିବା ସହ ଏହାଦ୍ୱାରା ପରିବାର, ସମାଜ ଓ ଉତ୍ତର ପିଢି କ୍ଷତିଗ୍ରସ୍ତ ହୋଇଥାଏ ବୋଲି କହିଥିଲେ। ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଡା. ଅଜିତ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏଚ୍ଆର୍‌ପିସିର ଡିଏସ୍‌ପି ତିଳୋତ୍ତମା ରାଉତ, ବାଲ୍ୟ ବିବାହ ପ୍ରତିହତର ଜିଲା ସଂଯୋଜିକା ରଞ୍ଜିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲାକୁ ବାଲ୍ୟବିବାହମୁକ୍ତ କରିବା ସହିତ ସଚେତନତା ସୃଷ୍ଟି ପାଇଁ ଆଲୋଚନା କରାଯାଇଥିଲା। କିଶୋର କିଶୋରୀଙ୍କ ଆଡଭିକା କାର୍ଯ୍ୟକ୍ରମ କିପରି ଜିଲାରେ ପ୍ରଚଳିତ ହେବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା କର୍ମଶାଳା ପରିଚାଳନା କରିଥିଲେ। ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତା, ଧର୍ମାନୁଷ୍ଠାନର ପୂଜକ, ଚାଇଲ୍ଡ ଲାଇନ ଓ ୱାନ ଷ୍ଟପ ସେଣ୍ଟର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୫ ଭାରତୀୟ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡେଲାଙ୍ଗ ଅଞ୍ଚଳର ପ୍ରଭାତ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।



ଜମ୍ମୁ କଶ୍ମୀରର ପୁଞ୍ଚ୍ ସେକ୍ଟରରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରି 'ଉର୍ଜାବାନ ଓଡ଼ିଶା ପରିବାର' ପକ୍ଷରୁ ଶୁକ୍ରବାର ଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## ସଂକ୍ଷେପରେ

### ଓଲଟିଲା ଟ୍ରକ୍‌, ଚାଳକ ମୃତ

**ଚୌଦ୍ୱାର,୨୧।୪(ଡି.ଏନ୍‌.ଏ.):** ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକସ୍ଥିତ ଫ୍ଲାଏ ଓଭର ବ୍ରିଜ ଉପରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ୍‌ ଓଲଟି ପଡ଼ିବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏମ୍‌ଏଚ୍‌ ୪୦ ସିଡ଼ି ୬୩୯୪ ନମ୍ବର ଯୁକ୍ତ ପିଭିସି ପାଇପ ବୋଝେଇ ଟ୍ରକ୍‌ଟି ଚୌଦ୍ୱାର ଆଡୁ କଟକ ଅଭିମୁଖେ ଯାଉଥିବାବେଳେ ଫ୍ଲାଇ ଓଭରର ବୁଲାଣି ନିକଟରେ ହଠାତ୍‌ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଟ୍ରକ୍‌ ଡ୍ରାଇଭର ଓ ହେଲପର ଟ୍ରକ୍‌ ତଳେ ଚାପି ହୋଇ ରହିଯାଇଥିଲେ। ଚୌଦ୍ୱାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହାଇଡ୍ରା କ୍ରେନ୍‌ ସାହାଯ୍ୟରେ ଟ୍ରକଟିକୁ ଉଠାଇ ମୃତ ଡ୍ରାଇଭର ଓ ଗୁରୁତର ଅବସ୍ଥାରେ ହେଲପରକୁ ଉଦ୍ଧାର କରିଥିଲେ। ଡ୍ରାଇଭରର ପରିଚୟ ଜଣା ପଡ଼ି ନଥିବା ବେଳେ ହେଲପର ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ରୂପେଶ ଗୋଟି ବୋଲି ଜଣାପଡ଼ିଛି। ହାଇୱେ ଆମ୍ବୁଲାନ୍ସ ସାହାଯ୍ୟରେ ରୂପେଶକୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଛି।

### ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ତମାଖୁ ନିୟନ୍ତ୍ରଣ ଆଲୋଚନାଚକ୍ର

**କଟକ ଅଫିସ,୨୧।୪:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦେଶରେ ତମାଖୁ ନିୟନ୍ତ୍ରଣ ଶୀର୍ଷକ ଏକ ଭର୍ଚୁଆଲ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ତମାଖୁ ନିୟନ୍ତ୍ରଣ ନେଇ କରାଯାଉଥିବା ଉଦ୍ୟମଗୁଡ଼ିକର ଅଂଶସ୍ୱରୂପ ଏହି ଆଲୋଚନାଚକ୍ରରେ ବିଭିନ୍ନ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ସାମିଲ କରାଯାଇଥିଲା। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ଅଧିକାରୀ, ସୁପ୍ରିମକୋର୍ଟରେ ଆଇନଜୀବୀ, ରାଜ୍ୟ ସରକାରୀ ଅଧିକାରୀ, ଜାତୀୟ ତମାଖୁ ନିୟନ୍ତ୍ରଣ ଯୋଜନାର ରାଜ୍ୟ ନୋଡାଲ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, କଟକ ମହାନଗର ନିଗମର ଅଧିକାରୀ, ଜୁଡିସିଆଲ ଏକାଡେମୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇ ତମାଖୁ ନିୟନ୍ତ୍ରଣ କରିବା ଦିଗରେ ଦୃଢ଼ ପଦକ୍ଷେପ ଓ ଯୋଜନା ପ୍ରଣୟନ କରାଇବା ଦିଗରେ ମତ ଉପସ୍ଥାପନ କରିଥିଲେ। ଏ ଦିଗରେ ରହିଥିବା ସରକାରୀ ନିୟମଗୁଡ଼ିକୁ କଡ଼ାକଡ଼ି ଲାଗୁ କରାଯିବା ନିମନ୍ତେ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।

### ତ୍ରିଲୋଚନ କାନୁନ୍‌ଗୋଙ୍କୁ ଶ୍ରଦ୍ଧାଞ୍ଜଳି

**ଫୁଲନଖରା,୨୧।୪(ଡି.ଏନ୍‌.ଏ. ):** ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ପାର୍ଥିବ ଶରୀରକୁ ତାଙ୍କ ପୈତୃକ ଘର କଟକ ଜିଲା କଣ୍ଟାପଡ଼ା ବ୍ଲକ ଅଧୀନ ବଡମୁଳାଇ ଗ୍ରାମକୁ ଶୁକ୍ରବାର ନେବା ରାସ୍ତାରେ ଫୁଲନଖରା ନିଆଳି ରାସ୍ତାର ବ୍ରାହ୍ମଣଝରିଲୋସ୍ଥିତ କଲେଜ ଛକରେ ଶୁଭେଚ୍ଛୁମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶୁକ୍ରବାର ଗଣେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କଳ୍ପତରୁ ଖୁଣ୍ଟିଆ, ଗୌରାଙ୍ଗ ଚରଣ ନାଥ, କୃଷ୍ଣଚରଣ ମଲ୍ଲିକ, ବସନ୍ତ ବେହେରା, ଅଭିରାମ ପ୍ରଧାନ, ଜୟନ୍ତ ଦାସ, ଶ୍ୟାମସୁନ୍ଦର ପ୍ରଧାନ, ଭବାନୀ ଶଙ୍କର ପାତ୍ର ଓ କୈଳାସ ସାହୁ ପ୍ରମୁଖ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତ୍ରିଲୋଚନ କାନୁନଗୋଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଭାଜପାର ନୂତନ ବୁଥ୍‌ କମିଟି ଗଠନ

**ମଙ୍ଗୁଳି-ଜଗତପୁର,୨୧।୪(ଡି.ଏନ.ଏ):** ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀକୁ ଭାଜପା କିପରି ହାତେଇବ ସେଥିପାଇଁ ତା'ର ରଣ କୌଶଳ ପ୍ରସ୍ତୁତ କରି କୟଳପଡା ପଞ୍ଚାୟତ ନୂଆପାଟଣା ବୁଥ ନଂ.୧ରେ ବୁଥ କମିଟି ଶୁକ୍ରବାର ଗଠନ କରାଯାଇଛି। ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ମଣ୍ଡଳର କୃଷକ ମୋର୍ଚ୍ଚା ସଭାପତି ଅଶୋକ ନାୟକ ଓ ଉପସଭାପତି ଦିଲୀପ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଦଳାଇ, ଚୌଦ୍ୱାର-କଟକ ନିର୍ବାଚନୀ ମଣ୍ଡଳୀର ସଂଯୋଜକ ଚିରଞ୍ଜୀବ ଖଣ୍ଡାୟତରାୟ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ବୁଥ ସଭାପତି ଭାବେ ଅଜୟ ସ୍ୱାଇଁ ଏବଂ ସମ୍ପାଦକ ଭାବେ ଗଙ୍ଗାଧର ମଲ୍ଲଙ୍କୁ ମନୋନୀତ କରାଯାଇଥିଲା। ଏହାପରେ ୨୦ରୁ ଊର୍ଦ୍ଧ୍ୱ ନୂତନ ସଦସ୍ୟ ଚୟନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କ ପାଖକୁ ଯାଇ ଭାଜପା ସଚେତନ କରିବ ବୋଲି ମଣ୍ଡଳ ସଭାପତି ସ୍ୱାଇଁ କହିଛନ୍ତି। ଗଣେଶ୍ୱର ବେହେରା, କାର୍ତ୍ତିକ ପରିଡା, ସାଗର ସ୍ୱାଇଁ, ଅଶୋକ ସେଠି, ମୁକେଶ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଜୟ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେଦାର ସୁବୁଦ୍ଧିରାୟ ଧନ୍ୟବାଦ ଦେଇଥିଲେ।

# ମାଲଗୋଦାମର ଜଳବନ୍ଦୀ ସମସ୍ୟା ଦୂର ହେବ

**କଟକ ଅଫିସ,୨୧।୪**


ସତ୍ୟବ୍ରତ ଷ୍ଟାଡିୟମ ଅଞ୍ଚଳ ସମସ୍ୟାର ଅନୁଧ୍ୟାନ କରୁଛନ୍ତି ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ ଓ ଅଧିକାରୀମାନେ।

ସତ୍ୟବ୍ରତ ଷ୍ଟାଡିୟମ ଓ ମାଲଗୋଦାମ ଅଞ୍ଚଳ ପରିଦର୍ଶନ କରିଛନ୍ତି କଟକ ମହାନଗର ନିଗମ (ସିଏମ୍‌ସି ) ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ । ଶୁକ୍ରବାର ସତ୍ୟବ୍ରତ ଷ୍ଟାଡିୟମ ପରିଦର୍ଶନ ସମୟରେ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ ମଧ ଉପସ୍ଥିତ ଥିଲେ। ସତ୍ୟବ୍ରତ ଷ୍ଟାଡିୟମର ଚତୁଃପାର୍ଶ୍ୱରେ ଥିବା ୱାକିଂ ଟ୍ରାକର କିପରି ନବୀକରଣ କରାଯାଇପାରିବ ସେ ସମ୍ପର୍କରେ ସେ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲା। ନିକଟରେ ଥିବା ଗଡଖାଇକୁ ମୁହଁ କରି ବସିବା ପାଇଁ ସିମେଣ୍ଟ ବେଞ୍ଚର ବ୍ୟବସ୍ଥା ଓ ପୂର୍ବରୁ ସେଠାରେ ଥିବା ବେଞ୍ଚର ମରାମତି କରିବା ସହ ୱାକିଂ ଟ୍ରାକର ଚାରିପଟ ସୌନ୍ଦର୍ଯ୍ୟକରଣ ପାଇଁ ମେୟର ଓ କମିଶନର କଲ୍ୟାଣ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେମାନେ ମାଲଗୋଦାମ ଅଞ୍ଚଳ ପରିଦର୍ଶନ କରି ସେଠାରେ ବର୍ଷା ଜଳ ନିଷ୍କାସନକୁ ନେଇ ଉପୁଜିଥିବା ସମସ୍ୟାର କିପରି ସମାଧାନ କରାଯିବ ତାହା ଅନୁଧ୍ୟାନ କରିଥିଲେ।

**ମେୟର, କମିଶନର ପରିଦର୍ଶନ**

ସେଠାରେ ଥିବା ଡ୍ରେନେଜ ସିଷ୍ଟମର ନବୀକରଣ, ପଙ୍କ ଉଦ୍ଧାର କାର୍ଯ୍ୟ ଓ ଡ୍ରେନ ଉପରେ ରହିଥିବା ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ଦିନରେ ଯେପରି ଉକ୍ତ ଅଞ୍ଚଳ ଜଳବନ୍ଦୀ ନ ହେବ ସେଥିପାଇଁ ଅଧିକ ପମ୍ପର ବ୍ୟବସ୍ଥା କରିବା ସହ ସେଠାରେ ଥିବା ସ୍ଥାୟୀ ପମ୍ପଗୁଡ଼ିକୁ ଡିଜେଲ ବଦଳରେ ବିଦ୍ୟୁତ ଚାଳିତ କରିବା ପାଇଁ ଉଭୟେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କର୍ପୋରେଟର ସୁବାଶିଷ ପଟ୍ଟନାୟକ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ପୁଷ୍ପିତା ମହାନ୍ତି, ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅମଲାଙ୍କ ଗ୍ରେଡ୍‌ ପେ ୪୨୦୦ କରାଯାଉ

**କଟକ ଅଫିସ, ୨୧।୪**

**ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ**

ରାଜ୍ୟ ସରକାର ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ସ୍ନାତକ କରିଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୧୭ ନଭେମ୍ବର ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜିଲାସ୍ତରୀୟ ଅମଲାଙ୍କ ମୂଳ ପଦବୀ କନିଷ୍ଠ ସହାୟକମାନେ ଦରମା ଗ୍ରେଡ୍‌ ପେ ୧୯୦୦ (ଲେଭେଲ-୪) ପାଉଛନ୍ତି। ଏଣୁ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ କନିଷ୍ଠ ସହାୟକଙ୍କ ଦରମା ଗ୍ରେଡ୍‌ ପେ ୪୨୦୦ (ଲେଭେଲ-୯) କରିବାକୁ ଅମଲାମାନେ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି । ହେଲେ ରାଜ୍ୟ ସରକାର ଅମଲାମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏଥିସହ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଜିଲାସ୍ତରୀୟ ଅମଲା ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରେଡ୍‌ ପେ ୪୨୦୦(ଲେଭେଲ-୯) କରିବା ଦାବି ନେଇ ମଞ୍ଚର କର୍ମକର୍ତ୍ତାମାନେ ଶୁକ୍ରବାର କଚେରିଗଡ଼ା ନିକଟରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ଏହା ପରେ ମଞ୍ଚର ଅଧକ୍ଷ ବିରଞ୍ଚି ନାରାୟଣ ବରାଳ, ଆବାହକ ସୂର୍ଯ୍ୟକାନ୍ତ ପାଣି, ଓଡ଼ିଶା ଅମଲା ସଂଘ ରାଜ୍ୟ ସଂଯୋଜକ ହୃଦୟ ବିହାରୀ ମହାପାତ୍ର, ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ଅମଲା ସଂଘ ସଭାପତି ବିଭୂତି ଭୂଷଣ ମିଶ୍ର, ସମ୍ପାଦକ ଅଜୟ କୁମାର ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଉତ୍ତରପ୍ରଦେଶ ଉନ୍ନାଓ ପୀଡ଼ିତା ଓ ତାଙ୍କ ପରିବାରଙ୍କ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଦାବିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ପିଲାଙ୍କ ମାନସିକତା ବୁଝି ଶିକ୍ଷାଦାନ କର'

**କଟକ ସଦର,୨୧।୪(ଡି.ଏନ.ଏ)**

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତର ତେଲଦିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନଗୋ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ, ସମ୍ମାନିତ ଅତିଥି ଭାବେ କିଶନ ନଗର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ଗିରିଶ କୁମାର ସେଠୀ, ପରେଶ ମହାପାତ୍ର, ରଣଜିତ୍‌ ମହାନ୍ତି, ସୁବଳ ବେହେରା, ରାଜ କିଶୋର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପିଲାଙ୍କର ମାନସିକତାକୁ ବୁଝି ଶିକ୍ଷା ଦାନ କଲେ ଜଣେ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି କରାଯାଇପାରିବ ବୋଲି ମୁଖ୍ୟବକ୍ତା ଦେହୁରୀ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ସାହୁ, ଖିତିଶ ଜେନା, ସୁରେନ୍ଦ୍ର ନାଥ ଶତପଥୀ, ମୌସୁମୀ ରାଉତରାୟ, ତୁଳସୀ ବେହେରା, ଅନୁସୟା ସାହୁ, ସୁଲେଖା ମହାନ୍ତି ପରିଚାଳନା କରିଥିଲେ।

# 'ଦୂରଦର୍ଶୀ ରାଜନେତା ଥିଲେ ଜାନକୀବଲ୍ଲଭ'

**କଟକ ଅଫିସ,୨୧।୪**


ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି।

ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ସାରଳା ଭବନଠାରେ ପାଳିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜାନକୀବଲ୍ଲଭଙ୍କୁ ଜଣେ ଦୂରଦର୍ଶୀ ରାଜନେତା ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗଦେଇ ଜାନକୀବଲ୍ଲଭଙ୍କୁ ପ୍ରଚଣ୍ଡ ଦେଶପ୍ରେମୀ ଓ ଗଣତନ୍ତ୍ରପ୍ରେମୀ ରାଜନେତା ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ବରେଣ୍ୟ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଜାନକୀବଲ୍ଲଭଙ୍କୁ ଜଣେ ସଫଳ ଓ ସର୍ବଗୁଣସମ୍ପନ୍ନ ରାଜନେତା ଭାବେ ଅଭିହିତ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ

**ସାରଳା ଭବନରେ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**

ସଭାରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସାହିତ୍ୟିକ ଡ.ଗୋବିନ୍ଦ ଭୂୟାଁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଦୁଇଜଣ ଉପସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ଓଡ଼ିଶା ହାଇକୋର୍ଟ ବାର୍‌ ଆସୋସିଏଶନର ସଭାପତି ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଜାନକୀବଲ୍ଲଭଙ୍କୁ ଯୋଗଜନ୍ମା ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ସମାଜସେବା ପାଇଁ କୃଷ୍ଣା ମହାନ୍ତି, ସାହିତ୍ୟ ପାଇଁ ଇଂ ଗୋବିନ୍ଦ ଚନ୍ଦ୍ର ସାହୁ ଓ ସାମ୍ବାଦିକତା ପାଇଁ ଅରୁଣ କୁମାର ପଣ୍ଡାଙ୍କୁ ଚଳିତବର୍ଷର ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧାପିକା ଡ. ବିଜୟଲକ୍ଷ୍ମୀ ଦାଶ, ଗୀତା ଖୁଣ୍ଟିଆ ଓ ଅଧାପିକା ମୀରା ବେଉରା ମାନପତ୍ର ପାଠ କରିଥିଲେ। ଆଇନଜୀବୀ ଇଂ ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ପିଲାଙ୍କୁ ସଂସ୍କାରୀ କରେ ଶିଶୁ ମନ୍ଦିର

**ଚୌଦ୍ୱାର,୨୧।୪(ଡି.ଏନ୍‌.ଏ.)**

ଚୌଦ୍ୱାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍‌ ବିଶ୍ୱାଳ, ସଂସ୍କୃତି ଭାରତୀ ଓଡ଼ିଶା ସଂଯୋଜକ ନୃସିଂହଚରଣ ପଣ୍ଡା, ଇମ୍ଫାର ଉପସଭାପତି ବିନୟ ଅଗ୍ରୱାଲ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱପ୍ନା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଆଧୁନିକ ଯୁଗରେ ଭଲ ସଂସ୍କାର ପ୍ରଦାନ କରିବାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତିଙ୍କ ପରିଚାଳନାରେ ଅମର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ବୈକୁଣ୍ଠନାଥ ପୃଷ୍ଟିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମହାନଦୀ ତଟୋତ୍ସବ ପଡ଼ିଆ ସଫା କଲେ ବିଧାୟକ


ମହୋତ୍ସବ ପଡ଼ିଆରୁ ଅଳିଆ ଉଠାଉଛନ୍ତି ବିଧାୟକ ଚନ୍ଦ୍ର ସାରଥୀ ବେହେରା।

**କଟକ ସଦର,୨୧।୪(ଡି.ଏନ.ଏ)**

କିଶନ ନଗର ଥାନା ଅନ୍ତର୍ଗତ ମଲିପୁରରେ ୫ଦିନ ବ୍ୟାପୀ ମହାନଦୀ ତଟୋତ୍ସବ ସରିଛି। ନଦୀ ପଠାରେ ଜମା ହୋଇଥିବା ଅଳିଆକୁ ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ନେତୃତ୍ୱରେ ଦଳୀୟ ଯୁବ ସ୍ୱେଚ୍ଛାସେବୀମାନେ ହଟାଇଥିଲେ। ଏହାବ୍ୟତୀତ ବିଭିନ୍ନ ପ୍ରକାର ହୋଇଥିବା ଖାଲକୁ ମଧ ପୋତିଥିଲେ। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ଅଚ୍ୟୁତାନନ୍ଦ ଦାସ, ଜିଲା ପରିଷଦ ସଭ୍ୟ ବିଳାସ ଭୋଇ, ଈଶାଣୀ-ବ୍ରହ୍ମପୁର ସରପଞ୍ଚ ସୁଶାନ୍ତ ସେଠୀ, ହିମାଂଶୁ ଦାସ, ସତ୍ୟ ସିଦ୍ଧାନ୍ତ ଦାସ, ସଂଗ୍ରାମ ସାହାଣୀ, ବିଭୂତି ଭୂଷଣ ପରିଡ଼ା, ପ୍ରଭାସ ପଶାୟତ, ନିରଞ୍ଜନ ବେହେରା, ସୁଧାଂଶୁ ଶେଖର ପାତ୍ର ସମେତ ଅନେକ ଦଳୀୟ ସ୍ୱେଚ୍ଛାସେବୀ ସାମିଲ ଥିଲେ।

# ୨୩ରେ ସଦ୍‌ଗୁରୁ କ୍ୟାନ୍‌ସର ହସ୍‌ପିଟାଲ ଉଦ୍‌ଘାଟନ

**କଟକ ଅଫିସ,୨୧।୪**

ସଦ୍‌ଗୁରୁ କ୍ୟାନ୍‌ସର ହସ୍‌ପିଟାଲର ଉଦ୍‌ଘାଟନ ଆଗାମୀ ୨୩ତାରିଖ ସନ୍ଧ୍ୟାରେ ଜଗତ୍‌ପୁରସ୍ଥିତ ହସ୍‌ପିଟାଲ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡ. ଗଣେଶୀ ଲାଲ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି ଏବଂ ନିର୍ଦ୍ଦେଶିକା ଡା. ସମିତା ମହାନ୍ତି ସୂଚନା ଦେଇଛନ୍ତି। କ୍ୟାନ୍‌ସର ରୋଗରେ ଭୟାବହତା ଉପରେ ଆଲୋକପାତ କରି ସେମାନେ କହିଲେ, ୨୦୨୫ ମସିହା ବେଳକୁ ୧୨.୮% ଲୋକ କ୍ୟାନ୍‌ସର ଆକ୍ରାନ୍ତ ହୋଇପାରନ୍ତି। ବିଶେଷତଃ ଫୁସ୍‌ଫୁସ୍‌, ସ୍ତନ କର୍କଟ ଆଦି ବହୁଳ ଭାବରେ ଦେଖାଦେଉଛି। ଏତଦ୍‌ଭିନ୍ନ ମୁଖଗହ୍ୱର, ଜରାୟୁଗ୍ରୀବା କ୍ୟାନସର ଆଦି କାୟାବିସ୍ତାର କରିଚାଲିଛି। ଏଥିପାଇଁ ସ୍ୱାସ୍ଥ୍ୟସେବାର ଯଥେଷ୍ଟ ସୁଯୋଗ ନାହିଁ। କ୍ୟାନ୍‌ସର ଚିକିତ୍ସାର ଅତ୍ୟାଧୁନିକ ଯନ୍ତ୍ରପାତି ଓ ବ୍ରାକି ଥେରାପି ଆଦି ଚିକିତ୍ସା କ୍ଷେତ୍ରରେ ଯଥେଷ୍ଟ ସୁବିଧା ରଖି ସଦ୍‌ଗୁରୁ ପକ୍ଷରୁ ଏହି ନୂତନ ହସ୍‌ପିଟାଲ ସ୍ଥାପନ କରାଯାଇଛି। ଏଠାରେ ୬୦ ସାଧାରଣ ଶଯ୍ୟା ବିଶିଷ୍ଟ ଓ ୧୨ ଆଇସିୟୁ ଶଯ୍ୟାର ବ୍ୟବସ୍ଥା ରହିଛି। ୨୪ ଘଣ୍ଟିଆ ଆମ୍ବୁଲାନ୍ସ, ଜରୁରୀ ଚିକିତ୍ସା ଓ ଔଷଧ ସେବା ଉପଲବ୍ଧ କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଶିଳ୍ପସଂଘର ସଭାପତି ସୁଶାନ୍ତ କୁମାର ପଣ୍ଡା ଓ କ୍ୟାନସର ବିଶେଷଜ୍ଞ ଡା. ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ ମହାନ୍ତି ଏବଂ ନିର୍ଦ୍ଦେଶିକା ଡା. ସମିତା ମହାନ୍ତିଙ୍କ ସହ ଅନ୍ୟମାନେ।

# ୩ ଜଳାଶୟର ନବୀକରଣ କାର୍ଯ୍ୟ ଆରମ୍ଭ

**କଟକ ଅଫିସ,୨୧।୪**



କଟକ ଶହୀଦ ଭବନଠାରେ ମିଶନ ଶକ୍ତି ମହିଳାଙ୍କ ନିମନ୍ତେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ମେୟର, କମିଶନର ଓ ଅନ୍ୟ ଅତିଥିମାନେ।

କଟକ ସହରରେ ଜଳାଶୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀଙ୍କ ଗୁରୁ ଦାୟିତ୍ୱ ରହିଛି । ଗୋଷ୍ଠୀ ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସେମାନଙ୍କ ଦକ୍ଷତା ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଶହୀଦ ଭବନଠାରେ ମିଶନ ଶକ୍ତି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ୧୩୦ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସହାୟକ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସହରରେ ଥିବା ଜଳାଶୟଗୁଡ଼ିକୁ ନବୀକରଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶେଷକରି ଜଳାଶୟଗୁଡ଼ିକର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଗୋଷ୍ଠୀ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିବା ସହ ପରିବେଶ ସୁରକ୍ଷା ପାଇଁ ଦ୍ରୁତ ସହରୀକରଣ ମଧ୍ୟରେ ଜଳାଶୟଗୁଡ଼ିକର ପୁନଃ ନବୀକରଣ ନିତାନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। କଟକ

- ମିଶନ ଶକ୍ତି ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସଂକ୍ରାନ୍ତ କର୍ମଶାଳା
- ଜଳାଶୟ ରକ୍ଷଣାବେକ୍ଷଣରେ ଗୋଷ୍ଠୀ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସହରରେ 'ଆମ ପୋଖରୀ' କାର୍ଯ୍ୟକ୍ରମ ଜରିଆରେ ଚିହ୍ନଟ ୫୩ଟି ମଧ୍ୟରୁ ବର୍ତ୍ତମାନ ୩ଟି ଜଳାଶୟ ଗଙ୍ଗାମନ୍ଦିର ପୋଖରୀ, ନୀଳକଣ୍ଠେଶ୍ୱର ପୋଖରୀ ଓ ଉତ୍କଳ ବାଳାଶ୍ରମ ଜଳାଶୟର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୨୨ଟି ପୋଖରୀର ନବୀକରଣ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଅବଶିଷ୍ଟ ୨୮ଟି ଜଳାଶୟ ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ରହିଛି। ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଳାଶୟଗୁଡ଼ିକର ପାଣି ବିଶୋଧନ କରି ବ୍ୟବହାର ଯୋଗ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଅମୃତ ମିଶନର ମୁଖ୍ୟ ସାଗରିକା ପଟ୍ଟନାୟକ 'ଆମ ପୋଖରୀ' ପ୍ରକଳ୍ପ ଉପରେ ଆଲୋଚନା କରିବା ସହ କଟକ ସହରରେ ସ୍ୱୟଂ ସହାୟକ ମହିଳାମାନଙ୍କ ଭୂମିକାର ପ୍ରଶଂସା କରିଥିଲେ। ନଗର ଉନ୍ନୟନ ବିଭାଗର ଇଞ୍ଜିନିୟର- ଇନ - ଚିଫ୍‌ ଭକ୍ତକବି ଦାସ ଜଳାଶୟଗୁଡ଼ିକର ରକ୍ଷଣାବେକ୍ଷଣ କରିବାରେ ଏସ୍‌ଏଚ୍‌ଜି ମହିଳାମାନେ କିପରି ସମର୍ଥ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଏସୟୁଡିଏର ଷ୍ଟେଟ୍‌ ମିଶନ ମ୍ୟାନେଜର ଡ. ମନମୋହନ ମହାରଣା ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ମୋତିଲାଲ ତିୱାରୀ ପ୍ରମୁଖ ଯୋଗଦେଇଥଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୪।୨୦୨୩

| ୩,୭୬,୫୮୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱ ଧରିତ୍ରୀ ଦିବସ ଅବସରରେ ସମ୍ମିଳନୀ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସୋରା ଭାଷା ସମ୍ମିଳନୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଭାକକ୍ଷ, ପୂର୍ବାହ୍ନ ୧୧ଟା।
- ସାଇ ମନ୍ଦିରର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ଅବସରରେ କଳସ ଯାତ୍ରା, କଳିଙ୍ଗ ଷ୍ଟାଡିୟମ ଛକ, ପ୍ଲଟ ନଂ.୧୫୮, ବେହେରା ସାହି ରାସ୍ତା, ଅପରାହ୍ନ ୪ଟା।

ବାଲିଅନ୍ତା
- ଭାଗବତ ଗୋସେଇଁ ମେଳଣ ଅବସରରେ ମାଗଣା ଅପେରା ପରିବେଷଣ,ପାହାଳ ବଜାର ମେଡିକାଲ ପଡ଼ିଆ, ରାତି ୧୧ଟା।

କଟକ
- ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସରର ୪୧ତମ ବାର୍ଷିକ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ୍ ଲେକ୍ଚର ହଲ୍-୧, ପୂର୍ବାହ୍ନ ୧୧ଟା ।
- ବିପ୍ଳବୀ ଲେନିନଙ୍କ ୧୫୩ତମ ଜୟନ୍ତୀ ସଭା, ସିପିଆଇଏମ୍ ଜିଲା କାର୍ଯ୍ୟାଳୟ ସମ୍ମୁଖ, ପିଲ୍‌ଗ୍ରୀମ୍ ରୋଡ୍, ସନ୍ଧ୍ୟା ୬ଟା ୩୦ ।

ଢିଗିରିଆ
- ଇଦ-ଉଲ୍ଲ-ଫିତର ନମାଜ ପାଠ, ଜମାତ ଅହମ୍ମଦିଆ ଇଦ୍ ଗାହା ପଙ୍କାଲ, ପୂର୍ବାହ୍ନ ୧୦ଟା।

# ହତ୍ୟା ସ୍ପଷ୍ଟ, ଡଷ୍ଟବିନ୍‌ରୁ ମିଳିଲା ମୋବାଇଲ୍

**ଟ୍ରେନ୍ ଟଏଲେଟ୍‌ରୁ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ ଘଟଣା**

- ବେକକୁ ମୁନିଆ ଅସ୍ତ୍ରରେ ଆକ୍ରମଣ ହୋଇଛି
- ପରିଚୟ ସନ୍ଧାନରେ ଜିଆର୍‌ପି

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା ଧାନବାଦ୍ ଏକ୍ସପ୍ରେସ୍‌ରୁ ଅଚିହ୍ନା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ସରକାରୀ ରେଲ୍‌ୱେ ଥାନା ପୋଲିସ (ଜିଆର୍‌ପି) ତଦନ୍ତ ଜାରି ରଖିଛି। ମହିଳାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିବା ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦବେଳେ ମୃତା ମହିଳାଙ୍କ ବେକର ଡାହାଣ ପାର୍ଶ୍ୱରେ ୨ଟି କ୍ଷତ ଚିହ୍ନ ଥିବା ଡାକ୍ତର ଦେଖିଥିଲେ। କୌଣସି ଏକ ମୁନିଆ ଅସ୍ତ୍ର ଦ୍ୱାରା ଉକ୍ତ କ୍ଷତ ସୃଷ୍ଟି ହୋଇଥିବା ଡାକ୍ତରୀ ଟିମ୍ ପୋଲିସକୁ କହିଛନ୍ତି। ତେଣୁ ପୋଲିସ ହତ୍ୟା ଦିଗକୁ କେନ୍ଦ୍ର କରି ତଦନ୍ତ ଜାରି ରଖିଛି। ତେବେ ମୃତଦେହ ଉଦ୍ଧାର ଘଟଣାକୁ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ମହିଳାଙ୍କ ପରିଚୟ ନ ମିଳିପାରିବା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହାଭିତରେ ପୋଲିସକୁ ଆଉଏକ ବଡ଼ ପ୍ରମାଣ ମିଳିଛି। ମୃତଦେହ ପଡ଼ିଥିବା ଏସ୍-୫ ବଗି ଟଏଲେଟ୍‌ର ଡଷ୍ଟବିନ୍‌ରୁ ପୋଲିସକୁ ଏକ ମୋବାଇଲ ଫୋନ୍ ମିଳିଛି। ଏହି ମୋବାଇଲ ମୃତା ମହିଳାଙ୍କ ହୋଇଥିବା ପୋଲିସ ଅନୁମାନ କରୁଛି। ଉକ୍ତ ମୋବାଇଲ ଓଦା ଥିବାରୁ ତାହାକୁ ଶୁଖାଯାଇଛି। ମୋବାଇଲକୁ ଅନ୍ କରାଯିବା ପରେ ସେଥିରେ ମହିଳାଙ୍କ ସମ୍ବନ୍ଧିତ କିଛି ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ରଖିଛି। ଏନେଇ ଜିଆର୍‌ପି ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ଅଧିକ ତଦନ୍ତ ପାଇଁ ପୂର୍ଣ୍ଣାଙ୍ଗ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ମିଳିଥିବା ମୋବାଇଲରୁ ମହିଳାଙ୍କ ସମ୍ବନ୍ଧରେ ତଥ୍ୟ ମିଳିପାରେ। ମହିଳାଙ୍କ ପରିଚୟ ପାଇବା ପାଇଁ ଉକ୍ତ ବଗିରେ ବସିଥିବା ସମସ୍ତ ଯାତ୍ରୀଙ୍କ ତାଲିକା ମଗାଯାଇଛି। ଉକ୍ତ ତାଲିକା ମିଳିବା ପରେ ଯାତ୍ରୀମାନଙ୍କୁ ଯୋଗାଯୋଗ କରି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି। ତେବେ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିବାବେଳେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲେ ତାହା ରହସ୍ୟ ହୋଇ ରହିଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୪ଟାରେ ଟ୍ରେନ୍‌ଟି ଧାନବାଦ୍‌ରୁ ଆସି ଗୁରୁବାର ସକାଳ ୮ଟା ୬ରେ ଭୁବନେଶ୍ୱର ରେଳଷ୍ଟେଶନରେ ପହଞ୍ଚିଥିଲା। ମଧ୍ୟାହ୍ନରେ ଟ୍ରେନ୍‌ଟିକୁ ସତ୍ୟନଗରସ୍ଥିତ କୋଚିଂ ୟାର୍ଡକୁ ନିଆଯାଇ ସଫା କରାଯାଉଥିବାବେଳେ ଏସ୍-୫ ବଗିର ଟଏଲେଟ୍ ଭିତରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ସଫେଇ କର୍ମଚାରୀମାନେ ଦେଖିଥିଲେ। ଖବର ପାଇ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ସେଠାରୁ ନମୁନା ସଂଗ୍ରହ କରିଥିଲା। ଏହାପରେ ଅଧିକ ତଦନ୍ତ ପାଇଁ ଟ୍ରେନ୍‌ଠାରୁ ଉକ୍ତ ବଗିକୁ ଅଲଗା ରଖାଯାଇଥିଲା।



ଘଟଣାସ୍ଥଳରେ ଜିଆର୍‌ପି ପକ୍ଷରୁ ତଦନ୍ତ କରାଯାଉଛି।




ଇଦ୍ ଉପଲକ୍ଷେ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକାକଳାରେ ଶୁଭେଚ୍ଛା ଜଣାଉଛନ୍ତି।

## ଆଜି ଇଦ୍-ଉଲ୍ଲ- ଫିତର

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଶନିବାର ଇଦ୍-ଉଲ୍-ଫିତର। ଏହାର ଅବ୍ୟବହିତ ପୂର୍ବରୁ ରମଜାନ ମାସର ଶେଷ ଶୁକ୍ରବାର ପାଇଁ ମସଜିଦଗୁଡ଼ିକରେ ସମୂହ ନମାଜ ପାଠ କରାଯାଇଛି। ଭୁବନେଶ୍ୱରର ୟୁନିଟ୍-୮ ନୟାପଲ୍ଲୀ ମସ୍‌ଜିଦ୍ ସମେତ ସମସ୍ତ ମସ୍‌ଜିଦ୍‌ରେ ମୁସଲିମ ଭାଇମାନେ ସମୂହ ନମାଜ ପାଠ ସହ ଗରିବ ଲୋକଙ୍କୁ ଦାନ କରିଛନ୍ତି। ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ କରି ଶନିବାର ଇଦ୍-ଉଲ-ଫିତର ଅର୍ଥାତ୍ ଇଦ ପର୍ବ ପାଳନ କରିବେ। ଏଥିପାଇଁ ସକାଳୁ ସ୍ନାନ କରି ସାରି ନୂଆ କପଡା ବସ୍ତ୍ର ପିନ୍ଧି ୮ଟାବେଳେ ମସଜିଦରେ ସମୂହ ଭାବେ ଇଦ୍ ନମାଜ ପାଠ କରାଯିବ ବୋଲି ନୟାପଲ୍ଲୀ ମସଜିଦର ମୁଖ୍ୟ ଉପଦେଷ୍ଟା ଜଲିଲ ଖାଁ କହିଛନ୍ତି।

## କିଟ୍‌ରେ ଆଜିଠୁ ଦୁଇଦିନିଆ ସି-୨୦ ସମ୍ମିଳନୀ

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ଜି-୨୦ ଢାଞ୍ଚାରେ ସିଭିଲ-୨୦ (ସି-୨୦) ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଦେଶ ଓ ବିଦେଶରୁ ୪୦୦ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ସି-୨୦ ହେଉଛି ଜି-୨୦ର ଅଫିସିଆଲ ଏନ୍‌ଗେଜମେଣ୍ଟ ଗ୍ରୁପ। ନାଗରିକ ସମାଜ ସଙ୍ଗଠନ, ଏନ୍‌ଜିଓ ସମେତ ନାଗରିକ ସମାଜର ବିଚାରକୁ ଜି-୨୦ର ମୁଖ୍ୟ ଆଲୋଚନାରେ ଅନ୍ତର୍ଭୁକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସି-୨୦ରେ ବିଭିନ୍ନ ଗୋଷ୍ଠୀ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ମତାମତ ରଖିବେ। ଏହି ସମ୍ମିଳନୀରେ ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗ କାର୍ଯ୍ୟକାରୀ ଗୋଷ୍ଠୀର ପରାମର୍ଶଦାତା ବୋର୍ଡ ସଦସ୍ୟଙ୍କ ସମେତ ସ୍ଥାନୀୟ ତଥା ଦେଶ ଓ ବିଦେଶର ନାଗରିକ ସମାଜ ସଙ୍ଗଠନ ପ୍ରତିନିଧି, ସରକାରଙ୍କ ପ୍ରତିନିଧି, ଅନ୍ତର୍ଜାତୀୟ ପ୍ରତିନିଧି, ଜି-୨୦ର ଅନ୍ୟ ଏନ୍‌ଗେଜ୍‌ମେଣ୍ଟ ଗ୍ରୁପ ଏବଂ କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟ, ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗ କାର୍ଯ୍ୟକାରୀ ଗୋଷ୍ଠୀର ସଦସ୍ୟ ଏବଂ ଅତିରିକ୍ତ ପର୍ଯ୍ୟବେକ୍ଷକଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି।

# ନୀତିନିଷ୍ଠ ରାଜନୀତିଜ୍ଞ ଥିଲେ ସଦାଶିବ ତ୍ରିପାଠୀ

**ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଓଡ଼ିଶା ରାଜନୀତିରେ ସଦାଶିବ ତ୍ରିପାଠୀ ଜଣେ ନୀତିନିଷ୍ଠ ରାଜନୀତିଜ୍ଞ ଭାବେ ସୁପରିଚିତ। ଇଂରେଜ ଶାସନକୁ ବିରୋଧ କରି ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ସ୍ୱାଧୀନତା ପରବର୍ତ୍ତୀ କାଳରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ସେ ବିଭିନ୍ନ ସମୟରେ ରାଜସ୍ୱ, ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ଭାବେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଜମିଦାରି ଉଚ୍ଛେଦ ଏବଂ ଓଡ଼ିଶା ଭୂସଂସ୍କାର ଆଇନ ତାଙ୍କ ରାଜସ୍ୱ ମନ୍ତ୍ରୀ ସମୟର ଏକ ଐତିହାସିକ ପଦକ୍ଷେପ ଥିଲା। ଏହି ଆଇନ ପ୍ରଣୟନବେଳେ ନିଜ ପୈତୃକ ବଳକା ଜମିକୁ ଭୂମିହୀନଙ୍କ ମଧ୍ୟରେ ପ୍ରଥମେ ବାଣ୍ଟି ସେ ଉଦାହରଣ ସୃଷ୍ଟି କରିଥିଲେ। ୧୯୬୫ ଫେବୃୟାରୀ ୨୧ରୁ ୧୯୬୭ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ। ସବୁଠାରୁ ଲୋକପ୍ରିୟ ନିର୍ମଳ ବ୍ୟକ୍ତିତ୍ୱସମ୍ପନ୍ନ ମୁଖ୍ୟମନ୍ତ୍ରୀ ରୂପେ ତାଙ୍କର ଭାବମୂର୍ତ୍ତି ଓଡ଼ିଶାର ରାଜନୈତିକ ପରମ୍ପରାକୁ ଉଦ୍‌ଭାସିତ କରିଥିଲା। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମୁନ୍ନା ଖାଁ ଏହା କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଅନ୍ୟତମ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ଓ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଯୋଗଦେଇ ତାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଓ ଶବରୀ ସାଂସ୍କୃତିକ ପରିଷଦ ଉପଦେଷ୍ଟା ଇଂ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କ୍ୟାପିଟାଲ ହସ୍ପିଟାଲ ସନ୍ନିକଟ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଏମ୍‌ପି ମୁନ୍ନା ଖାଁ ଏବଂ ଅନ୍ୟ ଅତିଥିମାନେ।



**ପୁରୀ:** ମହାପ୍ରଭୁଙ୍କ ଚନ୍ଦନଯାତ୍ରାରେ ଚାପ ପାଇଁ ଦରଜି ସର୍ଦ୍ଦାରଙ୍କ ଦ୍ୱାରା ଚଉଦଳ ପ୍ରସ୍ତୁତ କରାଯାଉଛି ।



ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜୀବ



@ ଚନ୍ଦନ



@ ବିଶ୍ୱଜିତ୍



@ ରାକେଶ



@ ରମାକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୪ରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟର ପ୍ରାୟ ୩.୫ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳ ଓ ବିଡିଓଙ୍କ ମାଧ୍ୟମରେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଦିଆଯାଇଛି। ଏଥିସହ ଆସନ୍ତା ୨୪ ତାରିଖରୁ ମେ' ୨ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ ବୋଲି ଶୁକ୍ରବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ସ୍ୱାସ୍ଥ୍ୟ ଯୋଜନା ଓ ସ୍ୱାସ୍ଥ୍ୟ ବୀମା ପ୍ରଦାନ ନେଇ ମହାସଂଘ ପକ୍ଷରୁ ଦାବି ହୋଇଛି। ୨୦୧୨ରୁ କେବଳ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ମାସିକ ୧୫୦୦ ଟଙ୍କା ଚିକିତ୍ସା ଭତ୍ତା ପ୍ରଦାନ କରାଯାଉଥିବାବେଳେ ଅନ୍ୟମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏନେଇ ୨୦୨୨ ଅକ୍ଟୋବରରେ ଅର୍ଥ ବିଭାଗର ଅଧିକାରୀଙ୍କ ସଂଘ ଆଲୋଚନା କରିଥିଲେ। ତେବେ ଭତ୍ତା ପ୍ରଦାନ ନେଇ ମିଳିଥିବା ପ୍ରତିଶ୍ରୁତି ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ନ ଥିବା ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରା କହିଛନ୍ତି। ମହାସଂଘର ଅନ୍ୟଏକ ଅଭିଯୋଗକ୍ରମେ ୧୯୯୦ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସୁବିଧା ପାଇଁ ସାଧାରଣ ଅଭିଯୋଗ(ପିଜି) ଏବଂ ପ୍ରଶାସନ(ପିଏ)କୁ ମିଶାଇ ଏକ ବିଭାଗ ଖୋଲାଯାଇଥିଲା। ଏଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଆପତ୍ତି ଅଭିଯୋଗ ଓ ସମସ୍ୟା ସମାଧାନ ତ୍ୱରାନ୍ୱିତ କରାଯାଉଥିଲା। ୨୦୧୭ରେ ଉକ୍ତ ବିଭାଗକୁ ଉଚ୍ଛେଦ କରାଯାଇ ଅନ୍ୟ ବିଭାଗରେ ମିଶାଇଦିଆଗଲା। ଫଳରେ ପେନସନ ବିଭାଗ ସମ୍ପୂର୍ଣ୍ଣ ଲୋପ ପାଇଗଲା। ତେବେ ଏହି ବିଭାଗକୁ ବର୍ତ୍ତମାନ ଅର୍ଥ ବିଭାଗ ଅଧୀନରେ ରଖିବାକୁ ସଂଘ ଦାବି କରିଛି। ସଂଘର ଅନ୍ୟ ଦାବି ମଧ୍ୟରେ ପେ' ମାଟ୍ରିକ୍ସ ପଦ୍ଧତିରେ ପେନସନ ପ୍ରଦାନ, ସର୍ବନିମ୍ନ ୯୦୦୦ ହଜାର ଟଙ୍କା ପେନସନ, ୬୫ ବର୍ଷ ବୟସରୁ ଅତିରିକ୍ତ ପେନସନ ଲାଗୁ, ମୋ ବସ୍ ଓ ରେଳଯାତ୍ରାରେ ରିହାତି ପ୍ରଦାନ ଆଦି ରହିଛି।

# ଓଡ଼ିଶା ଏଫ୍‌ସି ଦଳ ଘୋଷିତ

## ଇଣ୍ଡିଆନ ଓମେନ୍ସ ଲିଗ୍ ୨୬ରୁ

ଭୁବନେଶ୍ୱର,୨୧।୪ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ଓମେନ୍ସ ଲିଗ୍ ଆସନ୍ତା ୨୬ ତାରିଖରୁ ଗୁଜରାଟର ଅହମ୍ମଦାବାଦରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଓଡ଼ିଶା ଏଫ୍‌ସି ମହିଳା ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଏହା ପୂର୍ବରୁ ଓଏଫ୍‌ସି ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ, ବାଲା ଦେବୀ ଓ ପ୍ୟାରୀ ଖାଖାଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଦଳରେ ଉଭୟ ଅଭିଜ୍ଞତା ଓ ଯୁବ ଖେଳାଳିଙ୍କ ସମ୍ମିଶ୍ରଣ ରହିଥିବାରୁ ଏହା ସଫଳ ହେବା ନେଇ ଆଶା କରିଛନ୍ତି କୋଚ୍ କ୍ରିସ୍ପିନ୍ ଛେତ୍ରୀ। ଓଡ଼ିଶା ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଟପ୍-୮ରେ ସାମିଲ ହେବା ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟ କୋଚ୍। ଗ୍ରୁପ୍ ବି'ରେ ଓଡ଼ିଶା ସେଥୁ ଏଫ୍‌ସି, କିକ୍‌ଷ୍ଟାର୍ଟ ଏଫ୍‌ସି, ସେଲ୍‌ଟିକ୍ କ୍ୱିନ୍ସ, ଲର୍ଡସ୍ ଏଫ୍‌ଏ କୋଚି, ଇଷ୍ଟର୍ନ ସ୍ପୋର୍ଟି ୟୁନିୟନ୍, ଚର୍ଚ୍ଚିଲ ବ୍ରଦର୍ସ ଓ ସିଆରପିଏଫ୍ ଏଫ୍‌ସି ସହିତ ସ୍ଥାନ ପାଇଛି। ୨୬ ଜଣିଆ ଓଡ଼ିଶା ଦଳରେ ୫ ଜଣ ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିବା ଖେଳାଳି ରହିଥିବା ବେଳେ ଦୁଇ ଜଣ ବିଦେଶୀ ଖେଳାଳି ଓ ଜଣେ ୨୦ ବର୍ଷରୁ କମ୍ ଜାତୀୟ ଦଳର ଖେଳାଳି ରହିଛନ୍ତି। ଏହି ଦଳରେ ୧୩ ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଜୁଲି କିଶାନ, ପ୍ୟାରା ଖାଖା ଓ ମନୀଷା ପାନ୍ନାଙ୍କ ପରି ଖେଳାଳି ଭାରତ ପାଇଁ ମଧ୍ୟ ପ୍ରତିନିଧିତ୍ୱ କରି ସାରିଛନ୍ତି। ଓଡ଼ିଶା ଓମେନ୍ସ ଲିଗ୍‌ରେ ୧୦ଟି ଯାକ ମ୍ୟାଚ୍‌ରେ ଅପରାଜେୟ ରହି ଓଏଫ୍‌ସି ଦଳ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସିଆରପିଏଫ୍ ଏଫ୍‌ସି ବିପକ୍ଷରେ ୨୭ ତାରିଖରେ ଦଳ ନିଜର ଅଭିଯାନ ଆରମ୍ଭ କରିବ।

ଦଳରେ ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ଖେଳାଳିଙ୍କ ଉପସ୍ଥିତି ଦଳକୁ ବେଶ୍ ଶକ୍ତିଶାଳୀ କରିଛି। ପ୍ରଥମ ଥର ଆମେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବାରୁ ଟପ୍-୪ରେ ସାମିଲ ହୋଇ ନକ୍‌ଆଉଟରେ ପ୍ରବେଶ କରିବା ଆମର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି। ୨୬ ଜଣିଆ ଦଳ ଘୋଷଣା ହୋଇଥିବା ବେଳେ ଆସନ୍ତା ଦୁଇ ଦିନ ମଧ୍ୟରେ ଅଧିନାୟକଙ୍କ ନାମ ଘୋଷଣା ହେବ ବୋଲି ସେ କହିଥିଲେ। ଦଳକୁ ଅନ୍ତତଃ ୩-୪ଟି ଅଭ୍ୟାସ ମ୍ୟାଚ୍ ଆବଶ୍ୟକ ଥିବା ବେଳେ ଜାତୀୟ ଦଳର ଖେଳାଳିମାନେ ଏକ ସପ୍ତାହ ପୂର୍ବରୁ ଦଳ ସହିତ ଯୋଗ ଦେଇଥିବାରୁ ଏହା ସମ୍ଭବ ହୋଇ ପାରି ନ ଥିଲା। ଭାରତୀୟ ଦଳର ଅଧିନାୟିକା ରହିଥିବା ନାନଗୋମ୍ ବାଲା ଦେବୀ ଚଳିତ ସିଜନରେ ଓଏଫ୍‌ସିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଏଫ୍‌ସି ଦଳର ପ୍ରସ୍ତୁତିକୁ ସେ ବେଶ୍ ପ୍ରଶଂସା କରିଥିଲେ। ଚଳିତ ସିଜନରେ ଦଳର ପ୍ରସ୍ତୁତି ଭଲ ବିଦେଶୀ ଲିଗ୍ ସ୍ତରର ରହିଛି। ଚଳିତ ସିଜନରେ ଦଳ ସଫଳ ହେବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିପରି ଓଡ଼ିଆ ଖେଳାଳି ପ୍ୟାରୀ ଖାଖା ମଧ୍ୟ ଦଳର ପ୍ରସ୍ତୁତି ବଢିଆ ରହିଛି ଏବଂ ଦଳ ଚାମ୍ପିୟନ ହେଲେ ଖୁସି ଲାଗିବ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ରାଇଜିଂ ଷ୍ଟୁଡେଣ୍ଟ୍ସ ପକ୍ଷରୁ ଖେଳି ସାରିଥିବା ବେଳେ ଓଏଫ୍‌ସି ପକ୍ଷରୁ ପ୍ରଥମ ଥର ଖେଳୁଛି। ଦଳ ଚାମ୍ପିୟନ ହେବାର ଆଶା ରହିଛି ବୋଲି ସେ କହିଛନ୍ତି। ମହିଳା ଫୁଟବଲର ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବେଶ୍ ସନ୍ତୋଷଜନକ ବୋଲି କୋଚ୍ କ୍ରିସ୍ପିନ୍ ଛେତ୍ରୀ କହିଛନ୍ତି। ମହିଳା ଖେଳାଳିମାନଙ୍କୁ ଅର୍ଥ ମିଳିବା ଦ୍ୱାରା ଅଧିକ ଖେଳାଳି ଫୁଟବଲ ପ୍ରତି ଆକୃଷ୍ଟ ହେବେ ବୋଲି ସେ କହିଛନ୍ତି।

**ଓଡ଼ିଶା ଦଳ:** ଆରିଫା ଜାହିଦ୍ ସୟଦ୍, ଗ୍ରେସ୍ ହୌହନାର, ସୋନାଲି ଚେମାଟେ, ଶ୍ରେୟା ହୁଦା, ପ୍ୟାରୀ ଖାଖା, ଜୁଲି କିଶାନ, ଯଶୋଦା ମୁଣ୍ଡା, କରିଶ୍ମା ଓରାମ, ସତ୍ୟବତୀ ଖାଡିଆ, ସୁମିତ୍ରା ଖାଲଖୋ, ବନ୍ୟା କବିରାଜ, ମାଳତୀ ମୁଣ୍ଡା, ଦୀପା ନାୟକ, ସସ୍ମିତା ପରିଡା, ସୁସ୍ମିତା ତନ୍ତି, କାର୍ତ୍ତିକା ଅଙ୍ଗମୁଥୁ, ସ୍ୱିଟି ଦେବୀ, ମୁନିକା ମିଞ୍ଜ, ଅଞ୍ଜୁ ତମାଙ୍ଗ, ଶ୍ରଦ୍ଧାଞ୍ଜଳି ପଣ୍ଡା, ପାୟଲ ବସୁଡେ, ନାନ୍‌ଗୋମ୍ ବାଲା ଦେବୀ, ସେର୍ଟୋ ଲିଣ୍ଡା କୋମ୍, ଫୌଷ୍ଟିନା ଆପ୍‌କୋ, ସିନ୍ଥିଆ ସାଣ୍ଟୋସ, ମନୀଷା ପାନ୍ନା।


ଖବରଦାତା ସମ୍ମିଳନୀରେ ପ୍ୟାରୀ ଖାଖା, କ୍ରିସ୍ପିନ ଛେତ୍ରୀ ଓ ନାନ୍‌ଗୋମ୍ ବାଲା ଦେବୀ।

# ୨୩ରୁ ଆରମ୍ଭ ହେବ ସାହାଣୀ କପ


ସାହାଣୀ କପ୍ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କଟକ ଅଫିସ,୨୧।୪

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ବିଭାଗ ସହଯୋଗରେ ଚଳିତ ମାସ ୨୩ରୁ ଆରମ୍ଭ ହେବ ୬୨ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ମେ' ୧୪ ପର୍ଯ୍ୟନ୍ତ ଚାଲିବ। କଟକ ଏବଂ ଭୁବନେଶ୍ୱରରେ ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ସଂଘର ସମ୍ପାଦକ ଆଶୀର୍ବାଦ ବେହେରା ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ପ୍ରକାଶ କରିଛନ୍ତି। ଚଳିତ ବର୍ଷ ୩୧ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦଳଗୁଡ଼ିକ ପରସ୍ପର ସହିତ ଖେଳିବେ। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନରଅପ୍ ଦଳକୁ ୫୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଚାମ୍ପିୟନ ଦଳକୁ ନୂଆ ଆକୃତିରେ ପ୍ରସ୍ତୁତ ସାହାଣୀ ଟ୍ରଫି ପ୍ରଦାନ କରାଯିବ। ସେମିଫାଇନାଲ ଓ ଫାଇନାଲ କଟକଠାରେ ଅନୁଷ୍ଠିତ ହେବ। ଆନ୍ତଃ ଜିଲା ଫୁଟବଲ୍ ପ୍ରତିଯୋଗିତା ତଥା ସାହାଣୀ କପ୍ ଦୀର୍ଘ ୬୧ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଆଗାମୀ ସନ୍ତୋଷ ଟ୍ରଫି ପୂର୍ବରୁ ସାହାଣୀ କପ ଓଡ଼ିଆ ଖେଳାଳିଙ୍କ ମନୋବଳ ବଢାଇବ ବୋଲି ରାଜ୍ୟ ସଂଘ ଆଶା ରଖିଛି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଫାଓ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପଲ୍, ଫୁଟବଲ ଆମ୍ପାସାଡର ରାଜେନ୍ଦ୍ର ପ୍ରସାଦ ସିଂ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**କଟକ, ଭୁବନେଶ୍ୱରରେ ଖେଳା ହେବ ମ୍ୟାଚ୍**

# ଭାରତ ବିପକ୍ଷ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ହୋଇପାରିବ: ପିସିବି

କରାଚୀ,୨୧।୪(ପି.ଟି.)


ନଜାମ ସେଠୀ

ପାକିସ୍ତାନ ବିପକ୍ଷ ଏସିଆ କପ୍ ମ୍ୟାଚଗୁଡ଼ିକ ଭାରତର ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ଏବଂ ପ୍ରତିଯୋଗିତାର ଅନ୍ୟ ମାଚଗୁଡ଼ିକ ଆୟୋଜକ ଦେଶରେ ହେଉ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏ ସମ୍ପର୍କିତ ଏକ ପ୍ରସ୍ତାବ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ନିକଟକୁ ପଠାଇଥିବା ଏହାର ମୁଖ୍ୟ ନଜାମ ସେଠୀ ପ୍ରକାଶ କରିଛନ୍ତି। ଦୁଇ ପଡୋଶୀ ଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା ରହିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାକିସ୍ତାନ ଗସ୍ତ କରିବା ଲାଗି ରାଜି ହେଉ ନାହିଁ। ମହାଦେଶୀୟ ଟୁର୍ନାମେଣ୍ଟକୁ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ଦାବି କରୁଛି। ୬ଟି ଦେଶକୁ ନେଇ ଏସିଆ କପ୍ ସେପ୍ଟେମ୍ବର ୨ରୁ ୧୭ ପର୍ଯ୍ୟନ୍ତ ଖେଳାଯିବ। ଭେନ୍ୟୁକୁ ନେଇ ଅନିଶ୍ଚିତତା ରହିଥିବାରୁ ଟୁର୍ନାମେଣ୍ଟର ମ୍ୟାଚ କାର୍ଯ୍ୟସୂଚୀ ପ୍ରକାଶ କରାଯାଇ ପାରୁନାହିଁ। ପାକିସ୍ତାନ ଓ ଭାରତ ବ୍ୟତୀତ ଏଥିରେ ଭାଗ ନେଉଥିବା ଅନ୍ୟ ଦେଶଗୁଡ଼ିକ ହେଲେ ଶ୍ରୀଲଙ୍କା,ଆଫଗାନିସ୍ତାନ, ବାଂଲାଦେଶ ଏବଂ ଏସିସି କ୍ୱାଲିଫାୟର୍ସ ମଧ୍ୟରୁ ଗୋଟିଏ ଦଳ। କ୍ୱାଲିଫାଇଂ ଟୁର୍ନାମେଣ୍ଟ ନେପାଳରେ ଚାଲିଛି। ସେଠୀ କହିଛନ୍ତି, ଦେଶର ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ଆସନ୍ତା ମାସରେ ଭାରତୀୟ ବନ୍ଦର ସହର ଗୋଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ଶାଂଘାଇ କୋପରେଶନ ଅର୍ଗାନାଇଜେଶନ (ଏସ୍‌ସିଓ)ର କାଉନ୍‌ସିଲ ବୈଠକରେ ଯୋଗ ଦେବେ।

# ଏଆଇଏଫ୍‌ଏଫ୍ ମହିଳା କମିଟିରେ ସୁଦୀପ୍ତା


ସୁଦୀପ୍ତା ଦାଶ

ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଜାତୀୟ ମହିଳା ରେଫରି ସୁଦୀପ୍ତା ଦାଶ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ମହିଳା କମିଟିରେ ସ୍ଥାନ ପାଇଛନ୍ତି। ପୂର୍ବରୁ ଅନେକ ଗୁରୁଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିବା ସୁଦୀପ୍ତା ଏହି ଦାୟିତ୍ୱକୁ ମଧ୍ୟ ସଫଳତାର ସହ ତୁଲାଇବାନେଇ ଆଶାବାଦୀ ଅଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ସୁଦୀପ୍ତାଙ୍କୁ ଅଭିନନ୍ଦନ ଜଣାଇବାସହ ଭବିଷ୍ୟତର କାର୍ଯ୍ୟପନ୍ଥାନେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଭୁବନେଶ୍ୱରରେ ୨ ଫୁଟବଲ ଶିବିର

ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି)

ତୃଣମୂଳ ସ୍ତରରେ ଫୁଟବଲର ପ୍ରସାର ପାଇଁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୬ଟି ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱରଠାରେ ୨ଟି ଶିବିର ଆୟୋଜନ ପାଇଁ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତଦନୁସାରେ ଭୁବନେଶ୍ୱରର ୟୁନିଟ-୧ ଓ ୟୁନିଟ-୬ ସରକାରୀ ବାଳକ ବିଦ୍ୟାଳୟ ଖେଳ ପଡ଼ିଆରେ ତୃଣମୂଳ ସ୍ତରୀୟ ଫୁଟବଲ ଶିବିର ଆସନ୍ତା ମେ' ପହିଲାରୁ ଆରମ୍ଭ ହେବ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଏହି ଶିବିରରେ ୮ରୁ ୧୨ ବର୍ଷ ବୟସ ବର୍ଗର ପିଲାମାନେ ଅଭିଜ୍ଞ ପ୍ରଶିକ୍ଷକଙ୍କଠାରୁ ବୈଷୟିକ ଫୁଟବଲ କୌଶଳ ଶିକ୍ଷାଲାଭ କରିବେ। ଏହି ଶିବିରରେ ଭାଗନେବାକୁ ଆଗ୍ରହୀ ବାଳକ କିମ୍ବା ସେମାନଙ୍କ ଅଭିଭାବକମାନେ ଦିଲୀପ କୁମାର ଦାସ, ରାଜ କମଲ ମଣ୍ଡଳ କିମ୍ବା ଶଙ୍କର୍ଷଣ ଜେନାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସୌର୍ଯ୍ୟରଞ୍ଜନ ଜଣାଇଛନ୍ତି।

# ବ୍ଲୁ ଟିକ୍ ହରାଇଲେ ଭାରତୀୟ କ୍ରୀଡ଼ାବିତ୍

ନୂଆଦିଲ୍ଲୀ,୨୧।୪(ପି.ଟି.)

ଶୁକ୍ରବାର ଏକାଧିକ ଭାରତୀୟ କ୍ରୀଡାବିତ୍ ନିଜର ସୋସିଆଲ ମିଡିଆ ଆକାଉଣ୍ଟର ଭେରିଫାଏଡ୍ ଷ୍ଟାଟସ ହରାଇଛନ୍ତି। ଫଳରେ ସୋସିଆଲ ମିଡିଆ ସାଇଟ୍ ଟୁଇଟର ପକ୍ଷରୁ ଏହି ସେଲିବ୍ରିଟିମାନଙ୍କ ବ୍ଲୁ ଟିକ୍ ପ୍ରତ୍ୟାହାର କରାଯାଇଛି। ଗୁରୁବାର କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ଦୁଇ ଅଲିମ୍ପିକ୍ସ ପଦକ ବିଜୟୀ ପି. ଭି. ସିନ୍ଧୁଙ୍କ ବ୍ଲୁ ଟିକ୍ ହଟାଇଛି ଟୁଇଟର। ମାଇକ୍ରୋ ବ୍ଲଗିଙ୍ଗ ସାଇଟ୍ ଟୁଇଟର ପକ୍ଷରୁ ଭେରିଫାଏଡ୍ ଷ୍ଟାଟସ୍ ବା ବ୍ଲୁ ଟିକ୍ ପାଇଁ ଏକ ସବ୍‌ସ୍କ୍ରିପଶନ୍ ବ୍ୟବସ୍ଥା ଘୋଷଣା କରାଯାଇଥିଲା। ପୂର୍ବରୁ ଅଭିନେତା ଅଭିନେତ୍ରୀ, ଖବରଦାତା ଓ ବିଭିନ୍ନ କ୍ରୀଡା ବ୍ୟକ୍ତିତ୍ୱଙ୍କୁ ମାଗଣାରେ ବ୍ଲୁ ଟିକ୍‌ର ସୁବିଧା ମିଳୁଥିଲା। ତେବେ ଏଲନ୍ ମସ୍କ ଟୁଇଟର ଅଧିଗ୍ରହଣ କରିବା ପରେ ଏହାକୁ ଦେୟଯୁକ୍ତ କରାଯିବା ନେଇ ଘୋଷଣା କରାଯାଇଥିଲା। ଏହି ସବ୍‌ସ୍କ୍ରିପଶନ୍ ଗ୍ରହଣ ନ କଲେ ଟୁଇଟର୍ ଆକାଉଣ୍ଟରୁ ବ୍ଲୁ ଟିକ୍ ହଟାଯିବ ବୋଲି ବୁଧବାର କମ୍ପାନୀ ଟୁଇଟ୍ ମଧ୍ୟ କରିଥିଲା। ଏହା ସହିତ ଗୁରୁବାର ଏହି ୩ ଖେଳାଳିଙ୍କ ବ୍ଲୁ ଟିକ୍ ପ୍ରତ୍ୟାହାର କରାଯାଇଛି। କେବଳ ଏହି ୩ ଖେଳାଳି ନୁହନ୍ତି ବରଂ ବିଶ୍ୱକପ୍ ବିଜୟୀ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ରୋହିତ ଶର୍ମା, ସାଇନା ନେହ୍ୱାଲ, ନୀରଜ ଚୋପ୍ରା, ବଜରଙ୍ଗ ପୁନିଆ, ଭିନେଶ ଫୋଗତ, ନିଖତ ଜରିନ୍, ସାନିଆ ମିର୍ଜା, ସୁନୀଲ ଛେତ୍ରୀ ଓ ପି. ଆର. ଶ୍ରୀଜେଶଙ୍କ ପରି ଖେଳାଳି ନିଜର ଭେରିଫାଏଡ୍ ଷ୍ଟାଟସ୍ ହରାଇଛନ୍ତି। ବିଶ୍ୱର ଟେନିସ୍ କିମ୍ବଦନ୍ତୀ ରୋଜର ଫେଡେରର, ରାଫେଲ ନାଡାଲଙ୍କ ସମେତ କ୍ରିଷ୍ଟିଆନୋ ରୋନାଲ୍ଡୋ, କିଲିଆନ୍ ଏମ୍‌ବାପେ ଓ ବାସ୍କେଟ ବଲ୍ କିମ୍ବଦନ୍ତୀ ଷ୍ଟିଫେନ୍ କରିଙ୍କ ବ୍ଲୁ ଟିକ୍ ପ୍ରତ୍ୟାହୃତ ହୋଇଛି। ବ୍ଲୁ ଟିକ୍ ପାଇଁ ୱେବରେ ୬୫୦ ଟଙ୍କା ଓ ମୋବାଇଲ ଡିଭାଇସ୍ ପାଇଁ ୯୦୦ ଟଙ୍କା ଦେବାକୁ ପଡିଥାଏ।

# ଆଜି ନର୍ଥଇଷ୍ଟକୁ ସେମିରେ ଭେଟିବ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର,୨୧।୪(ସ୍ପୋର୍ଟ୍ସ ବ୍ୟୁରୋ):** ସୁପର୍ କପ୍ ଫୁଟବଲ ସେମିରେ ପ୍ରବେଶ କରିଥିବା ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଶନିବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି (ଏନ୍‌ଇୟୁଏଫ୍‌ସି)କୁ ଭେଟିବ। ଗ୍ରୁପ୍ ବିରେ ପ୍ରଥମ ସ୍ଥାନରେ ରହି ଓଏଫ୍‌ସି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଇଷ୍ଟ ବେଙ୍ଗଲ ବିପକ୍ଷରେ ୧-୧ରେ ମ୍ୟାଚ୍ ଡ୍ର ରହିଥିବା ବେଳେ ଆଇଜଲ୍ ଏଫ୍‌ସିକୁ ୩-୦ରେ ପରାସ୍ତ କରିଥିଲା ଦଳ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ